
ସମାରୋହ
ମଇ ୨୦୨୪
www.samaroha.in

# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


SIKSHA 'O' ANUSANDHAN (DEEMED TO BE UNIVERSITY)
14 YEARS OF EXCELLENCE
Ours is a mission to transform young minds, create global citizens
SIKSHA 'O' ANUSANDHAN
DEEMED TO BE UNIVERSITY
Bhubaneswar, Odisha, India
nirf INDIA RANKINGS 2021
20th Best University
37th Best Institution
32nd in Engineering & Technology
21st in Medical Sciences
14th in Dental Sciences
Youngest Deemed to be University to be ranked among top 25 for 6 consecutive years
FACULTIES:
• Engineering and Technology
• Medical Sciences
• Dental Sciences
• Management Sciences
• Pharmaceutical Sciences & Biotechnology
• Nursing
• Hospitality & Tourism Management
• Legal Studies
• Agricultural Sciences
(All programs approved by respective statutory councils)
ACCREDITATIONS:
Granted graded autonomy status by UGC
Accredited by NAAC (2nd cycle) with 'A' Grade
Engineering Programs Accredited by ABET, USA
Engineering programs accredited by NBA, GoI
NABH Accredited Hospital
NABL Accredited Laboratories
Agricultural programs accredited by ICAR
ISO-9001:2015
Accredited by International Accreditation Organisation for complying with all established professional & educational standards
SOA'S STRENGTHS:
• Outstanding Faculty-student ratio
• International Reach
• Research Excellence
• 11 SOA Researchers named in the top 2 percent scientists of the world list prepared by Stanford University, USA in 2020
• State-of-the-art infrastructure
www.soa.ac.in



Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟ୍‌ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 8**
**May - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ବୌଦ୍ଧିକତାର ଦ୍ୱନ୍ଦ୍ୱ** ବିନୋଦ........................ ୬


### କଥା ଓ କାହାଣୀ


**ପ୍ରଶ୍ନବାଚୀ** ବିଷ୍ଣୁ ଚରଣ ଚୌଧୁରୀ.......... ୧୧
**ମୁଣ୍ଡକାଟ ପରେ** ଆଭା ମିଶ୍ର...................... ୧୫
**ଜେଲ୍‌ରୁ ଫେରିଲା ମକର** ତରୁଣ କୁମାର ସାହୁ............ ୨୧
**ସାତ ସାରରେ ସାର** ସୁବାସିନୀ ରଥ................ ୨୩
**ବଡ଼ ଘରେ ଛୋଟ କୁଣିଆ** କାଳିନ୍ଦୀ ଚରଣ ଭଞ୍ଜ.......... ୨୬
**ବାପାଙ୍କର ବାହାଘର** ମନୋଜ କୁମାର ଜେନା........୩୨
**ଆଉଜଣେ ଅବୋଲକରା** ପଦ୍ମନାଭ ସାହୁ.................୩୬


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା........ ୩୯


### କବିତା


**ଅବ୍ୟକ୍ତ** ଚିନ୍ମୟ ବିବେକ................ ୪୫
**ହେ ! ଜୀବନ ନାବିକ** ଡାଃ ମନୋରଞ୍ଜନ ଦାଶ......... ୪୫
**କେହି ଯିବେନି ଦାଦନ ଖଟି** ଘନଶ୍ୟାମ ବୋଇତେଇ......... ୪୫
**ଶେଷ ପାହାଚର ଖୁସି** ମନୋରଂଜନ ଶରଣ........... ୪୬
**ଆମ ସ୍କୁଲ** ରମେଶ ଚନ୍ଦ୍ର ସାହୁ.............୪୭
**ନିଦାଘ ସନେଟ୍** ବାସନ୍ତୀ ଦାସ.................. ୪୭
**ଝିଅ** ସନ୍ତୋଷିନୀ ଦାଶ (ଗିରି)....... ୪୮
**ମତଦାନ** ପ୍ରଦ୍ୟୁମ୍ନ ପଟ୍ଟନାୟକ............ ୪୮
**(ସନେଟ୍) - 'କୃଷ୍ଣ ଚୂଡ଼ା'** ରତ୍ନପ୍ରଭା ବାଇ..................୪୯
**ଯୁଦ୍ଧ-୩** ଡାଃ. ବିଜୟଲକ୍ଷ୍ମୀ ତାରେଣିଆ... ୪୯
**ରାତ୍ରିର ବିଳାପ** ପୁଷ୍ପଲତା ମିଶ୍ର..................୫୦
**ମୋକ୍ଷ** ପୀୟୂଷ ପଟ୍ଟନାୟକ............ ୫୦

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

ପରିଚାଳନା ସଂପାଦିକା


**ସମାରୋହ ଆଜୀବନ ପୃଷ୍ଠପୋଷକ**

- ଶ୍ରୀ ଦେବ ପଟ୍ଟନାୟକ
- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର
- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ
- ଡା. ଅମରେନ୍ଦ୍ରନାଥ ଦାସ


## ତନ୍ମାତ୍ର


**ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ**........................ ୫୧


## ଖେଳ ଓ ଖେଳାଳୀ


ଟି-୨୦ ବିଶ୍ୱକପ୍.................................................. ୫୩


## ଜ୍ୟୋତିଷ ବିଚାର


**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



ପଢ଼ନ୍ତୁ ! ପଢ଼ନ୍ତୁ !

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

ସହଯୋଗୀ ସଂପାଦକ : ସମାରୋହ

ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩

ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬



| **ସମାରୋହର ଦେୟ** | |
|---|---|
| ବାର୍ଷିକ................ଟ. ୨୫୦.୦୦ | ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| ୩ ବର୍ଷ ପାଇଁ..........ଟ. ୭୫୦.୦୦ | ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |

*ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।*

# ସଂପାଦକୀୟ

ମେ ତା ୮ ରିଖ ବୁଧବାର। କିଛିଦିନ ଧରି ସଂପାଦକୀୟଟିଏ ଲେଖିବାକୁ ମନସ୍ଥ କରି ମଧ୍ୟ ନିଜକୁ ପ୍ରସ୍ତୁତ କରିପାରିନଥିଲି। ଆଜି ମଧ୍ୟ ଲେଖିବାକୁ ଉପଯୁକ୍ତ ସକ୍ଷମ ନୁହେଁ। ମାସ ମାସ ଧରି ଗରମରେ ସିଝି ସିଝି, ଭାବରେ ଦିନେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲୁ। ତାହା ଥିଲା ଏପ୍ରିଲ ୨୫ ତାରିଖ ରାତି। ସେଥିରୁ କୌଣସି ମତେ ମୁକ୍ତି ପାଇ, ହସ୍‌ପିଟାଲରୁ ଘରକୁ ଫେରି ଆସିଲୁ ପ୍ରାୟ ପାହାନ୍ତା ପ୍ରହରରୁ କହିଲେ ଚଳେ। ଚିରାଚରିତ ପନ୍ଥାରେ ନିଜେ ଆବୋରି ନେଇଥିବା ସମସ୍ତ କର୍ତ୍ତବ୍ୟ ପାଳନ କରିବାର ପୂର୍ବ ସକ୍ଷମତା ଆଉ ନାହିଁ। ତେଣୁ ମନକୁ ଓଟାରି କିଛି ଲେଖିବାକୁ ବାଧ୍ୟକରି କାଗଜ କଲମ ଧରିଛି। ତେଣିକି ପ୍ରଭୁଙ୍କ ଇଚ୍ଛା।

ଆଜିର ସମାଜ ଧରି ପଢ଼ିବାକୁ ଚେଷ୍ଟା କରି କଣ ଆଉ ଅଧିକା ଲେଖିପାରିବି ? ସବୁରି ହାତରେ ଅଖଣ୍ଡ କୀର୍ତ୍ତିମନ୍ତ ସ୍ମାର୍ଟଫୋନ୍। ସେମାନେ ମୋ ଠାରୁ ବହୁତ ଆଗରେ ଦେଶ ସହିତ ରାଜ୍ୟର ଖବର ଅନୁଧ୍ୟାନ କରୁଥିବେ। ମୁଁ କେବଳ ଈଶ୍ୱର ବିଶ୍ୱାସ ନେଇ କିଛି ଦୁଇପଦ ଲେଖିବାକୁ ଏ ପର୍ଯ୍ୟନ୍ତ ପ୍ରଚେଷ୍ଟା କରିଚାଲିଛି ତେବେ- ସେଥିରେ ସଫଳତା ପାଇପାରୁନାହିଁ। କାରଣ ଚତୁର୍ଦ୍ଦିଗରେ ପ୍ରଦୂଷଣର ପ୍ରଚାର ପ୍ରସାର। ଶିମିଳିପାଳ ଜଙ୍ଗଲରେ ତିନୋଟି ସ୍ଥାନରେ ଜଙ୍ଗଲ ଜଳିବାରେ ଲାଗିଛି। ତାକୁ କେଉଁ ଦମ୍‌କଳ ପାଇପ୍ ଲଗାଇ ନିର୍ବାପିତ କରିପାରିବ ? ଆଶା କେବଳ ଆକାଶକୁ ଚାହିଁ ବସିବା। ସେ ମଧ୍ୟ ଶୂନ୍ୟତାରେ ମିଳେଇ ଯାଇଛି। ଏଇ ଆଠତାରିଖ ମୋ ପାଇଁ ଏକ ନୂତନ ମାଇଲଖୁଣ୍ଟ ପରି ମନେହୋଇଥାଏ। ସେପ୍ଟେମ୍ବର ଆଠତାରିଖରେ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ଜନ୍ମଦିବସ ପ୍ରତିବର୍ଷ ପାଳନ କରାଯାଉଅଛି। ମହା ଉତ୍ସବରେ ଓ ଆନନ୍ଦରେ। ତାଙ୍କ ଠାରୁ ପ୍ରଥମ ଦୀକ୍ଷା ଗ୍ରହଣ କରିଥିବା ତେଜସ୍ୱୀ ଗୁରୁ ସ୍ୱାମୀ ଚିନ୍ମୟାନନ୍ଦଜୀ ମହାରାଜଙ୍କର ୧୦୮ତମ ଜନ୍ମଦିବସ ପାଳନ କରି ସ୍ୱାମୀଜୀଙ୍କର ଶିଷ୍ୟ ଶିଷ୍ୟାମାନଙ୍କ ସହିତ ଶ୍ରୀମଦ ଭଗବତ ଗୀତା ସହିତ ବେଦାନ୍ତକୁ ସାରା ପୃଥିବୀରେ ପ୍ରଚାର ପ୍ରସାର କରିବା ସହିତ ସମସ୍ତ ଜଗତକୁ ଅନୁପ୍ରାଣିତ କରିଚାଲିଥିବା କାର୍ଯ୍ୟକ୍ରମ ତା: ୭-୮-୯ ପର୍ଯ୍ୟନ୍ତ ଚାଲୁରହିବ। ଯେଉଁମାନେ ନିଜକୁ ଶୁଦ୍ଧ, ପବିତ୍ର, ଏକମୁଖୀ ହୋଇ ତାଙ୍କର ବାର୍ତ୍ତାମାନକୁ ଆପଣେଇ ନେଇ ଜୀବନ ନିର୍ବାହ କରୁଥିବେ, ସେମାନେ ଏ ଯୁଗର ଜଣେ ଜଣେ ପଥ ପ୍ରଦର୍ଶକ।

କିନ୍ତୁ ଆଜିର ସମାଜ କେବଳ ନିଜର ଅହଂକୁ କୌଣସି ମତେ (କଳେ, ବଳେ, କଉଶଳେ) କରି ଅଧିକାରୀ ହୋଇନବାକୁ ଅନବରତ ପ୍ରଚେଷ୍ଟାରତ। ଯାହା ବୋଧହୁଏ ମାସ ମାସ ଧରି ଚାଲୁ ରହିଛି ନିର୍ବାଚନ ପର୍ଯ୍ୟାୟରେ। ଆଉ କେତେ ଗ୍ୟାରେଣ୍ଟି କିଏ ଦେବେ ? କାହାକୁ ବିଶ୍ୱାସ କରି ଭାରତ ବର୍ଷର ପୂର୍ବ ଗୌରବ, ଜୀବନ ଶୈଳୀ ଫେରାଇ ଆଣିବାର ପ୍ରଚାର ଆମେ କରି କରି ଦେଶକୁ ତଳିତଳାନ୍ତ କରିଦେଲୁଣି। ମାଗଣା ମାଲ ଦେଇ ଦେଇ ପଶୁ କରିଦେଲୁଣି କହିଲେ ଅତ୍ୟୁକ୍ତି ହେବନାହିଁ। ପରିଶ୍ରମ କାତର ହୋଇ ଶିଶୁମାନଙ୍କ ଠାରୁ ବୃଦ୍ଧ-ବୃଦ୍ଧାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପରହିତକୁ ଅନାଇ ରହିଛନ୍ତି। ଯାହା ମିଳିବ ଗିଳିଦେଇ ଗଲେ ହଜମ ହୋଇଯିବ। ଆଜିର ସମାଜ ଓଲଟାଇଲି। ସମ୍ବଲପୁର କୃଷି ବିଶ୍ୱବିଦ୍ୟାଳୟର ଟେକ୍‌ସଟାଇଲ ହବ୍ କରାଯିବ, ଧର୍ମେନ୍ଦ୍ର ପ୍ରଧାନ। କେନ୍ଦୁପତ୍ର ତୋଳାଳିଙ୍କୁ ୩୫, ବନ୍ଧାଳିଙ୍କୁ ମିଳିବ ୧୦% ବୋନସ। ରାଜ୍ୟର ୨୫ ଲକ୍ଷ ଭଉଣୀ ହେବେ ଲକ୍ଷପତି ଦିଦି ॥

ଓଡ଼ିଶାରେ, ଆୟୁଷ୍ମାନ ଭାରତ ଯୋଜନା ଲାଗୁହେବ।

ଉଚ୍ଚନାୟାଳୟଙ୍କ ରାୟ ଉପରେ ସୁପ୍ରିମକୋର୍ଟଙ୍କ ରହିତା ଦେଶ।

ଇ.ସି.ଙ୍କ ନିର୍ଦ୍ଦେଶ ମୁସଲମାନ ଓ ରାହୁଲଙ୍କ ସମ୍ପର୍କିତ ବିବାଦୀୟ ଭିଡ଼ିଓ ହଟାଅ।

ଓଡ଼ିଶା ବିକାଶରେ ପଛରେ ପଡ଼ିଛି। ଥାଲାସେମିଆ ରୋଗୀଙ୍କୁ ବର୍ଷକୁ ୮୦ ହଜାର ୟୁନିଟ୍ ରକ୍ତ।

ଯୁଦ୍ଧ ବିରତି କେବେ ? ଆଜିର ଜନସମାଜରେ କେବଳ ଯୁଦ୍ଧ କରିବାର ମନୋବଳ ବୃଦ୍ଧିପାଇଛି। ତେଣୁ ଯୁଦ୍ଧର ବିରତି ପରିବର୍ତ୍ତେ ପ୍ରଦୂଷଣରେ ଚତୁର୍ଦ୍ଦିଗ ଘାରି ହୋଇ କୌଣସି ମତେ ବଞ୍ଚିଥିବା ବେଳେ, ଯୁଦ୍ଧରୁ ନିବୃତ୍ତ ରହିବାକୁ କାହାରି ଉଦ୍ଦେଶ୍ୟ ନାହିଁ। ଘର ଘର ଭିତରେ, ଭାଇ-ଭାଇ ଭିତରେ, ଗାଆଁ ଗାଆଁ ଭିତରେ ଏପରିକି ରାଜ୍ୟ ଏବଂ ଦେଶ ମଧ୍ୟରେ ଘନଘୋଟ ପ୍ରଦିଦ୍ୱନ୍ଦିତା ମନୋବୃତ୍ତି ଘାରିଚାଲିଛି। କ୍ରୀକେଟ୍ ଖେଳଠାରୁ ଆରମ୍ଭ କରି ଧଳା ପ୍ରହରର ପ୍ରାଦୁର୍ଭାବ ଚତୁର୍ଦ୍ଦିଗରେ ବିଚ୍ଛୁରିତ। ଧଳା ଜହର ମଧ୍ୟ କେତେବେଳେ କୁଆଡ଼େ ଉଭେଇଯାଏ, କେହି ଦେଖିପାରନ୍ତି ନାହିଁ। ସୁଅ ମୁହଁରେ ଶୁଖିଲା ପତର ପରି ଭାସିଯାଇ ନିଜକୁ ସମସ୍ତେ ଜ୍ଞାନୀ, ଗୁଣୀ, ପରୋପକାରୀ ଭାବେ ପ୍ରତିଷ୍ଠା କରିବାରେ ଏକମୁଖୀ ହୋଇ ଧାଇଁଛନ୍ତି। ପୂର୍ବେ କଥାଥିଲା- ସମସ୍ତେ ହୋଇ ଏକମୁଖୀ, କହିଲେ ଜଗନ୍ନାଥ ରଖ। ନିଜ ନିଜର ମାନଦଣ୍ଡରେ ନିଜକୁ ମାପି ମାପି ଚାଲିଛି ବର୍ତ୍ତମାନର ସମାଜ। ତେଣୁ କାହାରିକୁ ଦୋଷ ନଦେଇ, ନିଜର ଦୋଷ ଦୁର୍ବଳତାକୁ କେତେ କମ୍ କରାଗଲେ ନିଜେ କେବଳ ଟିକିଏ ସଂଯତ ନୁହଁ, ଶାନ୍ତିରେ, ସହିବାକୁ, ରହିବାକୁ ଚେଷ୍ଟା କଲେ ସମାଜରେ ହୁଏତ ପରିବର୍ତ୍ତନ ଆସିବ !

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ନୀଳମଣି ମିଶ୍ର

ପ୍ରବନ୍ଧ

# ବୌଦ୍ଧିକତାର ଦ୍ୱନ୍ଦ୍ୱ

**ବିନୋଦ**

ବିବର୍ତ୍ତାନିକ ପ୍ରକ୍ରିୟାରେ ମଣିଷର ଅନେକ ପରିବର୍ତ୍ତନ ହୋଇଛି । ସମୟର ଗତିପଥ ଅନୁସାରେ ମଣିଷର ଶାରିରୀକ, ମାନସିକ, ସୃଜନଶୀଳ, ଚେତନାଗତ ଆଦି ପରିବର୍ତ୍ତନ ଘଟିଛି । ବିବର୍ତ୍ତନ ଏକ ବିଜ୍ଞାନ । କୌଣସି ଭାବନା ଭିତରେ ଏହାର ସ୍ଥିତି ନ ଥାଏ । ତେବେ ମଣିଷର ଚିନ୍ତା, ଚେତନା, ଭାବନା, ନକରାତ୍ମକ, ବିସ୍ଫୋରକ, ସକରାତ୍ମକ ଚିନ୍ତାଧାରା, ଅନ୍ଧମାନସିକତା, ମତାମତ, ବୈଜ୍ଞାନିକ ଚିନ୍ତାଧାରା ଆଦି ନିର୍ଭର କରେ ମନୁଷ୍ୟର ବସ୍ତୁଗତ ଚେତନା ଉପରେ । ମଣିଷ ଯାହା ଚିନ୍ତା କରେ ତାହା କେତେ ଦୂର ସତ୍ୟ ଓ ବସ୍ତୁଗତ ତାହା ଅନୁଶୀଳନ ସର୍ବଦା ଜରୁରୀ । ଜ୍ଞାନର ସନ୍ଧାନରେ ଧାବିତ ମଣିଷ ନିକଟରେ ଅନେକ ପ୍ରଶ୍ନ ଉଙ୍କିମାରେ । ଅନେକ ପ୍ରଶ୍ନକୁ ସେ ସମାଧାନ କରିଦେଇପାରେ । କେତେକ ପ୍ରଶ୍ନକୁ ସେ ଅତିମାନସିକତା ସ୍ତରରେ ହୃଦବୋଧ କରେ । ଆଉ କେତେକ ପ୍ରଶ୍ନକୁ ସେ ଅଯଥା କହି ଦୂରେଇ ଦିଏ । କେତେକ ପ୍ରଶ୍ନକୁ ସେ ବୈଜ୍ଞାନିକ ଦୃଷ୍ଟିରେ ଅନୁଶୀଳନ କରେ । ଏହା ସତ୍ତ୍ୱେ ମଣିଷ ଅନେକ ସମୟରେ ଅନ୍ଧମାନସିକତା ମଧ୍ୟରେ ଦହଗଞ୍ଜି ହୋଇ ସୁଦ୍ଧା ସତ୍ୟକୁ ସ୍ୱୀକାର କରି ନ ଥାଏ । ସୃଜନଶୀଳତାକୁ ସେ ବ୍ୟକ୍ତିଗତ ଭାବନା ଭାବେ ଗ୍ରହଣ କରିଥାଏ । ଏହା ଏକ ଐତିହାସିକ ବିବର୍ତ୍ତାନିକ ଧାରାର ସ୍ରୋତ ବୋଲି ସେ ଗ୍ରହଣ କରି ନ ଥାଏ ।

ଚିନ୍ତା ଓ ଚେତନା ବିନା ମଣିଷ କେବେ ବି ମଣିଷ ବୋଲି ପଦବାଚ୍ୟ ହୋଇ ନ ପାରେ । ମଣିଷ ଶରୀର ବସ୍ତୁଗତ ଏବଂ ଏହାର ଚେତନା ବି ବସ୍ତୁଗତ । କେହି ସ୍ୱୀକାର କରୁ ବା କରୁ ଏହା ଠିକ୍ । ଅନେକେ ଯୁକ୍ତି କରନ୍ତି ଏସୃଷ୍ଟି ନିରାକାର, ଯାହା ଅଛି ତାହା ସବୁ ଅଣାକାର, ଯାହାକିଛି ଘଟେ ତାହା କାହାରି ନିର୍ଦ୍ଦେଶରେ ହିଁ ପରିଚାଳିତ, ଏହି ଶରୀର, ମନ, ଜ୍ଞାନ ଆଦି ସବୁ ସେହି ବିଶ୍ୱ ନିୟନ୍ତାଙ୍କ ଦାନ ।

ମଣିଷର ସାମାଜିକ ଚେତନା, ଭାବନା, ଚିନ୍ତା, ବ୍ୟବହାର, ଚାଲିଚଳଣୀ, ଭାବଭଙ୍ଗୀ, କଥାବାର୍ତ୍ତା, ଭାଷା ଆଦି ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ରୂପାନ୍ତରଣ । ଉନ୍ନତ ଚେତନାର ଅଭାବ ଯୋଗ ସମାଜରେ ନାନା ପ୍ରକାର କୁତ୍ସିତ ବ୍ୟବସ୍ଥା ପରିଲକ୍ଷିତ ହୋଇଥାଏ । ଅନ୍ଧବିଶ୍ୱାସ ବଳବତ୍ତର ହୁଏ । ଭବିଷ୍ୟତର ପିଢ଼ିକୁ ନାନା ଭାବେ ଏଥିରେ ବନ୍ଦୀ କରିଦିଆଯାଏ । ସତ୍ୟର ସାମନା କରିବା ବଦଳରେ ଏକ ବ୍ୟବସ୍ଥା ମଧ୍ୟରେ ଲୋକଙ୍କୁ ବାନ୍ଧି ଦିଆଯାଏ । ଫଳ ଏହା ହୁଏ ଯେ, ବିଜ୍ଞାନଠାରୁ ମଣିଷ ଦୂରେଇଯାଇ କୌଣସି ଏକ ଭାବନାପ୍ରଧାନ ଭାବବାଦୀ ବ୍ୟବସ୍ଥା ମଧ୍ୟରେ ଆତ୍ମଗୋପନ କରିଥାଏ । ସମସ୍ତ ପ୍ରକାର ବୈଜ୍ଞାନିକ ଯୁକ୍ତିକୁ ଖଣ୍ଡନ କରିଥାଏ ।

ଗୋଟିଏ ଦର୍ପଣର କଥା ବିଚାରକୁ ନିଆଯାଉ । ପ୍ରାଗୈତିହାସିକା କାଳରୁ ମଣିଷ ଦର୍ପଣର ବ୍ୟବହାର ଅଳ୍ପବହୁତ ଜାଣିଥିଲା । ପାଣି, ଧାତୁ, ଚିକ୍କଣିଆ ଜିନିଷରେ ସେ ନିଜର ପ୍ରତିଫଳନ ଦେଖିବା ପରେ ପ୍ରଥମେ ଏହାକୁ ବିଶ୍ୱାସ କରି ନ ଥିଲା । ଅନେକ ଅମଙ୍ଗଳ ଭାବନା ବି କରୁଥିଲା । ଶେଷରେ ଦର୍ପଣ ସମ୍ପର୍କରେ କିଛି ଜ୍ଞାନ ଲାଭ କଲା । ତେବେ ଖ୍ରୀପୂ ୧୦୦ ବେଳକୁ ମଧ୍ୟପ୍ରାଚ୍ୟରେ ଦର୍ପଣର ବ୍ୟବହାର ଆରମ୍ଭ ହୋଇଥିଲା । ପରେ ପରେ ଏହା ତୁର୍କୀ, ଚୀନ ଆଦି ଦେଶରେ ପରିଲକ୍ଷିତ ହୋଇଥିଲା । ସେହି ସମୟରେ କେତେକ ମହଲରେ ଏହା ଏକ ଭୌତିକ ପ୍ରତିଫଳନ ବୋଲି କୁହାଗଲା । କାଳକ୍ରମେ ଦର୍ପଣର ବିକାଶ ସାଧିତ ହେଲା । ଏହାକୁ ବିଭିନ୍ନ ଭାବେ ବ୍ୟବହାର କରାଗଲା । ଏହା କ୍ରମଶଃ ସୌନ୍ଦର୍ଯ୍ୟର ଏକ ସାମଗ୍ରୀ ହୋଇଥିବା ବେଳେ ଆର୍କମେଡିସ ଏହାକୁ ଉପଯୋଗ କରି ଶତ୍ରୁର ଜାହାଜରେ ନିଆଁ ଲଗାଇବାକୁ ସକ୍ଷମ ହେଲେ । ଏହା ଜରିଆରେ କେତେକ ଗାଣିତିଜ୍ଞ ନାନା ପ୍ରକାର ଜ୍ୟାମିତିକ ସୂତ୍ର ବାହାର କଲେ । ଏହା ଉଦ୍ଭାବିତ ହେବାର ସହସ୍ରାଧିକ ବର୍ଷ ପରେ ଏବେ ଦେଖାଯାଉଛି ଯେ, କେତେକ ବ୍ୟକ୍ତି ଅଶରୀରୀ, ଡାହାଣୀ, ପ୍ରେତ ଆଦିଙ୍କଠାରୁ ରକ୍ଷା ପାଇବା ପାଇଁ ଘର ଆଗରେ ଦର୍ପଣ ଲଗାଉଛନ୍ତି । ପ୍ରଶ୍ନ ଉଠୁଛି ପ୍ରାୟ ଦୁଇହଜାର ବର୍ଷ ତଳର ଏହି ଘଟଣା ପ୍ରବାହରେ ଅସୁବିଧା ରହିଲା କେଉଁଠି ? ଏକଥା ସତ୍ୟ ଯେ, ଦର୍ପଣ ବସ୍ତୁ ସମ୍ଭୂତ ଏବଂ କୌଣସି ପ୍ରକାର ମାନସିକତା, ଅତିନ୍ଦ୍ରୀୟତା, ଅତିମାନୁଷିକତା ଏଥିରେ ନାହିଁ । ମଣିଷର ବୈଜ୍ଞାନିକ ଚିନ୍ତାଧାରାର ଏହା ଏକ ଉଦାହରଣ । କିନ୍ତୁ ଆଜିର ବିଜ୍ଞାନ ଯୁଗରେ ମଣିଷ ଦର୍ପଣକୁ ବ୍ୟବହାର କରିବାର ପ୍ରକ୍ରିୟା ଭିନ୍ନ ଭିନ୍ନ ହୋଇଥିବା ବେଳେ ଭୂତଭୈରବଠାରୁ ଦୂରେଇ ରଖିବା ପାଇଁ ଘର ବାହାରେ ଦର୍ପଣ ଲଗାଇବା କେତେ ଯଥାର୍ଥ ? କୌଣସି ବୈଜ୍ଞାନିକ ପ୍ରମାଣ ନ ଥାଇ

ଲୋକମାନେ ତଥାକଥିତ ତାନ୍ତ୍ରିକ, ବାବା ମାତାଙ୍କ କଥାରେ ଦର୍ପଣ ଲଗାଇବା ଅନ୍ଧମାନସିକତା ନୁହେଁ କି ?

ମଣିଷର ମସ୍ତିଷ୍କ ଭିନ୍ନ ଭାବେ ଗଠିତ । ମହାବୈଜ୍ଞାନିକମାନଙ୍କ ମସ୍ତିଷ୍କର ଶକ୍ତି, ବିଶ୍ଳେଷଣାତ୍ମକ ପ୍ରଭାବ ସାଧାରଣ ମଣିଷଙ୍କଠାରୁ ଅଲଗା । ସେମାନଙ୍କର ମସ୍ତିଷ୍କ ସ୍ୱତଃସ୍ଫୂର୍ତ୍ତ ଭାବେ ନୂତନ ତଥ୍ୟ ଓ ସତ୍ୟର ଉଦ୍‌ଘାଟନ କରିବା ଦିଗରେ ଅଭିପ୍ରେତ । ଆମ୍ଭେ କହିପାରିବା ନାହିଁ ଯେ, ୧୩୦୦ରୁ ଅଧିକ ବିଜ୍ଞାନ ସାମଗ୍ରୀ ଉଦ୍ଭାବନ କରିବା ସହ ଥୋମାସ ଆଲଭା ଏଡିସନଙ୍କ କ୍ଷେତ୍ରରେ କେବଳ ଚେଷ୍ଟା ହିଁ ମୁଖ୍ୟ ଭୂମିକା ଥିଲା । ତାଙ୍କର ମସ୍ତିଷ୍କର ଗଠନ, ରାସାୟନିକ ପ୍ରକ୍ରିୟା, ଏହାର ସମୃଦ୍ଧ କୋଷର ଭୂମିକା ହିଁ ତାଙ୍କୁ ବିଶ୍ୱ ପରିଚୟ ଦେଇଥିଲା । ଯଦିଓ ଏକ୍ଷେତ୍ରରେ ତାଙ୍କୁ କିଛି ସୁଯୋଗ ମିଳିଛି ତଥାପି ତାଙ୍କର ମସ୍ତିଷ୍କର ପ୍ରଭାବ ହିଁ ତାଙ୍କୁ ବିଶ୍ୱବିଖ୍ୟାତ କରିଥିଲା ।

ଆଧୁନିକ ମଣିଷର ଇତିହାସ ୧୬ଲକ୍ଷ ବର୍ଷ ଏବଂ ସୃଜନଶୀଳତାର ଇତିହାସ ୩୦ ହଜାର ବର୍ଷ ବୋଲି ମାନବବିଜ୍ଞାନୀମାନେ ଦର୍ଶାଇଥାନ୍ତି । ଅନେକ ଉତଥାନ, ପତନ, ସଂଘର୍ଷ ଦେଇ ଏହା ଗତିକରି ଆସିଛି । ବିଜ୍ଞାନ ଓ ଭାବବାଦ ମଧ୍ୟରେ ଏହାର ସଂଘର୍ଷ ଅନେକ ସମୟରେ ସତ୍ୟଠାରୁ ମଣିଷକୁ ଦୂରେଇ ନେଇଛି ତ ଅନେକ ସତ୍ୟର ଉନ୍ମୋଚନ କରିଛି । ସୃଜନଶୀଳତାର ଏକ ବୈଜ୍ଞାନିକ ଇତିହାସ ରହିଛି ଯାହାକି ବସ୍ତୁନିଷ୍ଠ ଏବଂ ବିଜ୍ଞାନସିଦ୍ଧ । ବାହାର ଜଗତ ସମ୍ପର୍କରେ ଜାଣିବା, ଏହାକୁ ଖିନଭିନ କରି ବିଶ୍ଳେଷଣ କରିବା, ବିଭିନ୍ନ ରୂପ ଦେବା, ଏହାରି ଭିତରେ ନିଶ୍ଚିହ୍ନ ନ ହୋଇ ତାହାକୁ ନାନା ଭାବେ ସମୀକ୍ଷା କରିବା ହେଉଛି ସୃଜନଶୀଳତାର ବାସ୍ତବ ଅଭିବ୍ୟକ୍ତି ।

ବୌଦ୍ଧିକତାର କୌଣସି ଇତିହାସ ନ ଥାଏ କିନ୍ତୁ ସୃଜନଶୀଳତାର ଇତିହାସ ଥାଏ । ବୌଦ୍ଧିକତା ବା ଇଣ୍ଟେଲିଜେନ୍ସ ହେଉଛି ଏପରି ଏକ ବିଷୟ ଯାହାର କୌଣସି ଧାରାବାହିକତା ନ ଥାଏ ବା କୌଣସି ଇତିହାସ ନ ଥାଏ । ହଜାର ହଜାର ବର୍ଷ ତଳେ ମଣିଷ କ'ଣ ଜଗତ ସମ୍ପର୍କରେ ଜାଣି ପାରି ନ ଥିଲା ? ମଣିଷ କ'ଣ ପ୍ରାକୃତିକ ସମ୍ପଦ ଉପରେ ଜ୍ଞାନ ହାସଲ କରି ନ ଥିଲା ? ଆଜି ବି ଏପରି ମଣିଷ ଅଛନ୍ତି ଯେଉଁମାନେ ଅଜସ୍ର ବିଷୟର କାରଣ ସମ୍ପର୍କରେ ଜାଣନ୍ତି ନାହିଁ । ଆର୍କମେଡିସ, ଗାଲିଲିଓ, ଆଇନଷ୍ଟାଇନ, କୋପରନିକସ ଆଦି ବୈଜ୍ଞାନିକମାନଙ୍କ ବୌଦ୍ଧିକତାକୁ ସାରା ବିଶ୍ୱ ସ୍ୱୀକାର କରେ । କିନ୍ତୁ ଏହା କୁହାଯାଇପାରେ ଯେ, ସେମାନଙ୍କ ବୌଦ୍ଧିକତା ସହ ଇତିହାସର କୌଣସି ସମ୍ପର୍କ ନାହିଁ । ସେମାନଙ୍କ ଜ୍ଞାନ ନିଜର ଅଭିଜ୍ଞତା, ମାନସିକତା, ଗବେଷଣାଲବ୍ଧ ଚିନ୍ତାଧାରାରୁ ସମ୍ଭୁତ । ଯଦି ବୌଦ୍ଧିକତାର କୌଣସି ଇତିହାସ ଥାଆନ୍ତା କିମ୍ବା ଉତ୍ତରାଧିକାରୀ ସୂତ୍ରରେ ବଂଶକୁ ପରିବ୍ୟାପ୍ତ ହୋଇଥାନ୍ତା ତେବେ ସେମାନଙ୍କ ପରିବାର ଆଜି ବିଶ୍ୱରେ ସମଧରଣର ବୈଜ୍ଞାନିକଙ୍କ ମାନ୍ୟତା ପାଇଥାନ୍ତେ । ମାତ୍ର ତାହା ଘଟି ନାହିଁ । ଦେଖାଯାଇଛି ଯେ, କୋଟି କୋଟି ପରିବାର ଯଦିବା ରହିଛନ୍ତି ତଥାପି ସେମାନଙ୍କ କୌଣସି ବିଶେଷ ଇତିହାସ ନାହିଁ ବା ସେହିପରିବାରର ସଦସ୍ୟମାନଙ୍କ ସମ୍ପର୍କରେ କେହି ଜିଜ୍ଞାସା କରନ୍ତି ନାହିଁ । ତେଣୁ ଏହା କୁହାଯିବା ଯଥାର୍ଥ ଯେ, ବୌଦ୍ଧିକତାର କୌଣସି ଇତିହାସ ନାହିଁ ବା ଧାରାବାହିକତା ନାହିଁ । ଅପରପକ୍ଷେ ସୃଜନଶୀଳତାର ଇତିହାସ ଅଛି । ଭାଷାର ବିକାଶ ସହ ଅନ୍ୟ ଭାଷା ସହ ଏହାର ସମ୍ପର୍କ ରହିଛି । ବିଶ୍ୱର କୌଣସି ଭାଷା ନିଜକୁ କହିପାରିବ ନାହିଁ ଯେ, ଏହା ନିଜେ ନିଜେ ବଢ଼ିଛି । ଯେପରି ଓଡ଼ିଆ ଭାଷା ଅତି କମରେ ପଚାଶରୁ ଅଧିକ ଭାଷାରୁ ଜାତ ନେଇଛି ଠିକ ସେହିପରି ଅନ୍ୟାନ୍ୟ ଭାଷା ବି ବିଭିନ୍ନ ଭାଷାରୁ ଜନ୍ମଲାଭ କରିଛନ୍ତି । ଭାଷାର ବିକାଶ ସହ ସୃଜନଶୀଳତାର ବିକାଶ ଘଟୁଛି, ସାହିତ୍ୟର ବିକାଶ ଘଟୁଛି । ସେହି ଅନୁସାରେ ଗଳ୍ପ, କବିତା, ଉପନ୍ୟାସର ଇତିହାସ ବି ବଦଳୁଛି ।

ସୃଜନଶୀଳତାର ଅନ୍ୟନାମ ବୈଜ୍ଞାନିକ ଅନୁସନ୍ଧାନ । ଗବେଷଣା ଜରିଆରେ ସତ୍ୟର ଅନୁସନ୍ଧାନ କରିବା ଯାହା ସୃଜନଶୀଳତାର ବ୍ୟବଚ୍ଛେଦ କରିବା ତାହା ।ପ୍ରତି ମାନବିକ କାର୍ଯ୍ୟକଳାପ କ୍ଷେତ୍ରରେ ବୈଜ୍ଞାନିକ ଚିନ୍ତାଧାରାର ରୂପାୟନ ଯଦିଓ ହୋଇଥାଏ ମଣିଷ ତାହାକୁ ଏକ କାଳ୍ପନିକ ଚେତନାସମ୍ଭୁତ ବିଷୟ ବୋଲି ଅଭିହିତ କରିଥାଏ । ଯେପରିକି ଯଦି କୌଣସି ବ୍ୟକ୍ତି ନିଜ ବ୍ୟକ୍ତିଗତ ଉଦ୍ୟମରୁ ଧନୀ ହୋଇଥାଏ ତାହାକୁ ଲୋକେ କହିଥାନ୍ତି ଧନୀ ହେବା ତା' କପାଳରେ ଥିଲା । ଯଦି କୌଣସି ବ୍ୟକ୍ତି ଗରିବ ହୋଇଥାନ୍ତି ତେବେ ଲୋକେ କହନ୍ତି ଗରିବ ହେବା ତା' କପାଳରେ ଲେଖାଥିଲା । ଯଦି କୌଣସି ବ୍ୟକ୍ତି ଦୁର୍ଘଟଣାରେ ମରିଯାଏ ତେବେ ଲୋକେ କହନ୍ତି ସେ ସେହିଦିନ ମରିବା ପାଇଁ ପୂର୍ବରୁ ଲେଖାହୋଇଥିଲା । ଜଣେ ଯଦି କୌଣସି କାରଣରୁ ଅକସ୍ମାତ ଧନସମ୍ପତ୍ତି ପ୍ରାପ୍ତ ହୁଏ ତେବେ ଲୋକେ କହନ୍ତି ଏସବୁ ବିଧିର ଦାନ । ଏପରି ଅନେକ ଉଦାହରଣ ରହିଛି ଯେଉଁଥିପାଇଁ ମଣିଷ ନିଜକୁ ଜାଣତରେ ଅନ୍ଧମାନସିକତା ଆଡକୁ ନେଇଯାଏ ଏବଂ ସୃଜନଶୀଳତାର ବୈଜ୍ଞାନିକ ମୂଲ୍ୟବୋଧକୁ ହତ୍ୟା କରେ ।

ମାନବର ବିକାଶ କ୍ଷେତ୍ରରେ ସୃଜନଶୀଳତା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ । କବି, ଲେଖକ, ଚିତ୍ରକର, କଳାକାର, ବୈଜ୍ଞାନିକ, ଡିଜାଇନର, ଶିଳ୍ପୀ, ସ୍ଥପତି, ସଫ୍ଟୱେର ଇଞ୍ଜିନିୟର ଆଦି ସମସ୍ତଙ୍କ କ୍ଷେତ୍ରରେ ବୈଜ୍ଞାନିକ ସୃଜନଶୀଳତାର ଭୂମିକା ଅସୀମ । ସେମାନଙ୍କ ଅଜଣାତରେ ବସ୍ତୁଗତ ପ୍ରତିଫଳନ ହିଁ ସେମାନଙ୍କ ସୃଷ୍ଟିର ମୂଳ କାରଣ ହୋଇଥାଏ ।

ପ୍ରତ୍ୟେକ ମଣିଷ ନିକଟରେ କିଛି ନା କିଛି ଗୁଣ ରହିଥାଏ । ଜାଣତ ହେଉ ବା ଅଜଣାତରେ ସେସବୁ ବିଭିନ୍ନ ପ୍ରକ୍ରିୟାର ସମ୍ମୁଖୀନ ହୋଇଥାଏ । ତାହାର ବିକାଶ ନିର୍ଭର କରେ ମଣିଷର ବ୍ୟବହାରିକ ଜ୍ଞାନ, ବୁଦ୍ଧି, ଚେତନା, ମାନସିକତା ଆଦି ଉପରେ । ଉଦାହରଣ ସ୍ୱରୂପ ସମସ୍ତେ ଜାଣନ୍ତି ଗଛରୁ ଫଳ ପଡ଼େ ବା ଟେକାଟିଏ ମାରିଲେ ଉପରକୁ ଯାଇ ତଳକୁ ପଡ଼େ । ମାତ୍ର ଆଇଜାକ ନିଉଟନ ଏହାକୁ ଗୁରୁତର ଭାବେ ଗ୍ରହଣ କରି ମାଧ୍ୟାକର୍ଷଣ ଶକ୍ତିର ଆବିଷ୍କାର କଲେ । ସେହିପରି ମହାନ ସୋଭିଏତ ବିପ୍ଳବ ସମ୍ପର୍କରେ ଅନେକ ଲୋକ ଅନେକ କଥା କହିଲେ । ଅନେକେ ଏହାର ସାମାଜିକ ପ୍ରଭାବ, ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଜାଣିଲେ ନାହିଁ କି ଜାଣିବା ପାଇଁ ଚେଷ୍ଟା କଲେ ନାହିଁ । ମାତ୍ର ଜନ ରିଡ ଏହାକୁ ନେଇ 'ଟେନ ଡେଜ ଦ୍ୟାଟ ସୁକ୍ ଦ ୱାର୍ଲ୍ଡ' ଲେଖିଲେ ଯାହା ପୁଣି ଥରେ ବିଶ୍ୱକୁ ଦୋହଲାଇଦେଲା ।

ମଣିଷର ମସ୍ତିଷ୍କ ଅତି ବିଚିତ୍ର। ଏହା କୌଣସି ଏକ ସାଧାରଣ ଉପାଦନରେ ଗଢ଼ା ନୁହେଁ। ଏହା ଜାଗତିକ ପରିବର୍ତ୍ତିନର ଏକ ସୁରମ୍ୟ ସୃଷ୍ଟି। ଏହାର ପ୍ରତ୍ୟେକ କୋଷରେ କିଛି ନା କିଛି ଗୁଣ ଲୁଚିଥାଏ। ମଣିଷର ପ୍ରତ୍ୟେକ କାର୍ଯ୍ୟଧାରାକୁ ଏହା ନିୟନ୍ତ୍ରିତ କରିଥାଏ। ପ୍ରତ୍ୟେକ ମଣିଷର ମସ୍ତିଷ୍କ ସ୍ୱତନ୍ତ୍ର ଏବଂ ଏହାରି ଇତିହାସ ମୂଳରେ କୌଣସି ଧାରାବାହିକତା ନାହିଁ। ଅର୍ଥାତ ଜଣେ ପିତା ଯଦି କବି ହେଲା ତେବେ ତା'ର ସନ୍ତାନମାନେ ଯେ କବି ହେବେ ଏହା ନୁହେଁ। ସେହିପରି ଜଣେ ଚିତ୍ରକରର ପୁଅ ଯେ ଚିତ୍ରକର ହେବା କ୍ଷେତ୍ରରେ ମସ୍ତିଷ୍କର କୋଷଗୁଡିକ ଦାୟୀ ଏହା ବି ନୁହେଁ। ତେଣୁ ଜଣେ ସାଧାରଣ ବ୍ୟକ୍ତିର ସନ୍ତାନ ବିଶ୍ୱର ନେତୃତ୍ୱ ନେଇଥିବା ପରିଲକ୍ଷିତ ହୋଇଥାଏ ବା ଜଣେ କୃଷକର ସନ୍ତାନ ବିଶ୍ୱବିଖ୍ୟାତ ବ୍ୟକ୍ତିତ୍ୱ ହେବାର ନଜିର ରହିଥାଏ।

ପ୍ରତ୍ୟେକ ମଣିଷ ନିକଟରେ ଏକ ବୌଦ୍ଧିକତାର ସୂତ୍ରାବଳୀ ନିହିତ ଥାଏ। ଏହାକୁ କେଉଁଭାବେ ସେ ଉପଯୋଗ କରିପାରିବ ତାହା ନିଜ ଉପରେ ନିର୍ଦ୍ଧାରିତ ଥାଏ। ଏହା ମଧ୍ୟରେ ଚେଷ୍ଟାର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ ଥାଏ। ଜଣେ ବ୍ୟକ୍ତି ନିକଟରେ ଅଜସ୍ର ପ୍ରତିଭା ଲୁଚି ରହିଥିଲେ ବି ଯଦି ସେ ନିଜେ ଚେଷ୍ଟା ନ କରେ ତେବେ ସେ ସବୁ ବୃଥା ଯାଏ। ମଣିଷର ବୌଦ୍ଧିକତାର ଯାତ୍ରା ପଥରେ ଅନେକ ପ୍ରତିବନ୍ଧକ ଆସେ। ପରିସ୍ଥିତି ସହ ସାଲିସ କରିବା ପାଇଁ ଅନେକ ଉଦାହରଣ ଆସେ। ମାତ୍ର ମଣିଷ ସେ ସବୁର ସଫଳ ମୁକାବିଲା କରି ନ ପାରିଲେ ତାହା ସାଲିସରେ ହିଁ ରହିଯାଏ। ଏକ ପଶୁ କେବେ ବି ପ୍ରକୃତି ସହ ଲଢ଼େଇ କରେନାହିଁ। ଯାହା ମିଳିଲା ତାହା ଖାଇବା, ଖରାବର୍ଷାରୁ ରକ୍ଷା ପାଇବା ପାଇଁ କୌଣସି ଗୁମ୍ଫା ବା ଗଛ ମୂଳେ ଆଶ୍ରୟ ନେବା ଆଦି ପ୍ରକ୍ରିୟା ଦେଖାଯାଏ। ମାତ୍ର ମଣିଷ କ୍ଷେତ୍ରରେ ଏହା ଅଲଗା। ମଣିଷ ପ୍ରକୃତି ସହ ସର୍ବଦା ଲଢ଼େଇ କରେ, ଏହାର ଲୁକ୍କାୟିତ କାରଣରାଜିକୁ ଖୋଜି ବାହାର କରେ, ପ୍ରକୃତି ବିରୋଧରେ ନିଜର ସାମର୍ଥ୍ୟ ଜାହିର କରେ। ଏପରି ବି ଅନେକ ମଣିଷ ଅଛନ୍ତି ଯେଉଁମାନେ କିଛି କରନ୍ତି ନାହିଁ, ଯାହା କିଛି ମିଳିଲା ତାହାକୁ ଖାଇ ଆରାମ କରନ୍ତି ଏବଂ ଜୀବନ ଧାରାରେ ଲିପ୍ତ ରହି ଜୀବନ କଟାଇଦିଅନ୍ତି।

ସୃଜନଶୀଳତା ଅନେକ ସମୟରେ ଅନ୍ଧବିଶ୍ୱାସ ଜରିଆରେ ପ୍ରଭାବିତ ହୋଇଥାଏ। ଏହାଯୋଗୁ ସୃଜନଶୀଳତା ଦିଗହରା ହୋଇଥାଏ ଏବଂ ଏହାର ବାସ୍ତବ ଅଭିବ୍ୟକ୍ତି ପ୍ରତିଫଳିତ ହୋଇପାରି ନ ଥାଏ। ବୈଜ୍ଞାନିକ ଚିନ୍ତା ଓ ଚେତନା ଠାରୁ ଦୂରରେ ରହିଯାଇଥିବା ସୃଜନଶୀଳତା ପ୍ରତିକ୍ରିୟାଶୀଳ ବ୍ୟବସ୍ଥା ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ।

ସୃଜନଶୀଳତା ସର୍ବଦା ଶ୍ରେଣୀ ଅଭିମୁଖୀ ହେବା ଆବଶ୍ୟକ। ଏହା ସାମାଜିକ ବ୍ୟବସ୍ଥା, ଆନ୍ତର୍ଜାତିକ ଅର୍ଥ ବ୍ୟବସ୍ଥା, ପୁଞ୍ଜି ସଂକଟ, ସମ୍ପତ୍ତି ବଣ୍ଟନ ବ୍ୟବସ୍ଥା ଆଦିର ଅନୁଶୀଳନ କରି ନିଜସ୍ୱ ଗତିପଥ ନିର୍ଦ୍ଧାରଣ କରିବା କଥା। ଅତୀତର ସୃଜନଶୀଳତାର ମାନେ ଏହା ଥିଲା ଯେ, କେବଳ ପ୍ରକୃତି, ପ୍ରେମ, ଈଶ୍ୱର ଆଦିଙ୍କ ପ୍ରଶଂସା ଗାନ କରି ସୃଜନଶୀଳତାର ଉପଯୋଗ କରିବା। ଏଥିଲାଗି କୌଣସି ଶ୍ରେଣୀ ଚେତନାର ଆବଶ୍ୟକତା ନ ଥିଲା। ସୀମିତ ସମ୍ବଳ, ଜନସଂଖ୍ୟା, ଶ୍ରେଣୀ ଚେତନାର ଅଭାବ, ବୈଜ୍ଞାନିକ ଚିନ୍ତାଧାରାର ଅଭାବ ଆଦି କାରଣରୁ ସେତେବେଳେ ସଂଘର୍ଷ, ସଂଗ୍ରାମ, ଶୋଷଣ ଆଦି କୌଣସି ରଚନାବଳୀରେ ସ୍ଥାନ ପାଉ ନ ଥିଲା। ମାତ୍ର କାଳକ୍ରମେ ସମାଜ ବଢ଼ିବା ସହ ଲୋକସଂଖ୍ୟା ବି ବଢ଼ିଲା। ସେହି ଅନୁସାରେ ବ୍ୟକ୍ତିଗତ କାମନା ବି ବଢ଼ିଲା। ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଶ୍ରମ ଉପରେ ବଞ୍ଚିବାକୁ ଲାଗିଲେ। ସେମାନେ କିଛି କାମ କଲେ ନାହିଁ ବରଂ ସମାଜରେ ଏପରି କିଛି ବ୍ୟବସ୍ଥା କଲେ ଯଦ୍ଦ୍ୱାରା ସେମାନଙ୍କ ଏହି ମାନସିକତା ରୂପାୟିତ ହେଲା ଏବଂ ଚିରଦିନ ଲାଗି ସେମାନେ ବସି ଖାଇବାର ନିୟମିତ ବ୍ୟବସ୍ଥା କରିଦିଆଗଲା। ତେଣୁ ସୃଜନଶୀଳତା ବି ସେହି ଅନୁସାରେ ରୂପାୟିତ ହେଲା ଏବଂ ଏହି କାରଣରୁ ରାଜାମହାରାଜାଙ୍କ ରଂଗପୁର କାହାଣୀ, ତୋଷାମଦି ଆଦି ବିଷୟରେ ରଚନାବଳୀରେ ସ୍ଥାନ ପାଇଲା।

ପଶୁମାନେ ଅନୁକରଣ ପ୍ରିୟ ହୋଇ ନଥିବାରୁ ସେମାନେ ସେପରି ଅବସ୍ଥାରେ ହିଁ ଲକ୍ଷଲକ୍ଷ ବର୍ଷ ଧରି ରହିଛନ୍ତି। ମାତ୍ର ମଣିଷ ଏକଅନୁକରଣୀୟ ପ୍ରାଣୀ। ଏଥିପାଇଁ ସୃଜନଶୀଳତା ମଧ୍ୟ ଅନୁକରଣଶୀଳ ହୋଇଛି। ଅର୍ଥାତ କବି ପରମ୍ପରାରେ କବିମାନେ ଅନ୍ୟମାନଙ୍କର ଜୟଗାନ କରିବା ସାଧାରଣ ବ୍ୟାପାରରେ ପରିଣତ ହୋଇଛି। ସେମାନେ କେବଳ ଅନୁକରଣ କରି ମୌଳିକ ଗତିପଥରୁ ଦୂରେଇ ଯାଆନ୍ତି ଏବଂ ବୈଜ୍ଞାନିକ ଚିନ୍ତାଧାରା ବଦଳରେ ପାରମ୍ପରିକ ମାନସିକତାକୁ ଆବୋରି ସୃଜନଶୀଳତାର ବାସ୍ତବ ମହତ୍ତ୍ୱକୁ ନଷ୍ଟ କରିଥାନ୍ତି।

ଜାଣିବାଟା କ'ଣ ? ଏହା ଯେତିକି ସହଜ ଲାଗେ ବାସ୍ତବରେ ସେତିକି ସହଜ ନୁହେଁ। ଅନେକ ସବଜ୍ଜାନତା ବୋଲି ଗର୍ବ କରନ୍ତି, ବାହାସ୍ଫୋଟ ମାରନ୍ତି। ମାତ୍ର ସେମାନେ ବାସ୍ତବରେ ଯେ କିଛି ଜାଣନ୍ତି ନାହିଁ ସେମାନେ ତାହା ଜାଣି ନ ଥାନ୍ତି। ସୂର୍ଯ୍ୟ ସମ୍ପର୍କରେ ଅନେକ କାଳରୁ ଯୁକ୍ତି ଚାଲିଆସିଛି। ସୂର୍ଯ୍ୟକୁ ନେଇ ଅନେକ ପ୍ରକାର କଥା ରହିଛି, କାଳ୍ପନିକ ଓ ବୈଜ୍ଞାନିକ ଯୁକ୍ତି ରହିଛି। ଏହା ସତ୍ତ୍ୱେ ସୂର୍ଯ୍ୟ ସମ୍ପର୍କରେ ଏଯାଏ ଏକଲକ୍ଷ ଭାଗରୁ ଭାଗେ ବି ଉନ୍ମୋଚିତ ହୋଇପାରିନାହିଁ। ସେହିପରି ସାଧାରଣ ବୃକ୍ଷ ସମ୍ପର୍କରେ ବି ଯେ ସବୁକଥା ଜଣାଯାଇପାରିଛି ଏହା ନୁହେଁ। ବୃକ୍ଷ ସମ୍ପର୍କରେ ଯେତିକି ତଥ୍ୟ ମିଳିଛି ତାହା ଯେ, ହଜାର ଭାଗରୁ ଗୋଟିଏ ଭାଗ ମିଳିଛି ତାହା ସତ୍ୟ। ଅନେକ ଅସମାହିତ ତଥ୍ୟର ସତ୍ୟତାକୁ ଭେଦ କରିବା ବଦଳରେ ସମସ୍ତ ସତ୍ୟତା ମିଳିଯାଇଥିବା ଯୁକ୍ତି କରି ବିଭିନ୍ନ ବୈଜ୍ଞାନିକ ପ୍ରକ୍ରିୟା, ସତ୍ୟତାର ଶେଷ ହୋଇଯାଇଛି ବୋଲି ଯୁକ୍ତି କରିବା ଭୁଲ। ଜାଣିବାର ବାସ୍ତବ ଉତ୍ତର ହେଲା କୌଣସି ବିଷୟକୁ ବୈଜ୍ଞାନିକ ଆଭିମୁଖ୍ୟ ନେଇ ସତ୍ୟତା ଭିତ୍ତିରେ ସେ ସମ୍ପର୍କରେ ସୂଚନା ହାସଲ କରିବା। ନିଆଁ ସମ୍ପର୍କରେ ଜାଣିବା ବିଷୟକୁ ଚିନ୍ତା କରାଯାଉ। ନିଆଁ ସମ୍ପର୍କରେ ବୈଜ୍ଞାନିକମାନେ ଭିନ୍ନ କଥା ଜାଣନ୍ତି। କବିମାନେ ଅଲଗା ଭାବେ ଏହାକୁ ଚିତ୍ରଣ କରନ୍ତି। ଜଣେ ଗୁଣିଆ ଏହାକୁ ଭିନ୍ନ ଭାବେ ଚିତ୍ରଣ କରେ। ମାତ୍ର ନିଆଁ ମୂଳରେ ରହିଥିବା ବିଜ୍ଞାନକୁ ଉନ୍ମୋଚିତ କରିବା ହେଉଛି ଜାଣିବାର ପ୍ରକୃତ ସର୍ତ୍ତ। ଜଣେ ମା' ନିଜର ଛୁଆକୁ ନିଆଁ ପାଖକୁ ନ ଯିବା ପାଇଁ ଭୟ ଜାତ କରେ। ପିଲା ଯଦିଓ ଭୟ କରେ ମାତ୍ର ସେ ନିଆଁ ସମ୍ପର୍କରେ ସବୁକଥା ଜାଣି ନ ଥାଏ। ମାତ୍ର ଅଧିକାଂଶ ଲୋକ ଯେ ନିଆଁ ସମ୍ପର୍କରେ ଜାଣନ୍ତି ଏହା ବି ନୁହେଁ। କାରଣ ନିଆଁ କିପରି ସୃଷ୍ଟି ହୁଏ, ନିଆଁ କିପରି

ଜଳେ, ଅସ୍ଥି ନିଆଁରୁ କେଉଁ ଗ୍ୟାସ ବାହାରେ, ଜଙ୍ଗଲ ନିଆଁରେ କେଉଁ କେଉଁ ଉପାଦାନ ଥାଏ, ନିଆଁର ପ୍ରକାର ଭେଦ, ରାସାୟନିକ ନିଆଁ ତଥା ଅନେକ ଦୁର୍ଭେଦ୍ୟ ବିଷୟ ସମ୍ପର୍କରେ ମଣିଷ ଅଜ୍ଞଥାଏ। ତେଣୁ ନିଆଁ ସମ୍ପର୍କରେ ଜାଣିଛି ବୋଲି ଯିଏ ଯୁକ୍ତି କରନ୍ତି ସେ ବାସ୍ତବରେ ୯୯ ପ୍ରତିଶତ ଜାଣି ହିଁ ନଥାନ୍ତି।

ଜାଣିବା ମୂଳରେ ରହିଥିବା ବୈଜ୍ଞାନିକ ପ୍ରଶ୍ନରାଜିର ବୈଜ୍ଞାନିକ ଉତ୍ତର ନିହିତ ରହିବା ଆବଶ୍ୟକ। ବିନା ବିଜ୍ଞାନରେ ଯେପରି କିଛି ବି ଅସମ୍ଭବ ସେପରି ମଣିଷ ଯଦି ବିଜ୍ଞାନସମ୍ମତ ପ୍ରମାଣ ବିନା କୌଣସି ବିଷୟକୁ ଗ୍ରହଣ କରେ ତେବେ ତାହା ଦିଗହରା ହେବା ଆବଶ୍ୟକ। ଅନେକ ସମୟରେ ମଣିଷ ନାନା ପ୍ରକାର ମାନସିକ କାମନା କରିଥାଏ। ଭୋଗରାଗ ଚଢ଼ାଏ। ଅନେକ ଦେବୀ, ଠାକୁରାଣୀଙ୍କ ନିକଟରେ ନାନା ପ୍ରକାର ମାନସିକ ରଖେ। ମାତ୍ର ଯେଉଁ ଗୋଟିକ କୌଣସି କାରଣରୁ ଘଟିଯାଏ ତାହାକୁ ଦୈବୀଫଳ ବୋଲି ବିବେଚନା କରେ। ଜଣେ ମହିଳାଙ୍କର ଦୁଇଟି ପୁତ୍ର ସନ୍ତାନ ପରେ ଏକ କନ୍ୟା ସନ୍ତାନ ପାଇଁ ଇଚ୍ଛା ହେଲା। ସେ ଅନେକ ଠାକୁରାଣୀଙ୍କୁ ସହିଲେ। ତଥାକଥିତ କାଳିସୀ ଲାଗୁଥିବା ମହିଳାଙ୍କ ନିକଟରୁ ହୁକୁମ ପାଇଲେ। ସେ ଇତିମଧ୍ୟରେ ଅଲଟ୍ରାସାଉଣ୍ଡ କରି ପୁଣି ପୁତ୍ର ସନ୍ତାନ ହେଉଥିବା ଜାଣିବା ପରେ ତାକୁ ନଷ୍ଟକଲେ। ଏପରି ଦୁଇଟି କରିବା ପରେ ତୃତୀୟ ଥର ସେ ଜାଣିବାକୁ ପାଇଲେ ତାଙ୍କର କନ୍ୟା ସନ୍ତାନ ହେବାକୁ ଯାଉଛି। ସେ ଶେଷରେ କନ୍ୟା ସନ୍ତାନ ପ୍ରସବ କଲେ। ଏହା ପରେ ସେ ପୂର୍ବରୁ ଯେଉଁ ଠାକୁରାଣୀଙ୍କ ପାଖକୁଯାଇ ହୁକୁମ ଖାଇଥିଲେ ସେଠାକୁ ଯାଇ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ। କହିଲେ, ମା' ତୋ କଥା ସତ ହେଲା। ଏପ୍ରକାର ଘଟଣାବଳୀ ସର୍ବତ୍ର ଓ ସର୍ବଦା ଘଟିଥାଏ। ଲୋକମାନଙ୍କ ମାନସିକତା ଏତେ ନିମ୍ନସ୍ତରକୁ ଯାଇଛି ଯେ, ସେମାନେ ବିଜ୍ଞାନଠାରୁ ଯଥେଷ୍ଟ ଦୂରେଇ ଯାଇ କୌଣସି ପ୍ରକାର ଅନ୍ଧବିଶ୍ୱାସ ମଧ୍ୟରେ ବୁଡ଼ିଯିବା ଦେଖାଯାଉଛି। ସେମାନେ ନିଜକୁ ପ୍ରଶ୍ନ କରିବା କଥା ଯଦି କାଳିସୀଙ୍କ ହୁକୁମରେ ଏକ ଭ୍ରୁଣ କନ୍ୟା ହୋଇପାରୁଛି ତେବେ କାଳିସୀଙ୍କ ହୁକୁମରେ ଏକ ଭ୍ରୁଣର ଚାରୋଟି ହାତ ହୋଇନ ପାରିବ କାହିଁକି ? ଯଦି ଏହି ମହିଳାଙ୍କ କ୍ଷେତ୍ରରେ କନ୍ୟା ସନ୍ତାନ ହୋଇପାରୁଛି ତେବେ ନିଃସନ୍ତାନ ମହିଳାମାନେ ତ ହୁକୁମଯୋଗୁ ସନ୍ତାନପ୍ରାପ୍ତି ହୋଇପାରନ୍ତେ। ଏହା ଘଟୁନାହିଁ କାହିଁକି ?କେତେକ ମହିଳା କାହିଁକି ଆଜୀବନ ନିଃସନ୍ତାନ ହେଉଛନ୍ତି ?

କୌଣସି ପ୍ରଶ୍ନର ସମାଧାନ ପାଇଁ ବୌଦ୍ଧିକ ଦ୍ୱନ୍ଦ୍ୱର ଶିକାର ହେବା ଭଲ। ବୌଦ୍ଧିକ ସ୍ତରରେ କୌଣସି ପ୍ରଶ୍ନକୁ ବାରମ୍ବାର ଅନୁଶୀଳନ କରିବା, ଏହାକୁ ବୈଜ୍ଞାନିକତା ଦୃଷ୍ଟିରୁ ସମୀକ୍ଷା କରିବା ହେଉଛି ମଣିଷର ବାସ୍ତବ କର୍ତ୍ତବ୍ୟ। ମାତ୍ର ଏହା ଅନେକ କ୍ଷେତ୍ରରେ ପରିଦୃଷ୍ଟ ହୋଇ ନ ଥାଏ ବରଂ ଯାହା ଘଟିଲା ତାହାକୁ କୌଣସି ଏକ ସର୍ତ୍ତ ସହ ସାଲିସ କରି କିଛି ଗୋଟାଏ ଭାବି ନେଇ ସତ୍ୟତାକୁ ସମାଧି ଦେବା ପରି ପ୍ରକ୍ରିୟାର ଉଦାହରଣ କମ ନୁହେଁ।

ସତ୍ୟକୁ ସର୍ବଦା ସଂଘର୍ଷ ଲାଗି ରହିଥାଏ। ଗୋଟିଏ ଗୋଷ୍ଠୀ ଯାହା ବିଚାର କରିଥାନ୍ତି ତାହାକୁ ସତ୍ୟ ବୋଲି ଦର୍ଶାଉଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ବିଜ୍ଞାନଗତ ପ୍ରମାଣକୁ ନେଇ ସତ୍ୟକୁ ଦର୍ଶାଇଥାନ୍ତି। ମାନସିକତା, ଅନୁଭବ, ଭାବନା, ଚିନ୍ତା ଆଦିର ବୈଜ୍ଞାନିକ ସଂଜ୍ଞା ହୋଇ ନପାରେ। ଅର୍ଥାତ ମାନସିକତା ଅନୁସାରେ କୌଣସି ବିଷୟକୁ ବିଶ୍ଲେଷଣ, ବ୍ୟାଖ୍ୟା, ଅନୁଶୀଳନ, ଏହାରି ମୂଳରେ ରହିଥିବା ବସ୍ତୁଗତ ବିଷୟବସ୍ତୁକୁ ଉପସ୍ଥାପନା କରାଯାଇ ନ ପାରେ। କାରଣ ମାନସିକତା ବିଜ୍ଞାନର ଏକ ଅଂଶ ନୁହେଁ। ଏହା ଏକ କାଳ୍ପନିକ ପ୍ରକ୍ରିୟା। ଏହା ହୁଏତ ସତ୍ୟ ହୋଇପାରେ ମାତ୍ର ବିଜ୍ଞାନପ୍ରମାଣ ସିଦ୍ଧ ନୁହେଁ। ସେହିପରି ଅନୁଭବର ଅର୍ଥନୁହେଁ ବିଜ୍ଞାନ ପ୍ରମାଣସିଦ୍ଧ। ଲୋକମାନେ ଅନୁଭବରେ ଈଶ୍ୱର ପ୍ରାପ୍ତି ହୁଅନ୍ତି ବୋଲି ଦର୍ଶାନ୍ତି। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ। ଅନୁଭବ ଅର୍ଥ କ'ଣ ? ଏକ କାଠକୁ ଆମ୍ଭେ କାଠ କହୁ। ଏହାର ଗଠନଶୈଳୀ, ଏହାର ଉପାଦାନ, ଏହାର ବୈଜ୍ଞାନିକ ଉପାଦାନ, ବାହ୍ୟରୂପ ଆଦି କାରଣକୁ ନେଇ ଏହାକୁ ଆମେ କାଠ କହୁ। ଏକ ପଥରକୁ ଆମ୍ଭେ କାଠ କହି ନ ପାରୁ। କାରଣ ପଥର ଓ କାଠ ମଧ୍ୟରେ ଅନେକ ପ୍ରକାର ବସ୍ତୁଗତ ପାର୍ଥକ୍ୟ ରହିଛି। ଆମ୍ଭେ ଥଣ୍ଡା, ଗରମ, କୋହଲା ଆଦି ସମ୍ପର୍କରେ ଜାଣିପାରୁ। କାରଣ ଆମ୍ଭର ବସ୍ତୁଗତ ଦେହ ଏହାକୁ ଅନୁଭବ କରିପାରେ। ଆମ୍ଭେ ଦୁଃଖ ଅନୁଭବ କଲେ କାନ୍ଦିଥାଉ। ମାତ୍ର ଈଶ୍ୱରପ୍ରାପ୍ତି ନେଇ ଯେଉଁ ଅନୁଭବ ରହିଛି ତାହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଏପରିକି ଗୌତମ ବୁଦ୍ଧ ଯେଉଁ ଅନୁଭବ ହାସଲ କରି ବୁଦ୍ଧତ୍ୱ ପ୍ରାପ୍ତି ହେଲେ ବୋଲି ଦାବି କରିଥିଲେ ତାହାର ବି ସେପରି କିଛି ବୈଜ୍ଞାନିକ ପ୍ରମାଣ ନାହିଁ। କାରଣ ପତ୍ନୀ, ପୁତ୍ର, ପିତା, ରାଜପ୍ରାସାଦ, ସମାଜ ଆଦି ପରିତ୍ୟାଗ କରି ବୁଦ୍ଧ ଶାନ୍ତି, ନିର୍ବାଣର ମାର୍ଗ ଖୋଜିବା ପ୍ରଥମ ଭୁଲ ଥିଲା। ସମାଜ ଭିତରୁ ବାହାରି ଯାଇ ଏହାରି ଭିତରେ ରହିଥିବା ଅର୍ଥନୈତିକ ସମସ୍ୟା, ସାମାଜିକ ସମସ୍ୟା ବିରୋଧରେ ଲଢ଼େଇ ନ କରି ଏକାକୀ ତପସ୍ୟା କରିବାର ମାନେ କ'ଣ ? ବ୍ୟକ୍ତିଗତ ଭାବନା, ଜ୍ଞାନର ସନ୍ଧାନର ଅର୍ଥ କୁହାଯାଇପାରିବ ନାହିଁ ଯେ ଏହା ସାରା ବିଶ୍ୱକୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରିବ। ବୁଦ୍ଧଙ୍କ ଜୀବନ ସଂଗ୍ରାମର ବିଷୟବସ୍ତୁ ଏହା ଯେ, ସଂସାରଠାରୁ ଦୂରେଇ ଯାଇ ଏହାର ଅର୍ଥନୈତିକ ଅସମାନତା ବିରୋଧରେ ଲଢ଼େଇ କରିବା ବଦଳରେ ଏକାକୀ କୌଣସି ବୃକ୍ଷମୂଳରେ ବସି ତପସ୍ୟା କରିବା। ଯଦିଓ ଏହି ଧର୍ମର ପ୍ରସାର ଅନେକ ଦେଶରେ ଘଟିଛି ତଥାପି ସେହି ଦେଶଗୁଡ଼ିକ ଯେ ବୁଦ୍ଧଙ୍କ ବାଣୀ ଅନୁସାରେ ଅନୁଗାମୀ ଏହା ନୁହେଁ। କେବଳ ଯେ ବୁଦ୍ଧଙ୍କ ନୀତି ଗ୍ରହଣ କଲେ ଶାନ୍ତି ମିଳିବ ଏହା ନୁହେଁ।

ସାଧାରଣତଃ ପଳାତକମାନେ ହିଁ ତପସ୍ୟା, ଧର୍ମ, ନିର୍ବାଣ, ମୋକ୍ଷ ଆଦି ସମ୍ପର୍କରେ ଯୁକ୍ତି କରିଥାନ୍ତି। ଜଣେ ବ୍ୟକ୍ତି ବଞ୍ଚିବା ପାଇଁ ଏସବୁର ଆବଶ୍ୟକ କରିବା ଅନୁଚିତ। କାରଣ ଉପରୋକ୍ତ ସମସ୍ତ ବିଷୟ ଆତ୍ମସୁରକ୍ଷାର ଏକ ସୁନ୍ଦର କୌଶଳ ଉପରେ ଆଧାରିତ ଯାହାରି ଅର୍ଥନୈତିକ ରୂପ ଶୂନ୍ୟ ରହିଥାଏ।

ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରେଷ୍ଠ ମନିଷୀ ବୋଲି କୁହାଯାଇପାରେ। ଯୁବସମାଜର ପ୍ରତୀକ ବୋଲି କୁହାଯାଇପାରେ। ମାତ୍ର ତାଙ୍କ ପ୍ରକୃତ ଦର୍ଶନ ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ। ସେ ହିନ୍ଦୁ ଧର୍ମର ଜଣେ ଟେଣ୍ଡରକର୍ତ୍ତା ଥିଲେ ଏବଂ ହିନ୍ଦୁଧର୍ମକୁ ଆଧାର କରି ଅନେକ ପ୍ରଗଳଭତା

ପ୍ରକାଶ କରିଥିଲେ । ଯଦି ସେ ସାରା ବିଶ୍ୱକୁ ଗୋଟିଏ କରି ଦେଖୁଥିଲେ ତେବେ ସେ ହିନ୍ଦୁତ୍ୱ ସହ ତାହାକୁ ଯୋଡ଼ିଲେ କାହିଁକି ? ବିନା ହିନ୍ଦୁତ୍ୱରେ ସାରା ବିଶ୍ୱକୁ କ'ଣ ଗୋଟିଏ ଦୃଷ୍ଟିରେ ଦେଖାଯାଇପାରିବ ନାହିଁ ? ବିବେକାନନ୍ଦ ଯେଉଁ ସମାଜବାଦ କଥା କହୁଥିଲେ ତାହା ସାଧାରଣତଃ ଶୋଷଣକାରୀ, ଶିଳ୍ପପତି, ସାମ୍ରାଜ୍ୟବାଦୀମାନଙ୍କୁ ସୁହାଇଥାଏ । ସେ ଯେତେ ଭାଷଣ ଦେଇଥିଲେ, ଯାହା ବି ଲେଖିଥିଲେ ସେଥିରେ ସେ ଅର୍ଥନୈତିକ ମୁକ୍ତିର ମାର୍ଗ ସକାଶେ ବିଜ୍ଞାନ ଆଧାରିତ ବିପ୍ଳବ ସମ୍ପର୍କରେ କେଉଁଠି ଉଲ୍ଲେଖ କରିନାହାନ୍ତି । କେବଳ ନିଷ୍ପେସିତମାନଙ୍କୁ ସାହାଯ୍ୟ କରିଦେଲେ ସମାଜ ସୁଧୁରିଯିବ ନାହିଁ । ସମାଜକୁ ସୁଧାରିବାକୁ ହେଲେ ଆବଶ୍ୟକ ଅର୍ଥନୈତିକ ସଂଗ୍ରାମ କରିବାକୁ ହେବ । ଏହି ସଂଗ୍ରାମର ସ୍ତର, ପ୍ରକାର, ରୂପ, କାର୍ଯ୍ୟକାରିତା କିପରି ହେବ ତାହା ସେ କେଉଁଠାରେ ଦର୍ଶାଇନାହାନ୍ତି । ବିଶ୍ୱସମାଜବାଦ ଆନ୍ଦୋଳନରେ ଯାହା ସବୁ ଘଟିଯାଇଛି ତାହାକୁ ବିବେକାନନ୍ଦ ଉପଲବ୍ଧି କରିନାହାନ୍ତି କି ଭାରତରେ ଏହାର ରୂପାୟନ କିପରି ହୋଇପାରିବ ସେ ସମ୍ପର୍କରେ ଯୁକ୍ତି ଦର୍ଶାଇନାହାନ୍ତି । ତାଙ୍କ ଭିତରେ ରହିଥିବା ମାନସିକ ଦ୍ୱନ୍ଦ୍ୱକୁ ସେ ଅଯଥାରେ ହିନ୍ଦୁତ୍ୱବାଦ ଆଡକୁ ଢଳାଇଛନ୍ତି ଏବଂ ହିନ୍ଦୁବାଦ ଛଡା ତାଙ୍କ ନିକଟରେ ଅନ୍ୟ କୌଣସି ଯୁକ୍ତି ଦେଖାଯାଇନାହିଁ । ତାଙ୍କୁ ହିନ୍ଦୁ ମୌଳବାଦୀ କହିଲେ ବି କିଛି ଭୁଲ ହୋଇ ନପାରେ । ନିଜେ ଆଜୀବନ କୁମାର ରହି ସମାଜ ସମ୍ପର୍କରେ ବାର୍ତ୍ତା ଦେବାର ମାନସିକତାକୁ କିପରି ପ୍ରଶଂସା କରାଯାଇପାରିବ ? କେବଳ ନିଜେ ଏକୁଟିଆ ରହି ପର ହାତରୁ କିଛି ଗ୍ରହଣ କରି ଜୀବିକା ନିର୍ବାହ କରିବାର ମାନସିକତାକୁ ସାରା ବିଶ୍ୱବାସୀ ଗ୍ରହଣ କରିବା ନିନ୍ଦନୀୟ । ସମାଜ ପାଇଁ କିଛି କରିବାକୁ ହେଲେ ବା କିଛି କହିବାକୁ ହେଲେ ତାହା ଭିତରେ ରହି ହିଁ କରିବାକୁ ବା କହିବାକୁ ହେବ । ମହାତ୍ମା ଗାନ୍ଧୀ ଶିଳ୍ପ ବିରୋଧରେ ଅନେକ ଭାଷଣ ଦେଇଛନ୍ତି । ମାତ୍ର ସେ ଯେ ଜାହଜ ଓ ଟ୍ରେନରେ ବସି ଅନେକ ଦେଶ ଓ ସାରା ଭାରତ ବୁଲିଛନ୍ତି ଏହା ସେ ଭୁଲିଯାଇଛନ୍ତି । ଜାହଜ ଓ ରେଳ ନିର୍ମାଣ କୁଟୀର ଶିଳ୍ପ ଜରିଆରେ ବା ଚରଖା ପରି ଯନ୍ତ୍ରରେ ସମ୍ଭବ ନୁହେଁ । ସେ ଯଦି ଟ୍ରେନ ଓ ଜାହାଜରେ ଚଢ଼ି ପାରନ୍ତି ଅନ୍ୟମାନେ ଚଢ଼ିବେ ନାହିଁ କାହିଁକି ? ସେ ଚଷମା ଓ ଘଣ୍ଟା ବ୍ୟବହାର କରୁଥିଲେ ଯାହାକି କୁଟୀର ଶିଳ୍ପ ଜରିଆରେ ସମ୍ଭବ ନୁହେଁ । ବହୁ ପୁସ୍ତକ ପଢୁଥିଲେ । ମାତ୍ର ସେ ଜାଣିବାର ଆବଶ୍ୟକତା ଥିଲା ଯେ, ବହିଗୁଡିକ ବି ଅଧିକ ସଂଖ୍ୟାରେ ଛାପିବା ଭାରୀ ଶିଳ୍ପର କାମ । କୁଟୀର ଶିଳ୍ପ ଜରିଆରେ ପୁସ୍ତକ ଛପାଯାଇପାରିବ ନାହିଁ । ତେଣୁ ନିଜ ଭିତରେ ଦ୍ୱନ୍ଦ୍ୱଗୁଡିକର ସମାଧାନ କରିବା ବଦଳରେ କିଛି ନା କିଛି ସମାଜ ପାଇଁ କହିଦେଇ ବାହାବା ନେବାର ମାନେ କିଛି ନୁହେଁ । ଉଭୟଙ୍କ କ୍ଷେତ୍ରରେ ବୌଦ୍ଧିକତାର ଦ୍ୱନ୍ଦ୍ୱ ଯେ ରହି ନ ଥିଲା ଏହା କହି ହେବ ନାହିଁ ।

*ଦୂରଭାଷ: ୯୪୩୭୧୬୪୭୬୪*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜକେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଇ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ

# ପ୍ରଶ୍ନବାଚୀ

## ବିଷ୍ଣୁ ଚରଣ ଚୌଧୁରୀ

ସଂଧ୍ୟା ସାତଟାରୁ ଆରମ୍ଭ ହୋଇ ଯାଇଥିଲା ଭୋଜି ଭାତର ଗହଳି ଚହଳି। ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ପାଛୋଟି ଆଣୁଥିଲେ ଚନ୍ଦ୍ରକାନ୍ତ ବାବୁ। କେହି କେହି ଫୁଲମାଳ ପଡ଼ିଥିବା ସୁରମା ଦେବୀଙ୍କ ବନ୍ଧେଇ ଫଟୋ ସାମ୍ନାରେ ଛିଡ଼ା ହୋଇ ଭକ୍ତିପୂତ ପ୍ରଣାମ ଜଣାଇ ଖାଦ୍ୟ ପରିବେଷଣ ସ୍ଥଳୀକୁ ଚାଲି ଯାଉଥିଲେ ତ ଅନ୍ୟ କେହି ପଙ୍କ୍ତି ଭୋଜନର ପ୍ରଶଂସା କରି ଚନ୍ଦ୍ରକାନ୍ତ ବାବୁଙ୍କଠୁ ବିଦାୟ ନେଇ ନିଜ ନିଜ ଘରକୁ ଫେରୁଥିଲେ।

ପଙ୍କ୍ତି ଭୋଜନ ଶେଷ ହେଉ ହେଉ ରାତି ଟିକିଏ ବେଶି ହୋଇ ଯାଇଥିଲା। ଅତିଥି ଅଭ୍ୟାଗତ ଜଣ ଜଣ ହୋଇ ବିଦାୟ ନେଇଥିଲେ। ଗୋଟିଏ ଗୋଟିଏ ଛାଇ କ୍ରମେ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଉଥିଲା ଆଉ ପରେ ପରେ ହଜି ଯାଉଥିଲା ଦୂରରୁ ଦୂରକୁ ଚାଲିଯିବା ପରେ। ଘର ସାମ୍ନା ରାସ୍ତା ଏବଂ ରାସ୍ତାକୁ ଲାଗି ବିରାଟ ପଡ଼ିଆ ଘେରା ହୋଇଥିବା ଟେଣ୍ଟ ଭିତରର ଉଜ୍ଜ୍ୱଳ ଆଲୁଅ ଲିଭି ଗଲାଣି। ଥମି ଗଲାଣି କୋଳାହଳ। ଗୋଟିଏ ଦୁଇଟି ବଲ୍ବର ସ୍ତିମିତ ଆଲୋକର ଆଲୋକିତ ବିରାଟ ଲନ୍। ଲନ୍‌ର ଗୋଟିଏ ପାର୍ଶ୍ୱରେ ଚେୟାର ଉପରେ ସୁରମା ଦେବୀଙ୍କ ଫଟୋ ତଳେ ଦିକ୍ ଦିକ୍ ହୋଇ ଜଳୁଥାଏ ଦୀପଟିଏ। ଆକାଶରେ ଓହଳି ପଡ଼ିଥିବା ଜହ୍ନ ସାଥିରେ ଲୁଚକାଳି ଖେଳୁଥିଲେ ଭସା ବାଦଲ। ଛାଇ ଆଲୁଅର ଖେଳ ଚାଲିଥିଲା ସବୁଜ ଲନ୍ ଉପରେ ଏବଂ ଆଖି ପାହାନ୍ତି ମାଟି ଉପରେ।

ଚନ୍ଦ୍ରକାନ୍ତ ବାବୁଙ୍କ ଆଖି ଲମ୍ବି ଯାଇଥିଲା ସୁରମା ଦେବୀଙ୍କ ଫଟୋ ଉପରୁ ଦୂର ଦିଗ୍‌ବଳୟ ଯାଏ, ଯେଉଁଠି ଆକାଶ ଛୁଉଁଥିଲା ମାଟିକୁ। ବୁଝୁଥିଲା ମାଟିର ମନକୁ। ଅନ୍ତର ତଳର ଗୋପନ ଭାଷାକୁ। ମାଟି କ'ଣ କେବେ କିଛି କହେ... କେବେ କିଛି ମାଗେ ନିଜ ପାଇଁ... ସେ ପରା ମାଆ, ମାଟି ମାଆ...। ସବୁ କିଛି ଭୁଲି ଯାଏ ନିଜର ସନ୍ତାନ ପାଇଁ। ସହିଯାଏ ଯେତେ ଅଳି ଅର୍ଦ୍ଦଳି। ପିଠେଇ ନିଏ ସବୁ ଦଡ଼ମଡ଼ି ସନ୍ତାନର। ଆକାଶ କିନ୍ତୁ ବୁଝି ପାରେ ମାଟିର ମନ, ମାନ, ଭାବ ଆଉ ଭାବନା। ବର୍ଷାରେ ଭିଜେଇ ଦିଏ କେତେବେଳେ ଫଟା ମାଟିକୁ ତ ପୁଣି କେତେବେଳେ ଉବୁଟୁବୁ ପାଣି ଶୁଖେଇ ଦିଏ ଖରା ଆଉ ପବନରେ। ସବୁ କିଛି ସୁଖ, ସମୃଦ୍ଧି, ଐଶ୍ୱର୍ଯ୍ୟ ଢାଳି ଦିଏ ତା'ର ପାଦତଳେ ହେଲେ ମାଟି ସବୁବେଳେ ସେମିତି ମାଟି ହୋଇ ତା'ର ସନ୍ତାନ ହାତରେ ଧରାଇ ଦିଏ ସବୁ ସୁଖ, ସମ୍ପଦ।

ପିଲାମାନଙ୍କ ଅଳି ଅର୍ଦ୍ଦଳି ସବୁତକ ଜଞ୍ଜାଳ ମୁଣ୍ଡରେ ମୁଣ୍ଡେଇ ସେମାନଙ୍କ ସୁଖ, ଦୁଃଖ ଆପଣେଇ ତମାମ ଜୀବନ ବିତେଇ ଦେଲା ସୁରମା। କେବେ କିଛି ନିଜ ପାଇଁ ଚାହିଁନି। ନିଜ ଖୁସି ପାଇଁ କେବେ କିଛି ଖୋଜିନି। ନିଜେ ମାଟି ମାଆ ଭଳି ମାଟି ହୋଇ ମାଆର ସ୍ନେହ, ମମତାରେ ଧୋଇ ଦେଇଛି ପିଲାମାନଙ୍କ ଦେହ ଆଉ ମନର ଅଳିଆ ଆବର୍ଜନା। ଦିନ ରାତି ଏକାକାର କରି ଦେଇଛି ପିଲାମାନଙ୍କ ସୁଖ, ଶାନ୍ତି ପାଇଁ। ଘରର ଶ୍ରୀ ଆଉ ସମୃଦ୍ଧି ପାଇଁ। ସଳିତା ଭଳି ଜଳି ଜଳି ଶେଷରେ ନିଃଶେଷ ହୋଇଗଲା। ହଜିଗଲା ସବୁ ଦିନ ପାଇଁ। ନା ସେ ଆକାଶ ଭଳି କେବେ ବୁଝିବାକୁ ଚେଷ୍ଟା କରିଛି ପ୍ରିୟତମାର ମନ, ନା ଆକାଶ ଭଳି ସବୁଦିନ ପାଇଁ ନିଜ ପାଖରେ ଧରି ରଖି ପାରିଲା ତାର ପ୍ରିୟତମାକୁ।

ଉଦାସ ଆଖିରେ ଦୂର ଦିଗ୍‌ବଳୟ ଆଡ଼େ ଚାହିଁ ରହିଥିଲେ ଚନ୍ଦ୍ରକାନ୍ତବାବୁ। ଆଖି ପୁଣି ଫେରି ଆସିଥିଲା ସାମ୍ନାରେ ଥିବା ପତ୍ନୀ ସୁରମାଙ୍କ ଫଟୋ ଉପରକୁ। କେମିତି ଏକ ଆଚ୍ଛନ୍ନ ଭାବ ଜଡ଼ାଇ ରଖିଥିଲା ତାଙ୍କର ସମଗ୍ର ଶରୀରକୁ। ଖୁବ୍ ଅସହାୟ ମନେ କରୁଥିଲା ନିଜକୁ। ଏତେ ବଡ଼ ଦୁନିଆରେ ସେ ଯେମିତି ଏକା ହୋଇ ଯାଇଥିଲେ। ପୁଅ, ଝିଅ, ନାତି, ନାତୁଣୀ ସମସ୍ତେ ଥାଇ ବି ଖୁବ୍ ଏକଲା ଅନୁଭବ କରୁଛନ୍ତି। ନିର୍ଜନ ଦ୍ୱୀପର ନିଃସଙ୍ଗ ମଣିଷଟିଏ ଯେମିତି।

ସୁରମା ତାଙ୍କୁ ଛାଡ଼ି ଚାଲିଯିବା ଏକ ବର୍ଷ ପୂରିଗଲା ଆଜିକୁ। ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳନର ଉଦ୍‌ବିଗ୍ନତା କିଛି ଦିନ ହେବ ଆନ୍ଦୋଳିତ କରୁଥିଲା ମନକୁ। ଏବେ ଆଉ ଉଦ୍‌ବିଗ୍ନତା ନଥିଲା ମନରେ। ସୁରୁଖୁରୁରେ ଶେଷ ହୋଇଗଲା ଶ୍ରାଦ୍ଧୋତ୍ସବ। ତେବେ ଆଶ୍ୱସ୍ତି ଅନୁଭବ କରିବା ପରିବର୍ତ୍ତେ ନିଜ ଅସ୍ମିତା ଉପରେ ପ୍ରଶ୍ନବାଚୀର ସମ୍ମୁଖୀନ ହେଉଥିଲେ ଯେମିତି। ନିଜ ମନ ଭିତରେ ରହି ରହି ଝଙ୍କୃତ ହେଉଥିଲା ଉଦୟପୁରର ବୀର କିଶୋର ମର୍ଦ୍ଦରାଜଙ୍କ ପୁତ୍ର ଚନ୍ଦ୍ରକାନ୍ତ ମର୍ଦ୍ଦରାଜ ହାରି ଯାଇଛି ଜୀବନରେ। ପ୍ରବଳ ପ୍ରତାପୀ ବୀର କିଶୋର ଚାଲି ଗଲେଣି କାହିଁ କେଉଁ କାଳରୁ।

ହେଲେ ନାଁ ତାଙ୍କର କଥା କୁହେ ଏଇ ସାତ ମଉଜି ଇଲାକାରେ। ଏବେ ବି ଏ ଅଞ୍ଚଳର ପୁରୁଖା ଲୋକେ ଚିହିକି ଉଠନ୍ତି ମର୍ଦ୍ଦରାଜଙ୍କ ନାଁ ଶୁଣିଲେ। ବାପ, ଅଜାଙ୍କ ଜମିଦାରୀ ଭୋଗ ଦଖଲ କରିଛନ୍ତି କିଛି କାଳ ବୀର କିଶୋର। ସେ କାଳରେ ସହରରେ ରହି ପାଠ ପଢ଼ିଥିଲେ। ଚାହିଁଥିଲେ ଭଲ ଚାକିରି ଖଣ୍ଡିଏ ପାଇପାରିଥାନ୍ତେ। ହେଲେ ଜମିଦାରୀ ଦେଖା ଚାହାଁ କରିବାକୁ ଚାକିରି ପଛରେ ନପଡ଼ି ଗାଁରେ ରହିଥିଲେ।

ଖୁବ୍ ଖାତିର ଥିଲା ବାପାଙ୍କର। ଉପରକୁ ଖୁବ୍ କଠୋର ମନେ ହେଉଥିଲେ ବି ଅନ୍ତର ତଳେ ଦରଦ ଥିଲା ଗରିବ ଗୁରୁବାଙ୍କ ପ୍ରତି। ଧୋଇ, ମରୁଡ଼ିରେ ଫସଲ ହାନି ହେଲେ ରଇତମାନଙ୍କ ଦୁଃଖ ବୁଝୁଥିଲେ। ଅବସ୍ଥା ଦେଖି କୋହଳ କିମ୍ବା ଛାଡ଼ କରୁଥିଲେ ଖଜଣା। ସୁବିଧା ଅସୁବିଧାରେ କେହି କେବେ ହାତ ପାତିଲେ ଉଗ୍ରଚେହେରା ଏବଂ କର୍କଷ କଣ୍ଠ ଶବ୍ଦରେ କ୍ଷଣିକ ପାଇଁ ହତ ଚକିତ ହେଲେ ମଧ୍ୟ ନିରାଶ ହୋଇ ଫେରେନି। ଭଲ ମନ୍ଦରେ ଗାଁ ଏବଂ ଆଖପାଖର ଲୋକମାନଙ୍କୁ ଭୋଜି ଭାତରେ ଆପ୍ୟାୟିତ କରୁଥିଲେ। ମର୍ଦ୍ଦରାଜ ଘର ନାଁ ଶୁଣିଲେ ମୁଣ୍ଡ ନଇଁଯାଏ ଆପେ ଆପେ ଲୋକମାନଙ୍କର।

ସ୍କୁଲ ପଢ଼ା ଶେଷ ନହେଉଣୁ ବାପା ଚାଲି ଯାଇଥିଲେ ଆରପାରିକୁ। ବାପାଙ୍କ ଜୀବଦ୍ଦଶାରେ ହାତଛଡ଼ା ହୋଇଥିଲା ଜମିଦାରୀ। ଘର ସମ୍ଭାଳିବାର ଦାୟିତ୍ୱ ପଡ଼ିଥିଲା ମାଆଙ୍କ ଉପରେ। ଗାଁ ଜମିବାଡ଼ି ସାଙ୍ଗକୁ। ଆଖପାଖ ଗାଁରେ କିଛିଟା ଜମିବାଡ଼ି, ଖମାର ଥିଲା ତାଙ୍କର। ସେସବୁର ରକ୍ଷଣାବକ୍ଷେଣ ଦାୟିତ୍ୱ ପଡ଼ିଥିଲା ମାଆଙ୍କ ଉପରେ। ଅସମୟରେ ବାପାଙ୍କ ଦେହାନ୍ତ ଯୋଗୁଁ ଗଭୀର ମର୍ମାହତ ହେବା ସାଙ୍ଗକୁ ତାର ଭିବଷ୍ୟତ ଏବଂ ମର୍ଦ୍ଦରାଜ ବଂଶର ଖାନଦାନୀ ବଞ୍ଚାଇ ରଖିବାର ଗୁରୁଦାୟିତ୍ୱ ଅଙ୍ଗୀକାର କରି ନେଇଥିଲେ ମାଆ। ଜମିବାଡ଼ି ଖବର ବୁଝାସୁଝା କରିବା ସାଙ୍ଗକୁ। ଏକ ମାତ୍ର ପୁଅର ଭବିଷ୍ୟତକୁ ଆଖି ଆଗରେ ରଖି ସହରରେ ପାଠ ପଢ଼ାଇବାର ସୁବନ୍ଦୋବସ୍ତ କରିଥିଲେ। ଯାହା ଫଳରେ ବିଶ୍ୱ ବିଦ୍ୟାଳୟର ଉଚ୍ଚତର ଡିଗ୍ରୀ ହାସଲ କରିବା ସଙ୍ଗେ ସଙ୍ଗେ ଆଇ.ଏସ୍. ପାଇବାର ଗୌରବ ହାସଲ କରିଥିଲେ।

ମାଆ ବଞ୍ଚିଥିବା ଯାଏ ମର୍ଦ୍ଦରାଜ ବଂଶର ଖାନଦାନୀ ଅତୁଟ ଥିଲା ନିଜ ଗାଁ ତଥା ଆଖପାଖ ସାତମଉଜି ଇଲାକାରେ। ଅଭାବ, ଅନାଟନରେ ଗରିବ ଗୁରୁବାଙ୍କୁ ସାହାଯ୍ୟ କରୁଥିଲେ। ଗାଁର ସାମୂହିକ କାର୍ଯ୍ୟରେ ମୋଟା ଅଙ୍କର ଚାନ୍ଦା ଦେଇ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ବାପାଙ୍କ ଶୁଦ୍ଧିକ୍ରିୟା ତାର ବିଭାଘର, ପିଲାମାନଙ୍କର ବ୍ରତ ଏବଂ ଅନ୍ୟାନ୍ୟ ପର୍ବ ପର୍ବାଣୀରେ ଗାଁ ଲୋକ ତଥା ଆଖପାଖ ଗାଁର ଲୋକମାନଙ୍କୁ ଭୋଜି ଭାତରେ ଆପ୍ୟାୟିତ କରୁଥିଲେ। ସବୁରି ତୁଣ୍ଡରେ ଥିଲା ବାବୁଘର ମାଆଙ୍କର ପ୍ରଶଂସା।

ସହରରେ ରହି ପାଠ ପଢ଼ିବା ପରଠୁ ଗାଁ ସହିତ ସଂପର୍କ ଛିଡ଼ି ଛିଡ଼ି ଆସିଥିଲା ତାଙ୍କର। ତା ଛଡ଼ା ଆଇ.ଏସ୍ ପାଇ ପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେବା ସମୟ ବାହାର କରି ଗାଁ ଆଡ଼େ ଯିବା ସମ୍ଭବ ହୁଏନି। ଚାକିରି କରିବା ପରେ ସୁରମାକୁ ବୋହୂ କରି ଆଣିଥିଲେ ମାଆ ନିଜ ପସନ୍ଦ ମୁତାବକ। ସୁରମା ଥିଲା ସୁନ୍ଦରୀ, ଶିକ୍ଷିତା ତଥା କୁଳୀନ ପରିବାରର ଝିଅ। ସେ ସମୟରେ ଝିମାନଙ୍କର ବାହାରେ ରହି ପାଠ ପଢ଼ିବାର ସୁଯୋଗ ନଥିବା ବେଳେ ସହରରେ ଚାକିରି କରିଥିବା ତା' ବାପାଙ୍କ ପାଖରେ ରହି ସୁରମା କଲେଜରେ ପଢ଼ିଥିଲା।

ବିବାହ ପରେ କିଛି ଦିନ ଗାଁରେ ରହିଥିଲେ ମଧ୍ୟ ମାଆଙ୍କ ଇଚ୍ଛାନୁସାରେ ତା ସାଥିରେ ସହରକୁ ଚାଲି ଆସିଥିଲା ସୁରମା। ସେବେଠୁ ଗାଁ ସହିତ ତାର ସଂପର୍କ ପ୍ରାୟ ଛିଡ଼ି ଯାଇଥିଲା। ମାଆଙ୍କୁ ତା ପାଖକୁ ଆଣିବାକୁ ଯେତେ କହିଲେ ମଧ୍ୟ ଗାଁ ଛାଡ଼ି, ଗାଁର ସଂପର୍କ ତୁଟାଇ ସହରକୁ ଆସିବାକୁ ମନା କରିଥିଲେ। ଏକା ଏକା ରହିଥିଲେ ଗାଁରେ ଶେଷ ପର୍ଯ୍ୟନ୍ତ। ମାଆଙ୍କ ଦେଖା ଶୁଣା ସେବା ଯତ୍ନ କରିବାକୁ ବି ଆଗେଇ ଆସିଥିଲେ ପଡ଼ୋଶୀ ତଥା ଗାଁ ଲୋକେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚାହିଁ ନଥିଲେ ଗାଁ ଛାଡ଼ି ସହରରେ ରହି ବଡ଼ ଡାକ୍ତରଙ୍କ ଚିକିତ୍ସାରେ ରହିବାକୁ।

ଶେଷରେ ସେଇ ଗାଁରେ ହିଁ ଲିଭିଗଲା ଜୀବନ ଦୀପ ମା'ଙ୍କର। ଶେଷ ଦର୍ଶନ ପାଇଁ ଗାଁ ତଥା ଆକପାଖ ଗାଁର ଶହ ଶହ ଲୋକ ରୁଣ୍ଡ ହୋଇଥିଲେ। ସମସ୍ତଙ୍କ ତୁଣ୍ଡରେ ମାଆଙ୍କ ପ୍ରଶଂସା। ପୋଥି ହୋଇ ପଢ଼ିଥିଲା ଶବାଧାର ପ୍ରଶଂସାରେ। ସ୍ୱର୍ଗଦ୍ୱାରରେ ସତ୍କାର ପାଇଁ ସେ ଚାହିଁଥିଲେ ମଧ୍ୟ ନିଜ ଗାଁ ମାଟିରେ ଶେଷକୃତ୍ୟ ସଂପନ୍ନ ପାଇଁ ଅଡ଼ି ବସିଥିଲେ ସଭିଏଁ। ତାଙ୍କ ପ୍ରିୟମାଆଙ୍କୁ ଶେଷ ସମୟରେ ସେମାନଙ୍କ ଠାରୁ ଦୂରେଇ ନ ନେବା ପାଇଁ ଅନୁରୋଧ କରିଥିଲେ। ସବୁ ଲୋକଙ୍କ ସ୍ନେହ, ଶ୍ରଦ୍ଧା, ଲାଭ କରି ସେ ଯେଉଁ ପୁଣ୍ୟ ଅର୍ଜନ କରିଛନ୍ତି ତାଠୁ ପୁଣ୍ୟ ଆଉ କ'ଣ ଥାଇପାରେ ସଂସାରରେ।

ହାର ମାନିଥିଲେ ସେ ଗାଁ ଲୋକଙ୍କ ଯୁକ୍ତି ଆଗରେ। ଶେଷରେ ସେଇ ଗାଁରେ ରହି ମାଆଙ୍କ ଅନ୍ତ୍ୟେଷ୍ଟି କ୍ରିୟାଠୁ ଦଶାହ ଏକାଦଶାହ ଆଦି ସମସ୍ତ କର୍ମ ସଂପନ୍ନ ହୋଇଥିଲା। ଦୁଇ ଦିନ ଧରି ଗାଁ ତଥା ଆଖପାଖ ଗାଁର ଲୋକମାନଙ୍କୁ ଭୁରି ଭୋଜନରେ ଆପ୍ୟାୟିତ କରାଯାଇଥିଲା। ବାର୍ଷିକ ଶ୍ରାଦ୍ଧୋତ୍ସବରେ ବି ଜାଗ ଜମକରେ ଭୋଜି ଭାତର ଆୟୋଜନ ହୋଇଥିଲା। ସବୁ ଲୋକଙ୍କ ସ୍ନେହ, ଶ୍ରଦ୍ଧା ଏବଂ ଆଶୀର୍ବାଦରେ ପୋତି ହୋଇ ପଡ଼ିଥିଲେ ସେ।

ଚାଳିଶ ବର୍ଷ ଅତିକ୍ରାନ୍ତ ହୋଇଗଲାଣି ଏ ଭିତରେ। କେତେ କ'ଣ ପରିବର୍ତ୍ତନ ହେଲାଣି ଆଖି ସାମ୍ନାର ଦୁନିଆରେ। ଗାଁର ବି ନକ୍ସା ବଦଳି ଯିବଣି। ଅନେକ ଚିହ୍ନା ମୁହଁ ହଜି ଯିବେଣି। କେତେ ନୂଆ ମୁହଁ ଆବିର୍ଭାବ ହୋଇଥିବେ। ସମୟ ସୁଅରେ ଭାସି ଭାସି ଚାଲିଛି ଜୀବନ। ନୂଆ ଆସିବା ଆଉ ପୁରୁଣା ଯିବା ହିଁ ତ ଜୀବନ। ଏଇ ଯିବା ଆସିବା ଭିତରେ ବଂଶର ମର୍ଯ୍ୟାଦା, ପରଂପରା, ସମ୍ଭ୍ରମ, ମାନ ମହତ ସବୁ ଅକ୍ଷୁର୍ଣ୍ଣ ରଖିବାରେ ହିଁ ଜୀବନର ସାର୍ଥକତା। ସୁରମାଙ୍କୁ ବୋହୂ କରି ଆଣିଲା ବେଳେ ବୋଉ ତାକୁ ପାଖରେ ବସାଇ କେତେ କଣ ବୁଝାଉ ଥିଲେ। "ମା, ତୁ ଏ ଘରର କୁଳଲକ୍ଷ୍ମୀ। ତୋ ହାତ ଟେକା ପାଣିକୁ ଚାହିଁ ରହିଥିବେ କୁଳ ଦେବତା। କୁଳ ଦେବତା ଶାନ୍ତି ହେଲେ ତୋ ପିଲାମାନେ ସୁଖ, ଶାନ୍ତିରେ ରହିବେ। ପୁରୁଷ ପୁଅଙ୍କର ନଗା ସଗା ନଥାଏ। କେତେବେଳେ କେମିତି ମାଡ଼ି ଯାଆନ୍ତି ଅବାଟ ବାଟ। ଅବାଟକୁ ଗୋଡ଼ ବଢ଼ାଇଲେ ବାଟକୁ ଆଣିବା ଦାୟିତ୍ୱ ପତ୍ନୀର। କଳିକଜିଆ, ରାଗ ରୁଷାରେ ନର୍କ ପାଲଟିଯାଏ ଜୀବନ।

ଧୈର୍ଯ୍ୟ, ସହନଶୀଳତା ଆଉ ବୁଝାମଣାରେ ଜୀବନ ହୁଏ ସରସ, ସୁନ୍ଦର। ହସ ଖୁସିରେ ଭରିଯାଏ ଜୀବନ।"

ବାପା ଚାଲି ଯାଇଥିଲେ। ବୋଉ ବି ଚାଲିଗଲା। ବୋଉ ବଞ୍ଚିଥିବା ଯାଏ ଏ ବଂଶର ମର୍ଯ୍ୟାଦା ସମ୍ଭ୍ରମ, ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହିଥିଲା। ବୋଉ ଚାଲିଯିବା ପରେ ବଂଶର ମର୍ଯ୍ୟାଦା ବଞ୍ଚିରହିଥିଲା। ସୁରମାର ହାତ ଟେକା ପାଣିକୁ ଚାହିଁ ରହୁଥିଲେ କୁଳ ଦେବତା। ହେଲେ ପୁଅର ହାବଭାବ ଏବଂ ଗତି ବିଧିକୁ ଲକ୍ଷ୍ୟ କରି ଭାଙ୍ଗି ପଡ଼େ ସୁରମା। ପ୍ରକାଶ୍ୟରେ କିଛି ପ୍ରତିକ୍ରିୟା ପ୍ରକାଶ ନ କଲେ ମଧ୍ୟ ମନ ତଳେ ଜଳୁଥିବା ନିଆଁରେ ଜଳି ପୋଡ଼ି ଯାଉଥିଲା। ଘଣ୍ଟା ଘଣ୍ଟା ଧରି ଠାକୁରଙ୍କ ପାଖରେ ପଡ଼ି ରହୁଥିଲା ଅଖିଆ ଅପିଆ। ଏମିତି ପଡ଼ି ପଡ଼ି ସେ ବି ଚାଲିଗଲା ସଂସାର ଛାଡ଼ି ତାଙ୍କୁ ଏକୁଟିଆ କରି। କ'ଣ ଦେଖିବାକୁ ଛାଡ଼ି ଦେଇ ଗଲା ତାଙ୍କୁ? ସଫଳତାର ଶୀର୍ଷରେ ପହଞ୍ଚି ଜୀବନର ପ୍ରାସଙ୍ଗିକତା ମୂଲ୍ୟବୋଧ ହରାଇ ବସିଥିବା ମିଛ ଅହଙ୍କାରର ଭଗ୍ନାବଶେଷ....ବିକଳ କ୍ରନ୍ଦନ.... ?

ନାଁ ସହିତ ଯୋଡ଼ା ହୋଇଥିବା ଡିଗ୍ରୀ, ପଦପଦବୀ, କ୍ଷମତା, ଗାଡ଼ି ଘୋଡ଼ା, ସଂପତ୍ତିବାଡ଼ି ସବୁ କିଛି ଦିନେ ଅଲଗା ହୋଇଯିବ। ଲିଭିଯିବ ନାଁ, ହଜିଯିବ ସତ୍ତା। ମାଟିରେ ମିଶିଯିବ ମାଟିଘଟ। ଟଳମଳ ହେଉଥିବା ଗୋଡ଼ ଦୁଇଟା କେତେବେଳେ ଖସିଯିବ ଆଉ ସେ ଭାସିଯିବେ ସମୟ ସୁଅରେ। ତେବେ କ'ଣ ଦରକାର ଥିଲା ନିଜ ନାଁ ପଛରେ ଏଇତ ସବୁ ଯୋଡ଼ିବାରେ ? ପେଟ ଚାଖଣ୍ଡକ ପାଇଁ ଏତେ ସବୁ ଠୁଳ କରିବାରେ ? ଏକଲା ଗାଁରେ ରହି ମାଆ ତାକୁ ସହରରେ ପାଠ ପଢ଼ାଇବା ବୋଧେ ଠିକ୍ ନଥିଲା। ଠିକ୍ ନଥିଲା ଏକମାତ୍ର ପୁଅ ବିକାଶକୁ ସେ ଆମେରିକା ପଠାଇବା। ନିଜର ଗରିମା ଦେଖାଇବା ଏବଂ ଯୁଗ ସହିତ ପାଦ ମିଳେଇ ଚାଲିବାର ଉଦ୍ଦେଶ୍ୟ ରଖି ସଫ୍ଟୱେୟାରରେ ଉଚ୍ଚତର ଶିକ୍ଷା ପାଇଁ ପୁଅକୁ ଆମେରିକା ପଠାଇଥିଲେ। ବର୍ତ୍ତମାନର ସମୟକୁ ଆଖି ଆଗରେ ରଖି ପ୍ୟାକେଜ ପଛରେ ଗୋଡ଼େଇବାର ମୋହ ସୃଷ୍ଟି କରିଥିଲେ ମନରେ। ଶିକ୍ଷା ସମାପ୍ତ ପରେ ସେଠରେ ଏକ ବଡ଼ କଂପାନୀ ଚାକିରି କରି ଜନୈକା ବିଦେଶିନୀକୁ ବିବାହ କରିଛି। ବୋଧହୁଏ ନିଜ ଦେଶକୁ ଆଉ ଫେରିବା ସମ୍ଭବ ନୁହେଁ।

ସୁରମାର ଦେହାନ୍ତ ଖବର ପାଇ ପନ୍ଦର ଦିନ ପାଇଁ ଘରକୁ ଆସି ଶୁଦ୍ଧିକ୍ରିୟା ସଂପର୍ଣ୍ଣ ପରେ ପୁଣି ଫେରି ଯାଇଥିଲା ନିଜ କର୍ମ ସ୍ଥଳୀକୁ। ସଙ୍ଗରେ ବୋହୂ କିମ୍ବା ଦୁଇ ପିଲା ଆସି ନଥିଲେ। ପିଲାମାନଙ୍କର ପାଠପଢ଼ା ବନ୍ଦ କରି ଆସିବା ସମ୍ଭବ ନୁହେଁ ବୋଲି ଜଣାଇଥିଲା ବିକାଶ। ବୋହୂ ଏବଂ ପିଲାମାନଙ୍କର କଣ୍ଠ ସ୍ୱର ସହିତ ଯାହା ତାଙ୍କର ପରିଚୟ ଫୋନ୍ ମାଧ୍ୟମରେ। ଦେଖିବା ତାଙ୍କ ପକ୍ଷରେ ସାତ ସପନ। ଝିଅ ଏବଂ ଜ୍ୱାଇଁ ଦୁହେଁ ଚାକିରି କରିଛନ୍ତି ବମ୍ବେରେ। ସୁରମାର ଦେହାନ୍ତ ଖବର ପାଇ ପିଲାମାନଙ୍କୁ ଆଣି ଉଭୟେ ଘରକୁ ଆସିଥିଲେ। ଶୁଦ୍ଧିକର୍ମ ପରେ ସେମାନେ ବି ଫେରି ଯାଇଥିଲେ ନିଜ କର୍ମସ୍ଥଳୀକୁ।

ଝିଅ ଲିପାର ଆଦୌ ଇଚ୍ଛା ନଥିଲା ତାଙ୍କୁ ଏକଲା ଛାଡ଼ି ଯିବା ପାଇଁ। ଆଉ କିଛି ଦିନ ଛୁଟି ଆଣି ତାଙ୍କ ପାଖରେ ରହିବାକୁ କହିଥିଲା। ସ୍କୁଲ ବନ୍ଦ କରି ପିଲାମାନଙ୍କୁ ଏଠାରେ ଛାଡ଼ି ଯିବା ପାଇଁ ଜ୍ୱାଇଁ ଚାହିଁନଥିଲେ। ପିଲାମାନଙ୍କର ଏବଂ ଜ୍ୱାଇଁଙ୍କର ଖାଇବା ପିଇବାରେ ଅସୁବିଧା ହେବ କହି ଲିପାକୁ ତାଙ୍କ ପାଖରେ ରହିବାକୁ ବାରଣ କରିଥିଲେ ଚନ୍ଦ୍ରକାନ୍ତ। ଏଠାରେ ନ ରହିଲେ ମଧ୍ୟ ତା ସାଥିରେ କିଛି ଦିନ ପାଇଁ ବୁଲିଯିବାକୁ କହିଥିଲା ଲିପା। ହେଲେ ରାଜି ନଥିଲେ ସେ। ନିଜ ଝିଅ ହେଲେ ମଧ୍ୟ ପର ଘରକୁ ବୋହୂ କରି ପଠାଇ ଦେବା ପରେ ସୋମନଙ୍କ ପରିବାରରେ ଛନ୍ଦି ହେବାକୁ ଚାହିଁ ନଥିଲା ମନ। ଝିଅ ଘରକୁ ଯାଇ କିଛି ଦିନ ରହିବାକୁ ସୁରମା ବି ପସନ୍ଦ କରନ୍ତିନି। ସୁରମା ବଞ୍ଚିଥିବା ବେଳେ ଝିଅ କେତେ ଥର ଯିବାକୁ କହିଥିଲେ ମଧ୍ୟ ସେ ମନା କରିଦିଅନ୍ତି କିଛି ନା କିଛି ଆଳ ଦେଖାଇ।

ସୁରମାର ଅନ୍ତ୍ୟେଷ୍ଟି ଏବଂ ଶୁଦ୍ଧିକ୍ରିୟା ଗାଁରେ ସଂପନ୍ନ କରିବାକୁ ତାଙ୍କର ଇଚ୍ଛା ଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା ବିକାଶ ଅରାଜି ହେବା ଯୋଗୁଁ। ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ଗାଉଁଲି ନୀତିନିୟମ ଏବଂ କଟକଣା ଭିତରେ ଚଳିବା ତା' ପକ୍ଷରେ ସମ୍ଭବ ନୁହଁ ବୋଲି କହିଥିଲା ବିକାଶ। ଯେଉଁଥି ପାଇଁ ବାଧ୍ୟ ହୋଇ ରାଜଧାନୀର ନିଜ ଘରେ ସମସ୍ତ କ୍ରିୟା କର୍ମ ସଂପନ୍ନ ହୋଇଥିଲା। ଛାଡ଼ି ଯାଇଥିଲା ଗାଁ ସହିତ ଯୋଡ଼ି ହୋଇଥିବା କାହିଁ କେଉଁ କାଳର ସଂପର୍କର ସୂତା ଖିଅ। ମର୍ଦ୍ଦରାଜ ବଂଶର ଭଲ ମନ୍ଦରେ ସଦାବେଳେ ପାଖରେ ଠିଆ ହୋଇଥାନ୍ତି ଗାଁ ଲୋକେ। ପୁନେଇ ପର୍ବ, ବିବାହ ବ୍ରତରେ ଭୋଜି ଭାତ ଖାଇବା ପାଇଁ ମନରେ ଥାଏ ବାସନା। ଖୋଲା ହାତରେ ଗାଁ ଲୋକଙ୍କୁ ଖାଇବାକୁ ଦେବାରେ ପରମ ତୃପ୍ତି ଲାଭ କରୁଥିଲେ ପୂର୍ବ ପୁରୁଷମାନେ। ନେବାଠୁ ଦେବାରେ ଯେ କେତେ ଆନନ୍ଦ ତାହା ଅନୁଭବ କରି ପାରିବେନି ଆଜି ପିଢ଼ି। ସୁରମାଙ୍କ ଦେହାନ୍ତ ପରେ ଗାଁରେ କ୍ରିୟା କର୍ମ କରି ଲୋକଙ୍କୁ ଭୋଜି ଭାତ ଦେବାକୁ ଇଚ୍ଛା ଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା।

ଆଜି ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ପୁଅର ଅନୁପସ୍ଥିତି ସଂପର୍କରେ ପଚାରି ବସିଥିଲେ କିଛି ଚିହ୍ନା ଜଣା ଲୋକ।

"ପିଲାମାନଙ୍କର ପରୀକ୍ଷା ତଥା କଂପାନୀର କାମ ଯୋଗୁଁ ଅଳ୍ପ କିଛି ଦିନ ପାଇଁ ଆସି ଫେରିଯିବାକୁ କହୁଥିଲା ବିକାଶ। ମାତ୍ର ଚାରି ପାଞ୍ଚ ଦିନ ପାଇଁ ଆମେରିକାରୁ ଆସି ଫେରିଯିବାକୁ ଚାହିଁ ନଥିଲେ ସେ। ଏବେ ନ ଆସି ସମୟ ସୁବିଧା ଦେଖି ଆସିବା ପାଇଁ କହିଥିଲେ।

ମିଛର ଆଶ୍ରୟ ନେଇ ଏକଥା କହିବାକୁ ପଡ଼ିଥିଲା ସେମାନଙ୍କ ନିକଟରେ। କେମିତି କହି ପାରିଥାନ୍ତେ ମାଆର ବର୍ଷିକିଆକୁ ଆସି ପାରିବନି ବୋଲି ପୁଅ ମନା କରିଥିଲା ? ଆଜି ପର୍ଯ୍ୟନ୍ତ ପୁଅର ପ୍ରଶଂସା କରି ଆସିଥିଲା ସେମାନଙ୍କ ନିକଟରେ। ତାର ପାରିଲା ପଣିଆ, ମୋଟା ଅଙ୍କର ପ୍ୟାକେଜ୍ ସଂପର୍କରେ ବଖାଣି ଥିଲେ। ପିଲାମାନଙ୍କ ପ୍ରତି ଦାୟିତ୍ୱବାନ ଠିକ୍ ଭାବେ କର୍ତ୍ତବ୍ୟ ସଂପାଦନ ଯୋଗୁଁ ଏହା ସମ୍ଭବ ବୋଲି କହି ଆସୁଥିଲେ। ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ ସଂପାଦନରେ ଯେ ତାଙ୍କର ତ୍ରୁଟି ଥିଲା ତାହା ଏବେ ଉପଲବ୍ଧି କରି ପାରୁଛନ୍ତି। ସ୍ନେହ, ପ୍ରେମ, ସେବା, ତ୍ୟାଗ, ଭଲ ପାଇବା ଏବଂ ମଣିଷ ପଣିଆର ମଞ୍ଜି ବୁଣିବା ବଦଳରେ ପିଲାମାନଙ୍କ ଦେହ ଆଉ ମନରେ ବୁଣି ଦେଇଥିଲେ ପ୍ୟାକେଜ୍‌ର ଡିଲ୍। ଯେଉଁଥି ପାଇଁ ଅମଣିଷ ହୋଇଗଲା ବିକାଶ। ଗତି ତାର ଭିନ୍ନମୁଖୀ।

ତାଙ୍କର ସମସ୍ତ ଆଶା, ଆକାଂକ୍ଷା ସ୍ୱପ୍ନ ଯେମିତି ମାଟିରେ ମିଶି ଯାଇଚି। ମୂଲ୍ୟହୀନ ମନେ ହେଉଛି ଗାଁ ଏବଂ ସହରରେ ଥିବା ଅଚଳାଚଳ ସଂପତ୍ତି, କ୍ଷମତା, ପ୍ରତିପତ୍ତି ଏବଂ ପୁଅ ପ୍ୟାକେଜ୍‌ର ଡିଲ୍।

ଏତେ ସବୁ ପ୍ରାଚୁର୍ଯ୍ୟ ଇଶ୍ୱରଙ୍କ ବରଦାନ ନା ପରୋକ୍ଷରେ ଥିଲା ଅଭିଶାପ ? ତାଙ୍କ ଚାରିପଟର ଦୁନିଆରେ ଅଛି କେବଳ ଧନ, ସଂପଦର ପ୍ରାଚୁର୍ଯ୍ୟ....ନାହିଁ ପ୍ରାଣ ପ୍ରାଚୁର୍ଯ୍ୟ.... ନାହିଁ ପ୍ରେମ ଭଲପାଇବା ସହାନୁଭୂତି ଏବଂ ଆନ୍ତରିକତା। ଏସବୁ ଲୋଡ଼ା ନଥିଲା ତାଙ୍କର। କିଏ ଭୋଗ କରିବ, କାହାକୁ କେତେକାଳ ଯାଏ ? ନିଜ ପାଇଁ ଲୋଡ଼ା କେବଳ ଛଅ ଖଣ୍ଡି କାଠ ଏବଂ ଛଅ ଫୁଟ ଭୂମି। ସେଇ ମଭୂମିରୁ ପୁଣି ଉଭେଇ ଯିବ ନିସ୍ପନ୍ଦ ଶରୀରଟା କିଛି ମୁହୂର୍ତ୍ତର ବ୍ୟବଧାନରେ। ନିଆଁରେ ଜଳି ଯିବା ପରେ। ଥିବ ମୁଠାଏ ପାଉଁଶ। ପାଉଁଶ ମିଶି ଯିବ ମାଟିରେ। ହଜିଯିବ ଚିହ୍ନ, ବର୍ଣ୍ଣ ସବୁ କିଛି। ଜୀବନ ସାରା କମେଇ ଥିବା ଧନ, ସଂପଦରୁ କିଛି ବି ନେଇ ପାରିବନି ସାଥିରେ।

ଏକ ଅନ୍ତର୍ଭେଦୀ ଦୀର୍ଘଶ୍ୱାସ ବାହାରି ଆସିଥିଲା ଚନ୍ଦ୍ରକାନ୍ତ ମର୍ଦ୍ଦରାଜଙ୍କ ଛାତି ଦୋହଲାଇ। ମୁଣ୍ଡ ଭିତରର ଶିରା ପ୍ରଶିରା ଗୁଡ଼ାକ ଫାଟି ପଡ଼ିଲା ଭଳି ଲାଗୁଥିଲା। ଦୁଇ ହାତରେ ମୁଣ୍ଡଟା ଚିପି ଧରି ଚିତ୍କାର କରି ଉଠିଲେ। ଆଉଟ୍ ହାଉସ୍‌ରେ ରହୁଥିବା ମକରା ଧାଇଁ ଆସିଥିଲା ପାଖକୁ।

"କଣ ହେଲା ଆଜ୍ଞା, ଏମିତି ଚିଲେଇ ଉଠିଲେ ଯେ....। ରାତି ଅନେକ ହେଲାଣି, ଦିନ ତମାମ କାମରେ ଲାଗିଛନ୍ତି ଯେ ଲାଗିଛନ୍ତି। ଘରକୁ ଆସନ୍ତୁ, ଶୋଇ ପଡ଼ିଲେ ଭଲ ଲାଗିବ।"

ଚନ୍ଦ୍ରକାନ୍ତ ବାବୁଙ୍କ ହାତ ଧରି ଚେୟାର ଉପରୁ ଉଠାଇ ଆଣିଥିଲା ଆଉ ବେଡ୍ ରୁମ୍‌ରେ ଛାଡ଼ି ଫେରି ଆସିଥିଲା ମକରା ଆଉଟ୍ ହାଉସ୍ ଅଭିମୁଖେ। କିଏ କେଉଁଆଡ଼େ ଚାଲି ଯାଇଥିଲେ ବି ସେ ପଡ଼ି ରହିଥିଲା ତାଙ୍କ ପାଖରେ। ଆଗ ପଛ ହୋଇ ଗୋଟିଏ ବର୍ଷ ଭିତରେ ଦୁହେଁ ରିଟାୟର୍ଡ଼ କରିଥିଲେ ଗୋଟିଏ ଅଫିସରୁ। ସେ ଗୃହ ସଚିବରୁ ଅବସର ନେଇଥିବା ବେଳେ ମକରା ଚପରାସୀ ଅବସର ନେଇଥିଲା। ଅବସର ପରେ ଗାଁରେ ଥିବା ପରିବାର ପେନସନ୍ ଟଙ୍କାରୁ ଚଳିବା କଷ୍ଟକର ହେବ ବୋଲି ଜଣାଇଥିଲା ତାଙ୍କୁ। ଛୋଟ ମୋଟ ଘରୋଇ ଚାକିରି ଖଣ୍ଡେ କେଉଁଠି ଯୋଗାଡ଼ କରି ଦେବାକୁ ଅନୁରୋଧ କରିଥିଲା।

ତାଙ୍କର ବି ଆବଶ୍ୟକ ଥିଲା ଲୋକଟିଏ ନିଜ କାମ ପାଇଁ। ସରକାରୀ ଚାକିରୀରୁ ଅବସର ନେବା ପରେ ହାତ ଛଡ଼ା ହୋଇଥିଲା ଗାଡ଼ି ବଂଗଳା, ଡ୍ରାଇଭର, ଚପରାସୀ, ପୂଝାରୀ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ। ନିଜ ଘର ପଛପଟେ ଆଉଟ୍ ହାଉସ୍‌ଟିଏ ତୋଳିଥିଲେ ମକରା ରହିବା ପାଇଁ। ସାମାନ୍ୟ କିଛି ଦରମାରେ ଦୀର୍ଘ ଦଶବର୍ଷ ହେବ ତାଙ୍କ ଘର କାମ କରିଆସୁଛି। ଗୋଟି ଗୋଟି ହୋଇ ସମସ୍ତେ ତାଙ୍କଠୁ ଦୂରେଇ ଯାଇଥିଲେ ବି ମକରା ପଡ଼ି ରହିଛି ତାଙ୍କ ଦୁର୍ଦ୍ଦିନରେ।

ଏକଲା ପଡ଼ି ରହିଥିଲେ ଖଟ ଉପରେ ଚନ୍ଦ୍ରକାନ୍ତ ମର୍ଦ୍ଦରାଜ। ନିଦ ନଥିଲା ଆଖିରେ। କଡ଼ ଲେଉଟାଇ ଚାହିଁଲେ ଝର୍କା ବାଟେ ବାହାରକୁ। ଦୂର ଆକାଶରେ ଜହ୍ନଟା ଖସୁଥିଲା ତଳକୁ ତଳକୁ। ଆଖିରୁ ତାର ଝରି ପଡୁଥିଲା ବିନ୍ଦୁବିନ୍ଦୁ ଲୋତକ ଶିଶିର ହୋଇ ମାଟି ଉପରେ।

*"ଶାନ୍ତି ନିବାସ"*
*ପ୍ଲଟ ନଂ- ୧୨୫୨/୧୪୫୯*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*

ପ୍ରକାଶ ପାଇଲା !

କବି **ପ୍ରଫେସର ଉପେନ୍ଦ୍ର ନାୟକ**ଙ୍କର

**"ଛନ୍ଦକାବ୍ୟ ସମଗ୍ର"**
**(ପ୍ରଥମ ଭାଗ)**

ପ୍ରକାଶକ - 'ଗାୟତ୍ରୀ', ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ମୁଣ୍ଡକାଟ ପରେ

ଆଭା ମିଶ୍ର

ଯେତେ ଚେଷ୍ଟା କଲେ ବି ପ୍ରମିଳା କେବେ ହେଲେ ଅଫିସରେ ଠିକ୍ ସମୟରେ ପହଞ୍ଚି ପାରେ ନାହିଁ। ସକାଳୁ ଉଠି ରୋଷେଇ ବାସ କରି ପିଲାମାନଙ୍କୁ ପ୍ରସ୍ତୁତ କରି ସ୍କୁଲ ପଠେଇ ସାରି ନିଜର କାମ ଦାମ ସାରି ଅଫିସରେ ଆସି ପହଞ୍ଚୁ ପହଞ୍ଚୁ ଦିନ ଏଗାରଟା ବାଜିଯାଏ। ଯେତେ ଚେଷ୍ଟା କଲେ ବି ସେ କେବେ ବି ଏଗାରଟା ପୂର୍ବରୁ ଅଫିସରେ ପହଞ୍ଚି ପାରେ ନାହିଁ।

ତରତର ହୋଇ ଅଫିସରେ ପଂସେ ଯେତେବେଳେ କବାଟ ଖୋଲି ଅଫିସ ଭିତରକୁ ପଶୁଥିଲା ସେତେବେଳେ ପ୍ରଥମେ ଭେଟୁଥିଲା ନବଘନକୁ ଯିଏ କି ଥିଲା ଜଣେ ଚତୁର୍ଥ କର୍ମଚାରୀ। ପ୍ରମିଳାକୁ ସେ ଅଫିସରେ ଯୋଗ ଦେବାର ଏହା ଭିତରେ ପାଞ୍ଚ ବର୍ଷ ହୋଇଯାଇଥିଲା। ଏହି ପାଞ୍ଚ ବର୍ଷ ଭିତରେ ପ୍ରମିଳା କେବେ ହେଲେ ବି ଦିନେ ନବଘନକୁ ଅଫିସରେ ଅନୁପସ୍ଥିତ ରହିବାର ଦେଖିନଥିଲା। ଏମିତି ବି କେବେ ହେଲେ ତାକୁ ଅଫିସକୁ ବିଳମ୍ବରେ ବି ଆସିବାରେ ଦେଖିନଥିଲା। ସମସ୍ତେ ଆସିବାର ଯଥେଷ୍ଟ ଆଗରୁ ସେ ଅଫିସରେ ଆସି ପହଞ୍ଚି ଯାଉଥିଲା ତ ସମସ୍ତେ ଯିବାର ଯଥେଷ୍ଟ ପରେ ସେ ଅଫିସରୁ ଯାଉଥିଲା। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବରେ ସେ ଚୁକ୍ତିଭିତ୍ତିକ ଚାକିରୀରେ ନିୟୋଜିତ ହୋଇଥିଲେ ମଧ୍ୟ ତାର ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ ତଥା ଅଫିସରେ ସମସ୍ତଙ୍କ ପ୍ରତି ତାର ଉତ୍ତମ ବ୍ୟବହାର ଯୋଗୁଁ ସମସ୍ତଙ୍କର ସେ ଖୁବ୍ ପ୍ରିୟ ଥିଲା। ସମସ୍ତେ ତାକୁ ଖୁବ୍ ଭଲ ପାଉଥିଲେ। ଆଦର ସମ୍ମାନ କରୁଥିଲେ।

ଅଫିସରେ ସମସ୍ତଙ୍କ ପରି ପ୍ରମିଳା ବି ନବଘନକୁ ଖୁବ୍ ଭଲ ପାଉଥିଲା। କାରଣ ଠିକ୍ ସମୟକୁ ଜଗିରଖି ନବଘନ ତା ପାଇଁ ଥରକୁ ଥର ପାଣି, ଟିଫିନ୍ ଚା ଆଣି ଦେଉଥିଲା। ତା କାମରେ ସେ କେବେହେଲେ ସାମାନ୍ୟତମ ଅବହେଳା କରୁନଥିଲା।

କି ଖରା, କି ବର୍ଷା କି ଝଡ଼ି ପବନ ସେ ଯାହା ବି ହେଉ ନବଘନ କେବେ ବି ଅଫିସରୁ ଛୁଟି ନେଉନଥିଲା। ସେ ନିୟମିତ ଅଫିସ ଆସୁଥିଲା ଆଉ ଠିକ୍ ସମୟରେ ବି ଆସୁଥିଲା। ସକାଳ ନଟା ସୁଦ୍ଧା ସେ ଅଫିସରେ ପହଞ୍ଚି ଯାଉଥିଲା ଯେ ଅଫିସରୁ ଫେରୁଫେରୁ ତାର ବାଜୁଥିଲା ନ କିମ୍ବା ଦଶ। ଅଫିସରେ ଥିବା ସମୟରେ ତାକୁ ଯିଏ ଯେତେବେଳେ ଯେଉଁ କାମ କରିବାକୁ କହୁଥିଲେ ସେ ବିନା ପ୍ରଶ୍ନରେ ତତ୍‌କ୍ଷଣାତ୍ ସେ କାମ ସବୁଠାରୁ କରି ଦେଉଥିଲା। ପୁରା ଦିନଟା ସାରା ସେ ସମସ୍ତଙ୍କର ବୋଲ ହାକ ଶୁଣୁଥିଲେ ବି କେହି କେବେ ତାକୁ ଥରେ ବି ବିରକ୍ତି ହେବାର ଦେଖିନଥିଲେ କି କେଉଁ କାମରେ କାହାକୁ 'ନା' କହିବାର ଦେଖୁନଥିଲେ।

ପୁରା ଅଫିସରେ ଷାଠିଏ ସତୁରୀ ସରିକି କର୍ମଚାରୀ ଥିଲେ। ତା ବାଦେ ଜଣ ବାର ଜଣ ଅଫିସର। ନବଘନ ସବୁଦିନ ସକାଳ ନଟା ସୁଦ୍ଧା ଅଫିସରେ ପହଞ୍ଚି ଯାଉଥିଲା। ଅଫିସରେ ପହଞ୍ଚିବା ପରେ ସେ କପଡ଼ା ଖଣ୍ଡେ ଧରି ପୁରା ଅଫିସରେ ସମସ୍ତଙ୍କ ଟେବୁଲ୍. ଚେୟାର, କମ୍ପୁଟର, ପ୍ରିଣ୍ଟର ସ୍କାନର୍, ଆଲମାରି ସବୁକୁ କପଡ଼ାରେ ପୋଛି ସଫା କରିଦେଉଥିଲେ। ତାପରେ ହାତ ସଫା କରି ସମସ୍ତଙ୍କ ଟେବୁଲ୍ ଡ୍ରୟାରରୁ ପାଣି ବୋତଲ ସବୁକୁ ନେଇ ପାଣି ଭର୍ତ୍ତି କରି ଟେବୁଲ୍ ଉପରେ ରଖି ଦେଉଥିଲା। ତା ପରେ ସମସ୍ତଙ୍କ ଟେବୁଲ ପାଖକୁ ଯାଇ ଯାହାର ଯୋଉ ଫାଇଲ ଯାହା ପାଖକୁ ଯିବାର ଥାଏ, ସେ ଫାଇଲ ସବୁକୁ ନେଇ ସେଇଠି ଦେଇଦିଏ। ତାପରେ ସେ ଯାଏ ଚା ଆଣିବା ପାଇଁ ଚା ଆଣି ସମସ୍ତଙ୍କୁ ଦେଇ ସାରିବା ପରେ ସେ ଟିକିଏ ସମୟ ବିଶ୍ରାମ ନିଏ ଯେ ପୁଣି ଯାଏ ଗୋଟେ ସାଢ଼େ ଗୋଟେ ବେଳକୁ, ସମସ୍ତଙ୍କ ପାଇଁ ଟିଫିନ୍ ଆଣିବାକୁ। ଟିଫିନ୍ କାମ ସରିଲେ ଚାରିଟା ସାଢ଼େ ଚାରିଟା ବେଳକୁ ସେ ପୁଣିଥରେ ସମସ୍ତଙ୍କ ପାଖରେ ନେଇ କପେ କପେ ଚା ଥୋଇ ଦେଇ ଆସେ।

ନବଘନ ସବୁଦିନ ସେଇ ଗୋଟିଏ ପ୍ରକାରର କାମ କରୁଥିଲେ ବି ସେ କେବେ ବି କାହା ପାଖରେ ବିରକ୍ତି ଭାବ ପ୍ରକାଶ କରୁନଥିଲା। ସେଇ ଏକା ପ୍ରକାର କାମ ସବୁଦିନ କରୁଥିଲେ ବି ସେ ପ୍ରତିଥର ନୂଆ ଉତ୍ସାହର ସହ ସେଇ ସେଇ କାମ କରୁଥାଏ। ଆଉ ଏମିତି କରୁଥାଏ ଯେମିତି ସେ ନୂଆ କିଛି କାମ କରୁଛି। ସାମାନ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ

ସେଇଟା ପୁଣି ଚୁକ୍ତି ଭିତ୍ତିକରେ ଚାକିରୀ କରିଥିଲେ ମଧ୍ୟ ନିଜର କର୍ତ୍ତବ୍ୟ ତାର ଦାୟିତ୍ୱବୋଧ ତଥା ଏକାଗ୍ରତା ଦେଖି ପ୍ରମିଳା ସବୁବେଳେ ଆଶ୍ଚର୍ଯ୍ୟ ହୋଇଯାଉଥିଲା।

ନିଜର କର୍ତ୍ତବ୍ୟ ପ୍ରତି ତାର ଏତେ ନିଷ୍ଠା ଥିଲା ଯେ ତିନି ବର୍ଷ ତଳେ ଯେତେବେଳେ ମହାମାରୀ କୋଭିଡ୍ ପୁରା ବିଶ୍ୱକୁ ଥରହର କରି ରଖିଥିଲା ସେତେବେଳେ ବି ନବଘନ ଦିନେ ହେଲେ ଅଫିସରେ ଅନୁପସ୍ଥିତ ରହିନଥିଲା। ସେତେବେଳେ ବି ସେ ସକାଳ ନଟା ସୁଦ୍ଧା ଅଫିସରେ ଆସି ପହଞ୍ଚିଯାଉଥିଲା ଯେ ଘରକୁ ଫେରୁଥିଲା ରାତି ଆଠଟା ବେଳକୁ। ଅଫିସରୁ ସିନା ବହାରୁଥିଲା ରାତି ଆଠଟା ବେଳେ, ହେଲେ ବସ୍ ଧରି ଘରେ ପହଞ୍ଚିଲା ବେଳକୁ ରାତି ଦଶଟା ବାଜି ଯାଉଥିଲା।

ସେଇ କୋଭିଡ୍ ସମୟରେ ହିଁ ନବଘନ ମୁଣ୍ଡରେ ଗୋଟେ ନୂଆ ଚିନ୍ତା ପଶିଥିଲା। ସେତେବେଳେ ଯେହେତୁ ବାହାରେ ଦୋକାନ ବଜାର ସବୁ ଏତେ ଖୋଲୁନଥିଲା। ଯଦିବା ଖୋଲୁଥିଲା ଅଳ୍ପ ସମୟ ପାଇଁ ଖୋଲୁଥିଲା ତେଣୁ ଯେଉଁମାନେ ଅଫିସକୁ ଆସୁଥିଲେ ଖରାବେଳେ ଖାଇବା ପାଇଁ ଖୁବ୍ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ନବଘନ ମନେ ମନେ ଗୋଟେ ଉପାୟ ଚିନ୍ତା କରି ଗୋଟେ ପୁରୁଣା ଆଲମାରୀ ଯୋଗାଡ଼ କରି ସେଥିରେ ବିସ୍କୁଟ ମିକସଚର ପରି ଶୁଖିଲା ଖାଇବା ଜିନିଷ ସବୁ ରଖିଲା। ତେଣୁ ଅଫିସରେ ସେତେବେଳେ ଆଉ କାହାକୁ ଖରାବେଳେ ଖାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ। ଏପଟେ ଅଫିସରେ ବି ସମସ୍ତେ ନବଘନର ଏ ପ୍ରୟାସକୁ ଖୁବ୍ ପ୍ରଶଂସା କରିଥିଲେ।

ଧୀରେ ଧୀରେ ନବଘନ ଦୋକାନ ତଥା ସେ ରଖୁଥିବା ଖାଇବା ଜିନିଷର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଲା। ତେଣୁ ଚାହିଦା ମୁତାବକ ସେ ବି ଅଧିକରୁ ଅଧିକ ଖାଇବା ଜିନିଷ ଆଣି ଆଲମାରିରେ ରଖିଥିଲା। ହେଲେ ତା ଆଲମାରିକୁ ସେ କେବେହେଲେ ଚାବି ପକେଇ ରଖୁନଥିଲା। ଯିଏ ଯେତେବେଳେ ଯାହା ନବାକୁ ଆସୁଥିଲା ସେତେବେଳେ ସେ ଥାଉ କି ନଥାଉ ଆଲମାରି ଖୋଲି ନେଇଯାଉଥିଲା। କିଏ ପଇସା ଦେଉଥିଲା କି ନ ଦେଉଥିଲା ନବଘନ ତାର କେବେ ବି ହିସାବ ରଖୁନଥିଲା। ତାର ଖୁସି ଏଇଥିରେ ଥିଲା ଯେ ତା ପାଇଁ ଅଫିସରେ ଅନେକ ଲୋକ ଉପକୃତ ହେଉଥିଲେ।

ସବୁବେଳେ ଅଫିସର ସବୁ ଲୋକମାନଙ୍କର ସୁବିଧା ଅସୁବିଧା କଥା ଚିନ୍ତା କରୁଥିବା ଲୋକଟାର ନିଜ ଜୀବନଟା କିନ୍ତୁ ଖୁବ୍ ଯନ୍ତ୍ରଣାଦାୟକ ଆଉ ଦୁଃଖ ଦାୟକ ଥିଲା। ପ୍ରମିଳା ତ ଆଗରୁ ସେସବୁ ବିଷୟରେ କିଛି ଜାଣିନଥିଲା। ଆଉ ଯେଉଁ ଦିନ ଜାଣିଲା ସେଦିନ ତାର ଖୁବ୍ ମନ ଦୁଃଖ ହୋଇଥିଲା। ମନେ ମନେ ସେ ଭଗବାନଙ୍କୁ ପଚାରିଥିଲା ଯେ ପ୍ରଭୁ, ଭଲ ଲୋକମାନଙ୍କୁ ତୁମେ ଏମିତି ଦଣ୍ଡ କାହିଁକି ଦିଅ ? ତୁମେ ପରା କାଳେ ଦୟାର ସାଗର। ଯଦି ସେ କେବେ କିଛି ଭୁଲ କରିଥିଲା ଯାହା ପାଇଁ ତାକୁ ଆଜି ଏ ଦଣ୍ଡ ମିଳୁଥିଲା। ଚାହିଁଥିଲେ ତୁମେ କଣ ସେ ଭୁଲ ପାଇଁ ତାକୁ କ୍ଷମା କରିଦେଇ ପାରିନଥାନ୍ତ ?

ନବଘନ ଆଗରୁ କାଳେ ଜଣେ ଅଫିସରଙ୍କ ଘରେ ରୋଷେଇ ବାସ କରୁଥିଲା। ତା କାମରେ ଖୁସି ହୋଇ ଅଫିସର ଜଣଙ୍କ ତାକୁ ତାଙ୍କ ଅଫିସରେ ଚତୁର୍ଥ ଶ୍ରେଣୀ ପଦବୀରେ ରଖେଇ ଦେଇଥିଲେ। ଆଉ ତା ବାହାଘର ପରେ ତା ସ୍ତ୍ରୀକୁ ମଧ୍ୟ ତାଙ୍କରି ଅଫିସରେ ଅସ୍ଥାୟୀ ତଥା ଚୁକ୍ତି ଭିତ୍ତିକ ଚତୁର୍ଥ ଶ୍ରେଣୀ ପଦବୀରେ ରଖେଇ ଦେଇଥିଲେ। ଅବଶ୍ୟ ପ୍ରମିଳା ସେ ଅଫିସକୁ ଆସିଲା ବେଳକୁ ନବଘନ ସ୍ତ୍ରୀ ଆଉ ସେଠାରେ ନଥିଲା। ତାକୁ କାଳେ ସେ ଚାକିରୀ ଭଲ ଲାଗୁନଥିଲା। ତେଣୁ ସେ ଚାକିରୀ ପାଇଁ ହେଉଥିବା ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମୂଳକ ପରୀକ୍ଷା ସବୁ ଦେଉଥିଲା। ସେଥିପାଇଁ ଜୋରସୋର ପଢ଼ାପଢ଼ି ବି କରୁଥିଲା। ଆଉ ଦିନେ ସେ କୋରାପୁଟରେ ସ୍ଥାୟୀ ତଥା ସରକାରୀ ଚାକିରୀ ପାଇଁ ସେଠାକୁ ଚାଲିଯାଇଥିଲା।

ସମସ୍ତେ କହୁଥିଲେ ଯେଉଁ ଦିନଠାରୁ ନବଘନର ସ୍ତ୍ରୀ ସରକାରୀ ଚାକିରୀ ପାଇଁ କୋରାପୁଟକୁ ଚାଲିଯାଇଥିଲା ସେଇଦିନଠାରୁ ଆରମ୍ଭ ହୋଇଥିଲା ଦୁଇଜଣଙ୍କ ଭିତରେ ମନାନ୍ତର ଆଉ ମତାନ୍ତର। ନବଘନର ଇଚ୍ଛା ନଥିଲା ତା ସ୍ତ୍ରୀ ତାକୁ ଓ ସେମାନଙ୍କ ଛୋଟ ପୁଅ ତଥା ବାପା ମା ଘରଦ୍ୱାର ଛାଡ଼ି ଏତେ ଦୂରରେ ଯାଇ ରହୁ। ହେଉପଛେ ଅସ୍ଥାୟୀ ଆଉ ଚୁକ୍ତିଭିତ୍ତିକ ଚାକିରୀ। ଦୁଇଜଣ ଏକାଠି ରହିବେ, ପାଖରେ ପୁଅ ରହିବ, ବାପା ମା ରହିବେ। ହେଲେ ନବଘନ ସ୍ତ୍ରୀର କିନ୍ତୁ ଏମିତି ଚାକିରୀକୁ ଘୃଣା ଲାଗୁଥିଲା। ଯେଉଁ ଚାକିରୀରେ ଭବିଷ୍ୟତ ବୋଲି କିଛି ନାହିଁ ସେମତି ଚାକିରୀ କରି ଲାଭ କଣ ? ଏକରେ ଅସ୍ଥାୟୀ ଚାକିରୀ ଦୁଇରେ ଚୁକ୍ତିଭିତ୍ତିକ, ତିନିରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ତେଣୁ ସେ ଏ ଚାକିରୀ ଛାଡ଼ି ଚାଲିଯାଇଥିଲା। ଆଉ ନିଜେ ଯିବାପରେ ନବଘନକୁ ଚାକିରୀ ଛାଡ଼ି ତା ପାଖକୁ ଯିବା ପାଇଁ ବାଧ୍ୟ କରିଥିଲା। କାରଣ ତାକୁ ବାହାରେ ସ୍ୱାମୀର ପରିଚୟ ଦେବାକୁ ଖରାପ ଲାଗୁଥିଲା। ହେଲେ ସ୍ତ୍ରୀର ପ୍ରସ୍ତାବରେ ନବଘନ ଆଦୌ ରାଜି ହୋଇନଥିଲା। ସ୍ତ୍ରୀର ରୋଜଗାରରେ ଚଳିବାକୁ ତା ସ୍ୱାଭିମାନ ତାକୁ ବାଧା ଦେଇଥିଲା। ଏପଟେ ଘରେ ତା ଉପରେ ନିର୍ଭରଶୀଳ ଥିଲେ ତାର ପଞ୍ଚସ୍ତରୀ ବର୍ଷର ବୁଢ଼ାବାପା ଆଉ ପଞ୍ଚଷଠି ବର୍ଷର ବୁଢ଼ୀ ମା। ତା ବାଦେ ତା ଉପରେ ନିର୍ଭରଶୀଳ ଥିଲା ତା ବିଧବା ଭଉଣୀ ଯିଏ କି ତା ସ୍ୱାମୀ ଚାଲିଯିବା ପରେ ତାର ଦୁଇପିଲାଙ୍କୁ ଧରି ତାଙ୍କରି ଘରେ ରହୁଥିଲା। ତା ପିଲା ଦୁଇଜଣଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣ ରୂପରେ ନବଘନ ଉପରେ ଥିଲା।

ଏଥିଯୋଗୁଁ ନବଘନର ସ୍ତ୍ରୀ ମୂଳରୁ ହିଁ ନବଘନ ଉପରେ ଅଶାନ୍ତି ଥିଲା। ତେଣୁ ସେ ସବୁବେଳେ ନବଘନକୁ ଅଲଗା ଘରଭଡ଼ା ନେଇ ରହିବାକୁ ପ୍ରବର୍ତ୍ତାଉଥିଲା। ହେଲେ ନବଘନ ଶୁଣୁନଥିଲା। ସେଥିପାଇଁ ଆରମ୍ଭରୁ ହିଁ ଉଭୟଙ୍କ ମଧ୍ୟରେ ଖିଟପିଟ୍ ଚାଲିଥିଲା। ଅଳ୍ପ ଅଳ୍ପ ମତାନ୍ତର ଚାଲିଥିଲା। ହେଲେ ସେ ଯେତେବେଳେ ସ୍ଥାୟୀ ନିଯୁକ୍ତି ପାଇଯାଇଥିଲା ସେତେବେଳେ ଅଶାନ୍ତିର ମାତ୍ରାଟା ଆହୁରି ବଢ଼ି ଯାଇଥିଲା। ଆଉ ଶେଷରେ ପରିସ୍ଥିତି ଏମିତି ହୋଇଥିଲା ଯେ ନବଘନର ସ୍ତ୍ରୀ ତା ଘର ପରିବାର, ସ୍ୱାମୀ, ଶାଶୂ, ଶ୍ୱଶୁର ଏମିତି କି ତାର ଗୋଟେ ବର୍ଷର ପୁଅକୁ ଛାଡ଼ି ତା ଚାକିରୀ ଯାଗାକୁ ଚାଲିଯାଇଥିଲା। ଆଉ କିଛି ଦିନ ପରେ କୋର୍ଟରେ ନବଘନଠାରୁ ଛାଡ଼ପତ୍ର ପାଇଁ ଆବେଦନ କରିଥିଲା।

ସ୍ତ୍ରୀ ଛାଡ଼ପତ୍ର ମାମଲା ଦାଏର କଲାପରେ ନବଘନକୁ ଖୁବ୍ ସକ୍

ଲାଗିଥିଲା । ସେ ବୁଝି ପାରିନଥିଲା ସ୍ତ୍ରୀର କଥା ସବୁକୁ ନ ମାନି ସେ ଠିକ୍ କରିଥିଲା କି ଭୁଲ୍ କରିଥିଲା । ବାପା, ମା ଭଉଣୀକୁ ଦୂରେଇ ନ ଦେବାରୁ ତା ସ୍ତ୍ରୀ ତାଠାରୁ ଦୂରେଇ ଯାଇଥିଲେ ବି ପୁଅର ମୁହଁକୁ ଚାହିଁ ସେ ଦୁଃଖ ସବୁକୁ ଭୁଲି ଯାଇଥିଲା । ତଥାପି ଅନେକ ଥର ସେ ଚେଷ୍ଟା କରିଥିଲା ସ୍ତ୍ରୀକୁ ବୁଝେଇବାକୁ; ହେଲେ ସେ ବୁଝିନଥିଲା ।

ସ୍ତ୍ରୀ ଚାଲିଯିବା ପରେ ନବଘନ ଉଭୟ ବାପା ମା ସାଜି ପୁଅର ଲାଳନ ପାଳନ କରିଥିଲା । ଜେଜେ ବାପା, ଜେଜେ ମା ବାପା ପିଉସୀ କାକୀଙ୍କ ମେଳରେ ପୁଅ ବି ମାକୁ ଭୁଲି ଯାଇଥିଲା । ସ୍ତ୍ରୀ ବିନା ନବଘନର ସଂସାରଟା କଷ୍ଟରେ ଚଳୁଥିଲେ ବି ଅଚଳ ହୋଇନଥିଲା । ତା ବିନା ଘରେ ସବୁଠାରୁ ବେଶୀ ପ୍ରଭାବିତ ହେଉଥିଲେ ନବଘନ ଆଉ ତାର ପୁଅ । ହେଲେ ତା ସ୍ତ୍ରୀ ସେକଥା ବୁଝୁନଥିଲା । ମଝିରେ ମଝିରେ ଧୂମକେତୁ ପରି ହଠାତ୍ ଆସି ଘରେ ହାଜର ହୋଇଯାଉଥିଲା । ଆଉ ଘର ଭିତରେ ଝଡ଼ଟିଏ ସୃଷ୍ଟି କରି ଚାଲିଯାଉଥିଲା । ସେ ଝଡ଼ର ପ୍ରଭାବ ଅନେକ ଦିନ ଧରି ଘର ଭିତରେ ଅନୁଭୂତ ହେଉଥିଲା । ଆଉ ଘରର ପ୍ରତିଟି ମଣିଷ ସେ ଝଡ଼ର ପ୍ରଭାବରେ କ୍ଷତାକ୍ତ ହେଉଥିଲେ ବି ଲୋକ ଲଜ୍ଜାର ଭୟରେ କେହି ବାହାରେ କାହାକୁ କିଛି କହୁନଥିଲେ ।

ସବୁଥର ପରି ଏମିତି ହଠାତ୍ ଦିନେ ତା ସ୍ତ୍ରୀ ଝଡ଼ ପରି ଆସିଥିଲା । ସମସ୍ତେ ଭାବିଥିଲେ ପ୍ରତିଥର ସେ ଯେମିତି ଖଣ୍ଡ ପ୍ରଳୟ କରି ଚାଲିଯାଏ ଏଥର ବି ସେମିତି କିଛି ସମୟ ପ୍ରଳୟ କରି ଚାଲିଯିବ । ହେଲେ ନା । ଏଥର ଗଲା ବେଳକୁ ସେ ପୁଅକୁ ସାଥିରେ ନେଇ ଯିବ ବୋଲି ଜିଦ୍ କରିଥିଲା । ତା' ଜିଦ୍‌ରେ ସମସ୍ତେ ହତବାକ୍ ହୋଇଯାଇଥିଲେ । କେହି ତାକୁ କିଛି କହିବା ପରିସ୍ଥିତିରେ ନଥିଲେ ।

ସେତେବେଳେ ପୁଅକୁ ତିନି ବର୍ଷ ପୁରି ଚାରି ବର୍ଷ ଚାଲୁଥାଏ । ନବଘନ ସ୍କୁଲରେ ତା ନାଁ ଲେଖେଇବାକୁ ପ୍ରସ୍ତୁତ ହେଉଥାଏ । ମାଠାରୁ ଦୂରରେ ରହି ପୁଅ ବି ମାକୁ ଆଉ ଲୋଡୁନଥାଏ କି ଖୋଜୁ ବି ନଥାଏ । ମା ବି ତା ପାଇଁ ଅପରିଚିତା ହୋଇଯାଇଥାଏ ଯେ ତାକୁ ଦେଖିଲେ ବି ସେ ତା ପାଖକୁ ଆସେନି ଦୂରେଇ ଦୂରେଇ ରହେ ।

କିନ୍ତୁ ସେଦିନ ନବଘନର ସ୍ତ୍ରୀ ପୁଅକୁ ସାଥିରେ ନେଇଯିବା ପାଇଁ ଜିଦି କରିଥିଲା । କହିଥିଲା ପୁଅ ତା' ପାଖରେ ରହି ପଢ଼ାପଢ଼ି କରିବ । କାରଣ ବାପା ପାଖରେ ରହିଲେ ସେ ମଣିଷ ହବନି । ବରଂ ବାପା ପରି ମୂର୍ଖ ହେଇଯିବ ଆଉ ବାପା ପରି ଭବିଷ୍ୟତଟା ତା'ର ଅନ୍ଧକାର ହେଇଯିବ ।

କିନ୍ତୁ ଘରେକେହି ରାଜି ନଥିଲେ ପୁଅକୁ ତା' ସାଥିରେ ଛାଡ଼ିବା ପାଇଁ । ଘରେ ସମସ୍ତେ ଚାହୁଁଥିଲେ ପୁଅ ସେମାନଙ୍କ ପାଖରେ ରହୁ । ହେଲେ ମାର କିନ୍ତୁ ଏକା ଜିଦ୍ ଥିଲା ଯେ ପୁଅ ତା ପାଖରେ ରହିବ । ଅନ୍ୟମାନେ ରାଜି ହେଉନଥିବାରୁ ସେ ଥାନା କୋର୍ଟକଚେରୀର ଭୟ ଦେଖାଇଥିଲା । ଲୋକଲଜ୍ଜାକୁ ଡରି ସେମାନେ ବାଧ ହୋଇ ପୁଅକୁ ତା ସାଥିରେ ଯିବାକୁ ଦେଇଥିଲେ । ଏପଟେ ପୁଅ କିନ୍ତୁ ମା ସାଥିରେ ଯିବାକୁ ରାଜି ହୋଇନଥିଲା । ଯିବନି ବୋଲି ବାପାକୁ ଜାବୁଡ଼ି ଧରି ଖୁବ୍ ଜୋର୍‌ରେ ରାହା ଧରି କାନ୍ଦିଥିଲା । ତା ସାଥିରେ ନବଘନ ବି କାନ୍ଦିଥିଲା । ହେଲେ ତା ସ୍ତ୍ରୀର ହୃଦୟ କିନ୍ତୁ ତରଳି ନଥିଲା । ସେ ତାକୁ ବାପା ପାଖରୁ ଝିଙ୍କି ଚାଲିଯାଇଥିଲା ।

ପୁଅ ଚାଲିଯିବା ପରେ ଘରଟା ଯେମିତି ମଶାଣୀ ପାଲଟି ଯାଇଥିଲା । ଘରେ ଚାରି ପାଞ୍ଚ ଦିନ ଧରି ଚୁଲି ଜଳିନଥିଲା । କାନ୍ଦି କାନ୍ଦି ସମସ୍ତଙ୍କ ଆଖିରୁ ଲୁହ ଶୁଖିଯାଇଥିଲା । ସମସ୍ତେ ଯେମିତି ଭୋକ ଶୋଷ ଭୁଲିଯାଇଥିଲେ । କିଏ କାହାକୁ କଣ କହି କେମିତି ବୁଝେଇବ ଭାଷା ପାଉନଥିଲେ ।

ଧୀରେ ଧୀରେ ସମୟ ସିନା ବିତିଯାଉଥିଲା ହେଲେ ପୁଅ ଚାଲିଯିବା ପରେ ନବଘନ ଛାତି ତଳେ ଯେଉଁ କ୍ଷତ ସୃଷ୍ଟି ହୋଇଥିଲା ସେଇଟା କିନ୍ତୁ ଶୁଖିନଥିଲା । ସହିପାରିନଥିଲା ସେ ଉକ୍ତ ଧକ୍‌କାକୁ । ସ୍ତ୍ରୀ ତାକୁ ଆଉ ତା ପରିବାରକୁ ଛାଡ଼ି ଚାଲିଯିବା ପରେ ଯଦିଓ ତାକୁ ଧକ୍‌କା ହୋଇଥିଲା ତଥାପି ସେ ଉକ୍ତ ଧକ୍‌କାକୁ ସହି ଯାଇଥିଲା । କାରଣ ତାର ହୃଦବୋଧ ହୋଇଥିଲା ଯେ ସ୍ତ୍ରୀ କଥାରେ ପଡ଼ି ସେ ତାର ବାପା, ମା, ଭଉଣୀ ପାଖରୁ ଦୂରେଇ ନ ଯାଇ ଠିକ୍ କରିଛି । କିଛିବି ଭୁଲ କରିନି । ହେଲେ ପୁଅ ଚାଲିଯିବାର ଧକ୍‌କାକୁ ସେ ସହି ପାରିନଥିଲା । ସେ ଦୁଃଖକୁ ଭୁଲିବା ପାଇଁ ସେ ମଦର ଆଶ୍ରୟ ନେଇଥିଲା । ଧୀରେ ଧୀରେ ମଦ ପିଇବାର ମାତ୍ରଟା ତାର ବଢ଼ିବଢ଼ି ଯାଇଥିଲା ।

ଯା ଭିତରେ ବିତି ଯାଇଥିଲା ସାତ ଆଠ ବର୍ଷ । ପୁଅକୁ ସାଥିରେ ନେଇ ଯିବା ଦିନଠାରୁ ନବଘନର ସ୍ତ୍ରୀ ଆଉ ଘରକୁ ଆସୁନଥିଲା । ବାପ ପୁଅ ପରସ୍ପରକୁ ଭେଟିବା ତ ଦୂରର କଥା ସେ ସେମାନଙ୍କୁ ଫୋନ୍‌ରେ ସୁଦ୍ଧା କଥାବାର୍ତ୍ତା କରେଇ ଦେଉନଥିଲା ।

ଏପଟେ ନବଘନର ଘରକୁ ଝିଅଟିଏ ତା ଭଉଣୀର ପିଲା ଦୁଇଜଣଙ୍କୁ ପଢ଼େଇବାକୁ ଆସୁଥିଲା । ଝିଅଟି ଦେଖିବାକୁ ଯଦିଓ ସୁନ୍ଦର ନଥିଲା । ଅସୁନ୍ଦର ବି ନଥିଲା । ବି.ଏ ପଢ଼ିଥିଲା । ତା ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ଚାକିରୀ ପାଇଁ ପ୍ରସ୍ତୁତି ଚଳେଇଥିଲା । ତେଣୁ ଘର ଚଳେଇବା ପାଇଁ ସେ ଛୋଟ ଛୋଟ ପିଲାମାନଙ୍କୁ ଟ୍ୟୁସନ୍ କରୁଥିଲା । ଘରେ ତାର ଖାଲି ବିଧବା ମାଟିଏ ଥିଲା । ଭାଇ ବାହାହେଲା ପରେ ତା ସ୍ତ୍ରୀ ଆଉ ପିଲାମାନଙ୍କୁ ନେଇ ତା ଚାକିରୀ ଯାଗାରେ ଥିଲା । ଘର ସହିତ କି ମା ଭଉଣୀ ସହିତ ତାର ଏମିତି କିଛି ସମ୍ପର୍କ ନଥିଲା ।

ଥରକୁ ଥର ନବଘନର ଭଉଣୀ ତାକୁ ସେ ଝିଅଟି ବିଷୟରେ ଗୋଟେ ଗୋଟେ କଥା କହୁଥିଲା । ଥରକୁ ଥର ଭଉଣୀ ଠାରୁ ସେ ଝିଅଟି ବିଷୟରେ ଶୁଣି ଶୁଣି ନବଘନର ତା ପ୍ରତି କେମିତି ଏକ ପ୍ରକାର ଦୁର୍ବଳତା ଆସିଯାଇଥିଲା । ସେ ତ ଏପର୍ଯ୍ୟନ୍ତ ଭାବି ଆସିଥିଲା ଯେ ତା ପରି ଦୁଃଖି ଆଉ ଅଭାଗା ଏ ସଂସାରରେ ଆଉ ଜଣେ ବି କେହି ନଥିବେ । ହେଲେ ଝିଅଟି ବିଷୟରେ ଜାଣିବା ପରେ ତାର ଧାରଣା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ସେ ଜାଣିପାରିଥିଲା ଯେ ତା ପରି ଆହୁରି ଅନେକ ଦୁଃଖି ଆଉ ହତଭାଗା ଏ ସଂସାରରେ ଅଛନ୍ତି । ଆହୁରି ତା ସୁଖ ଦୁଃଖରେ ଭାଗି ହେବାକୁ ତା ଚାରିପାଖରେ ତା ବାପା, ମା, ଭଉଣୀ ପରି ଅତି ନିଜର ଲୋକମାନେ ଥିଲେ । ବେଳ ଅବେଳରେ ତାକୁ ସାହାସ ଦେଉଥିଲେ, ଧୈର୍ଯ୍ୟ ଧରିବାକୁ କହୁଥିଲେ, ପରିସ୍ଥିତିକୁ ସାମ୍ନା କରିବା

ପାଇଁ ପ୍ରେରଣା ଦେଉଥିଲେ। ସେଇଥିପାଇଁ ତ ସେ ତା ଜୀବନ ଯାତ୍ରାରେ ଆସିଥିବା ଝଡ଼କୁ ସାମ୍ନା କରି ପାରୁଥିଲା।

ହେଲେ ବିଚାରୀ ଝିଅଟି ....। କେବଳ ବୁଢ଼ୀ ମାଙ୍କୁ ଛାଡ଼ିଦେଲେ ତା ଆଖପାଖରେ ତା ସୁବିଧା ଅସୁବିଧା କଥା ଶୁଣିବାକୁ ଆଉ କେହି ବି ନାହାନ୍ତି। ତେଣୁ ନିଜର ସବୁ ଦୁଃଖ, ଯନ୍ତ୍ରଣା, ହତାଶ, ଅବଶୋଷ ସହିତ ସେ ଏକୁଟିଆ ହିଁ ଯୁଝି ହେଉଥିବ।

ଧୀରେ ଧୀରେ ନବଘନର ତା ପ୍ରତି ଦୁର୍ବଳତା ବଢ଼ିଥିଲା। ସେ ଝିଅଟିର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରିଥିଲା। ଝିଅଟି କହୁ ନକହୁ ନବଘନ ଉପରେ ପଡ଼ି ତାକୁ ସାହାଯ୍ୟ କରିଥିଲା। ସତ କହିବାକୁ ଗଲେ ସେ ମନେ ମନେ ଝିଅଟିକୁ ଭଲ ପାଇ ବସିଥିଲା। ତା ପ୍ରତି ସୃଷ୍ଟି ହୋଇଥିବା ସେ ସମବେଦନା ଟିକକ ଯେ କେତେବେଳେ ନବଘନର ହୃଦୟରେ ପ୍ରେମରେ ପରିଣତ ହୋଇ ଯାଇଥିଲା ସେକଥା ସେ ଜାଣିପାରିନଥିଲା।

ନବଘନ ତା ଆଡ଼କୁ ଢ଼ଳୁଥିବାର ଦେଖି ଝିଅଟି ବି ବେଳ ଅବେଳରେ ଦରକାର ପଡ଼ିଲେ ତା ଠାରୁ ବିନା ଦ୍ୱିଧାରେ ସାହାଯ୍ୟ ଲୋଡୁଥିଲା। କେତେବେଳେ ତା ପାଇଁ ପରିବା ଆଣିଦେବା ପାଇଁ ନବଘନକୁ କହୁଥିଲା ତ କେତେବେଳେ ବଜାର ସଉଦା। କେତେବେଳେ ତାକୁ କୁଆଡ଼େ ବୁଲିଯିବାକୁ ଥିଲେ ସେ ନବଘନକୁ ଡାକୁଥିଲା। ଆଉ ସେ ସାଙ୍ଗେ ସାଙ୍ଗେ ବି ଆସି ଝିଅଟି ପାଖରେ ହାଜର ହୋଇଯାଉଥିଲା। କେବେ କେମିତି ତାର କି ତା ବୁଢ଼ୀ ମା'ର ଡାକ୍ତରଖାନାକୁ ଯିବା ପାଇଁ ଦରକାର ପଡ଼ିଲେ ନବଘନ ନେଉଥିଲା।

ଏମିତି ଝିଅଟି ତାର ପ୍ରତିଟି ଛୋଟ ବଡ଼ କାମରେ ତାକୁ ବ୍ୟବହାର କରିଥିଲା। ନବଘନ ବି ବିନା ଦ୍ୱିଧାରେ ଝିଅଟିର ସବୁ କାମ କରି ଦେଉଥିଲା କାରଣ ସେ ମନେ ମନେ ତାକୁ ଭଲ ପାଇ ବସିଥିଲା। ଆଉ ସ୍ତ୍ରୀ ସହିତ ବିବାହ ବିଚ୍ଛେଦ ହୋଇ ସାରିଲେ ସେ ତାରି ସାଥିରେ ଘର ସଂସାର କରିବ ବୋଲି ମନେ ମନେ ସ୍ୱପ୍ନ ଦେଖୁଥିଲା। ଆଉ ନିଜ ମନର କଥା କହିବ କହିବ ବୋଲି ସୁଯୋଗ ଖୋଜୁଥିଲା।

ଦିନେ ସେମିତି ଏକ ସୁଯୋଗ ଆସିଲା ଯେଉଁ ସୁଯୋଗକୁ ସେ କାହିଁ କେତେ ଦିନରୁ ଖୋଜୁଥିଲା।

ସେଦିନ ଘରେ କେହି ନଥିଲେ। ଜଣେ ସମ୍ପର୍କୀୟର ପୁଅ ବାହାଘରରେ ଯୋଗ ଦେବା ପାଇଁ କେବଳ ତାକୁ ଛାଡ଼ି ଘରର ସମସ୍ତେ ଯାଇଥିଲେ।

ସେ ଦେହ ଖରାପର ବାହାନା କରି ବାହାଘରକୁ ଯାଇନଥିଲା। କାରଣ ତାକୁ ସମସ୍ତଙ୍କ ଅଗୋଚରରେ ଝିଅଟିକୁ ତା ମନର କଥା କହିବାର ଥିଲା ଆଉ ଝିଅଟିର ମନକଥା ଜାଣିବାର ଥିଲା।

ସନ୍ଧ୍ୟାବେଳେ ଝିଅଟି ପିଲାମାନଙ୍କୁ ଟ୍ୟୁସନ କରିବା ପାଇଁ ଆସିଥିଲା। ହେଲେ ଘରେ ପିଲାମାନେ କେହି ନଥିବାର ଜାଣିବା ପରେ ସେ ଫେରିଯିବାକୁ ବସିଥିଲା। ସେଇ ସମୟରେ ନବଘନ ତା' ସାଥିରେ କଥାବାର୍ତ୍ତା ଆରମ୍ଭ କରିଥିଲା। ଝିଅଟି ବାଧ୍ୟ ହୋଇ ଚୁପ୍‌ଚାପ ବସି ତା କଥା ସବୁକୁ ଶୁଣିଥିଲା ଆଉ ମଝିରେ ମଝିରେ ସଂକ୍ଷିପ୍ତ ଉତ୍ତର ବି ଦେଇଥିଲା।

ଏମିତି କଥୋପୋକଥନ ଭିତରେ ନବଘନ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ନେଉଥିଲା। ଯାହା ବି ହେଲେ ସେଦିନ ତାକୁ ତା ମନ ତଳର ଅକୁହା କଥା ସବୁକୁ ଝିଅଟିକୁ କହିବାର ଥିଲା। କାରଣ ସେଦିନ ତାକୁ ଯେଉଁ ସୁବର୍ଣ୍ଣ ସୁଯୋଗ ମିଳିଥିଲା, ସେମିତି ଏକ ସୁବର୍ଣ୍ଣ ସୁଯୋଗ ତାକୁ ଆଗକୁ ଆଉ ମିଳିବ କି ମିଳିବନି ସେ ବିଷୟରେ ସେ ସନ୍ଦିହାନ ଥିଲା।

ଯାହାହେଉ, ଅନେକ ସମୟର ମାନସିକ ପ୍ରସ୍ତୁତି ପରେ ନବଘନ ତା ହୃଦୟର କଥା ସବୁକୁ ଝିଅଟିକୁ କହିଥିଲା ଯାହାକୁ କହିବ ବୋଲି ସେ କାହିଁ କେଉଁ କାଳୁ ଭାବୁଥିଲା। ଆଉ ସୁଯୋଗର ଅପେକ୍ଷାରେ ଥିଲା। ସେ ଝିଅଟିକୁ କହିବାକୁ ଚାହୁଁଥିଲା ଯେ ସେ ତାକୁ ଭଲପାଏ। ତା' ସହିତ ଆଉଥରେ ଘର ସଂସାର କରିବାକୁ ଚାହେଁ। ତାକୁ ବିବାହ କରି ଆଉଥରେ ଏକ ନୂଆ ଜୀବନ ଆରମ୍ଭ କରିବାକୁ ଚାହେଁ।

ନବଘନଠାରୁ ଏକଥା ଶୁଣୁଶୁଣୁ ଚିହିଙ୍କି ଉଠିଲା ଝିଅଟି। କହିଥିଲା, ତୁମ ଭଣଜା ଭାଣେଜୀ ଦୁଇଜଣଙ୍କୁ ପଢ଼େଇବା ପାଇଁ ତୁମ ଘରକୁ ଆସୁଛି। ସେଥିପାଇଁ କେତେବେଳେ କେମିତି ତୁମ ସାଥିରେ ପଦେ ଅଧେ ଦୁଇପଦ କଥା ହୋଇ ଯାଉଛି। ମାନୁଛି, କେତେବେଳେ କେମିତି ସୁବିଧା ଅସୁବିଧାରେ ତୁମଠାରୁ ସାହାଯ୍ୟ ମଧ୍ୟ ନେଉଛି। କିନ୍ତୁ ତା ମାନେ ନୁହେଁ ଏଇ ଏତିକି ସମ୍ପର୍କ ଭିତରେ ତୁମେ ମୋତେ ନେଇ ଏତେକଥା ଭାବିଯିବ।

ସେ ପୁଣି କହିଥିଲା, ତୁମେ ଯଦି ଥରୁଟିଏ ପାଇଁ ବି ଚିନ୍ତା କରିଥାନ୍ତ ତୁମ ମୋ ଭିତରେ ଥିବା ଆକାଶ ପାତାଳର ଫରକକୁ ତା'ହେଲେ ଏମିତି ଅଦ୍ଭୁତ ଚିନ୍ତାଧାରା ତୁମ ମନକୁ ଆଦୌ ଆସି ନଥାନ୍ତା। କେବେ ଚିନ୍ତା କରିଛ ତୁମେ କି ଚାକିରୀ କରିଛ। ଆଉ ତା'ର ସ୍ଥାୟିତ୍ୱ କ'ଣ ? ଏମିତି ଏକ ପ୍ରସ୍ତାବ ଦବା ଆଗରୁ ଥରଟିଏ ପାଇଁ ଯଦି ଭାବିଥାନ୍ତ ତୁମର ମୋର ଶିକ୍ଷାଗତ ଯୋଗ୍ୟତା କ'ଣ ତାହେଲେ ଏ ପ୍ରସ୍ତାବ ଦେବାକୁ ତୁମକୁ ଲଜ୍ଜା ଲାଗିଥାନ୍ତା, ଟିକେ ସଙ୍କୋଚ ଲାଗିଥାନ୍ତା। ପ୍ରେମକୁ ନେଇ କେବଳ ଏକ ରୋମାଞ୍ଚକର ଜୀବନ ସ୍ୱପ୍ନରେ ଜୀଇଁ ହୁଏ। ହେଲେ ସ୍ୱପ୍ନଠାରୁ ବାସ୍ତବତାର ଜୀବନ ସମ୍ପୂର୍ଣ୍ଣ ଭିନ୍ନ ନବଘନ। ଆଉ ବାସ୍ତବତାର ଜୀବନ ଜୀଇଁ ବା ପାଇଁ ଅନେକ ପଇସା ଦରକାର। ଭଲ ମଣିଷଟିଏ ହୋଇଗଲେ ଯେ ଜଣେ ଗୋଟେ ସଫଳ ଜୀବନ ଜୀଇଁପାରେ ଏକଥା ଯିଏ ଭାବେ ତା'ଠାରୁ ବଡ଼ ମୂର୍ଖ ଏ ଦୁନିଆରେ କେହି ନାହିଁ। ସଫଳ ଜୀବନଟେ ବଂଚିବା ପାଇଁ ଭଲ ଘର, ଭଲ ଚାକିରୀ ଆଉ ଅନେକ ପଇସା ଦରକାର। ନହେଲେ କେହି ତୁମକୁ ବାସି ପାଣିରେ ବି ପଚାରିବେନି।

ଝିଅଟିକୁ ଯାହା କହିବାର ଥିଲା ଗୋଟିଏ ନିଃଶ୍ୱାସରେ ସେତକ କହିଦେଇ ଗୋଟେ ମୁହାଁ ହୋଇ ଚାଲିଗଲା। ଥରେ ବି ପଛକୁ ଫେରି ଚାହିଁନଥିଲା। ସେ ଚାଲିଗଲା ପରେ ନବଘନ ଫେରି ଆସିଥିଲା ବାସ୍ତବତାର ଦୁନିଆକୁ। ମନକୁ ମନ ପଚାରିଥିଲା ସତରେ କ'ଣ ଗୋଟେ ସଫଳ ଜୀବନ ଜୀଇଁବା ପାଇଁ ଦରକାର ବଡ଼ ଚାକିରୀ। ବହୁତ ପଇସା ଆଉ ବଙ୍ଗଳା ପରି ଘର ? ଯାହା ପାଖରେ ଏଇ ଏତିକି ନାହିଁ ସେ କ'ଣ ଜୀଇଁପାରେ ନାହିଁ ଗୋଟେ ସଫଳ ଜୀବନ ? ତା'ର କ'ଣ ସତରେ ଅଧିକାର ନାହିଁ ପ୍ରେମ କରିବାକୁ, ସ୍ୱପ୍ନ ଦେଖିବାକୁ, ପ୍ରଜାପତି ପରି ଉଡ଼ି

ବୁଲିବାକୁ, ନିଜ ଇଚ୍ଛାରେ ନିଜ ଜୀବନକୁ ଜୀଇଁବାକୁ ?

କେମିତି ଏକ ଅସହାୟବୋଧରେ ଧୀରେ ଧୀରେ ପୋତି ହୋଇ ପଡୁଥିଲା ନବଘନ। କେମିତି ଏକ ଅସହାୟତା, ଅବଶୋଷ, ବିଷର୍ଣ୍ଣ ଅବସାଦ ତଥା ହତାଶ ଭାବ ସବୁ ଯେମିତି ଏକାଠି ହୋଇ ତା' ଉପରେ ପାହାଡ ପରି ଲଦି ହୋଇ ପଡୁଥିଲା। ନବଘନର ଇଚ୍ଛା ହେଉଥିଲା ଖୁବ୍ ଜୋର୍‌ରେ ଗଳା ଫଟେଇ ଚିତ୍କାର କରି କାନ୍ଦିବାକୁ। ତା'ର ଏକାକୀ ପଣ ତାକୁ ଯେମିତି ତାସଲ୍ୟ କରି ଖାଇ ଗୋଡ଼ଉଥିଲା। ସମସ୍ତଙ୍କ ପାଇଁ ସେ ଯେମିତି ପାଲଟିଯାଇଥିଲା ଗୋଟେ ଅଲୋଡା ମଣିଷ ଯାହାର ନା କେହି ଆଗକୁ ଥିଲେ ନା ପଛକୁ। ଯେହେତୁ ସେ ବଡ ଚାକିରୀଟିଏ କରିନଥିଲା କି ଭଲ ରୋଜଗାର କରୁନଥିଲା ତେଣୁ ତା' ହୃଦୟର ବି କିଛି ମୂଲ୍ୟ ନଥିଲା। ତା' ହୃଦୟଟା ଯେମିତି ସମସ୍ତଙ୍କୁ ଖେଳଣା ପରି ଲାଗୁଥିଲା।

ନିଜ ଛାତି ତଳର ସବୁତକ ହତାଶା, ଅବଶୋଷ, ଅବସାଦ, ଏବଂ ଏକଲା ପଣକୁ ଭୁଲିବା ପାଇଁ ନବଘନ ଧୀରେ ଧୀରେ ଅଧିକରୁ ଅଧିକ, ମଦ ପିଇବାକୁ ଆରମ୍ଭ କରିଥିଲା। ସମୟକ୍ରମେ ସେଇ ମଦ ହିଁ ତାର ଚିର ସାଥି ହୋଇଗଲା ଏବଂ ମଦ ପିଇବାଟା ତା'ର ଗୋଟେ ଅଭ୍ୟାସରେ ପଡ଼ିଗଲା, ଆଉ ଧୀରେ ଧୀରେ ମଦ ପିଇବାର ମାତ୍ରାଟା ବି ବଢ଼ି ବଢ଼ି ଯାଇଥିଲା। ସେଇ ମଦ ହିଁ ଥିଲା ତା'ର ଏକମାତ୍ର ସାହାରା ଯିଏ ତାକୁ ଦେଉଥିଲା ପରମ ଶାନ୍ତି ଆଉ ଚରମ ତୃପ୍ତି।

ନବଘନ ଆଗରୁ ଯାହା ମଝିରେ ମଝିରେ ମଦ ପିଉଥିଲା, ଧିରେ ଧିରେ କିନ୍ତୁ ମଦ ନ ପିଇଲେ ତାକୁ ପାଗଳଙ୍କ ପରି ଲାଗୁଥିଲା। ମଦ ନପିଇଲେ ତା' ଆଖି ସାମ୍ନାରେ ନାଚି ଯାଉଥିଲା ତା' ସ୍ତ୍ରୀର ମୁହଁ ଯିଏ କି ସେ ଭଲ ଚାକିରୀଟିଏ କରିନଥିବାରୁ ତା' ସ୍ୱାମୀ ପଣିଆକୁ ଧିକ୍‌କାର କରି ଘରଛାଡି ଚାଲି ଯାଇଥିଲା। ପୁଣି ମନେ ପଡି ଯାଉଥିଲା ସେ ଝିଅଟିର ମୁହଁ ଯାହାକୁ ସେ ହୃଦୟ ଦେଇ ଭଲ ପାଉଥିଲା, ଅଥଚ ଭଲ ଚାକିରୀଟିଏ କରିନଥିବାରୁ ଝିଅଟି ତା ଭଲ ପାଇବାକୁ ପାଦରେ ଆଡେଇ ଦେଇ ଚାଲି ଯାଇଥିଲା। ଆଉ ଯେତେବେଳେ ତା ଆଖି ଆଗରେ ନାଚି ଯାଉଥିଲା ତା ପୁଅର ମୁହଁ ସେତେବେଳେ ତ ଛାତି ତଳଟା ତା'ର କୋରି ବିଦାରି ହୋଇ ଯାଉଥିଲା।

ଏମିତି ନିଜ ଦୁଃଖ ସବୁକୁ ଭୁଲିବା ପାଇଁ ସେ ଦିନ ରାତି ଚବିଶ ଘଣ୍ଟା ମଦ ପିଇ ମାତାଲ ହୋଇ ରହିଲା ଯଦିଓ ଘରେ କି ଅଫିସରେ ସେ ତାର କର୍ତ୍ତବ୍ୟରେ ଆଦୌ ଅବହେଳା କରୁନଥିଲା, କି ନିଜ ଦାୟିତ୍ୱ ପ୍ରତି କେବେହେଲେ ପଛଘୁଞ୍ଚା ଦେଉନଥିଲା।

ହେଲେ ହଠାତ୍ ଦିନେ ଯେମିତି ସମଗ୍ର ଆକାଶଟା ତା' ଉପରେ ଛିଣ୍ଡି ପଡ଼ିଲା। ଏପଟେ ସେ ସବୁଦିନ ଅଫିସ୍‌କୁ ମଦପିଇ ଆସୁଥିଲେ ବି ଅଫିସରେ ତା'ର ବିକ୍ରିବଟା ଦିନକୁ ଦିନ ବଢ଼ି ବଢ଼ି ଚାଲିଥିଲା। ମଦ ପିଇଥିଲେ ବି ସେ କେବେହେଲେ କାହାକୁ ଖରାପ ବ୍ୟବହାର ଦେଖଉନଥିଲା। ତେଣୁ ସମସ୍ତେ ତାକୁ ଖୁବ୍ ଭଲ ପାଉଥିଲେ ଆଉ ଯେତେବେଳେ ଯାହାର ଯାହା ଦରକାର ହେଉଥିଲା ତାରି ପାଖରୁ ନେଉଥିଲେ। ତେଣୁ ଦିନକୁ ଦିନ ତା'ର ଦୋକାନରେ ଗରାଖ ସଂଖ୍ୟା ବଢ଼ି ବଢ଼ି ଚାଲିଥିଲା। ତେଣୁ ତା'ର ବେଶ ଭଲ ଦୁଇ ପଇସା ରୋଜଗାର ହେଉଥିଲା।

ହେଲେ ହଠାତ୍ ଦିନେ କେହିଜଣେ ଏ ବିଷୟରେ ଅଫିସର ଉପର ହାକିମଙ୍କୁ ଚିଠି ଲେଖି ଜଣେଇଦେଲା।

ଚିଠିଟିକୁ ପଢ଼ି ହାକିମ ରାଗରେ ନିଆଁବାଣ ହୋଇଗଲେ। ସେ ଏମିତିରେ ଖୁବ୍ କ୍ରୋଧି ପ୍ରକୃତିର ଥିଲେ। ପ୍ରତି ମୁହୂର୍ତ୍ତରେ କ୍ରୋଧଟା ତାଙ୍କ ନାକ ଅଗରେ ରହୁଥିଲା, କାହାର ଛୋଟ ଛୋଟ ଭୁଲ୍‌କୁ ସୁଦ୍ଧା ସେ କ୍ଷମା କରୁନଥିଲେ। ତେଣୁ ଚିଠିଟିକୁ ପଢ଼ି ସେ ଯେତେବେଳେ ଜାଣିଲେ ଯେ ତାଙ୍କରି ଅଫିସର ଜଣେ ଲୋକ ନିୟମିତ ଅଫିସ୍‌କୁ ମଦ ପିଇ ଆସୁଛି, ଆଉ କାମଦାମ ନକରି ଅଫିସ୍‌ରେ ବିକ୍ରିବଟା କରୁଛି ସେତେବେଳେ ସେ ରାଗରେ ନିଜ ନିୟନ୍ତ୍ରଣ ବାହାରକୁ ଚାଲିଗଲେ। ଆଉ ସାଙ୍ଗେ ସାଙ୍ଗେ ତାକୁ ଚାକିରୀରୁ ବାହାର କରି ଦେବାକୁ ଆଦେଶ ଦେଲେ। ଆଉ ହାକିମଙ୍କ ପାଟିରୁ ଆଦେଶ ବାହାରିବାର ମାତ୍ର ଅଧଘଣ୍ଟା ଭିତରେ ତାକୁ ଚାକିରୀରୁ ବହିଷ୍କାରର ଆଦେଶନାମା ବାହାରି ପଡ଼ିଲା।

ଆଦେଶନାମାଟିକୁ ଦେଖି ଲଥ କରି ବସି ପଡ଼ିଲା ନବଘନ। ହଠାତ ଯେମିତି ସମଗ୍ର ଆକାଶଟା ତା' ଉପରେ ଖସି ପଡ଼ିଲା। ତା' ପାଦତଳୁ ମାଟିସବୁ ବି ଧସିଗଲା। ପରି ତାକୁ ଲାଗିଲା। ସେ ବୁଝି ପାରୁନଥିଲା ସେ ଏବେ କରିବ କ'ଣ ? ଘରେ ଯାଇ ଏକଥା କହିବ କେମିତି ? ଦୁଇ ଚାରି ଦିନ ସିନା ସେ ମିଛ ସତ କହି ନିଜ ପରିବାରଠାରୁ ଏକଥାକୁ ଲୁଚେଇ ଦେଇ ପାରିବ। ହେଲେ ତା'ପରେ... ? ତାପରେ ସେ ସେମାନଙ୍କୁ କ'ଣ କହିବ, କ'ଣ କରିବ ? ସତକଥା ସବୁ ଶୁଣିବା ପରେ କ'ଣ ହେବ ସମସ୍ତଙ୍କ ଅବସ୍ଥା।

ତା'ପରେ ନବଘନ ଅଫିସରେ ଜଣ ଜଣ କରି ପ୍ରତିଟି ଅଫିସରଙ୍କ ପାଖକୁ ଯାଇ ନିଜ ଦୁଃଖ କାହାଣୀ କହିଥିଲା। ତା' ପାଇଁ ଟିକିଏ ହାକିମଙ୍କୁ ବୁଝେଇ କହିବାକୁ ଅନୁରୋଧ କରିଥିଲା। ହେଲେ ସମସ୍ତେ ତାକୁ ସମବେଦନା ତ ଜଣେଇଥିଲେ କିନ୍ତୁ ସେମାନଙ୍କ ଭିତରୁ କେହି ଜଣେ ହେଲେ ତା' ପାଇଁ ହାକିମଙ୍କୁ ଯାଇ ତା' ପାଇଁ କହିବାକୁ ରାଜି ହୋଇନଥିଲେ। ଅଥଚ ସେଇମାନେ ହିଁ ଦିନେ ସେମାନଙ୍କ ସୁବିଧା ପାଇଁ ତାକୁ ଖାଇବା ଜିନିଷ ସବୁ ରଖିବାକୁ ପ୍ରୋତ୍ସାହିତ କରିଥିଲେ। ସେଇମାନେ ହିଁ ସବୁଠାରୁ ଅଧିକ ଉପକୃତ ହେଉଥିଲେ। କାରଣ ସେମାନେ ଅଫିସ୍‌ରେ ଡେରି ରାତିଯାଏଁ ରହୁଥିଲେ ଆଉ ଭୋକ ଲାଗିଲେ ତାରିଠାରୁ ଖାଇବାକୁ ନେଉଥିଲେ।

କେହି ତା' ପାଇଁ ଯାଇ ହାକିମଙ୍କୁ କହିନଥିଲେ। ତେଣୁ ଶେଷରେ ତାକୁ ଚାକିରୀରୁ ବାହାର କରି ଦିଆଯାଇଥିଲା। ତଥାପି ଚାକିରୀରୁ ବହିଷ୍କାର ହେଲା ପରେ ମଧ୍ୟ ନବଘନ ଦୁଇଦିନ ଧରି ଅଫିସ୍‌କୁ ଆସିଥିଲା ଏଇ ଆଶାରେ ଯେ ଅଫିସ୍‌ରେ ଏତେ ଲୋକଙ୍କ ଭିତରେ ତଥା ଏତେ ଅଫିସରଙ୍କ ଭିତରୁ କାହାର ନା କାହାର ତା' ଉପରେ ଦୟା ହେବ। ଆଉ ସେ ଯାଇ ତା' ପାଇଁ ହାକିମଙ୍କୁ କହିବ, ଆଉ ହାକିମ ଦୟାକରି ତାକୁ ତା ଚାକିରୀ ଫେରେଇ ଦେବେ। କାରଣ ତାକୁ ଆଦୌ ଲାଗୁନଥିଲା କି ଏତେ ବଡ଼ କିଛି ଭୁଲ କରିଛି ଯାହା ଫଳରେ ତା' ଚାକିରୀ ଚାଲିଯିବ। ଏକଥା ସତ ଯେ ସେ ମଦ ପିଉଥିଲା, ହେଲେ ମଦ ପିଇ ବି ସେ କେବେ ହେଲେ କାହାକୁ ଖରାପ ବ୍ୟବହାର କରୁନଥିଲା କି ନିଜ କାମରେ କେବେ ଅବହେଳା କି ଖିଲାପ କରୁନଥିଲା। ଆଉ ଯେଉଁ ଛୋଟ

ଦୋକାନଟିଏ କରିଥିଲା ଯାହାକୁ ପ୍ରକୃତ ପକ୍ଷେ ଦୋକାନ କୁହାଯିବନି, ସେଇଟିକୁ କରିବା ପାଇଁ ଦିନେ ତାକୁ ସେଇ ଅଫିସର ମାନେ ହିଁ ବାଧ୍ୟ କରିଥିଲେ ସେମାନଙ୍କ ସୁବିଧା ପାଇଁ। ସେଇମାନେ ତ ବେଳ ଅବେଳରେ ତା’ଠାରୁ ଖାଇବା ଜିନିଷ ସବୁ ମଗେଇ ଖାଉଥିଲେ। ସେମାନଙ୍କର ନୀରବ ସ୍ୱୀକାରୋକ୍ତି ନଥିଲେ ସେ କ’ଣ ଏସବୁ କରିପାରିଥାନ୍ତା ଅଫିସ ଭିତରେ ? ହେଲେ ଏବେ ସମସ୍ତେ ସବୁଦୋଷ ତାରି ଉପରେ ଲଦି ଦେଉଥିଲେ। ନବଘନ ବୁଝି ପାରୁନଥିଲା ସେତେବେଳେ ସେମାନଙ୍କ କଥାମାନି ସେ ଠିକ୍ କରିଥିଲା କି ଭୁଲ୍ କରିଥିଲା।

ହେଲେ ଚାକିରୀଯିବା ପରେ ଅଫିସକୁ ଦୁଇ ତିନି ଦିନ ଆସିବା ପରେ ଅଫିସ୍‌ରେ ସେ ନିଜକୁ କେମିତି ଅପାଙ୍‌କ୍ତେୟ ମନେକଲା। ଅଫିସ୍‌ରେ ଯିଏ ଯାହା କାମରେ ବ୍ୟସ୍ତ ରହୁଥିଲେ। କେହି ତାକୁ କିଛି କହୁନଥିଲେ। ସମସ୍ତେ ଦେଖି ରଖି ଅଫିସ ଭିତରେ ଏମିତି ଯିବା ଆସିବା କରୁଥିଲେ ଯେମିତି ତା’ ସାମ୍ନାରେ ନପଡ଼ିବେ। ଆଉ କେହି ଯଦି ନିଜ ଅଜାଣତରେ ହଠାତ୍ ତା ସାମ୍ନାରେ ପଡି ଯାଉଥିଲେ ତାହେଲେ ଜୋର ଜବରଦସ୍ତ ଇଚ୍ଛା ନଥାଇ ପଦେ ଦୁଇପଦ କଥା ହେଉଥିଲେ, ଆହା ଚୁଚୁ ଟିକେ କରୁଥିଲେ। ମିଛ ସମବେଦନା ଜଣାଉଥିଲେ, କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ଆଉ ଇଆଡୁ ସିଆଡୁ କିଛି କହି କାମ ଅଛି କହି ଚାଲି ଯାଉଥିଲେ। ଆଉ କାହାର କାହାର ଆଚାର ବ୍ୟବହାର ତ ଦେଖି ନବଘନକୁ ଏମିତି ଲାଗୁଥିଲା ଯେମିତି ସେ କିଛି ଗୋଟେ ବଡ ଭୁଲ୍ କରି ଦେଇଛି। ଦିନେ ସମସ୍ତଙ୍କ କାମରେ ଆସୁଥିବା ଲୋକଟା ଆଜି ଯେମିତି ସମସ୍ତଙ୍କ ପାଖରେ ହଠାତ୍ ଅଲୋଡା ହୋଇଯାଇଥିଲା।

ହଠାତ୍ ନବଘନ ଉପଲବ୍ଧି କରିଥିଲା ଯେ ପ୍ରକୃତରେ ଏଇ ଦୁଇ ତିନି ଦିନ ତଳେ ତା’ର ମୁଣ୍ଡଟା ଗଣ୍ଡିଠାରୁ ଅଲଗା ହୋଇଯାଇଛି ଯାହାକି ଆଉ କେବେ ହେଲେ ଯୋଡ଼ି ହୋଇପାରିବ ନାହିଁ। ମାନେ ତା’ର କିଛି ଦୋଷ ଥାଉ କି ନଥାଉ ନିରାଟ ତଥା ଅପ୍ରିୟ ସତକଥାଟି ହେଉଛି ତା’ର ଚାକିରୀ ଚାଲି ଯାଇଛି। ଯେତେ ଚେଷ୍ଟା କଲେ ବି ସେ ଆଉ ତା’ ଚାକିରୀ ଫେରି ପାଇବ ନାହିଁ।

ଥରେ ଏଇ କଥାଟି ହୃଦୟଙ୍ଗମ ହୋଇଗଲା ପରେ ସେଇ ଅଫିସରୁ ବସିବା ଯାଗାରୁ ହଠାତ୍ ଉଠି ଆସିଲା ନବଘନ। ଷ୍ଟାଣ୍ଡକୁ ଆସି ନିଜ ମୋଟରସାଇକେଲ୍‌ଟିକୁ ବାହାର କରି ଏକ ମୁହାଁ ହୋଇ ଘରକୁ ଫେରିଲା। କିଛି ବାଟ ଆସିଲାପରେ ଛକଟିଏ ପଡ଼ିଥିଲା। ସେଇ ଛକ ପାଖରେ ଅଟକି ଗଲା ସେ। ଥରେ ଚାହିଁଲା ଛକର ବାମ ପଟକୁ ତ ଆଉଥରେ ଚାହିଁଲା ଡାହାଣ ପଟକୁ। ବାମପଟକୁ ଗଲେ ପଡିବ ତା’ ଘର ତ ଡାହାଣ ପଟକୁ ଗଲେ ପଡିବ ରେଳଧାରଣା।

ସେଇ ଛକଟା ପାଖରେ ନବଘନ କିଛି ସମୟ ଅଟକି ଯାଇଥିଲା। ମନେ ମନେ ଭାବୁଥିଲା ଛକର କୋଉ ପଟକୁ ଯିବ ? ବାମପଟକୁ ନା ଡାହାଣପଟକୁ। କାରଣ ବାମପଟରେ ଥିଲା ସମସ୍ୟାର ପାହାଡ଼ ତ ଡାହାଣ ପଟେ ଥିଲା ସମସ୍ତ ସମସ୍ୟାର ମୁକ୍ତିର ମାର୍ଗ।

*ଶକ୍ତି ବିଭାଗ*
*ଖାରବେଳ ଭବନ, ଭୁବନେଶ୍ୱର*



**Looking forward to our association in Rotary**
*Rtn. Jayashree Rtn. Tanmay Mohanty*
**Rotary Club of Bhubaneswar**

**Web:** www.luminousinfoways.com **Email:** jaya@lipl.in, tanmay@lipl.in **Contact No.:** +91 9238426536

Luminous Infoways
Delivering values through qualitative thinking

**Proud to be associated with**
ସୂଚନା ଅଧିକାର RTI Central Monitoring Mechanism
e-Blood Bank — An Integrated Blood Bank Automation System
e-nirman — Online Project Monitoring System

**Dedicated to Personalized e-Governance**

# ଜେଲ୍‌ରୁ ଫେରିଲା ମକର

## ତରୁଣ କୁମାର ସାହୁ

ମକର ମଙ୍ଗୋଲ ସଇ ଜେଲ୍ ଯିବା ପରେ ଦୁଃଖଟାରେ ମ୍ରିୟମାଣ ହୋଇପଡ଼ିଲା ତପନ । ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲା ତା'ର ପ୍ରିୟ ମକର ଏମିତି ଏକ ଦୁର୍ଦ୍ଦିନ ଦେଇ ଗତି କରିବ । ସେ ଜାଣିଥିଲା ହୁଏତ ତା'ର ମକର ବେଶି ପାଠ ପଢ଼ିବ ନାହିଁ । ଆଦିବାସୀ ପିଲା ତ ! ବେଶି ପାଠପଢ଼ିବାର ସୁଯୋଗ ସୃଷ୍ଟି ହୁଏ ନାହିଁ ଆଦିବାସୀ ପିଲାମାନଙ୍କ ପାଇଁ । ଶିକ୍ଷାଦୀକ୍ଷା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ ସେମାନେ । ଚାଷବାସ କରିବା, ଜଙ୍ଗଲରୁ କାଠ ଆଣିବା, ଜଙ୍ଗଲଜାତ ଫଳମୂଳ ସଂଗ୍ରହ କରିବା– ଏଇ ସବୁରେ ସୀମିତ ଥାଏ ତାଙ୍କର ଜୀବନ । ମକରର ମଧ୍ୟ ସେମିତି ଜୀବନଟେ କଳ୍ପନା କରିଥିଲା ତପନ । କିନ୍ତୁ, ହଠାତ୍ ସବୁ ଓଲଟପାଲଟ ହୋଇଗଲା । ଜେଲ୍ ଗଲା ମକର ।

ଚାକିରି କ୍ଷେତ୍ରରୁ ଛୁଟିନେଇ ଗାଁକୁ ଯାଇ ଗାଁରୁ ଗଲା ଚାଇବସା ମକରକୁ ଜେଲ୍‌ରେ ଭେଟିବା ପାଇଁ । ଥରେ ନୁହେଁ, ବହୁବାର ଭେଟିଛି ତପନ ମକରକୁ ଜେଲ୍‌ରେ । ମକରର ତିଳେମାତ୍ର ଅନୁଶୋଚନା ଅଥବା ମନସ୍ତାପ ନାହିଁ । ହସିହସି ମଙ୍ଗୋଲ ଭେଟେ ତପନକୁ । ମଝିରେ ମଝିରେ ପଚାରେ, "ମୁଇଁ ଜେଲ୍‌ରୁ ବାହାରିଲେ ତୁମ୍‌କୁ ଭେଟ୍‌ତେ ଯିବି । ମୋକେ ଭେଟ୍‌ବ ତ ମକର ? ମୋକେ ଘିନ୍ ନାଇଁ କରବ ତ ?"

ମକରର ହାତ ପାପୁଲିକୁ ଚାପିଧରେ ତପନ । କହେ, "ମୁଇଁ ତୁମର୍ ମକର ପରା ! ମୁଇଁ ତୁମ୍‌କୁ ଘିନ୍ କରବି କେମିତି ? ତୁମେ ମୋର ହୃଦୟରେ ଅଛ ମକର । ସବୁବେଳେ ତୁମର୍ କଥା ହିଁ ତ ଭୁବଛେଁ । ତୁମେ ଜଲ୍‌ଦି ଖଲାସ୍ ହେଲେ ମୁଇଁ ବେଜାୟ ଖୁସି ହେବି ।"

ରହି ରହି ମକର କଥା ମନେପଡ଼େ ତପନର । ମନେପଡ଼େ ପିଲାବେଳେ କେମିତି ଦୁହେଁ ସ୍କୁଲ୍ ଯାଉଥିଲେ ସାଙ୍ଗ ହୋଇ । ମନେପଡ଼େ ମକର ପର୍ବ କଥା ଏବଂ ଏମିତି ଏକ ମକର ପର୍ବରେ ମକର ଚାଉଳ ଛୁଇଁ ଦୁହେଁ ମକର ବସିଥିଲେ ।

ମଙ୍ଗୋଲ ସଇ ସାଙ୍ଗରେ ମକର ବସିବା ପରେ ଘରେ ଛୋଟ ଝଡଟେ ଉଠିଥିଲା । ମଝିଆଁ ଆଉ ବଡ଼ଭାଇ ନାପସନ୍ଦ କରିଥିଲେ ତା'ର ଏଇ କାର୍ଯ୍ୟଟିକୁ । ଗାଁରେ ଉଚ୍ଚ ଜାତିର ଏତେ ପିଲା ଥାଉ ଥାଉ ସେ କାହିଁକି ମକର ବସିଲା ଗାଁ ପାଖ ଜଙ୍ଗଲରେ ରହୁଥିବା ଆଦିବାସୀ ପିଲା ମଙ୍ଗୋଲ ସହିତ । ମଙ୍ଗୋଲ କ'ଣ ତା'ର ସମାସ୍କନ୍ଦ । ତେବେ, ସେମାନଙ୍କର ଆକଟ, ଗାଳି ଆଉ କ୍ରୋଧରୁ ରକ୍ଷା କରିଥିଲେ ତପନର ମା । କହିଥିଲେ, "କର୍‌ଲା ତ କର୍‌ଲା । କିଛି ଖରାପ ନାଇଁ କରି । ମଙ୍ଗୋଲ ବି ତ ମଣିଷ ଛୁଆନା । ଆଦିବାସୀ ହେଲେ କିଷ ହେଲା ! ତୁମେ ପଢ଼ିଛି ପରା ବହିରେ ଭଗବାନ୍ ରାମ୍ ଶବରୀ ହାତ୍‌ରୁ କୁଳି ଖାଇଥିଲେ । ଶବରୀ ବି ତ ଆଦିବାସୀ ଥିଲା ।"

ଚାକିରି କରିବା ପୂର୍ବରୁ ଓ ଚାକିରି କରିବା ପରେ ଅନେକ ବହି ପଢ଼ିଛି ତପନ । ଆଦିବାସୀମାନଙ୍କର ସରଳ ଜୀବନଯାପନ ପ୍ରଣାଳୀକୁ ନେଇ ଅନେକ ବହି ପଢ଼ିଛି । ସେ ଉପଲବ୍ଧି କରିଛି ଆଦିବାସୀମାନେ ସରଳ, କିନ୍ତୁ ତାଙ୍କର ଇଜ୍ଜତକୁ ନେଇ ଖେଳିଲେ ସେମାନେ ହୋଇଉଠନ୍ତି ଉଗ୍ର ଆଉ ହିଂସ୍ର । ଠିକ୍ ସେଇଆ ହିଁ ଘଟିଛି ତା'ର ମକର ଜୀବନରେ ।

ମକର ପର୍ବ ବେଳକୁ ଗାଁକୁ ଯାଏ ତପନ; କିନ୍ତୁ ଗାଁଗାଁ ବୁଲି ମେଳା ଦେଖିବାକୁ ଇଚ୍ଛା ହୁଏନି ତା'ର । ସାନବେଳେ ମକର ସାଙ୍ଗରେ କେତେ ବୁଲୁଥିଲା ସେ ମକର ପର୍ବ ସମୟରେ । କେତେ ଭଲ ଥିଲା ସେ ଦିନଗୁଡ଼ିକ । ମକର ପର୍ବରେ ଘରେ ପିଠାପଣା ହୁଏ । ମା' ସବୁବେଳେ କହୁଥିଲା ତପନକୁ, "ଆରେ ତପନ, ତୋର ମକରକୁ ଡାକ୍‌ବୁ ।,ଇଠେ ଖାଇକରିଯିବ ।" ମକର ଆସେ ମା'ଙ୍କୁ ପ୍ରଣାମ କରେ ପାଦଛୁଇଁ । ବଡ଼ଭାଇମାନଙ୍କୁ ନମସ୍କାର କରେ । ତପନର ମା' ପରଶିଥିବା ପିଠା, ଖିରି, ତରକାରୀ ଖାଇ ପୁଣି ତପନର ମା'ଙ୍କୁ ପ୍ରଣାମ କରି ଫେରେ ତପନର ମକର ମଙ୍ଗୋଲ ସହ ।

ଏବେ ଏସବୁ ସ୍ୱପ୍ନ ଭଳି ଲାଗେ ତପନକୁ । ମକର ପର୍ବରେ ମକର କଥା ମନେପଡ଼ିଲେ ଆଖିରେ ଲୁହ ଜକେଇ ଯାଏ । ତା' ଭିତରଟା ଖାଁ ଖାଁ ଲାଗେ ।

ହଠାତ୍ ଦିନେ ସାଙ୍ଗ ପ୍ରହ୍ଲାଦ ଗାଁରୁ ଖବର ଦେଲା– "ସାତ୍ ଦିନ୍ ବାଦ୍ ତୋର ମକର ଖଲାସ୍ ହୋଇଯିବ । ତା'ର୍ ଭଲ୍ ବ୍ୟବହାର ନାଗି ତାକେ ସରକାର କ୍ଷମା କରିଦେଇଛନ୍ ।" ଆନନ୍ଦରେ ଗଦଗଦ ହୋଇଗଲା ତପନ । ଶୁଣିଥିଲା କଏଦୀର ବ୍ୟବହାର ଉତ୍ତମ, ଭଦ୍ର, ନମ୍ର ହେଲେ ତା'ର ଦଣ୍ଡ କୋହଳ କରି ଦିଆଯାଏ । ସମ୍ଭବତଃ ତା'

ମକର କ୍ଷେତ୍ରରେ ସେଇଆ ହୋଇଛି । ତା'ର ମକର ତ ଆଉ ଜନ୍ମରୁ ମର୍ଡରର୍ ନଥିଲା । ଅବସ୍ଥାଚକ୍ରରେ ପଡ଼ି.... ।

ଗାଁକୁ ଚାଲିଆସିଲା ତପନ । ମା' ଖୁସି ହୋଇଗଲେ ତାକୁ ଦେଖି । ପଚାରିଲେ, "ହଠାତ୍ ଚାଲିଆସିଲୁ ଯେ ! ଆଗରୁ ଖବର୍ ଟବର୍ ନାଇଁ ଦେଲୁ । କି ହେଇଛି ?"

"କିଛି ନାଇଁ ଗୋ ମା' । ଶୁଣ୍‌ଲି ମୋର ମକର ଖଲାସ୍ ହେଉଛି ଜେଲ୍‌ରୁ । ଏଇ ରବିବାର ଦିନ । ମୁଇଁ ଯିବି ତାକୁ ଭେଟ୍‌ତେ ଚାଇବାସା । ଜେଲ୍‌ରୁ ବାହାରିଲେ ତାକୁ ନେଇକରି ସାଙ୍ଗ୍‌ରେ ଆଣ୍‌ବି ।"

"ବଡ଼ଭାଇ ଥିଲେ ସେଇ ପାଖରେ । ସାଙ୍ଗେ ସାଙ୍ଗେ ଗର୍ଜିଉଠିଲେ, "ନାଇଁ, ତୋକେ ଯାଇତେ ହେବ ନାଇଁ । ସେଟା ଗୁଟେ ମର୍ଡରର୍ । ତା'ର୍ ସାଙ୍ଗ୍‌ରେ ଆଉ ମିଶ୍‌ବୁ ନାଇଁ । ଏକଦମ୍ ଯାଇତେ ହେବ ନାଇଁ । ତା'ର୍ ସାଙ୍ଗ୍‌ରେ ମିଶ୍‌ଲେ ଆମର ଇଜ୍ଜତ୍ ଯିବ ।"

ମୁହଁ ଶୁଖିଗଲା ତପନର । ଦୁଃଖରେ ଭାଙ୍ଗିପଡ଼ିଲା । ଅନେଇଲା ମା' ମୁହଁକୁ । ମା' ତାକୁ ପ୍ରବୋଧନା ଦେଇ କହିଲେ, "ତୁଇ ଯିବୁ । କିପେଇଁ ନାଇଁ ଯିବୁ । ମାନୁଛେଁ ସେ ମଡର୍ କରିଛି । ହେଲେ, ତା'ର ଭନିକେ କଣ୍ଟ୍ରାକ୍ଟର ନାଇ ଉଠେଇ ଥିଲେ ସେ ମାର୍‌ତା କି ?" ତା'ପରେ ବଡ଼ପୁଅକୁ ପ୍ରଶ୍ନ କଲେ, "ତୋର୍ ଭନିକେ ଉଠେଇ ନେଲେ, ତୁଇ କି କର୍‌ବୁ ?" କାଳ ବିଳମ୍ବ ନ କରି ତପନର ବଡ଼ଭାଇ ଉତ୍ତର ଦେଇଥିଲେ, "ମୁଇଁ ହାଣି ଦେବି ତାକୁ ।"

ଅଳ୍ପ ହସି ମା' କହିଲେ, "ମଙ୍ଗୋଲ୍ ତ ଠିକ୍ ସେଇଟା କରିଛି । ଗୁଟେଇ ଶର୍‌ରେ ଖତମ୍ କରିଦେଲା ସେ ପାପୀଟାକୁ ।"

ତପନ ଯାଇ ଖବର ଦେଲା ମଙ୍ଗୋଲର ବାପାଙ୍କୁ । ଖବରଟା ଶୁଣି ମଙ୍ଗୋଲ୍‌ର ବାପା ବହୁତ ଖୁସି ହେଇଗଲେ ।

"ତୁମେ ଯିବ ବାବୁ ମୋର୍ ପୋକେ ଆଣ୍‌ତେ ?" ପଚାରିଲେ ।

"ହଁ, ମୁଁ ତ ନିଶ୍ଚେ ଯିବି । କାର୍ ଗୁଟେ ଭଡ଼ାରେ ନେଇ ଯିବା । ତୁମେ ବି ଯିବ ମୋର୍ ସାଙ୍ଗ୍‌ରେ । ମକର ବହୁତ ଖୁସି ହୋଇଯିବ ତୁମ୍‌କୁ ଦେଖିକରି ।"

"ମୋର୍ ତ ଯାଇତେ ମନ କରୁଛି; ହେଲେ ତୁମର ଘରର୍ ଲୋକମାନେ ଖରାପ ଭାବ୍‌ବେ କେଜାଣି । ତୁମର୍ ବଡ଼ଭାଇ ନିଶ୍ଚେ ରାଗିଯିବେ ମୁଇଁ ତୁମର୍ ସାଙ୍ଗ୍‌ରେ ଗଲେ ।"

"ନାଇଁ, କେହି ଖରାପ ନାଇଁ ଭାବ୍‌ବେ । ମୋର ମା' ସବୁ ସମ୍ଭାଳି ନେଇଛି ।"

"ତେବେ ଠିକ୍ ଅଛି ଯିବା ସାଙ୍ଗ୍‌ରେ । କେଭେ ଯାଇତେ ଅଛି ? କେଭେ ଖଲାସ୍ ହେବ ଆମର୍ ପୋ ?"

"ଏଇ ରବିବାର ଦିନ । ତୁମେ ଭୋର୍‌ରୁ ଚଲି ଆସ୍‌ବ ଆମର୍ ଘର୍‌କୁ ସାଇକେଲ୍‌ରେ । ସାତ୍‌ଟା ଆଗରୁ ଖରସୁଆଁ ଛାଡ଼ିଦେବା । ଆଠ୍‌ଟା ସାଢ଼େ ଆଠ୍‌ଟା ଭିତ୍‌ରେ ପହଞ୍ଚି ଯିବା ସେଇଠେ । ଆମ୍‌କୁ ନାଇଁ ଦେଖିଲେ ମକରର ମନଟା ଭାଙ୍ଗିଯିବ ଦୁଃଖରେ ।"

"ଯିବା ଗୋ, ନିଶ୍ଚେ ଯିବା । ମୁଇଁ ଠିକ୍ ସମୟରେ ତୁମର୍ ଘରେ ପହଞ୍ଚିଯିବି । ତୁମେ ତୟାର୍ ହେଇକରି ଥିବ ।"

ରବିବାର ଭୋର୍‌ରୁ ଉଠି ନିତ୍ୟକର୍ମ ସାରି ଠାକୁରଙ୍କୁ ମୁଣ୍ଡିଆ ମାରି ପ୍ରସ୍ତୁତ ହୋଇଗଲା ତପନ ସାଙ୍ଗ ମକରକୁ ଆଣିବା ପାଇଁ ଜେଲ୍‌ରୁ । ମଙ୍ଗୋଲ୍‌ର ବାପା ମଧ୍ୟ ପହଞ୍ଚି ଯାଇଥିଲେ ସକାଳ ଛ'ଟା ସୁଦ୍ଧା । ଖୁବ୍ ଆନନ୍ଦିତ ଜଣାପଡୁଥିଲେ ।

ଠିକ୍ ସାଢ଼େ ଆଠଟା ବେଳକୁ ଚାଇବାସା ଜେଲ୍ ଫାଟକ ଆଗରେ ଗାଡ଼ି ରଖି ଅପେକ୍ଷା କଲେ ତପନ ଓ ତା'ର ମକରର ବାପା । ତପନ ଜାଣିଥିଲା ଜେଲ୍‌ରୁ ମୁକ୍ତି ଲାଭ କରିବା ପୂର୍ବରୁ ମଙ୍ଗୋଲକୁ କେତୋଟି କାର୍ଯ୍ୟ କରିବାକୁ ପଡ଼ିବ ଜେଲରଙ୍କ ପାଖରେ । ଗୋଟିଏ ଖାତାରେ ମଧ୍ୟ ଦସ୍ତଖତ କରିବାକୁ ପଡ଼ିବ । ତା'ର ଜିନିଷ ସବୁକୁ ତାକୁ ଫେରାଇ ଦିଆଯିବ । ଏସବୁ କାର୍ଯ୍ୟ ପାଇଁ କିଛି ସମୟ ତ ଲାଗିବ । ଅପେକ୍ଷା କରିବାକୁ ହେବ ସେମାନଙ୍କୁ । ତପନ ସେଥିପାଇଁ ଆଦୌ ବ୍ୟସ୍ତ ହେଉ ନଥିଲା । ଏତେଦିନ ଧରି ଅପେକ୍ଷା କରିଛି ଯେତେବେଳେ ଆଉ କେତେ ଘଣ୍ଟା, କେତେ ମିନିଟ୍ କ'ଣ ଅପେକ୍ଷା କରିପାରିବ ନାହିଁ ?

ପାଖାପାଖି ସାଢ଼େ ଦଶଟା ବେଳେ ଜେଲ୍‌ର ଫାଟକ ଖୋଲିଲା । ଜେଲ୍‌ରୁ ବାହାରି ଆସିଲା ମଙ୍ଗୋଲ୍ । ସମ୍ମୁଖରେ ଛିଡ଼ା ହୋଇଛନ୍ତି ତା'ର ବାପା ଆଉ ଅତିପ୍ରିୟ ମକର୍ । ସେଇଠି ଛିଡ଼ା ହୋଇ ରହିଲା କିଛି ସମୟ । ଆଖିରୁ ତା'ର ଝରି ଆସିଲା ଲୁହ । ସେମିତି କାନ୍ଦିକାନ୍ଦି ଦୌଡ଼ି ଆସିଲା ମଙ୍ଗୋଲ୍ ସେମାନଙ୍କ ନିକଟକୁ । ତା' ବାପାଙ୍କର ପାଦଛୁଇଁ ପ୍ରଣାମ କଲା । ତା'ପରେ ଜୋର୍‌ରେ କୁଣ୍ଢାଇ ଧରିଲା ମକରକୁ । କିଛି କହିପାରିଲା ନାହିଁ । କେବଳ କାନ୍ଦିଲା କଇଁ କଇଁ ହୋଇ । ତପନ ତାକୁ ଜାବୁଡ଼ି ଧରି କହିଲା, "କାନ୍ଦ ନାହିଁ ମକର । ଆଉ କାନ୍ଦ୍‌ତେ ହେବ ନାହିଁ । ଏଥର ମକର୍ ବେଳେ ଆମେ ଦୁଇ ମକର ଘୂରି ବୁଲ୍‌ବା ସବୁଆଡ଼େ ।"

('ମକର' ଶିରୋନାମାରେ ଆଉ ଏକ ଗପ ଏଇ ଲେଖକ ଲେଖିଛି । 'ଜେଲ୍‌ରୁ ଫେରିଲା ମକର' ତା'ର ପରବର୍ତ୍ତୀ ଗପ- ଏକ - ସ୍ୱରକ୍ତଙ୍କରକ୍ଷ ଏଇ ଗଳ୍ପର ଚରିତ୍ରମାନଙ୍କର କଥୋପକଥନରେ ବ୍ୟବହୃତ ହୋଇଥିବା ଉପଭାଷା ବିଚ୍ଛିନ୍ନାଞ୍ଚଳ ଖରସୁଆଁ, ଷଢ଼େଇକଳାର ଭାଷା ।)

*କ୍ୱାର୍ଟରସ୍ ନମ୍ବର-୫୧୨*
*ସିଲ୍‌ଭର ଲାଇନିଂ ଆପାର୍ଟମେଣ୍ଟ, ମିଶନରୋଡ୍*
*କଟକ-୭୫୩୦୦୧*
*ଦୂରଭାଷ: ୯୯୩୭୫୮୩୭୬୬*

# ସାତ ସାରରେ ସାର

## ସୁବାସିନୀ ରଥ

ଘରେ ଗହଳି ଲାଗିଛି। ସମସ୍ତେ ନିଜ ନିଜ ଭିତରେ କିଚିରି ମିଚିରି ହଉଚନ୍ତି। ରାନୁର ପୁଅ ବାହାଘର ସରିଯାଇଛି ଦି ଦିନ ତଳେ। ଆଜି ରିସେପ୍ସନ୍। ରୋଷେଇ ଘରେ କଣ ହେବ କହୁ କହୁ ପଛ ଆଡୁ ମିନି ମାଉସୀ ଆସି କହିଲେ, ଆଜି କାହିଁକି ରିସେପ୍ସନ୍ ରଖିଲୁ ?

ମାଉସୀ କାଲି ତ ଗୁରୁବାର, ଜାଣିଚ ତ ଚତୁର୍ଥୀ ଦିନ କେତେ କାମ। ସେ ସବୁ ସରୁ ସରୁ ଚାରିଟା ବାଜି ଯିବ। ତାପରେ ବୋହୂ କେତେବେଳେ ପାର୍ଲର ଯିବ କେତେବେଳେ ମଣ୍ଡପରେ ପହଞ୍ଚିବ ? ସେଥିପାଇଁ ଆଜି ବୁଧବାର ଭଲ ବାର ସମସ୍ତେ ଟିକେ ଆଇଁଷ ବି ଖାଇପାରିବେ। ହଠାତ୍ ମିନି ମାଉସୀ ପାଖକୁ ଲାଗି ଆସି ପଚାରିଲେ ବୋହୂ ର କୁଆଡେ ଅତି ନୀଚ୍ଚ ଜାତି, ତୁ କେମିତି ରାଜି ହେଇଗଲୁ ? ଦେଖିବାକୁ ବି ତ ସେମିତି କିଛି ନୁହେଁ। ଆମ ଜିକି କଣ ଦେଖି ପସନ୍ଦ କଲା।

ରାନୁ ମାଉସୀଙ୍କ ହାତ ଧରି ରୋଷେଇଆ ପାଖରୁ ଦୂରକୁ ନେଇ ଆସିଲା, "ମାଉସୀ ଆଜିକାଲି ଜାତି ପାଂତି କିଏ ମାନୁଚି ଯେ ! ବିକି ଯଦି ଝିଅକୁ ପସନ୍ଦ କଲା ଆମର ସେଥିରେ କଣ ଆଉ କହିବାର ଅଛି।" ଏତିକ କହି ଦେଖିଲା ଆଗରୁ ତାଙ୍କ ସାନଭଉଣୀ ମାନୁ ଆସୁଛି। ହେ ମାନୁ ମାଉସୀଙ୍କୁ ନେଇ ଟିକେ ଜଳଖିଆ ଦେଇ ଦେଲୁ। ତରକାରୀ ହେଇ ଗଲାଣି। ସେ କରେଇ ବସେଇ ପୁରୀ ଛାଣିଲାଣି। "ମାଉସୀ ଯାଆନ୍ତୁ, ଖାଇଦେବେ ଆପଣ ପୁଣି ଡାଇବେଟିସ୍ ପେସେଣ୍ଟ ଖାଇଲେ ମେଡ଼ିସିନ୍ ଖାଇବେ।

ଏତକ କହି ରାନୁ ରୋଷେଇ ଘରୁ ବାହାରି ଆସିଲା। କିନ୍ତୁ ତା ମୁଣ୍ଡରେ ଗୋଟିଏ କଥା ଘୂରି ବୁଲୁଥିଲା " ତୁ କେମିତି ରାଜି ହେଇଗଲୁ।" ସତରେ ସବୁ କଥା କଣ ଏତେ ସହଜରେ ହେଇଗଲା। ଏଥପାଇଁ ସମସ୍ତଙ୍କଠୁ କେତେ କଥା ଶୁଣିବାକୁ ପଡ଼ିଛି। ତା ନିଜ ଭାଇନା କହିଛନ୍ତି ସେଠି ବାହା ହେଲେ ଆମେ ତୋ ଘରେ ପାଣି ଛୁଇଁବୁନି। କିଏ ଏତେ ପଇତା ବଦଳେଇବ। ଶାଶୁ କହିଲେ ପୁଅମାନଙ୍କୁ ଅତି ମୁହଁ ବଡ଼ା କଲେ ଏଇଆ ହୁଏ। ପୁଅ କହିଲା ଏଠି ବାହା ନ କଲେ ମୁଁ ଆଉ ବାହା ହେବିନି କୋଉ ଆଡକୁ ସେ ସମ୍ଭାଳି ଥାଆନ୍ତା। ବୋହୂ ଘର ଯାହା ସର୍ତ୍ତ ରଖିଲେ ପୁଅ ସେଥିରେ ରାଜି ହେଇଗଲା। ବରଯାତ୍ରୀ ଦଶଜଣରୁ ବେଶୀ ଆସିବେନି। ବାହାଘର ଆଠଟା ଭିତରେ ସରିବ। ବୋହୂ କୁ ନେଇ ଦଶଟା ଭିତରେ ବିଦା ହେଇଯିବେ। ପୁଅକୁ ଡାକି କହିଲେ " ହଇରେ ଏ ଗୁଡା କି କଥା ଆମର ପ୍ରଥମ ପୁଅ ବାହାଘର ସମସ୍ତେ ବରଯାତ୍ରୀ ଯିବା ପାଇଁ ରେଡ଼ି ହେଇଚନ୍ତି। ରହ ମୁଁ ତାଙ୍କୁ ଫୋନ୍ କରି ପଚାରୁଚି। "ନାଇଁ ମା ତାଙ୍କୁ କିଛି ପଚାରିବୁନି।" ଗୁଡ଼ାଏ ବରଯାତ୍ରୀ ନ ଗଲେ କ୍ଷତି କ'ଣ ଯେ ?

ଏସବୁ ଭାବୁ ଭାବୁ ତଳୁ ସିକ୍ୟୁରିଟି ବାଲା ଆପାର୍ଟମେଣ୍ଟର ଫୋନ୍ କଲା ମା ଆପଣଙ୍କର ଟ୍ରକ୍ ଆସିଚି। ଟ୍ରକ୍ ? କୋଉ ଟ୍ରକ ? ଆମେ ଜାଣିନୁ ଆଜ୍ଞା ଆପଣ ଦେଖନ୍ତୁ।"

ଜିକି, ଏ ଜିକି କଣ ଟ୍ରକ୍ ଆସିଛି ଦେଖିଲୁ। ହଁ ଏବେ ବାପା ଫୋନ୍ କରିଥିଲେ ସେ ଭାର ଆଉ ଜିନିଷ ସବୁ ପଠେଇ ଦେଇଛନ୍ତି।

ବାପା ? ଓଃ ଆଚ୍ଛା ମୁଁ ପରା ତାଙ୍କୁ ମନା କରିଥିଲି ଆଜି ମୋ ଘରେ ଜାଗା ନାହିଁ। ବନ୍ଧୁବାନ୍ଧବ ଭର୍ତ୍ତି ହେଇଚନ୍ତି ରିସେପସନ୍ ପରେ ଅଧାଲୋକ ଖାଲି ହେଇଗଲେ ଘରେ ଟିକେ ଜାଗା କରି ଜିନିଷ ରଖିବୁ ଆପଣ କାଲି ସକାଳେ ପଠାନ୍ତୁ। ତୁ କେତେବେଳେ ଫୋନ୍ କରିଥିଲୁ ?

"ଅଧଘଣ୍ଟା ତଳେ।"

ବାପା କହିଲେ ସମସ୍ତେ ଅଛନ୍ତି ଜିନିଷ ଦେଖିବେ। ପଛଆଡୁ ବହୁତ କଥା ଶୁଣୁଥିବା ରମେଶ କହିଲେ କଣ ଅଦ୍ଭୁତ ଜିନଷ ଯେ ସବୁ ଦେଖିବେ ? ସେଇ ଟିଭି ଟାଏ ସୋଫାଟାଏ। ଖଟ, ଡ୍ରେସିଂ ଟେବୁଲ ଏଥିରେ ଏତେ ଦେଖିବାର କଣ ଅଛି ଯେ ? ହୋ ହା ହେଇ ଆରାମରେ ବସି ଗପୁଥିବା ସବୁ ଲୋକଙ୍କୁ ଗୋଟେ ଘରେ ପୂରେଇ ଜିନିଷ ପତ୍ର ରଖୁ ରଖୁ ଚାରିଟା ବାଜିଗଲା। ତା ଭିତରେ କିଏ କେମିତି ଖାଇଲେ କଣ ଖାଇଲେ ରାନୁର ଆଉ ବୁଝିବାର ସମୟ ନଥିଲା। ହଁ ବୋହୂକୁ ଦେଖି ସମସ୍ତେ ଯାହା ଟିକେ ଅଶାନ୍ତି ହେଇଥିଲେ ଏ କାଣ୍ଡ କାରଖାନାରେ ସମସ୍ତେ ଆହୁରି ବିରକ୍ତ ହେଇଗଲେ।

ସମସ୍ତଙ୍କୁ ପଠେଇ ମଣ୍ଡପ ଯାଉ ଯାଉ ରାତି ଆଠଟା। ପହଞ୍ଚିଲା ପରେ ଦେଖିଲା ବୋହୂର ସାଇଡ଼ରେ ତା ବାପା ବସିଛନ୍ତି। ଆର ପାଖେ ପୁଅ ପାଖେ ତା ମା। ତାକୁ ଦେଖି ମାନୁ ଆସି ତା ପାଖେ ପହଞ୍ଚି କହିଲା ଦୃଶ୍ୟ ଦେଖୁଚୁ ତ। ଏଥର ତୋ ପଟ୍ଟା କଟିଲା। ରାନୁ କିଛି ନ କହି ଗେଷ୍ଟମାନଙ୍କ ଆଡକୁ ଚାଲିଗଲା ବୁଝାବୁଝି କରିବାକୁ।

ସରିଆସିଲା ବେଳକୁ ସାନ ପୁଅ ଡାକିଲା ମା ଆସ ଫଟୋ ଉଠାହେବ। ବାଧ୍ୟ ହେଇ ଯାଇ ଠିଆହେଲା ସେଠି ବି ତା ବାପା ମା ପାଖରେ ଠିଆ ହେଇଥିଲେ ସେ ଓ ରମେଶ ସାନପୁଅ ସହ ପଛରେ ଠିଆହେଲେ। ହଠାତ୍ ତା ଆଖି ଓଦା ହେଇଗଲା। ଆଜିଠୁ କଣ ତାହାଲେ ସେ ତା ପୁଅ ପାଇଁ ପର ହେଇଗଲା ?

ଘରକୁ ଫେରି ପୁଣି ତା ପରଦିନର ବ୍ୟବସ୍ଥା । ରାତିରେ ପୁଅ ଆସି କହିଲା 'ମା' ସେ କହୁଛି ସେ ବାଲକୋନି ରୁମ୍‌ଟା ନେବ। ରାନୁ କହିଲା ଆଉ ଆମେ ? ଏପଟ ରୁମଟା ବାଟରେ ପଡୁଛି ତା ଛଡ଼ା ସେଠି ଆଟାଚ ବାଥରୁମ ଅଛି ତ। "ଏପଟ ଘରେ ବି ଆଟାଚ୍ ବାଥରୁମ ଅଛି। ପୁଅର କହିବା କଥା ତାକୁ ସେଇ ଘରଟା ପସନ୍ଦ। କିନ୍ତୁ ଏତେ ରାତିରେ ପୁଣି ତାଙ୍କୁ ତାଙ୍କ ରୁମର ସବୁ ଚେଞ୍ଜ କରି ଏପଟକୁ ଆଣିବାକୁ ପଡ଼ିବ। ଏ ରୁମର ନୂଆ ଖଟ, ଡ୍ରେସିଂ ଟେବୁଲ ସେଠିକୁ ନେବାକୁ ପଡ଼ିବ। ସେ ଚିଡ଼ି ଯାଇ କହିଲେ ତୁ ଯାହା କରୁଚୁ କର। ଏବେ ସବୁ ଶୋଇଲେଣି। ଯାହା କରିବା କଥା ସକାଳେ କରିବୁ।

ପନ୍ଦର ଦିନ ପରେ ରାନୁର ଫୋନ୍ କଣ ଖବର ?

ହଁ ଚାଲିଚି।

ସରିତା କଣ କରୁଚି ? ସେ ତା ରୁମରେ ଅଛି।" ରେଷେଇ ? "କୁକ୍ କରିକି ଗଲାଣି।"

ତାକୁ ରୋଷେଇ ଆସେ ?

ମୁଁ କେମିତି ଜାଣିବି ? ସକାଳ ନଅଟା ନ ହେଲେ କବାଟ ଖୋଲୁନି। କାମ ବାଲୀ ଆସି ସବୁ ଘର ଓଳାପୋଛା କଲାବେଳେ ପଚାରୁଚି ମା ଭାଉଜଙ୍କୁ ଉଠେଇ ଦଉନ,ଏତେ ଡ଼େରି ହେଲାଣି। ଥରେ ଦି ଥର ଡାକିଲି। ପରେ ପୁଅ ଆସି କହିଲା" ସେ କହୁଚି ତାର ଡ଼େରି ଯାଏ ଶୋଇବା ଅଭ୍ୟାସ ତାକୁ ସକାଳୁ ଡାକିବନି।" ତା ପରଠୁ ମୁଁ ଡାକୁନି କହି ଦେଇଚି ନିଜ ରୁମ ନିଜେ ଓଳା ପୋଛା କରୁଥିବ। ଜାଣିଚୁ ସେ କଣ କରୁଚି ରୁମ ଓଳେଇ ଦେଇ ବାରଣ୍ଡାରେ ଧୂଳି ଯାକ ରଖି ଦଉଚି। "ତା ଘରେ କଣ ତାକୁ କିଛି ଶିଖେଇ ନାହାନ୍ତି ?" ରାନୁ କହିଲା

"ନା, ପାଠ ପଢୁଥିଲା ପରା।"

"ହଉ ଦେଖି ଚାହିଁ କାମ କରୁଥା । ନହେଲେ ତୁ ପୁଣି ଦେହ ଖରାପରେ ପଡ଼ିବୁ।"

ଜାଣିଚୁ ତା ମା ଥରେ ଆସିଥିଲେ ମୁଁ କହିଲି "ମୁଁ ତରକାରୀ ବସଉଚି ତୁ ଟିକେ ଅଟା ଚକଟି ଦେ। ତୋ ବାପା, ମା ଖାଇଦେଇ ଯିବେ। ବୋହୂ କିଛି କହିବା ଆଗରୁ ତା ମା କହିଲେ, "ମୋ ଝିଅକୁ ଇଞ୍ଜିନିୟରିଂ ପଢ଼େଇଥିଲି କଣ ଅଟା ଚକଟିବାକୁ।"

ରାନୁ କହିଲା ତୁ ତ କହୁଥିଲୁ ମୋର ଝିଅ ନାହାନ୍ତି ପୁଅମାନେ ବାହା ହେଲେ ବୋହୂମାନଙ୍କୁ ଝିଅ କରି ରଖିବି।"

"ଆରେ ବୋହୂମାନେ ଝିଅ ହବାକୁ ଚାହିଁଲେ ତ। ସେମାନେ ହାତରେ ଗୋଟେ ବାଡ଼ି ଧରି ବସିଛନ୍ତି। ମାପି ଦେଇ କହୁଚନ୍ତି ଏତିକି ଦୂରରେ ରୁହ। ଆଉ ପାଖକୁ ଆସିବାକୁ ଚେଷ୍ଟା କରନି। ବୁଝିଲୁ ଆଜିକାଲି ଗୋଟେ ନୂଆ କଲଚର। ହେଇଚି ସେଇଟା ହଉଚି "ବୋହୂ କଲଚର"। ସବୁ ବୋହୂମାନେ ଯେମିତି ଛାଞ୍ଚରେ ପଡ଼ି ଉଠି ଆସିଚନ୍ତି। ସବୁ ଏକା ପ୍ରକାରର। ତାଙ୍କ ପାଖରେ ଯେତେ ଜଗି ରଖି ଚଳିଲେ ବି ସେମାନେ ଅସନ୍ତୁଷ୍ଟ। "ହଉ ମନ ଦୁଃଖ କରନା ଜିକୁକୁ ଟିକେ ବୁଝା"। "ଜିକି କୁ କଣ ବୁଝେଇବି ସେ ତ ସବୁ କଥାରେ "ସିଏ କହୁଚି ନ ହେଲେ ତା ମା କହିଚି କହି ଆମ କଥାକୁ କାଟି ଦେଉଚି। ରାନୁ କହିଲା ଏଥର ତ ପ୍ରଥମ ସାବିତ୍ରୀ। ବୋହୂଘରୁ ଭାର ଆସିଥିବ ତ। ଭାର ! ହଁ ଗୋଟେ ପଲିଥିନ୍‌ରେ ଦିଟା ଆମ୍ବ, ଆଠଟା ଲିଚୁ ଆଉ ଚାରିଟା କଦଳୀ ଦେଇଥିଲେ। ଯେତିକି ତାଙ୍କ ଝିଅ ଖାଇପାରିବ। ଆଉ ଗୋଟେ ଜରିରେ ଗୋଟେ ଡ୍ରେସ୍ ଦିପଟ ଶଙ୍ଖା ଆଉ ସିନ୍ଦୂର। କାହିଁକି ତା ବାପା ତ ଭଲ ଚାକିରି କରିଛନ୍ତି। "ଆରେ ବେଶୀ ଦେଲେ ଆମେ ବି ଖାଇଦେବୁ ଯଦି ? ହଉ ତାହେଲେ ମୁଁ ଫୋନ୍ ରଖୁଛି ସୁବିଧା ହେଲେ କେତେବେଳେ ତୋ ଆଡୁ ବୁଲି ଆସିବି।

ସନ୍ଧ୍ୟା ଦେଲାବେଳେ ଦେଖିଲେ ବୋହୂ ଗୋଟେ ଆଟାଚି ଧରି ବାହାରିଚି ତା ପଛରେ ପୁଅ। କୁଆଡ଼େ ? ପୁଅ ଆଗକୁ ବାହାରି ପଡ଼ି କହିଲା ତା ମା ଡକେଇଚନ୍ତି। ଠିକ୍ ଅଛି ଯିବ କିନ୍ତୁ ଘରେ ବଡ଼ ଲୋକମାନେ ଅଛନ୍ତି କାହାରିଙ୍କୁ ପଚରିବା ଦରକାର ନାହିଁ ?

ପୁଅ କହିଲା, ମତେ ପରା କହିଥିଲା।

ତତେ କହିଥିଲା ଯଦି ତୁ ମତେ କହିଲୁନି ମୁଁ ଫୋନ କରି ସୀମା ପିଉସୀଙ୍କୁ କାଲି ଡକେଇଚି। ସେ ବୋହୂ ଦେଖିବାକୁ ଆସିବେ।

"ହଉ ସେ ଆସନ୍ତୁ ଏବେ ଆଉ କିଛି କରି ହବନି। ଚାଲି ଯାଉଥିବା ପୁଅର ପଛପଟକୁ ଚାହିଁ ରାନୁ ଭାବୁଥିଲା ସତରେ ଇଏ ତାଙ୍କ ପୁଅ କିକି ? ରାନୁ ଯେତେ ଭାବେ ଏସବୁ ବିଷୟରେ ଚିନ୍ତା କରି ସେ ଆଉ ନିଜ ମନକୁ ଭାରାକ୍ରାନ୍ତ କରିବନି। ବୋହୂ ଅପେକ୍ଷା ତାଙ୍କ ପୁଅର ବ୍ୟବହାର ତାଙ୍କୁ ବେଶୀ ଦୁଃଖ ଦିଏ।

ଥରେ ପୁଅ ଆସି ରୋଷେଇ ଘରେ ଠିଆ ହେଲା ତାଙ୍କ ପଛରେ। ତାଙ୍କୁ ଲାଗିଲା ନିଶ୍ଚୟ କିଛି କାମ। ରୀତାର ଗୋଟେ କାନର ପସନ୍ଦ ହେଇଚି। ଆଣିବି ବୋଲି କହୁଚି । ଚାଳିଶ ହଜାର ଟଙ୍କା।

"ତୋ ପାଖରେ ନାହିଁ, ଏତେ ପଇସା ଦରମା ପାଉଚୁ କିଛି ସେଭିଂ ନାହିଁ ତୋର।"

" ନା ଏ ମାସରେ ସବୁ ଖର୍ଚ୍ଚ ହେଇ ଯାଇଚି।

ରାନୁ କହିଲା ହଁ ଖର୍ଚ୍ଚ ହବନି କାହିଁକି ? ସବୁଦିନ ଆମାଜନ୍ ବାଲା ସେ ବେଲ୍ ବଜାଉଚି। ବୋହୂ କେମିତି ଜାଣିପାରେ ବୋଧେ ମୋବାଇଲରୁ ଦଉଡ଼ି ଆସି ପ୍ୟାକେଟ ଉଧରି ପୁଣି ତରତର ହୋଇ ନିଜ ରୁମରେ ପଶି କବାଟ ଦେଇ ଦିଏ। ଥରେ ଅବଶ୍ୟ କହିଥିଲା ପୁଅକୁ କଣ ଏତେ ଅନ୍ ଲାଇନ୍‌ରେ ମଗଉଚି ପୁଅ କହିଲା "ଡ୍ରେସ୍"।

ଏବେ ତ ବାହାଘର ସରିଚି କେତେ ନୂଆ ଡ୍ରେସ୍, ଶାଢ଼ୀ ସବୁ ପାଇଚି ତାକୁ ଆଗ ପିନ୍ଧିସାରୁ। ଏବେ ଟିକେ ପଇସାପତ୍ର ସଞ୍ଚୟ କର। Work from home ସରିଲେ ପୁନେ ଯିବୁ। ସେଠି ବି ତ ଖର୍ଚ୍ଚ ବାର୍ଚ୍ଚ ବଢ଼ିଯିବ। କିନ୍ତୁ ପୁଅକୁ କହି ଲାଭ କଣ ?

କିଛି ଦିନ ପରେ ପୁଅ ଗୋଟେ କାଗଜ ଧରି ପହଞ୍ଚିଲା ମାମା ଦେଖ, କଣ ?

ପଢ଼ ତ, କଣ କହୁନୁ ଦେଖୁଚୁ ମୋ ହାତ ଅସନା ହେଇଚି ପୁଅ କାଗଜଟା ତା ଆଖି ଆଗରେ ଟେକି ଧରିଲା। ରାନୁ ପଢ଼ି ବୁଝିଲା ସରିତା ପ୍ରେଗନାଣ୍ଟ ଅଛି। ହଉ ଭଲ ହେଲା। ଖୁସି ତ ହେଲେ କିନ୍ତୁ ତାଠୁ ବେଶୀ ତାଙ୍କୁ ଡର ମାଡ଼ିଲା। ଆଗକୁ ଆହୁରି କେତେ ଜଞ୍ଜାଳ ତାଙ୍କ ମୁଣ୍ଡରେ ପଡ଼ିବ।

ଚେକ୍ ଅପ୍ ପାଇଁ ପୁଅ ବୋହୂ ଡକ୍ଟର ପାଖକୁ ଗଲେ। ଘରକୁ ଆସିଲା ପରେ ରାନୁ ପଚାରିଲା କଣ କହିଲେ ଡକ୍ଟର? ଡକ୍ଟର କହିଲେ ମେଡ଼ିସିନ୍ ଖାଇବ ଟିକେ ଚଲାବୁଲା କରିବ। ହଉ ଏଥର ଯୋଉ ସନ୍ଧ୍ୟାବେଳେ ଦୁଇ ତିନି ଘଣ୍ଟା ବୁଲିବାଲି ଖାଇ ପିଇ ଫେରୁଥିଲ ସେଗୁଡ଼ା ଟିକେ ବନ୍ଦକର। ଜିକି କହିଲା "ଡକ୍ଟର ତ କହିଚି ଚଲାବୁଲା କରିବାକୁ ତୁ କାହିଁକି ମନ କରୁଚୁ।" ଡକ୍ଟର ଚଲାବୁଲା କରିବାକୁ କହିଛି । ବୁଲାବୁଲି କରିବାକୁ କହିନାହିଁ। ଏଇନେ ତିନ ମାସ ଯାଏ ଟିକେ କେୟାର ଫୁଲ ରହିବାକୁ ପଡ଼ିବ। ବୋହୂର ବାପଘର ଦୁଇ କିଲୋମିଟର ସେଇଥିପାଇଁ ସବୁଦିନେ ସନ୍ଧ୍ୟାବେଳେ ସେମାନେ ବୁଲାବୁଲି କରିବାକୁ ସେତିକି ବାଟ ଯାଆନ୍ତି। ଖାଇପିଇ ଫେରନ୍ତି। ଘରେ ରନ୍ଧା ହେଇଥିବା ଜିନିଷ ଫ୍ରିଜ୍‌ରେ ଥୁଆ ହେଇଥାଏ।

"ଆରେ ତୁମମାନଙ୍କର ଯଦି ଖାଇବାର ନାହିଁ ଟିକେ ଫୋନ୍ କରିଦଉନ?" କାହିଁ କଣ ହେଲାକି? ରଖି ଦଉନୁ ସକାଳେ ଖାଇଦବୁ ଜିକି କୁହେ। ଜିକି ଆଡ଼େ ଚାହାନ୍ତି ରାନୁ। ସେ ଜନ୍ମ ହେଲାବେଳେ ତା କ୍ଷୀର ବୋତଲ ରୋଷେଇ ଘରୁ ଆଣିଲା ବେଳକୁ ଟିକେ ଡ଼େରି ହେଇ ଯାଇଥିଲା ଶାଶୁ ପାଟି କଲେ ପିଲା ଟାକୁ ଏକୁଟିଆ ପକେଇ ଦେଇ ଯାଇଚୁ। ଆଗରୁ ଯୋଗାଡ଼ କରି ରଖିଲୁନି? ପୁଅ ପିଲା ସାତ ସାରରେ ସାର।

ଭିକି ଆଡେ ଚାହିଁଲେ ତାଙ୍କୁ ଲାଗେ ପଚାରିବେ କୋଉଦିନୁ ତୁ ଏତେ ବଦଳିଗଲୁରେ! ନା ସେ ତାଙ୍କୁ ଗ୍ରାଣ୍ଟେଡ୍ ବୋଲି ନେଇ ଯାଇଛି।

ପ୍ରେଗ୍‌ନାନ୍ସି ପରେ ଆଉ ଗୋଟେ କାମ ଆରମ୍ଭ ହେଇଗଲା। ସବୁଦିନ ବାପଘରୁ ଛୋଟ ଟିଫିନ୍ ବକ୍ସରେ ଜିନିଷ ଆସିବାକୁ ଲାଗିଲା। ଖାଇବା ବେଳ ହେଲେ ପୁଅ କହେ ତୁମେମାନେ ଖାଇ ଦିଅ ମା ଆମେ ପଛରେ ଖାଇବୁ। ତାଙ୍କର ଯୋଉ ନିୟମ ଡାଇନିଂ ଟେବୁଲରେ ସମସ୍ତେ ଏକାଠି ଖାଇବେ ସେଇଟା ବି ଭାଙ୍ଗିଗଲା। ବିଭିନ୍ନ ପ୍ରକାର ଖାଇବା ଜିନିଷ ଆଣି ପୁଅ ତା ନିଜ ରୁମରେ ରଖିଲା। ଘରେ ଯେ ଗୋଟେ ସାନ ଭାଇଟାଏ ଅଛି ସେକଥା ବି ସେ ଭୁଲିଗଲା। ସମସ୍ତେ ଖାଇପିଇ ସାରିଲେ ପୁଅ ବୋହୂ ଟିଫିନ୍ ବାହାର କରି ଖାଇବା ସାରନ୍ତି। ଦିନେ ସକାଳେ ପୁଅ କହିଲା "ବାପାଙ୍କୁ ରାତିରେ ଚିକେନ୍ ଦେଲୁନି କି?

"କୋଉ ଚିକେନ୍?"

ପୁଅ -ଫ୍ରିଜ୍‌ରେ ଅଛି ତା ଟିଫିନ୍ ବକ୍ସରେ।

"କାହିଁ ତୁମର ବଳି ପଡ଼ିଲା କି? ନା ବାପାଙ୍କ ପାଇଁ ରଖିଥିଲି।

ବାପା ତ ଖାଇ ସାରିଥିଲେ ତାଙ୍କ ପାଇଁ କାହିଁକି ରଖୁଥିଲୁ। ଆଚ୍ଛା ରୀତାକୁ ସାତ ଆଠ ଦିନ ପାଇଁ ତାଙ୍କ ଘରେ ଛାଡ଼ି ଦଉନୁ। ସେଠି କିଛିଦିନ ରହିଲେ ତାକୁ ଭଲ ଲାଗିବ। ଏମିତି ସବୁଦିନ ଦି ଘଣ୍ଟା ଯାଇ ରହିଲେ ଲାଭ କଣ? ମା ପାଖରେ କିଛି ଦିନ ରହିଗଲେ ତା ମନ ଭଲ ରହିବ।

ପୁଅ - "ତାର ଯାହା ଇଚ୍ଛା ହଉଚି କରୁ। ତୁ କାହିଁକି ସେମିତି ହଉଚୁ।" ସେଦିନଠୁ ରାନୁ ଚୁପ୍। ସାନ ପୁଅ କୁହେ "ମାମା ଏଥର ଭାଇର ରିମୋଟ ଟା ତୋ ହାତକୁ ନେଇଆ।" ରିମୋଟ୍? ସେ ତ ବାହାଘର ପୂର୍ବରୁ ବୋହୂ ହାତରେ। ସାତ ମାସରେ ପୁଅ ଆସି କହିଲା ତାଙ୍କ ଘରେ ସାଜ ପାଂଜ ନାହିଁ। ଯାହା ଇଚ୍ଛାହେବ ସେଇଠି ଯାଇ ଖାଇବ। ତୁ କହିବୁ ଯଦି କିଛି ମିଠା ଏଠିକି ପଠେଇ ଦେବେ। ରାନୁ କହିଲା ସବୁକଥା ତତେ କଣ କହି ଦଉଚନ୍ତି। କଣ କରା ହେବ ନ ହେବ ମୋ ସାଙ୍ଗେ କଥା ହଉ ନାହାନ୍ତି? ତତେ ଆଉ କଣ କହିବେ? ମୁଁ ତ କହିଲି।

ରାନୁ କଥା ବଢ଼େଇବାକୁ ଚାହେଁନି। ତାଙ୍କ ହିସାବରେ କଥା ନ କହିଲେ ବୋହୂ ସାଙ୍ଗେ ସାଙ୍ଗେ ଯୁକ୍ତି କରିବାକୁ ମାଡ଼ି ଆସେ। ଅଯଥା ଅଶାନ୍ତିରୁ ରକ୍ଷା ପାଇବାକୁ ସେ ଚୁପ୍ ହେଇଯାଆନ୍ତି।

ଏବେ ପୁଣି ତାର ପିଲାପିଲି ହେବ। ଘରେ ଯେତେ ଶାନ୍ତି ବଜାୟ ରହିବ ଭଲ। ଧୀରେ ଧୀରେ ବୋହୂକୁ ସକାଳୁ ଉଠିବା କଥା କହିବାକୁ ଇଚ୍ଛା କଲେ ନାହିଁ। ଉଠିବାଟା କ୍ରମଶଃ ଦଶଟାରୁ ଏଗାରଟା ହେଲା। ସେବି ଜଳଖିଆ ଟିକେ ଡେରିରେ କଲେ ଚଞ୍ଚଳ କଲେ ଥଣ୍ଡା ହେଇଯିବ ସବୁ ଜିନିଷ କଣ ଗରମ କରି ହୁଏ? କହୁନୁ ଜଲ୍‌ଦି ଉଠି ଜଳଖିଆ ଖାଇଦେବ। ଏତେବେଳ ଯାଇ ଖାଲି ପେଟରେ ରହିଲେ କ'ଣ ଭଲ। "ସେ କହୁଚି ଏଗାରଟା ବେଳ ଯାଏ ତ ଜଳଖିଆ ହେଇନି ଉଠି କି କଣ କରିବି?"

ପୁଅ କଥା ଶୁଣି ରାନୁ ତାଟକା। ଭାବିଲେ ଯାହା କଲେ ବି ଖରାପ। ଛାଡ଼ ସେ କ'ଣ ଆଉ ବୋହୂ ବିଷୟରେ ବେଶୀ ଚିନ୍ତା କରି ଦେଉଛନ୍ତି କି? କାଲିଠୁ ତାଙ୍କ ନିୟମରେ ସେ ଆଠଟା ବେଳୁ ଜଳଖିଆ କରିଦେବେ। ଅଯଥାରେ ରମେଶର ବି ଜଳଖିଆ ଡ଼େରି ହୋଇଯାଉଚି। ତାପରେ ଯୋଉ ଦିନ ଯାହା କଲେ ବି ବୋହୂର ପସନ୍ଦ ହଉନି। ଉପମା କଲେ ମ୍ୟାଗି ଖାଇବ କହୁଚି। ରୁଟି କଲେ ପୁରୀ ଖାଇବ କହୁଚି। ନ ହେଲେ ସ୍ୱିଗି ଜମାଟୋ ତ ଅଛି। ତାକୁ ଯିଏ ଦେଖୁଚି କହୁଚି କ'ଣ ବୋହୂ ଆସିଲା ପରେ ଏମିତି ଝଡ଼ିଗଲ ଯେ। କିଏ କହୁଚି ତୁମର ତ ମଜା ଶାଶୁ ବୋହୂ ମିଶି ମଜା କରୁଥିବ।

ଧୀରେ ଧୀରେ ଡ଼େଲିଭରି ଟାଇମ୍ ହେଇ ଆସିଲା। ରାନୁ ଆଉ ଟେନସନ ନ ଦେଇ ନିଜ କାମ କରୁଥିଲା। ଡ଼େଲିଭରି ପୂର୍ବଦିନ ହସପିଟାଲରେ ଆଡ଼ମିସନ୍ ନେଲାବେଳେ ପଚାରିଲେ ତୋ ମାଆକୁ କହିଚୁ ଆସିବାକୁ। ମୁଁ ତ ବାପାଙ୍କୁ ଏକୁଟିଆ ଛାଡ଼ି ଯାଇପାରିବିନି। ହଁ ମା ଆସିବ କହିଚି। ଡ଼େଲିଭରି ଦିନ ସାନପୁଅକୁ ଘର ଜଗେଇ ରୁମ ବାହାରେ ବସିଥିଲେ। ବୋହୂର ପେନ୍ ଆରମ୍ଭ ହେଇ ଯାଇଥିଲା। ରାନୁ ସବୁ ଦେବ ଦେବୀଙ୍କୁ ମାନସିକ କରୁଥିଲା ଭଲରେ ଭଲରେ ପିଲାଟିଏ ହେଇଯାଉ। ସେ ପଟେ ତା ମା ହସି ହସି କାହା ସାଙ୍ଗେ ମୋବାଇଲରେ କଥା ହେଉଥିଲେ। କେତେ ସମୟ ପରେ ପୁଅ ସେପଟୁ ବାହାରି ଆସିଲା ରାନୁ ଉଦବିଗ୍ନ ହୋଇ ପୁଅକୁ ଡାକି ପଚାରୁଥିଲେ କ'ଣ ହେଲାରେ? ପୁଅ କିନ୍ତୁ କିଛି ନ ଶୁଣି ତାଙ୍କ ଆଡକୁ ରହ ମୁଦ୍ରାରେ ହାତ ଦେଖେଇ ବୋହୂର ମା ପାଖକୁ ଯାଇ କହିଲା "ମମି ପୁଅଟେ ହେଇଚି।" ରାନୁକୁ ଏକଥା ପଦକ ଶୁଣାଗଲା। ସେ ଭଗବାନଙ୍କୁ ନମସ୍କାର କଲା। କିନ୍ତୁ ତା ମୁହଁରେ ଅଜାଣତରେ ବଙ୍କା ହସଟିଏ ଉକୁଟି ଗଲା। ହଁ ପୁଅଟିଏ "ସାତ ସାରରେ ସାର।"

# ବଡ଼ ଘରେ ଛୋଟ କୁଣିଆ

## କାଳିନ୍ଦୀ ଚରଣ ଭଞ୍ଜ

ସେଦିନ ସନ୍ଧ୍ୟାରେ ରଘୁପୁର ଗାଁର ଦନେଇ ପ୍ରଧାନ ଘର ପାଖରେ ଗୁଡାଏ ଦାମୀ କାର୍ ଲାଗିଲା । ଅନେକ ସୁସ୍ଥ ସବଳ, ଚେହେରା ସଂପନ୍ନ ଲୋକ ଭୁସ୍‌ଭାସ୍ ପଶିଗଲେ ତା ଘରେ । ଏପରି ଅଚାନକ ଭାବେ ଏତେ ଲୋକ ଦନେଇ ଘରେ ପଶିଯିବା କଥା ଲୋକଙ୍କୁ ବିସ୍ମିତ କଲା । ଅନେକ ଗାଡ଼ି ପାଖକୁ ଆଉ କେତେକ ଦନେଇର ଘର ଝରକା ପାଖକୁ ଯାଇ ଭିତରେ କ'ଣ ଘଟୁଛି ଶୁଣିବା ପାଇଁ କାନେଇଲେ ।

ଦନେଇକୁ ଦେଖି ସହି ପାରୁନଥିବା କିଛି ପଡୋଶୀ କହିଲେ ସେ ସହରକୁ ଯାଇଥିଲା । କେଉଁ ଧନୀଘରୁ ସୁନା, ରୂପା ଟଙ୍କା କଉଡ଼ି ଉଠାଇ ପଳାଇ ଆସିବାରୁ ସେ ସବୁ ଉଦ୍ଧାର କରିବାକୁ ପଛେ ପଛେ ଗୋଡାଇ ଆସିଛନ୍ତି । କିଛି ଲୋକ ମଧ୍ୟ କହିଲେ ସେ ତା ଭାଣିଜୀର ବିବାହରେ ଯୋଗ ଦେବାକୁ ଯାଇ ଏବେତ ଫେରିଲା । ସେ ତ ଚୋର ତସ୍କର ଡାକୁ ନୁହେଁ । କାହା ଜିନିଷ ଉଠାଇ ଆଣିବା ଲୋକ ବି ସେ ନୁହେଁ ।

ଏହିପରି ନାନା ଦ୍ୱନ୍ଦ୍ୱ, ସନ୍ଦେହ ମଧ୍ୟରେ ଲୋକେ ରହିଲେ । କିନ୍ତୁ କଥାଟା ବେଶୀ ସମୟ ରହସ୍ୟବୃତ ହୋଇ ରହି ନଥିଲା । ଧନୀମାନଙ୍କର ଧାରଣା ସମାଜରେ ଥିବା ଗରିବ, ନିର୍ଦ୍ଧନ, ପେଟବିକଳିଆ, ସ୍ୱଚ୍ଛପଡ଼ା, ମୂଲିଆ, ମଜୁରିଆ ଲୋକଗୁଡ଼ା ସାଧାରଣତଃ ଚୋର, ତସ୍କର, ହୀନମନା । ଏଣୁ ସେଗୁଡାଙ୍କର ପର ଜିନିଷ ପ୍ରତି ଥାଏ ଲୋଭ, ଲିପ୍ସା, ଆସକ୍ତି ।

ଏହି ଧନୀମାନଙ୍କ ମଧ୍ୟରେ ଅନେକ ଥାଆନ୍ତି ଖଣିମାଫିଆ, ଜମିମାଫିଆ, ମଦମାଫିଆ, ଚୋରାବେପାରୀ, ଦୁର୍ନୀତିଗ୍ରସ୍ତ, ଠିକାଦାର, କର୍ମଚାରୀ । ସମାଜ ସେମାନଙ୍କୁ ଚୋର, ତସ୍କର ଭଳି ନିନ୍ଦା, କୁତ୍ସିତ ଶବ୍ଦମାନ ପ୍ରୟୋଗ କରି କଳୁଷିତ, ପଙ୍କିଳ କରେନା । ସେମାନଙ୍କୁ ଅସାଧୁ, ଦୁର୍ନୀତିଗ୍ରସ୍ତ, ଠକ, ପ୍ରତାରକ ବା ଇଂରାଜୀରେ ସ୍କାମରେ ଲିପ୍ତ ବୋଲି କହନ୍ତି । ସେମାନେ High-Profile Cheat-ପ୍ରସିଦ୍ଧ, ବିଖ୍ୟାତ, ଠକ, ପ୍ରତାରକ ସମାଜରେ । ସେହି ପ୍ରକାର ଅଭିଯୁକ୍ତମାନଙ୍କୁ ଥାନା, କୋର୍ଟ, ଜେଲ୍, ହାଜତରେ ସାଧାରଣ ଗରିବ ପେଟବିକଳିଆଚୋରଙ୍କ ଭଳି ବ୍ୟବହାର କରାଯାଏନା । ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୁଏ, ନଚେତ୍ ନିଜ ଅର୍ଥ ବା ପ୍ରଭାବ ବିସ୍ତାର କରି ସମସ୍ତ ସୁଖ ସୁବିଧା ହାସଲ କରାଇ ନିଅନ୍ତି ।

ବିଚରା ଗରିବ ଦନେଇ ପ୍ରଧାନ ଚୋର ନୁହେଁ, ଠକ ନୁହେଁ, ତସ୍କର ବି ନୁହେଁ । ଯେହେତୁ ସେ ନିଃସ୍ୱ, ଦରିଦ୍ର ଚୋରି କରିଆଣିଥିବା ସନ୍ଦେହରେ ତାକୁ ଥାନାବାବୁ ଧରି ନେଇ ହାଜତରେ ପୂରାଇ ରଖିଲେ ତାହା ଲେଖି ବସିଲେ ପୁରାଣ ହେବ । ତାହା ସଂକ୍ଷେପରେ ଲେଖି ପାଠକଙ୍କୁ ଜଣାଇଲେ ଗରିବ ନିର୍ଦ୍ଧନ ପେଟ ବିକଳିଆମାନଙ୍କ ପ୍ରତି ଥିବା ଘୃଣା ନିନ୍ଦା ଅପବାଦ କିଛିଟା ହଟିଯିବାର ପ୍ରୟାସ ହୋଇଛି ।

ଦନେଇର ପିତା ଧନୁ ପ୍ରଧାନ ଥିଲା ଜଣେ ଗରିବ ପିଲା । ବଡ଼ ଆଶାରେ ବଡ଼ ଇଚ୍ଛାରେ ଚାଲି ଆସିଥିଲା ଭୁବନେଶ୍ୱର ସହରକୁ । କୌଣସି କାମଧନ୍ଦା କରି ପେଟପୋଷିବା ସହ କିଛି ଟଙ୍କା କଉଡି ବାପ-ମା'ଙ୍କ ପାଖକୁ ପଠାଇବା ପାଇଁ ପ୍ରବଳ ଇଚ୍ଛା ।

ଇଚ୍ଛାମୟୀ ଧନୁ ପ୍ରଧାନର ଇଚ୍ଛା ପୂରଣ କଲେ । ସେ ସହରରେ ଜଣେ ଧନୀ ବ୍ୟବସାୟୀଙ୍କ ଘରେ ବୋଲହାକ, ବଜାରଘାଟ, ମାଲପତ୍ର ଉଠାପକା କାମରେ ନିଯୁକ୍ତି ପାଇଲା । ଭଲ ଖାଇଲା, ପିନ୍ଧିଲା । ତା ଚେହେରା ବଦଳିଗଲା । ଧନୁର କଥାରେ, ଆଚାର ଓ ସଚ୍ଚୋଟପଣିଆରେ ସମସ୍ତେ ଖୁସି ।

ଧନୁକୁ ତା ବାପା ବାହା କରାଇ ବୋହୂ ଆଣିବାର ପ୍ରସ୍ତାବ ବାଢ଼ିଲା । କିନ୍ତୁ ବାହାହୋଇ ସ୍ତ୍ରୀକୁ କେଉଁଠି ରଖିବା କଥା ମୁଣ୍ଡରେ ଚିନ୍ତା ଘାରିଲା ଧନୁର । ଗାଁକୁ ଫେରିଯିବା କଥା ମାଲିକାଣୀ କାନରେ ପଡ଼ିଲାରୁ ଧନୁକୁ କହିଲେ ବ୍ୟସ୍ତ ହେବାର କାରଣ ନାହିଁ । ଆଉଟ ହାଉସ୍ ସଫାକର, ସେଠି ରହ, ଆମର ସେବା କର । ଧନୁ ବିବାହ କରି ବାବୁଙ୍କ ଘରେ ରହିଲା । ଏ ମଧ୍ୟରେ ତିନି ପିଲାଙ୍କର ବାପ ଧନୁ । ଝିଅ ବଡ ସବିତା । ଅପୂର୍ବ ସୁନ୍ଦରୀ, ଚାଲାକ ଚତୁର, ପଢ଼ିଲା କଲେଜରେ ।

ମଝିଆ ପୁଅ ଶଙ୍କର ବି.ଏ ପାଶ୍ କରି ଗୋଟାଏ ବେସରକାରୀ ସଂସ୍ଥାରେ ଚାକିରି କରି ତା ସଂସାର ବାନ୍ଧିଲା । ବାକି ସାନପୁଅ ଦନେଇ ବାଲୁତ । ସ୍କୁଲକୁ ଯାଏ, ପାଠପଢ଼ା ପଛକୁ ଥାଏ । ଗଛଚଢ଼ା, ବାଟୁଳିମରା, ଡୁଡୁ ଖେଳରେ ବେଳଯାଏ ।

ଝିଅ ସବିତାର ସୌନ୍ଦର୍ଯ୍ୟରେ ମୋହିତ, ମୂର୍ଚ୍ଛିତ ସହରର ବଡ

ଧନୀ ଖଣି ମାଲିକର ପୁଅ ସତ୍ୟଜିତ୍ ଛୋଟରାଏ। ବାଟଘାଟରେ ଜୋରଜବର କଥା, ଅନ୍ୟ ଜରିଆରେ ପ୍ରେମ ପତ୍ର ପଠାଏ, ମୋବାଇଲରେ ଅଶ୍ଳୀଳ ମ୍ୟାସେଜ ପ୍ରେରଣ କରି ବ୍ୟତିବ୍ୟସ୍ତ କରି ପକାଇଲା ସବିତାକୁ ଓ ବାପା ମା'ଙ୍କୁ।

ଶେଷରେ ବିବାହ ନକଲେ ଉଠାଇ ନେବାର ଧମକ ଦେବାରୁ ଧନୁ ଘର ମାଲିକାଣୀ ସହ କଥା ହେଲା ଓ ସବିତାର ମତାମତ ଲୋଡ଼ିଲା। ସବିତାର ପ୍ରସ୍ତାବରେ ହଁ କି ନାଁ ନଥିଲା। ତା ଅର୍ଥ ସେ ଥିଲା ରାଜି। ସେ ଜାଣିଥିଲା ବାପର ଯୌତୁକ ଦେବାକୁ ଧନ ନାହିଁ। ଅତିବେଶିରେ କେଉଁ ଅଫିସରେ ପିଅନ, ଚପରାଶି ବା ଘରୋଇ ଚାକର ହାତରେ ଟେକିଦେଇ ଦେଲା ନାରୀ ହେଲା ପାରି କହି ନିଃଶ୍ୱାସ ମାରିବେ। ଭାଗ୍ୟକୁ ଆଦରି ଏକ ଧନାଢ୍ୟ ପରିବାରରେ ବୋହୂ ହୋଇ ଯିବାକୁ ମନସ୍ଥ କରି ବିବାହ ହୋଇଗଲା। ସେ ଆଉ ପଛକୁ ଅନାଇ ନାହିଁ। ଏ ପାଖରେ ସାନପୁଅ ବିଶିକେଶନର ପାଠ ହେଲା ନାହିଁ। ଯାହା ପଢ଼ିଛି ସେଥିପାଇଁ ଚାକିରି ନାହିଁ। ବାପା ଧନୁ କହିଲା ଆରେ ଦନେଇ ବଞ୍ଚିବାକୁ ତ ହେବ। ଯାଇ ଗାଁର ଭିଟାମଟି ଦିଖଣ୍ଡ ପଡ଼ିଆକୁ ଉଠିଆ କର। ମୁଁ ବା ଆଉ କେତେଦିନ ଯେ?

ଦନେଇ ଗାଁକୁ ଗଲା। ମା' ରାଧା ଦେବୀଙ୍କ ସହଯୋଗରେ ପଡିଆ ଜମିକୁ ଉଠିଆ କଲା। ଟାଣିଟୁଣି ହୋଇ ଚଳିଯାଏ। ବିବାହ ପରେ ଅଭାବ ହେଲେ ବାପ କିଛିଟା ସାହାଯ୍ୟ କଲେ।

ଆଜି କଥା କାଲିକି ନାହିଁ। ସମୟ ଗତିରେ ଭାଗବତକାରଙ୍କ ମତରେ 'ମର୍ତ୍ତ୍ୟେ ମାନବ ଦେହ ବହି, ଦେବତା ହୋଇଲେ ମରଇ' ଏହି ନୀତିନିୟମରେ ଦନେର ପିତାମାତା ବର୍ଷକ ମଧ୍ୟରେ ଆଗପଛ ହୋଇ ଇହଲୀଳା ସମ୍ବରଣ କଲେ।

ଦନେଇ ପାଠରେ କମ୍ ସତ କିନ୍ତୁ ତା ଜୀବନ ସ୍ୱଚ୍ଛ ନିର୍ମଳ। ପରଧନରେ ଲୋଭ ନଥାଏ। ଅନ୍ୟକୁ ସାହାଯ୍ୟ କରିବା ମନରେ ଥାଏ। କିନ୍ତୁ ଦାରିଦ୍ର୍ୟ ତା ପିଛା ଛାଡ଼ିନଥାଏ।

**– ଦୁଇ –**

ଗାଁ ପୋଷ୍ଟ ଅଫିସର ଡାକପିଅନ ଶାମା ସେଦିନ ଏକ ସୁନ୍ଦର ବିବାହ ନିମନ୍ତ୍ରଣ ପତ୍ର ଦନେଇ ଘରେ ଦେଇଗଲା। ଦନେଇର ପିଲାମାନେ ଏତେ ସୁନ୍ଦର ଚିତ୍ରିତ ନିମନ୍ତ୍ରଣ ପତ୍ର ଦେଖି ଖୋଲି ପଢ଼ି ନାଚିଗଲେ। ସହରକୁ ଯାଇ ଭୋଜି ଖାଇବାକୁ ବାପା-ମା'ଙ୍କୁ ନିମନ୍ତ୍ରଣ ଆସିଛି। ସେ ବି ଯିବେ କହି ବୁଲିଲେ ସାଙ୍ଗସାଥୀ ପରଜନଙ୍କୁ।

ସଞ୍ଜ ହେଲା। ବୃନ୍ଦାବତୀଙ୍କ ପାଖରେ ଧୂପ ଦୀପ ଲାଗିଲା। ପିଲାଙ୍କ ପ୍ରାର୍ଥନା ସରିଲା। ଦନେଇ ଆଜି ବିଳମ୍ବରେ ଚାଷକାମ ସାରି ଫେରିଲା। ପିଲାଦୁଇଟା କାର୍ଡଟିକୁ ସାଇତି ରଖି ବାପକୁ ଅନାଇ ବସିଛନ୍ତି ଦେଖାଇ ସରପ୍ରାଇଜ ଦେବାକୁ।

ଝିଅ ମିତା ବୟସ ୭ ବର୍ଷ। ବାପକୁ ଦେଖିଦେଇ ଦୌଡ଼ିଯାଇ ଖବରଟା ଦେଇଦେଲା। ପୁଅ ପଛରେ ଥାଇ କହିଲା ବାପା ଦେଖ ଦେଖ କ'ଣ ଧରିଛି। ଆମେ ସମସ୍ତେ ପିଇସୀ ମା'ଙ୍କ ଝିଅ ନୟନୀ ଦିଦିର ବାହାଘରକୁ ଯିବାକୁ ନିମନ୍ତ୍ରଣ ପତ୍ର ପାଇଛୁ।

ଦନେଇ ନିମନ୍ତ୍ରଣ ପତ୍ରଟି ପଢ଼ି ଆଖିରେ ଲୁହ ଜକେଇ ଆସିଲା। ଭାବିଲା ସବିତା ନାନୀ କୋଟିପତିର ଘରଣୀ, ଝିଅ ତା ନୟନ ତାରା ନିଜର ଭାଣିଜୀ। ତାର ବାହାଘର ପୁଣି ହୋଟେଲ ତାଜମହଲରେ। ଯେଉଁ ନାନୀ ବିବାହ ପରେ ଯାଇଛି ତ ଯାଇଛି। ବାପ ଚାଲିଗଲା, ମା' ଚାଲିଗଲା। ଅନାଥ ହୋଇ ଆଜି ଏ ଭିଟାମାଟି କାମୁଡ଼ି ପଡ଼ିଛି। ବାପ ଗୋସାପଙ୍କ ନାଁ ଜପୁଛି। କିନ୍ତୁ ଦିନେ ପଚାରି ନାହିଁ ଟିକିଏ ଅଣରୋଜଗାର ଭାଇଟି କେମିତି ଅଛି?

ପୁଣି ଭାବେ ଯାହା ହେଉ ରକ୍ତକୁ ରକ୍ତ ଡାକେ, ଦିନେ ନା ଦିନେ ସମ୍ପର୍କ ଯୋଡେ। ମାତୃତୁଲ୍ୟା ବଡ ଭଉଣୀର ନିମନ୍ତ୍ରଣରେ ସେ ଅବଶ୍ୟ ଯାଇ ଦେଖାକରି ଭାଣିଜୀକୁ ଆଶୀର୍ବାଦ ବରଷିବ।

ବିବାହ ଆଉ ମାତ୍ର ଚାରିଦିନ। ସମସ୍ତଙ୍କୁ ନିମନ୍ତ୍ରଣ, ହାତରେ କଉଡି ନାହିଁ। ବଡ ବଡିଆଙ୍କ ବିବାହ ଘର। ମାମୁ ହିସାବରେ ଭାଣିଜୀକୁ ଉପହାର ଦେବାପାଇଁ ତା ପାଖରେ ଅଛି ବା କ'ଣ? ଗରିବ ସୁଦାମା ବନ୍ଧୁଦର୍ଶନ ପାଇଁ ତ ସୁନା, ମୋତି, ମାଣିକ ନେଇଯାଇ ନଥିଲା। ସେ ନେଇଥିଲା ତା ଘରେ ଯାହା ଥିଲା ତା ପାଖରେ। ଯାହାଅଛି ସେ ନେଇଯିବାର ସିଦ୍ଧାନ୍ତରେ ପହଞ୍ଚିଲା ଦନେଇ।

ସ୍ତ୍ରୀ ଅସୀମା ଚିନ୍ତାଗ୍ରସ୍ତ। ବଡଘରୁ ନିମନ୍ତ୍ରଣ। ସ୍ୱାମୀ ଏଥିପାଇଁ ଚିନ୍ତିତ, ବ୍ୟସ୍ତ। କିଛି ଗୋଟେ କରିବାକୁ ହେବ। ଦନେଇ ସ୍ତ୍ରୀ ଅସୀମାର ପରାମର୍ଶ ଲୋଡ଼ିଲା। ଅସୀମା ହସିଦେଇ କହିଲା ସେମାନେ କିଏ? ତାଙ୍କୁ ତ ଦେଖୁନୁ, ଚିହ୍ନୁନୁ, ଜାଣିନୁ। ପୁଣି ତୁମର ଭାଣିଜୀର ବିବାହ କହୁଛ। ଦିନେ ନୁହେଁ ଅଧେ ନୁହେଁ, କେବଳ ପୂର୍ଣ୍ଣିମା ଦିନେ ମାମୁ ନିମନ୍ତ୍ରଣ ରକ୍ଷା କରି ତୁମେ ଯାଅ। ତେବେ ତୁମେ ପିଲାମାନେ ପଚାରିଲା ଦନେଇ।

ଅସୀମା - ଭଉଣୀ ତୁମର କୋଟିପତି। ଜୋଇଁଘର ତାଠୁ ବଳକା। ବିବାହ ପୁଣି ହେବ ଇନ୍ଦ୍ରପୁର ଭଳି ହୋଟେଲ ତାଜମହଲରେ। କେଉଁ ରୂପଭେକ ନେଇ ଏ ପିଲା ଦୁଇଟାକୁ ନେଇ ସେଠାରେ ମୁହଁ ଦେଖାଇବି। ପ୍ରଥମେ ତୁମ ବଡନାନୀ, ମୋ ବଡ ନଣନ୍ଦ ଉପର ମୁହିଁ, ଗରିବ, ଦରିଦ୍ର ଦୁଃଖୀରଙ୍କ ଗୁଡାଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି। କୁକୁର ମାଙ୍କଡ ଭଳି ବ୍ୟବହାର କରନ୍ତି। ସେଠି କି ପରିଚୟ ଦେବି। ତୁମ କଥା ଅଲଗା। ଏହା କହି ଅସୀମା କାନ୍ଦ କାନ୍ଦ ହୋଇ ପିନ୍ଧା ଲୁଗା ଖଣ୍ଡକ ଦେଖାଇ କହିଲା ଏଇତ ଖଣ୍ଡେ ଶାଢ଼ି ପିନ୍ଧୁଛି କେତେ ଥାକିଲି, ସିଲେଇ କରି। ପିଲା ଦୁଇଟାଙ୍କ ଜାମାପଟା ଦେଖ। ଭିକାରୀ, ମାଗିଖିଆ ବେଶରେ ଯାଇ ପହଞ୍ଚିବା ଠିକ୍ ହେବନି, ଗଲେ ମାନ ସମ୍ମାନ ମର୍ଯ୍ୟାଦା ମିଳିବ ନାହିଁ। ବଡ ଘରକୁ ଛୋଟ କୁଣିଆ ଆମେ।

ଦନେଇ ବୁଝିଗଲା ଅସୀମାର ଅନ୍ତରର ବେଦନା, ଦୁଃଖର କାହାଣୀ। ଖାଲି ଦରିଦ୍ରକୁ ନେଇ ନୁହେଁ। ପରିବାର ମଧ୍ୟରେ ଭାଇଭଉଣୀ ଓ ଅନ୍ୟମାନେ ଯେପରି ତାକୁ ଅପମାନିତ ଉପେକ୍ଷିତ, ବର୍ଜିତ, ଅବଜ୍ଞାତ କରି ଆସିଛନ୍ତି ତାହା ମନେ ପକାଇ ଆଖିରେ ଲୁହ, ହୃଦରେ କୋହ ଭରିଗଲା।

ପରେ ଭାବିଲା ବିଳମ୍ବ ହେଲେ ବି ଏକ ସୁଯୋଗ ଜୁଟିଛି ନିକଟତର

ହେବାକୁ। ହାତଛଡ଼ା କରିବା ଉଚିତ୍ ନୁହେଁ ଭାବି ଘରେ ଥିବା ସ୍ୱଳ୍ପ କେତେ ଗଉଣି ଧାନ ବିକ୍ରି କରି ଟଙ୍କା ରଖିଲା। ପୁଅଝିଅଙ୍କୁ ବୁଝାସୁଝା କରି ଚାଲି ଆସିଲା ଭୁବନେଶ୍ୱର। ବାଟରୁ କିଣି ନେଲା ରାଧାକୃଷ୍ଣଙ୍କ କ୍ଷୁଦ୍ର ଯୁଗଳ ମୂର୍ତ୍ତିଟିଏ ସହ ଗୀତା ପୁସ୍ତକଟିଏ। ବିବାହ ପାଇଁ ବିରାଟ ଆୟୋଜନ ଚାଲିଛି ହୋଟେଲ ରାଜମହଲରେ। ସମ୍ପୂର୍ଣ୍ଣ ହୋଟେଲଟି ବୁକିଙ୍ଗ ହୋଇଛି ଭାଣିଜୀ ନୟନତାରା ଶୁଭ ପରିଣୟ ଉଦ୍ଦେଶ୍ୟରେ। ନାଚଗୀତର ଆସର, ଭୋଜିଭାତ ମଧ୍ୟରେ ସବୁ ପ୍ରକାର ବ୍ୟବସ୍ଥା। ଲୋକେ ଖାଉଛନ୍ତି ପିଉଛନ୍ତି ମସ୍ତିବି କରୁଛନ୍ତି।

ଖୋଜି ନିଜର ପରିଚୟ ଦେଇ ପହଞ୍ଚିଲା ନାନୀ ସବିତା ପାଖରେ। ଭାଣିଜୀ ନୟନତାରା ପାଖକୁ ନେଇ ଦେଖାକରାଇ ଦେବାକୁ ନାନୀକୁ କହିଲା ଦନେଇ। ବସ ଖାଅ, ଦେଖା ତ କରିବୁ ବ୍ୟସ୍ତ ହୋଅନା ଗହଳି ଲାଗିଛି। କ'ଣ ଆଣିଛୁ ଯେ ଭାଣିଜୀକୁ ଉପହାର ଦେବାକୁ କନକନ ଛନଛନ ହେଉଛୁ କହିଲେ। ଚାଲ ସେଇଠି ଦେଖିବୁ ମୁଁ କ'ଣ ଉପହାର ଆଣିଛି। ଏମିତି କେହି ଆଣି ନଥିବେ। ରାଧାକୃଷ୍ଣଙ୍କ ଫଟୋକୁ ବାହାର କରି ଭାଣିଜୀ ମୁଣ୍ଡରେ ଛୁଆଇଁ ଦନେଇ କହିଲା ଏହା କାହାକୁ କମ୍ ହୋଇପାରେ କିନ୍ତୁ ତୋ ପାଇଁ ଝିଅ ଏହି କ୍ଷୁଦ୍ର ଉପହାର ହେଉଛି ଈଶ୍ୱରୀୟ ଆଶୀର୍ବାଦ, କଲ୍ୟାଣ ଶୁଭେଚ୍ଛା। ତୋ ବୈବାହିକ ଜୀବନ ସୁଖମୟ ହେଉ। ପରମେଶ୍ୱର ତୋର ମଙ୍ଗଳ କରନ୍ତୁ। ଗୀତା ପୁସ୍ତକଟି ମଧ୍ୟ ବଢ଼ାଇ ଦେଲା।

କେତେ ଦାମୀ ଉପହାର, ଟଙ୍କାର ପ୍ୟାକେଟ ଜମା ହୋଇଯାଇଛି ନୟନତାରା ପାଖରେ। କିନ୍ତୁ ମାମୁ ଦନେଇର କଥା ଦୁଇପଦ ମନରେ ତାର ଏକ ଐଶ୍ୱରିକ ଭାବର ଉଦ୍ରେକ ଓ ନିବିଡ଼ ସଂଚାର ଜାତ ହେଲା। ଉଠିଆସି ପାଦଧରି କାନ୍ଦି ପକେଇ ନୟନତାରା କହିଲା ମାମୁ ଏହା ହିଁ ମୋ ପାଇଁ ଶ୍ରେଷ୍ଠ ଉପହାର। ଅନ୍ୟ ସବୁ ଗୌଣ। ଉପସ୍ଥିତ ବନ୍ଧୁବର୍ଗ ମାମୁ ଭାଣିଜୀଙ୍କ କଥୋପକଥନ ପରେ ଖୁବ୍ ଖୁସି ହୋଇ ଉଭୟଙ୍କୁ ସାଧୁବାଦ ଜଣାଇଲେ।

ଧୀରେ ଧୀରେ ସୂର୍ଯ୍ୟ ଢଳି ଯାଉଥିଲେ ଖଣ୍ଡଗିରି ପାଖ ପାହାଡ ଉହାଡରେ। ସମସ୍ତେ ଉତ୍କଣ୍ଠା, ଉଦବେଗର ସହିତ ବରାନୁଗମନକୁ ଅପେକ୍ଷା କରିଥିବା ବେଳେ ହାବେଳି ବାଣର ପ୍ରଚଣ୍ଡ ଶବ୍ଦ ଶୁଭିଲା ଆଠ ନମ୍ବର ଡି.ଏ.ଭି ସ୍କୁଲ ପଛରୁ। ପ୍ରସେସନ ଆଗେଇ ଆସୁଥିଲା। ସିନେମା ସଙ୍ଗୀତର ଉତ୍ତାଳ ମଧୁର ତରଙ୍ଗ ସହ ଡିଜେ ର୍ୟାମ୍ପ ଆଧୁନିକ ଗୀତର ତାଳେ ତାଳେ ଟୋକାଗୁଡା ନାଚି ନାଚି ପହଞ୍ଚିଗଲେ ହୋଟେଲ ତାଜମହଲ ପରିସରରେ। ଦାମୀ ଗାଲିଚା ଉପରେ ପକାଯାଇଥିବା ନାନା ଜାତିର ଫୁଲ ଶଯ୍ୟା ଦେଇ ବର, ବରଯାତ୍ରୀଙ୍କୁ ସ୍ୱାଗତ କରିନେଲେ କନ୍ୟାପିତା ଓ ବନ୍ଧୁ ପରିଜନ। ବିବାହ କାର୍ଯ୍ୟ ଆରମ୍ଭ ମଧ୍ୟରେ ବରଯାତ୍ରୀଙ୍କ ଚର୍ଚ୍ଚା ଚାଲିଲା। ଏହା ଆମ ତୁମ ପୁଅ ଝିଅ ବିବାହ ଭୋଜି ଭଳି ନୁହେଁ। ମଟନ, ଚିକେନ୍, ମାଛ ଇତ୍ୟାଦିର ହିସାବ ଦନେଇ ପାଖରେ ନଥିଲା। ଭୋଜନ ମଧ୍ୟରେ ନାଚ ଗୀତର ଆସର ସହ ଦେଶୀ, ବିଦେଶୀ ପାନୀୟ ଦେଖି ଦନେଇ ଆଶ୍ଚର୍ଯ୍ୟ ହୋଇଥିଲା। ଭାବୁଥିଲା ଭିଣୋଇ ସତ୍ୟାନନ୍ଦ ଏତେ ଟଙ୍କା କେଉଁଠି ଆଣି କୌଣସି ରାଜା ମହାରାଜାଙ୍କ ପୁଅ ଝିଅ ବିବାହ ଭଳି ଆୟୋଜନ କରିପାରିଲେ। ସତ୍ୟାନନ୍ଦ ବାବୁର ପାରିଲାପଣ ସହ ନାନୀ ସବିତାକୁ ଭାଗ୍ୟବତୀ ମନେକଲା ମଧ୍ୟ ଦନେଇ।

କିନ୍ତୁ ଦନେଇର ଉଚ୍ଚାଟ ମନ ମଧ୍ୟରେ ଅଗ୍ନି ଧରିଲା ଭଳି ଅନୁଭବ କଲା। କାରଣ ଭାବିଥିଲା ଭାଣିଜୀର ବିବାହରେ କନ୍ୟାଦାନ ପାଇଁ ତାକୁ ହିଁ କୁହାଯିବ ଯେଉଁଥିପାଇଁ ଭଉଣୀ ଭିଣୋଇ ତାକୁ ନିମନ୍ତ୍ରଣ କରିଛନ୍ତି। ତାହା ତ ହେଲା ନାହିଁ। ବରଂ ସେ ହାଏ ଫାଏ, ଭି.ଆଇ.ପି ଧନାଢ଼୍ୟ ବ୍ୟକ୍ତିଙ୍କ ମଧ୍ୟରେ ହଂସ ମଧ୍ୟରେ ବକର ଉପସ୍ଥିତି ଭଳି ଦନେଇ ଅନୁଭବ କଲା। ଚାରି ପାଖରେ ଏତେ ଗହଳି... ଏତେ କୋଳାହଳ... ଅଥଚ ସେ ସମସ୍ତଙ୍କ ଅଚିହ୍ନା। ଦନେଇକୁ ସବିତା କୌଣସି ଲୋକଙ୍କ ସହ ପରିଚୟ କରାଇନଥିଲେ।

ବରକନ୍ୟା ଯଥାରୀତିରେ ବିଦାୟ ହେଲେ। ରାତି ପାହି ସକାଳ ହେଲା। ବିବାହ ଭୋଜି ଭାତର ଆସର ଶେଷ ହେବାରୁ ବନ୍ଧୁ ପରିଜନ ଧୀରେ ଧୀରେ ବିଦାୟ ନେଲେ। ପରିବେଶ ଶାନ୍ତ ହେଲା।

ଦନେଇ ଭାବିଲା ତାର ଏଠି କିଛି କାମ ନାହିଁ ଘରକୁ ଫେରିଯିବା ପାଇଁ ନାନୀ ସବିତାକୁ ଜଣାଇଲା। ନାନୀ ତାର ଝିଅ ବିଦାୟରେ ଦୁଃଖରେ ଥିଲା। କହିଲା ଯାଉନୁ କିଏ ତୋତେ ଅଟକାଇଛି କି ନା ତୋ ଦେଇ କିଛି କାମ ହେବ।

ଦନେଇ ମନେ ମନେ ଭାବୁଥିଲା ଅନେକ ଗାଡ଼ି ଷ୍ଟେସନ, ବସ ଷ୍ଟାଣ୍ଡକୁ ଯାଉଛି ତାକୁ କେହି ଛାଡ଼ିଦେଇ ଆସନ୍ତାନି ? ଏବେ ଦି କୋଶ ଚାଲିଯିବାକୁ ହେବ। କିଏ ବା ତାକୁ ପଚାରେ, କାହାକୁ ସେ ସାହସ କରି ନିଜର ପରିଚୟ ଦେଇ କହିପାରୁନାହିଁ। ସଙ୍କୋଚ ବି ଲାଗୁଛି।

ଚାଲି ଚାଲି ଷ୍ଟାଣ୍ଡରେ ପହଞ୍ଚି ଭାବୁଛି ସେ ସହରକୁ ଆସିଛି। ବାହାଘର ଭୋଜି ଭାତରେ ଯୋଗଦେବା ପାଇଁ କିଛି ନନେଇ ଗଲେ ପିଲାଦୁଇଟା ବ୍ୟାଗ, ପକେଟ୍ ଅଣ୍ଡାଳି ପକାଇବେ। କିଛି ନପାଇ କେହି ନହେଲେ ଟିକିଝିଅ ଗୁନ୍‌ଗୁନ୍‌ଟା ସକେଇକି ମନଦୁଃଖ କରିବ।

ମନେ ପକାଉଛି ବାହାଘର ଭୋଜି ଭାତର ଭଣ୍ଡାର ଘରେ ବଳକା ଖଜା, ଲଡୁ, ମାଲପୁଆ, ରସାବଳୀ, ଗୋଲାପଜାମୁ, ପୋଡ ଲୋକେ ଜରିରେ, ବ୍ୟାଗରେ, ଟିଫିନ୍‌ରେ ନେଇ ଯାଉଛନ୍ତି। ସେଥିରୁ ଦିଟା ଆଣିଥିଲେ ପିଲାଙ୍କ ପାଟିରେ ଏ ଦୁର୍ଲଭ ଜିନିଷ ବାଜିଥାନ୍ତା। ପିଉସୀ ମା' ଝିଅର ବାହାଘରର ମିଠା, ପିଠା ଖାଇଲେ ବୋଲି ପାଞ୍ଚ ଲୋକଙ୍କ ପାଖେ କହିଥାନ୍ତେ। ନିଜେ ମାଗିବା ହାତପୂରାଇ ଆଣିବା କେଡେ ସୁନ୍ଦର ହୋଇନଥାନ୍ତା। ଏହା ଖୁବ୍ ସୁନ୍ଦର ହୋଇଥାନ୍ତା ଯଦି ନାନା ତା ବଡପଣ ଓ ଭାଇର ମର୍ଯ୍ୟାଦା, ଇଜତ ରଖି କାହାକୁ କୁହାଇ ବା ନିଜେ ପୁଳେ ବାନ୍ଧିଦେଇ କହିଥାନ୍ତା। ରେ ଦନେଇ ନେ ପୁତୁରା, ଝିଆରୀ, ଭାଉଜକୁ ଚଖେଇବୁ। ପୁଣି ଭାବୁଥିଲା ସେ ଯଦି ମାଗିଥାନ୍ତା ନାନୀ ତାକୁ କହିଥାନ୍ତା ଦେବାକୁ ସାମର୍ଥ୍ୟ ନାହିଁ, ନେବାକୁ କାନି ପତାଉ ଥାଇ। ଏ ନିନ୍ଦା, କୁତ୍ସା ଅପମାନ ମରଣଠୁ ବଳକା, ଅଧିକା ହୋଇଥାନ୍ତା। ଭାବି ଭାବି ବସ୍‌ରେ ସିଟ୍‌ଟିଏ ପାଇ ବସିଗଲା।

ବସ୍ ଭିତରେ ତନ୍ଦ୍ରା, ଛାଇନିଦ, ଢୋଳରେ ସ୍ୱପ୍ନ ଦେଖି ଦନେଇ ପୁଅଝିଅଙ୍କୁ ବିଲିବିଲେଇଲେ କ'ଣ ଗୁଡାଏ ବକି ପାଖ ଯାତ୍ରୀର ଉପରେ ପଡୁଥାଏ। ବାରମ୍ବାର ପଡିବାରୁ ଯାତ୍ରୀ ଜଣକ ବିରକ୍ତି ହୋଇ କହିଲେ

'ହଇଏ ବାବୁ ରାତିରେ ନଶୋଇ ନଇ ବା କେଉଁ ସମୁଦ୍ରରେ ନିଆଁ ଲିଭାଉ ଥିଲ ନା କ'ଣ ? ଦନେଇ ଚେଇଁ ବସିଲା, ସେତେବେଳକୁ ତା ନିଜ ଷ୍ଟପେଜ ଆସିଯାଇଥିବାରୁ ଓହ୍ଲାଇ ପଡ଼ିଲା ମନ ତା'ର ଉଦାସ ନିରସ। ସ୍ତ୍ରୀର ଇଚ୍ଛା ବିରୁଦ୍ଧରେ ଧନୀ ଭିଶୋଇ ଘରେ କୁଣିଆ ହୋଇ ଯେଉଁ ମାନସିକ ଅଶାନ୍ତି ଭୋଗୁଛି ତା ଅଜାଗା ଘା ଦେଖାଇ ହୁଏ ନାହିଁ କି ଦେଖି ହୁଏ ନାହିଁ ସଦୃଶ ଭାବି ଭାବି ପାହୁଣ୍ଡ ବଢ଼ାଇ ଗୃହ ଅଭିମୁଖେ ଚାଲିଥାଏ ଦନେଇ।

ଗୋଧୂଳି ଉଡାଇ ଗାଈପଲେ ଫେରୁଥାନ୍ତି। ପଶ୍ଚିମ ଆକାଶେ ଲାଲ ସୂର୍ଯ୍ୟ ତା' ରକ୍ତିମ ଆଭା ନଇଁ ନଇଁ ପଡୁଥାଏ ଅସ୍ତାଚଳକୁ। ବିହଙ୍ଗମାନେ ଚିଁ ଚିଁ କରି ଉଡି ଯାଉଥିଲେ ଆକାଶରେ।

ଭାବନା ମଧ୍ୟରେ ଦନେଇ ପହଞ୍ଚିଗଲା ଘରେ। ସ୍ତ୍ରୀ ଅସୀମା ସେ ସମୟରେ ଚୁଲିରେ ଜାଳ ପକାଇ ଚା ପାଣି ବସାଉଥିଲା। ହସିଦେଇ କହିଲା 'ଆସିଗଲ ନାଲି ଚା ଟିକିଏ ପିଲାଙ୍କ ପାଇଁ କରୁଥିଲି। ସେଥିରୁ ଟିକିଏ ପିଇ ହାଲିଆ ହୋଇ କାଲି ପାଇଁ ଘରେ କ'ଣ ଅଛି ଦେଖି ନେଉଛି।

ଚା କପଟେ ଧରି ଅସୀମା ବସିଗଲା ସ୍ୱାମୀ ଦନେଇ ପାଖରେ ପଚାରି ବସିଲା ଭାଣିଜୀର ବିବାହ ଘରର ଆୟୋଜନ, ଦେବାନେବା ଆଦର ଗୌରବ ଟିକିନିଖି ଖବର। ଦନେଇ ଅଧା ସତ ଅଧା ମିଛ ସବୁ ବନେଇ ଚୁନେଇ କହିଲା। ସେ କ'ଣ ଭିଶୋଇ ଭଉଣୀଙ୍କ ଗୋହି ଗୁପ୍ତଛିଦ୍ର ପଦାରେ ପକାନ୍ତାନା କ'ଣ ? ଏହା ତା ବଂଶର ଅମର୍ଯ୍ୟାଦା, ଅପନିନ୍ଦା ହୋଇଥାନ୍ତା। ପରେ ଖୁଣ୍ଟା, ଉଲୁଗୁଣା ଶୁଣିବାକୁ ହୋଇଥାନ୍ତା।

ଅସୀମା ସବୁ ଶୁଣି କହିଲା ତୁମେ ଦିନ କେତେଟା ସେଠି ପାଟି ସୁଆଦ କରି ଖିରି, ପୁରି ମାଛ, ମାଂସ, ବିରିୟାନୀ ଖାଇ ମସ୍ତି କଲ। ଯେତେ ଖାଇଛ ତୁମକୁ ବଦ ହଜମ ଯୋଗୁଁ ଭୋକ ହେଉ ନଥିବ। ମନେ ପକାଇଛ କି ଆମେ ଏଠାରେ କ'ଣ ଖାଉଁ? ଯାହା ଥିଲା ତ ବିକିଭାଙ୍ଗି ନେଇଗଲ ଭାଣିଜୀର ବିବାହରେ ଉପହାର ଦେବା ପାଇଁ। ଦେଖ ଆଜି ପାଇଁ ଏତିକି ମାତ୍ର ଚାଉଳ। କାଲିକି କିଛି ନାହିଁ। ଅନ୍ୟ କିଛି ବ୍ୟବସ୍ଥା ନକଲେ ରହିବ ଖାଡ ଖାଡ ଅଖିଆ, ଉପାସ।

ଦନେଇ - ପ୍ରିୟେ ଏ ତ ଦୁନିଆର ବନ୍ଧନ। ନଯାଇଥିଲେ ଲୋକନିନ୍ଦା ସହ ମନରେ ଗୋଟାଏ ଅବସୋସ, ଅନୁଶୋଚନା ମନସ୍ତାପ ହୋଇ ଜୀବନ ସାରା ରହିଯାଇଥାନ୍ତା। କାଲି ସକାଳୁ ଚାଲିଯିବି କାମ ଧନ୍ଦାରେ, ଏବେ ଏଇତ ପାଖରେ ଦଶଟି ଟଙ୍କା ମାତ୍ର ଅଛି ଧର। କିଛି ଗୋଟାଏ ବ୍ୟବସ୍ଥା କର।

ଅସୀମା - ତୁମେ କ'ଣ ଟଙ୍କାଟା ଦେଲ ଚକୋଲେଟ୍ ବମ୍ଫେଇ ଲଡୁ ଖାଇବା ପାଇଁ ନା କ'ଣ ? ଦଶଟଙ୍କା ଏ ବଜାରରେ ଚା କପ୍‌କୁ ନିଅଣ୍ଟ। ରଖ ତୁମ ଟଙ୍କା। ରହନ୍ତୁ ତୁମ ପିଲାମାନେ ଶୁଖା ଅଖିଆ, ଉପାସ। ନଚେତ ପଠାଇ ଦିଅ ଭିକ୍ଷାମାଗି ପେଟ ପୋଷିବାକୁ। ହେ ଭଗବାନ ଭାଗ୍ୟ ମନ୍ଦ କହି କାନ୍ଦି ଉଠିଲା।

ଏହିପରି ନାନା ଯୁକ୍ତିତର୍କ, ମାନ ଅପମାନ ସେମାନଙ୍କ ଅଭାବୀ ଅସ୍ୱଚ୍ଛଳ, ଅଭାବଗ୍ରସ୍ତ ପରିବାରକୁ ନେଇ ଚାଲିଥିବା ବେଳେ ଭିଶୋଇ ଦିବ୍ୟଲୋଚନ ବାବୁଙ୍କ ସହ ଅନେକ ଲୋକ ଅଚାନକ ପଶି ଆସିଥିଲେ ଦନେଇର ଘର ଭିତରକୁ।

### - ତିନି -

ବିବାହ ପର୍ବପର୍ବାଣିରେ ଭୋଜିଭାତ ଖାଇ ଅତିଥି ବିଦାହୋଇ ଯାଆନ୍ତି କିନ୍ତୁ ଅନେକ ଝମେଲା, ଝଞ୍ଝଟ ତୁଟି ନଥାଏ। ପେମେଣ୍ଟ ବାକି ରହିଥାଏ। ଛୁଟି ଆସନ୍ତି ସର୍ଭିସ ଯୋଗାଇଥିବା ଲୋକେ ସେମାନଙ୍କ ପ୍ରାପ୍ୟ ପାଇଁ।

ସତ୍ୟାନନ୍ଦ ବାବୁଙ୍କ କ୍ୟାସିୟର ରତ୍ନାକର ବୁଝାବୁଝି କରୁଥିଲେ ବିଭାଘରର ଖର୍ଚ୍ଚର ହିସାବ। ପେମେଣ୍ଟ କରି ଚାଲିଥିଲେ ରତ୍ନାକର। ଏହି ପେମେଣ୍ଟ ଅନେକ ହେଉଥିଲା ମଣ୍ଟୁ ଓ ତା' ସାଙ୍ଗ ବୀରେନ୍ଦ୍ରଙ୍କ ଜରିଆରେ। କାରଣ ବିବାହ ଭୋଜିଭାତ, ବାଜାବାଣର ଆୟୋଜକ ଥିଲେ ସେମାନେ। ମଣ୍ଟୁ ଦିବ୍ୟଲୋଚନକଙ୍କ ପୁଅ ଓ ବୀରେନ୍ଦ୍ର ମଣ୍ଟୁର ଅତି ଅନ୍ତରଙ୍ଗ ବନ୍ଧୁ। ଏଣୁ ସେମାନେ କ୍ୟାସବକ୍ସ ପାଖରେ ବସାଉଠା କରନ୍ତି ଓ କ୍ୟାସିୟର ରତ୍ନାକରକୁ ଦେଣନେଣରେ ସାହାଯ୍ୟ କରନ୍ତି।

ସବୁ ଚାଲିଥିଲା ସୁରୁଖୁରୁରେ। କିନ୍ତୁ ଅପରାହ୍ନରେ ରତ୍ନାକର କ୍ୟାସ ଗ୍ୟାବ, କ୍ୟାସ ଗ୍ୟାବ କହି ଚିତ୍କାର କରି ଉଠିଲା। କେତେଟଙ୍କା କିଏନେଲା ନେଇ ହାଲା ହୋ ପାଟିତୁଣ୍ଡ ଲାଗିଲା। ଚୋରି ହୋଇଯାଇଥିବା ଅର୍ଥର ପରିମାଣ ଥିଲା ଏକ ଲକ୍ଷ ଟଙ୍କାର ଏକ ପ୍ୟାକେଟ। ରତ୍ନାକର ବାଥ୍‌ରୁମ୍‌କୁ ଯାଇଥିଲା। ମଣ୍ଟୁ ଓ ବୀରେନ୍ଦ୍ର ଏହି ସମୟରେ ଟଙ୍କା ପ୍ୟାକେଟ୍‌ଟିକୁ ମଣ୍ଟୁ ବାହାର କରି ମହେନ୍ଦ୍ରକୁ ବଢ଼ାଇ ଦେବାର ଦୃଶ୍ୟ ଦେଖି ଦେଇଥିଲା ଦନେଇ। ଏସବୁ ତାଙ୍କର ବ୍ୟାପାର, ସେ ନେଉଛନ୍ତି, ଦେଉଛନ୍ତି ଭାବି ଭଣଜାକୁ ଦେଖାକରି ଦନେଇ ବସଷ୍ଟାଣ୍ଡକୁ ଚାଲି ଯାଉଥିଲା।

ସତ୍ୟାନନ୍ଦ ବାବୁ ଓ ପରିବାରର ଅନ୍ୟ ବୟସ୍କ ଲୋକେ ଏତକ୍ର ହେଲେ। ଟଙ୍କା ପ୍ୟାକେଟକୁ କିଏନେଲା ବୋଲି ବିଚାର ବିମର୍ଶ ଚାଲିଲା। କ୍ୟାସିୟର ରତ୍ନାକର ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ଅନେକ ଦୋଷାରୋପ କଲେ। ଦୀର୍ଘ ଦିନଧରି ସେ ପରିବାରର ବିଶ୍ୱସ୍ତ, ସାଧୁ, ସଚ୍ଚୋଟ ବୋଲି ଜଣାଶୁଣା। ଏପରି ବିଶ୍ୱାସଘାତକ ବେଇମାନ ହୋଇପାରେନା ବୋଲି ଅନେକ ଯୁକ୍ତି ବାଢ଼ିଲେ ମଧ୍ୟ ତେବେ ଚୋର କିଏ ? ଏ ପରିବାର ଲୋକଙ୍କର କାହାର ଅଭାବ ନାହିଁ। ସମସ୍ତେ ଏକୁ ଆରେକ ଲକ୍ଷପତି ଖାଲି ନୁହେଁ, ସମସ୍ତେ କୋଟିପତି। ଏ ପ୍ରକାର ଚୋର, ତସ୍କର କାର୍ଯ୍ୟ ଭଳି ହୀନ କାର୍ଯ୍ୟ କରିନଥିବେ ବୋଲି ମତାମତ ଦେଲେ ପରିବାରର ବୟୋଜ୍ୟେଷ୍ଠ ତପନବାବୁ। ଅନୁସନ୍ଧାନ ଜାରି ରହିଲା। ତକିଆ ତଳ, ବିଛଣା ତଳ, ଡ୍ରଅର, ପାଇଖାନାଘର ଖୋଜାଖୋଜିରେ ଟଙ୍କାର ସୁରାକ, ଚିହ୍ନ କିଛି ମିଳିଲା ନାହିଁ।

ସମସ୍ତେ ନିରବ, ନିଃଶବ୍ଦ, ଚୁପ। ନିରବତା ଭଙ୍ଗକଲା ଗୃହଚାକର ଦୀନା। ସମସ୍ତଙ୍କ ହାତରେ ଗରମ ଚା ଧରାଇ ଦେଲା। ଦୀନାକୁ ତପନବାବୁ ପଚାରିଲେ 'ଆରେ ଏ ଘର ଭିତରକୁ କେହି ବାହାର ଲୋକ ପଶିଥିବାର ଦେଖିଛୁ କି ?

ହଁ ଆଜ୍ଞା ! ଆମ ନିଜ ଲୋକ ମଣ୍ଟୁ ବାବୁ, ମହେନ୍ଦ୍ର ବାବୁ, ରତନ ବାବୁ, ଯା ଆସ କରୁଥିବା ଭିତରେ ଜଣେ ଧୋତି, ପଞ୍ଜାବି ପିନ୍ଧା ଦରବୁଢ଼ା ଲୋକଙ୍କୁ ମଧ୍ୟ ସେଠି ଦେଖିଲି। ବାବୁମାନଙ୍କୁ ଚା କଫି ଦେବା ଭିତରେ ସେ ହାତରେ ବ୍ୟାଗ ଧରି ବାହାରି ଗଲେ। ସେ ପରା ମା'ଙ୍କ ସାନଭାଇ ଦନେଇ ବାବୁ ବୋଲି ଲୋକେ କୁହାକୁହି ହେଉଥିଲେ। ଦନେଇ କଥା

ଶୁଣି ସତ୍ୟାନନ୍ଦ ବାବୁ ଚେୟାରରୁ ଉଠିପଡ଼ି କହିଲେ ଦୀନା ଠିକ୍ ଚୋର ଧରିଛି। ମନା କରୁଥିଲି ସେ ମଫସଲି, ନିକୁଛିଆ ଦରିଦ୍ର, ହୀନମନା ଲୋକଟାକୁ ଏ ଧୀନ ମାନୀ ସଂଭ୍ରାନ୍ତ ମର୍ଯ୍ୟାଦାସମ୍ପନ୍ନ ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ପୂରାଇବା ପାଇଁ। ଅତି ସରାଗ, ଶ୍ରଦ୍ଧା, ଅନୁରାଗ ଦେଖାଇ ମନା କରିବା ସତ୍ତ୍ୱେ ନିମନ୍ତ୍ରଣ କରିଦେଲା। ଏଇଠି ଫଳିଲା ଫଳ। ଦରିଦ୍ରତା ବେଳେ ଖାଇ ଦିବେଳା ଉପବାସ ରହୁଥିବା ଶଳାଟା ବିଡା ବିଡା ନୋଟ ଦେଖି ଲୋଭ କରି ଗୋଟାଏ ଉଠାଇ ଚୁପ କରି ଖସିଯାଇଛି।

ଏବେ କ'ଣ କରାଯିବ କିପରି ଟଙ୍କା ଆମ ହାତକୁ ଆସିବ ପ୍ରଶ୍ନ କଲେ ରତ୍ନାକର। ଚୋର ତ ଛୁ, ଘରେ ପହଞ୍ଚି ଅନ୍ୟତ୍ର ଛୁପାଇ ଦେଇପାରେ। ଏବେ ସେ ଘରେ ପହଞ୍ଚୁଥିବ ଆରେ ଦିନା ଡ୍ରାଇଭରଙ୍କୁ କହ ଦୁଇଟା କାର ବାହାର କରୁ। ମା'ଙ୍କୁ କହ ଶୀଘ୍ର ଯିବାକୁ ପ୍ରସ୍ତୁତ ହେବେ, ହଁ କରିବୁ ରତନ, ତପନ ଯୋଗୀ ଭାଇଙ୍କୁ। ଶୀଘ୍ର ଏଠାକୁ ଆସିବାକୁ। ଆରେ! ସେ କ'ଣ ମୋତେ ଚିହ୍ନିନି। ଶଳାକୁ ମାମୁଘର ଦେଖାଇ ତା'କୁ ମାରିଦେବି। ଡ଼ିମା ଡ଼ିମା ଆଖି ତରାଟି, ଟେବୁଲ ଉପରେ ବିଧା ପିଟି ଚିତ୍କାର କଲେ ସତ୍ୟାନନ୍ଦବାବୁ।

ଖବର ପହଞ୍ଚିଲା ମ୍ୟାଡାମ ସବିତାଙ୍କ ପାଖରେ। ଗୋଡତଳୁ ମାଟି ଖସିଗଲା, ଆଖିବାଟେ ଜୁଳିଜୁଳି ବାହାରି ଆସିଲା କହିଲେ – ଚଣ୍ଡାଳୁଣୀ କି ବୁଦ୍ଧି କଲି, କାହିଁକି ଅଲୋଡାକୁ ଲୋଡିଲି। ଭାଇ ମୋର ଏବେ ଚୋର ହେଲା। ଜେଲ ଭୋଗିବ ଏହା କିପରି ସହିବି। ସେ କ'ଣ ସହଜରେ ଛାଡ଼ିବା ଜନ୍ତୁ ଭାବି ମନସ୍ତାପ, ଅନୁତାପ, କଷ୍ଟମନରେ ଗାଡ଼ିରେ ବସିଲେ।

ଦୁଇ ଘଣ୍ଟାର ରାସ୍ତା। ମଫସଲ ଗାଁର ମୋରମ ରୋଡ଼। ରାସ୍ତାର ଦୁଇପାର୍ଶ୍ୱ ଧାନବିଲ, ଗଛମାଳ। ରାସ୍ତାସବୁ ଖାଲ, ଢ଼ିପ, ଖମା। ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଗାଡି ରଘୁପୁର ଗାଁ ମୁଣ୍ଡରେ ଯେପରି ଦେଢ଼ଘଣ୍ଟା ମଧ୍ୟରେ ପହଞ୍ଚେ।

କଥାରେ ଅଛି ଖାଇଲା ପୁଅ ରଙ୍କ ସର୍ବଦା ଅସନ୍ତୁଷ୍ଟ ବିରକ୍ତି ଅଧିକରୁ ଅଧିକ ଇଚ୍ଛନ୍ତି।

ସବିତାଙ୍କର ଏକଇ ଅତି ଶ୍ରଦ୍ଧାରେ ପାଳିତ କୁଳନନ୍ଦନ ମଣ୍ଟୁ। ପୁରା ନାମଟି ମନ୍ମଥ ମହାନନ୍ଦ ସାମନ୍ତରାଏ। ପାଠରେ କମ୍ ଶାଠରେ ବେଶି। ବହୁତ ଗାର୍ଲଫ୍ରେଣ୍ଡ, ବାରରେ ଭାରିକାଟ୍‌ତି। ସାଥୀ ମହେନ୍ଦ୍ର ଖଣି ମାଫିଆ ନରେନ୍ଦ୍ର ଚୌଧୁରୀଙ୍କ ପୁଅ। କଲେଜ ହିରୋ, କରେ ରାଜନୀତି। ଦୁଇ ଜଣଙ୍କର ଅତ୍ୟଧିକ ଦୋସ୍ତି ଖବର ନିର ସମ୍ପର୍କଠୁ ବେଶି। ସବୁବେଳେ ନଗଦ ନାରାୟଣ ଅଭାବ ନିଅଣ୍ଟ। ଅଣ୍ଟାଳନ୍ତି ମମିଙ୍କ ପର୍ସ, ବାପାଙ୍କ ପକେଟ।

ଭଉଣୀର ବିବାହ ଭୋଜି ଭାତରେ ପ୍ରଚୁର ନଗଦ କ୍ୟାସ କାରବାର। ଏହି ସୁଯୋଗରେ କିଛି କ୍ୟାସ୍ ହାତ ସଫେଇ କରି ଅନ୍ୟ ମୁଣ୍ଡରେ ଅଠା ବୋଳି ଚୋରି କରିବାକୁ ରହିଲେ ଦୁଇବନ୍ଧୁ। ଏଣୁ କ୍ୟାସିୟରଙ୍କ ଅନୁପସ୍ଥିତିରେ ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ କୌଶଳରେ ଟଙ୍କା ପ୍ୟାକେଟ୍‌ଟିକୁ ମଣ୍ଟୁ ବନ୍ଧୁ ମହେନ୍ଦ୍ରକୁ ହସ୍ତାନ୍ତର କରିଦେଲା।

– ଚାରି –

ଦନେଇର ଭିଣୋଇ ଭଉଣୀ ତା ଘର ଭିତରେ ପଶିଯିବା ଆଗରୁ ଶୁଣିପାରିଥିଲେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଚଳିବା ଅଭାବ, ଅନଟନ ଓ କାଲି ପାଇଁ ଭୋଜନର ଯୋଜନା। ଏକଥାଗୁଡ ସେମାନଙ୍କ ମନରେ ଥିବା କ୍ରୋଧ, ରାଗ ଓ ଅବିଶ୍ୱାସ ଉଗ୍ରତା ହ୍ରାସ ପାଇଗଲା।

ଦନେଇ ଓ ସ୍ତ୍ରୀ ଅସୀମା ଏତେ କୁଣିଆଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ। କିନ୍ତୁ ଅସୀମା ବିଚଳିତ ନ ହୋଇ ଆସନ ପକାଇ ଦେଇ ସମସ୍ତଙ୍କୁ ଯଥାମାନ୍ୟ ଜଣାଇଲା ଓ କିଛି ପାନୀୟର ବ୍ୟବସ୍ଥା କରାଇଲା। ପୁଅକୁ ପଠାଇ ବାଡିରୁ ଲେମ୍ବୁ ତୋଳିଆଣି ସାମାନ୍ୟ ଚିନି ପକାଇ ଅତିଥିମାନଙ୍କୁ ପିଇବାକୁ ଦେଲା। ଦୁଇଦିନ ଧରି ପ୍ରବଳ ଗରିଷ୍ଠ ଖାଦ୍ୟ ଖାଇ ଅଜୀର୍ଣ୍ଣ ହାକୁଟି ମାରୁଥିବା ଅତିଥିମାନେ ସୁସ୍ଥତା ଅନୁଭବ କରି ଅସୀମାକୁ ପ୍ରଶଂସା ଢ଼ାଳିଲେ।

ଦନେଇ ନାନୀ ସବିତାକୁ ପଚାରିଲା 'ମୁଁ ତ ଏଇ ପହଞ୍ଚିଛି, ତୁମେ ଏପରି ଅଚାନକ ଏ ମଫସଲ ଗାଁ ରାସ୍ତାରେ ଏତେ ଲୋକଙ୍କୁ ଧରି କାହିଁକି ଆସିଛ ?'

ସବିତା ଅସଲ କଥାଟିକୁ ଲୁଚାଇ କହିଲେ ନାରେ ଆମେ ସବୁ ବୁଲି ବୁଲି ବିବାହ ଘର ପରବର୍ତ୍ତୀ ବନ୍ଧୁଘରମାନଙ୍କୁ ଯେଉଁ ବେଭାର, ଉପଢ଼ୌକନ ଦେବା କଥା ତାହା ବାଣ୍ଟିବାକୁ ବାହାରିଛୁ। ଏହା କହି ଖଣ୍ଡେ ଶାଢ଼ି ଓ ମିଠା ପ୍ୟାକେଟ୍‌ଟିଏ ବାହାର କରି ଅସୀମା ହାତକୁ ବଢ଼ାଇ ଦେଲା। ଭୁଲେଇ ଭୁଲେଇ ନାନା ପ୍ରକାର ଚାଟୁକଥା କହି ଦନେଇକୁ ସାଥିରେ ନେଇ ଆସିଲେ।

ଗାଁ ବାହାରେ ଏକ ନିର୍ଜନ ନିଛାଟିଆ ଜାଗାରେ ଟଙ୍କା ଚୋରି ବିଷୟରେ ନାନା ପ୍ରଶ୍ନ ପଚାରିଲେ।

ଦନେଇ ନିର୍ଭୟ ସ୍ୱଷ୍ଟ ଭାବେ କହିଲା ଟଙ୍କା ସେ ଚୋରାଇ ନାହିଁ। କିନ୍ତୁ ମୁଁ ଯେତେବେଳେ ସମସ୍ତଙ୍କୁ ଦେଖାକରି ଫେରୁଥିଲି ଟଙ୍କା ପଇସା ଦେବାନେବା ହେଉଥିବା ଘରେ ଭଣଜା ମଣ୍ଟୁକୁ ଦେଖାକଲି। ସେ ଗୋଟାଏ ଟଙ୍କା ପ୍ୟାକେଟ କାହାକୁ ବଢ଼ାଇ ଦେବାର ଦେଖିଛି।

ନାନୀ ସବିତା ପୁଅ ମଣ୍ଟୁ କଥା ଶୁଣି ରାଗିପାଚି ନିଆଁ। କହିଲେ ଆରେ ଅକର୍ମା ତୋ ଜିଭରେ ହାଡ ହେଲାଣି, ପୁଅଟାକୁ ମୋର ତୁଳସୀ, ବିଛୁଆତି କହୁଛୁ। ଦେଖିଲି ତୁ ସଜ ମାଛରେ ପୋକ ପକାଇ ଦେବା ଲୋକ ? କଥା ସରିଛି କି ନାହିଁ ସତ୍ୟାବାବୁ କହିଲେ କଅଁଳକଥାରେ ଟଙ୍କା ବାହାରିବ ନାହିଁ। ଶଳାଟି ପିଠିରେ ଥାନାବାବୁ ଦି ଚାରି ପାହାର କଷିଦେଲେ ବୋପାଲୋ ମାଆଲୋ କହି ସତକଥାଟା ବାନ୍ତି କରି ପକାଇବ। ଥାନାବାବୁ ସତ୍ୟାନନ୍ଦ ବାବୁଙ୍କ ପରିଚିତ। କଥା ହୋଇଗଲେ ଫୋନ୍‌ରେ। ଦନେଇକୁ ଧରି ହଞ୍ଚିଲେ ଥାନାରେ। ପୋଲିସ ତ ପବନ ଶୁଙ୍ଘି ଚୋର ଧରି ଲୋକ। ଦନେଇକୁ ନାନା ପ୍ରକାର ପ୍ରଶ୍ନ ପଚାରିଲେ। ଦନେଇ ସେଇ ଗୋଟିଏ କଥା କହୁଥାଏ, 'ଭଣଜା ମଣ୍ଟୁ ତା' ସାଙ୍ଗକୁ ଟଙ୍କା ବଢ଼େଇ ଦେବାର ସେ ଦେଖିଛି।'

ଥାନାବାବୁ ମଣ୍ଟୁ ଓ ତା ସାଙ୍ଗ ବିଷୟରେ କିଛି ଜାଣିଥିଲେ ଏ ଘଟଣାଟି ଘଟାଇ ନିରୀହ ମୁଣ୍ଡରେ ଅଠା ବୋଳିବା ମତଲବରେ ଥିବାର

ଅନୁମାନ କଲେ । ଗୋଟାଏ ନିରୀହ ଲୋକଟାକୁ ଛାଡ଼ିଦେବାକୁ ଚାହୁଁଥିଲେ ବି ସତ୍ୟାନନ୍ଦ ବାବୁଙ୍କ କଥାରେ ହାଜତରେ ପୂରାଇ ରଖିଲେ ।

କାଉ ରାବୁଥିଲା କଅଁଳିଆ ସକାଳେ, କୋଇଲି ଗାଉଥିଲା । ପାଖ ମନ୍ଦିରରେ ଘଣ୍ଟି ବାଜି ଦିନ ଫରଚା ହୋଇଗଲା । ରାତି ଡିଉଟିରେ ମୋବାଇଲ ଭ୍ୟାନରେ ପୋଲିସ ପାର୍ଟି ଦୁଇଜଣ ଯୁବକଙ୍କୁ ଥାନାକୁ ଧରି ଆଣିଲେ । ସେମାନେ ନିଶାସକ୍ତ ଅବସ୍ଥାରେ ବସ୍ତିର ଜଣେ ଆଦିବାସୀ ଝିଅକୁ ପାଶବିକ ଅତ୍ୟାଚାର କରି ରାସ୍ତା କଡରେ ପକାଇ ଦେଉଥିବା ଅବସ୍ଥାରେ ଧରାପଡ଼ିଲେ । ସେଥି୍ ମଧ୍ୟରେ ଥିଲେ ସତ୍ୟାନନ୍ଦ ବାବୁଙ୍କ ପୁଅ ମଣ୍ଟୁ ଓ ତା ସାଙ୍ଗ ବୀରେନ୍ଦ୍ର ମାମୁ ଭଣଜାଙ୍କ ସାକ୍ଷାତ ହେଲା ଜେଲ ହାଜତରେ ଜଣେ ନିର୍ଦ୍ଦୋଷରେ, ଅନ୍ୟମାନେ ବିଭିନ୍ନ ଦଫାରେ ।

ଦନେଇ ଭଣଜାକୁ ଦେଖି ପଚାରିଲା ଆରେ ମଣ୍ଟୁ ମୁଁ ଟଙ୍କା ଚୋରି କରି ଆଣିଥିବା ଅଭିଯୋଗରେ ତୋ ବାପ ମୋତେ ହାଜତରେ ପୂରାଇଛି । ତେବେ ତୁମେ ଦୁଇଜଣ କ'ଣ ବାପର ଟଙ୍କା ଚୋରି କରିଥିଲ କି ? ମଣ୍ଟୁ ଥିଲା ନିରୁତ୍ତର ।

ଥାନାବାବୁ ଅଫିସକୁ ଆସି ଦନେଇକି ନିର୍ଦ୍ଦୋଷ କହି ଖଲାସ କରିଦେଲେ । ମଣ୍ଟୁ ଓ ବୀରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କଲେ ।

ଚୁଟି ଫୁରୁଫୁରୁ ମୁହଁ ଶୁଖିଲା, ପେଟ ଭୋକିଲା, ଦେହସାରା ମଶା ଡାଆଁଶ କାମୁଡାର ଚିହ୍ନ ଦେଖି ସ୍ତ୍ରୀ ଅସୀମା ଚମକି ପଡ଼ିଲା । ନାନୀ ଘରକୁ ଯାଇ ଏପରି ହୋଇ ଫେରିଲ ଯେ ପଚାରି ବୁଝିଲା ଅସୀମା ।

ଦନେଇ ଆଖି ଛଳଛଳ କରି କହିଲା 'ନାଇଗୋ, ନାନୀ ଘର ନୁହଁ ମାମୁଘର ହାଜତରେ ରାତିଟା କଟାଇ ଫେରୁଛି ।' ଗୋଟି ଗୋଟି କରି ସବୁ ତଥ୍ୟ କହିଗଲା । ପାନେ ପାଇଲ ତ କହୁଥିଲି ପରା ତୁମେ ନଯିବା ପାଇଁ ସେ ଧନୀ ଗର୍ବୀ, ଅହଙ୍କାରୀ ଲୋକଙ୍କ ଗୃହକୁ । ପୂର୍ବ ରାଗ ଶୁଝିଲା ଆ ବଳଦ ମତେ ବିନ୍ଧ ନୀତିକୁ ଆପଣେଇଲା ସେ ସର୍ବସମ୍ମୁଖରେ ନାନୀକୁ ବିବାହ ପାଇଁ ନାନାପ୍ରକାର ଧମକ ଦେଉଥିଲେ । ଏଥିପାଇଁ ପରିବାର ମଧ୍ୟରେ ରହି ଆସିଛି କଳି ଝଗଡ଼ା ଦ୍ୱନ୍ଦ୍ୱ । ଶତ୍ରୁ ଗୃହକୁ ଯାଇଥିଲ ହାଣ ଖାଇବାକୁ ? ସେ ନାନୀ ଖଣ୍ଡକ ଅତି ଫୁଲେଇ । ଧନୀ ଘରେ ବୋହୂ ହେଲାପରେ ଅତି ଆତ୍ମବଡିମା ପ୍ରକାଶ କରେ । ଧରାକୁ ସରା ମଣେ । ଗରିବ ଗୁରୁବାଙ୍କୁ ମଶା, ମାଛି, ଛେଳି, କୁକୁର ଭଳି ଭାବନ୍ତି । ଶାସ୍ତ୍ର ମଧ୍ୟ କହେ । ତ୍ୟଜନ୍ତି ମିତ୍ରା ଶିବନୈବି ହୀନମ୍..... । ଧନହୀନ ଲୋକଙ୍କୁ ବନ୍ଧୁ, ମିତ୍ର, ପତ୍ନୀ ଆଦି ସମସ୍ତେ ତ୍ୟାଗ କରନ୍ତି । ନାନୀ ସେଥିପାଇଁ ତୁମ ଭଳି ନିଃସ୍ୱ, ଦରିଦ୍ରକୁ ଭାଇର ମର୍ଯ୍ୟାଦା ଦେବାରେ କୁଣ୍ଠାବୋଧ କରନ୍ତି ।

ପୁଅକୁ ବଞ୍ଚାଇବାକୁ ଯାଇ ଭଉଣୀ ଭିଣୋଇ ଯେଉଁ ଅନ୍ୟାୟ କରି ବସିଲେ ତାର ବିଚାର କେହି ଅଦୃଶ୍ୟ ଶକ୍ତି ବିଚାର କରି ତୁମକୁ ଉଦ୍ଧାର କଲା । ଚୋରକୁ ଉଚିତ ଦଣ୍ଡଦେଲା ଗରିବକୁ ଦଇବ ସାହା ।

ଅସୀମା ଅନେକ ଆଶ୍ୱାସନା, ସାନ୍ତ୍ୱନା ଦେଇ ସ୍ୱାମୀର ଖାଇବା ପିଇବାର ବ୍ୟବସ୍ଥା କରାଇଲା । କହିଲା ଆମ ସଂସାର ଆମର । ଦାରିଦ୍ର, ଅନଟନ ମଧ୍ୟରେ ମଣିଷ ପଣିଆ ରଖି ସମସ୍ୟା ଭିତରେ ଆଗକୁ ଅଣ୍ଟା ସଳଖାଇ ଠିଆ ହେବାକୁ ହେବ । ଧୈର୍ଯ୍ୟ ଧର ।

*୭୮୯- ଲକ୍ଷ୍ମୀସାଗର, ଭୁବନେଶ୍ୱର*

An unit of MAGNUM Shoppers Club (P) Ltd

S & SSAC

S & SS Associates & Consultancy

( A unit of Magnum Shoppers Club Pvt. Ltd. )

A single window consultancy service in multiple fields to support and assist you



- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

Contact for further details:

Mob.: + 91 94370 31392, Landline: +91 674 2393692

Email: sssassociatesss@gmail.com

Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar

# ବାପାଙ୍କର ବାହାଘର

**ମନୋଜ କୁମାର ଜେନା**

"ଜେଜେ, ମୋ ବାପାଙ୍କ ବାହାଘର ଆସନ୍ତା ରବିବାର ଦିନ ହେବ। ନିଶ୍ଚୟ ଆସିବ। ମଜା କରିବା, ଗୁପ୍‌ଚୁପ୍, ପାନିପୁରି ମନଭରି ଖାଇବା" – ମହେଶ୍ୱରବାବୁଙ୍କ ନାତି ଟୁଲା ଫୋନ୍‌ରେ ଅତି ଅବିଚଳିତ କଣ୍ଠରେ କହୁଥିଲା।

ମହେଶ୍ୱର ବାବୁଙ୍କ ଗୋଟିଏ ବୋଲି ପୁଅ ସୁମନ୍ତ। ତାର ପୁଅର ନାମ ଟୁଲା। ଦ୍ୱିତୀୟ ଶ୍ରେଣୀରେ ପଢ଼େ। ଭାରି ଚାଲାକ୍। ପିଲା ସିନା ଛୋଟ, ବଡ଼ ଲୋକଙ୍କ ଭଳି କଥାବାର୍ତ୍ତା। ବିସ୍ମୟ ବାଳକ। ମହେଶ୍ୱରବାବୁ ଅବସରପ୍ରାପ୍ତ ଶିକ୍ଷକ। ଗାଁରେ ରହନ୍ତି। ଗାଁ ସୁଜନପୁର ଭୁବନେଶ୍ୱର ଠାରୁ ୫୦ କିଲୋମିଟର ଦୂର। ମହେଶ୍ୱରବାବୁ ଏ କଥା ଶୁଣି ଆଶଙ୍କାରେ ଝାଉଁଳି ପଡ଼ିଲେ।

କହିଲେ – ଏହା କ'ଣ ସତ ?

– ହଁ, ଜେଜେ ହୋଟେଲ୍ ଠିକ୍ ସରିଛି। କଣ କଣ ଆଇଟମ୍ ହେବ ବାପା ଠିକ୍ କରିସାରିଲେଣି। ଯୋଉ ଲୋକ ରୋଷେଇ କରି ଖାଇବାକୁ ଦେବ, କାଲି ଆସି ଆଡ଼୍‌ଭାନ୍ସ ନେଇଗଲା। ଡେକୋରେସନ୍ ବାଲା ଆମ ଘରକୁ ଆଜି ସକାଳେ ଆସିଥିଲା। କିପରି ସଜାଇବ, ବାପାଙ୍କୁ ଆଲ୍‌ବମ୍‌ରୁ ଚିତ୍ର ଦେଖାଉଥିଲା।

– ଆଉ ତୋ ବୋଉ ?

– ତା କଥା କୁହନା। ମାସେ ହେଲା ବାପାଙ୍କ ସଙ୍ଗେ ଭୀଷଣ କଳି। ମୁହଁଟାକୁ ଫୁଲେଇଛି। ରାଗରେ ତମତମ୍। ପାଟିରେ ବାଡ଼ବତା ନାହିଁ।

ମହେଶ୍ୱରବାବୁ ଦୁମ୍ କରି ସୋଫାରେ ବସି ପଡ଼ିଲେ। ହଠାତ୍ ମୁଣ୍ଡଟାକୁ ଚିନ୍ତାର ପାହାଡ଼ ମାଡ଼ି ବସିଲା। ସ୍ତ୍ରୀଙ୍କୁ ଡାକି କହିଲେ– ବୁଝିଲ ସୌଦାମିନୀ, ତୁମ ଗେହ୍ଲା ପୁଅ ସୁମନ୍ତ ଆଉ ଥରେ ବାହା ହେଉଛି। ଯୁଗ କ'ଣ ହେଲା। ଘରେ ସ୍ତ୍ରୀ, ପିଲା। ପୁଣି ବାହା ହେବାକୁ ମନ।

– ତୁମେ କେମିତି ଜାଣିଲ ?

– ମୁଁ ଟୁଲା ସାଙ୍ଗରେ ଏଇନେ କଥା ହେଲି। ସେ ସବୁ ଅନର୍ଗଳ କହିଦେଲା। ଟୁଲାଟା ସବୁବେଳେ ସତ କହେ। ନିର୍ମଳ ତାର ମନ, ନିଷ୍କପଟ ତା ହୃଦୟ।

ଟୁଲା ଉପରେ ମହେଶ୍ୱରଙ୍କ ଭାରି ଭରସା। ତାଙ୍କ ବିଷୟରେ ଓ ତାର ଜେଜେମା ବିଷୟରେ ତା ବାପା ମାଆ କଣ କଥାବାର୍ତ୍ତା ହୁଅନ୍ତି, ତାର ଅବିକଳ ନକଲ ଅବିଳମ୍ବେ ତାର ଜେଜେଙ୍କୁ ଜଣାଇ ଦିଏ। ନିରୋଳା ସତ ଡଗଡଗ ହୋଇ କହିଦିଏ। ପାଟିରେ ବାଟୁଳି ବାଜେନା।

ମହେଶ୍ୱରବାବୁ ସତର୍କ ସୂଚନା ପାଇ ତାଙ୍କ ଯୋଜନାର ନକ୍ସା ପ୍ରସ୍ତୁତ କରନ୍ତି। ତେଣୁ ପୁଅ ଓ ବୋହୂଙ୍କର ଅତି ପ୍ରିୟ। ସେମାନଙ୍କ ଭିତରେ ଜେନେରେସନ୍ ଗ୍ୟାପ୍‌ର ସମସ୍ୟା ନଥାଏ। ପୁଅ ବୋହୂଙ୍କର ମନ ଜାଣି ସେ ସୁନ୍ଦର ଅଭିନୟ କରନ୍ତି। ଘର ଓ ପରିବାରର ଶାନ୍ତି ପାଇଁ ଏହା ଯେ ଅନିବାର୍ଯ୍ୟ, ସେ ଅଙ୍ଗେ ଅଙ୍ଗେ ଅନୁଭବ କରିଥିଲେ। ସେ କାହାକୁ ଅପେକ୍ଷା କରନ୍ତିନି କିମ୍ବା କାହାର ଉପେକ୍ଷା ପାଇଁ ଅଭିମାନ କରନ୍ତିନି। କାହାଠାରୁ ସେ ଆଶା କରନ୍ତିନି କିମ୍ବା କାହା ସହିତ ତୁଳନା କରନ୍ତିନି। ପରିସ୍ଥିତି ସହିତ ସାଲିସ୍ କରିବାରେ ଓସ୍ତାଦ୍। ନମନୀୟ ବ୍ୟକ୍ତିତ୍ୱ। ସେ ଗାଁରେ ଓ ପୁଅ ବୋହୂ ଭୁବନେଶ୍ୱରରେ। କିନ୍ତୁ ବୁଝାମଣା ଅତୁଳନୀୟ। ବୋହୂ ମୌସୁମୀ କହେ– ଶ୍ୱଶୁର ମୋର ଅନ୍ତର୍ଯ୍ୟାମୀ। ମନ କଥା ଜାଣନ୍ତି। ମନ କଥା ବୁଝନ୍ତି।

ଏହା ପଛରେ ଯେ ଟୁଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେମାନେ ଜାଣନ୍ତିନି।

ଛ' ମାସ ତଳର ଘଟଣା। ମହେଶ୍ୱରବାବୁ ସସ୍ତ୍ରୀକ ଭୁବନେଶ୍ୱର ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ। ସୁମନ୍ତ ସୌଜନ୍ୟ ଦୃଷ୍ଟିରୁ ମନା କରି ପାରିନଥିଲା। ତାଙ୍କ ଆଣ୍ଠୁରେ ବ୍ୟଥା ହେଉଥିବାରୁ ସେ ଭୁବନେଶ୍ୱର ଡାକ୍ତରଙ୍କୁ ଦେଖାଇବାକୁ ଇଚ୍ଛା କରୁଥିଲେ।

ଟୁଲା ଫୋନ୍‌ରେ କହିଲା – ଜେଜେ, ଏବେ ଆସନା। ମାଉସୀ କଲିକତାରୁ ତାର ପିଲାମାନଙ୍କୁ ନେଇ କାଲି ଆମ ଘରକୁ ଆସୁଛି। ପନ୍ଦରଦିନ ରହିବ।

ମହେଶ୍ୱରବାବୁ ଟୁଲାଠାରୁ ଶୁଣି ଆସିବାର ଯୋଜନା ବନ୍ଦ କଲେ। ସେଦିନ ସୁମନ୍ତ ଓ ମୌସୁମୀ ଆନନ୍ଦରେ ଗଦଗଦ ହୋଇ ଫୋନ୍‌ରେ ତାଙ୍କ ସଙ୍ଗେ କଥା ହେଲେ। ସେମାନଙ୍କ କଣ୍ଠରୁ କୃତଜ୍ଞତାର ଅମୃତ ଅବାରିତ ଭାବରେ ଝରି ପଡୁଥିଲା।

ଟୁଲା ତାଙ୍କର ଅତି ବିଶ୍ୱସ୍ତ ଗୁପ୍ତଚର। ନିର୍ଭୁଲ ଭାବରେ ଗୋଟିଚାଳନା

କରିବା ପାଇଁ ଠିକ୍ ସମୟରେ ସବୁ ଖୋରାକ୍ ଯୋଗାଇଦିଏ।

ମହେଶ୍ୱର ବାବୁ ଭାବୁଥିଲେ, ଟୁଲା ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛି, ତାକୁ ଉପଯୋଗ କରି ଉଚିତ୍ ପଦକ୍ଷେପ ନେବାକୁ ପଡ଼ିବ। ଏ ବାହାଘର ବନ୍ଦ୍ କରିବାକୁ ପଡ଼ିବ। ଘଟଣାଟିକୁ ଗୁପ୍ତ ରଖି ସତର୍କତାର ସହ ଆଗେଇବାକୁ ପଡ଼ିବ।

ସୌଦାମିନୀ ଧାନଉଁସା ହାଣ୍ଡି ପରି ମୁହଁ କରି କହିଲେ – ମୁଁ ଜାଣିଥିଲି ଏଇଆ ହେବ। ଆମ ଗାଁ ମଧୁ ସ୍ୱାଇଁ ଝିଅ କାମିନୀ ଏବେ ଭୁବନେଶ୍ୱରରେ ଚାକିରି କରିଛି। ସେ ଏ ପର୍ଯ୍ୟନ୍ତ ବାହା ହେଇନି। ସୁମନ୍ତ ତାକୁ ବାହାହେବ ବୋଲି ଜିଦ୍ କରିଥିଲା। ତାକୁ କେତେ ବୁଝେଇଲା ପରେ ବହୁ କଷ୍ଟରେ ମୌସୁମୀକୁ ବାହା ହେବାକୁ ରାଜି ହେଲା। ଏବେ କାମିନୀକୁ ବାହା ହେବାକୁ ବସିଛି। ଭୁବନେଶ୍ୱରର ଦେଖା ଚାହାଁ ହେବାରୁ ପୁରୁଣା ସଂପର୍କ ପୁଣି ଉତୁରି ଉଠିଲା। ମୁଁ ଯାହା ଭାବୁଥିଲି, ତାହା ସତ ହେବାକୁ ଯାଉଛି।

ମହେଶ୍ୱରବାବୁ ଭାବୁଥିଲେ, ପ୍ରଥମ ପ୍ରେମ ହେଉଛି ଅନିର୍ବାଣ ଦୀପଶିଖା । ସବୁଦିନ ପାଇଁ ଦୀପ୍ତିମନ୍ତ ଶିଖା ବିସ୍ତାର କରି ଜଳୁଥାଏ। ଏ ବୟସରେ ବି ନିଶବ୍ଦ ରଜନୀରେ ତାଙ୍କ ପ୍ରଥମ ପ୍ରେମ ଏରୁଣ୍ଡି ବନ୍ଧ ଡେଇଁ ଧସେଇ ପଶିଆସେ। ତାଙ୍କ ଦେହ ଓ ମନ ହଲ୍‌ଚଲ୍ ହୋଇଯାଏ। ହଜି ଯାଇଥିବା ତାରୁଣ୍ୟ ପଲ୍ଲବିତ ହୋଇ ଶାଖା ପ୍ରଶାଖା ବିସ୍ତାର କରି ମୁହୂର୍ତ୍ତକ ମଧ୍ୟରେ ମହାଦ୍ରୁମରେ ପରିଣତ ହୁଏ। ସୁମନ୍ତଟାତ ପିଲା ଲୋକ। ତାଙ୍କରି ରକ୍ତ ତା ଭିତରେ ଖେଳୁଛି। ତା ଭିତରେ ଯୁବ ସୁଲଭ ଉଦ୍ଦାମତା ଲହଡ଼ି ଭାଙ୍ଗୁଛି। ଭୁବନେଶ୍ୱରରେ କାମିନୀ ସଂସ୍ପର୍ଶରେ ଆସିବା ପରେ ତା ମନଟା ଅମାନିଆ ହୋଇଯାଇଛି। ମାନୁ ନାହିଁ ସମାଜର ବାଡ଼ବତା, ବିବେକର ଦଂଶନ, ଲୋକ ନିନ୍ଦାର ନାଲିଆଖି। କାମିନୀର କମନୀୟ ଦେହର କାମନାରେ ସେ ବାହାଘରର ଦୁଃସାହସିକ ନିଷ୍ପତ୍ତି ନେଇଛି।

ସୁମନ୍ତ ସାତ ବର୍ଷ ହେବ କଲିକତାରେ ଏକ କଂପାନୀରେ ଚାକିରି କରୁଥିଲା। ଏବେ ବର୍ଷେ ହେବ ଭୁବନେଶ୍ୱରକୁ ବଦଳି ହୋଇ ଆସିଛି। ତାର ସ୍ତ୍ରୀ ମୌସୁମୀ ଚନ୍ଦ୍ରଶେଖରପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଶିକ୍ଷୟିତ୍ରୀ।

ସୁମନ୍ତ ସାତବର୍ଷ କଲିକତାରେ ଏକୁଟିଆ ରହିଥିବା ବେଳେ ମହେଶ୍ୱରବାବୁ ସର୍ବଦା ଚିନ୍ତିତ ରହୁଥିଲେ। ତାର ପେଟ ରୋଗ, ଅଲ୍‌ସରର ପ୍ରାଥମିକ ଅବସ୍ଥା। ଇଚ୍ଛା ଥିଲେ ବି ଚାକିରି ଯୋଗୁଁ ମୌସୁମୀ ଭୁବନେଶ୍ୱର ଛାଡ଼ି ଯାଇ ପାରେନା। ସୁମନ୍ତ କେମିତି ଖାଇବ, କେମିତି ଚଳିବ, ଏହି ଭାବନା ମହେଶ୍ୱର ବାବୁଙ୍କ ମନକୁ ଆନ୍ଦୋଳିତ କରୁଥିଲା। ସୁମନ୍ତ ଭୁବନେଶ୍ୱର ଆସିବା ପରେ ସେ ଆଶ୍ୱସ୍ତ ହୋଇଥିଲେ। କିନ୍ତୁ ଆଜି ଇଏ କ'ଣ ହେବାକୁ ଯାଉଛି ? ମୌସୁମୀ ପରି ସର୍ବ ଗୁଣ ସଂପନ୍ନା, ଶିକ୍ଷିତା, ସୁନ୍ଦରୀ ସ୍ତ୍ରୀ ପାଖରେ ଥାଉଁ ଥାଉଁ ସୁମନ୍ତ ଇଏ କ'ଣ କରିବାକୁ ଯାଉଛି।

ମହେଶ୍ୱର ବାବୁ ଭାବୁଥିଲେ, ଆଜି ବଦଳି ଯାଇଛି ସମୟ। ବଦଳି ଯାଇଛି ମୂଲ୍ୟବୋଧ। ବାହା ନ ହୋଇ ମଧ୍ୟ ପୁରୁଷ ଓ ସ୍ତ୍ରୀ ଗୋଟିଏ ଛାତ ତଳେ ବର୍ଷ ବର୍ଷ ଧରି ରହୁଛନ୍ତି ବିନା ଦ୍ୱିଧାରେ, ବିନା ସଙ୍କୋଚରେ। ସମାଜର କଟାକ୍ଷ ସେମାନଙ୍କୁ ଆହତ କରୁନାହିଁ। ବିବେକର ବୃଶ୍ଚିକ ଦଂଶନ ସେମାନଙ୍କ ଦେହସୁହା ହୋଇଗଲାଣି। ସମାଜ ଓ ବିବେକର ବାଡ଼ବତା ଭାଙ୍ଗି ବର୍ତ୍ତମାନକୁ ଉପଭୋଗ କରିବାର ସହଜ, ସରଳ ରାସ୍ତାକୁ ସେମାନେ ଆପଣେଇ ନେଇଛନ୍ତି।

ଯାହା ହେଲେବି ସୁମନ୍ତର ବାହାଘର ରୋକିବାକୁ ପଡ଼ିବ। ଏ ଖବର ଡିବିଡିବି ହୋଇ ଗାଁ ସାରା ଓ ଆଖପାଖ ସାତ ଆଠ ଖଣ୍ଡ ମୌଜାରେ ବ୍ୟାପିଯିବ। ସାଇ, ଭାଇ, ବନ୍ଧୁ ବାନ୍ଧବରେ ସେ କେମିତି ମୁହଁ ଦେଖେଇବେ। ସିଏ ଜଣେ ନୀତିନିଷ୍ଠ ଓ ଆଦର୍ଶ ବ୍ୟକ୍ତି ଭାବରେ ଆଖପାଖ ଗାଁମାନଙ୍କରେ ସୁନାମ ଅର୍ଜନ କରିଛନ୍ତି। ଏହି ସବୁ ଭାବି ସେ ଚିନ୍ତାରେ ମ୍ରିୟମାଣ ହେଉଥିଲେ।

ତାଛଡ଼ା ଆଜି କାଲି ଦୁନିଆରେ ଗୋଟିଏ ସ୍ତ୍ରୀକୁ ନେଇ ସଂସାର ଚଳାଇବା କାଠିକର ପାଠ। ଦୁଇସ୍ତ୍ରୀକୁ ନେଇ ସୁମନ୍ତ କେମିତି ଚଳାଇବ ସଂସାର ? ତାର ଯନ୍ତ୍ରଣା ଓ ବେଦନା କୂଳଲଂଘି ତାକୁ ଅସ୍ତବ୍ୟସ୍ତ କରିଦେବ। ଦୁଇ ପରସ୍ପର ବିରୋଧୀ ବିପରୀତ ମେରୁ ଭିତରେ ସନ୍ତୁଳନ ରକ୍ଷା କରୁ କରୁ ତା ନିଜର ସନ୍ତୁଳନ ଦୋହଲିଯିବ।

ନାତି ଟୁଲା କଥା ଭାବିଲାବେଳକୁ ତାଙ୍କ ଆଖି ଓଦା ଓଦା ହୋଇଆସିଲା। ବାହାଘର ପରେ ସୁମନ୍ତର ଟୁଲା ପ୍ରତି ସ୍ନେହ, ମମତାରେ ନିଶ୍ଚୟ ଭଟ୍ଟା ପଡ଼ିଯିବ। ସ୍ନେହ ରଙ୍କୁଣା ଗୁଲୁଗୁଲିଆ ପିଲାଟା ଚେନାଏ ସ୍ନେହ ପାଇଁ ବିକଳ ହୋଇ ଅନାଇ ରହିବ। ମୌସୁମୀର ଜୀବନ ଦୁର୍ବିସହ ହୋଇପଡ଼ିବ।

ମହେଶ୍ୱରବାବୁ ଟୁଲା କଥାକୁ ବିଶ୍ୱାସ କରିଥିଲେ ହେଁ ପୁଅର ବାହାଘର କଥାଟା ସତକି ମିଛ ସେ ବିଷୟରେ ଦୃଢ଼ ନିଶ୍ଚିତ ହେବାପାଇଁ ବୋହୂ ମୌସୁମୀ ସହିତ କଥାହେବା ପାଇଁ ସ୍ଥିର କଲେ। ସିଏ ବୋହୂକୁ ଅନେକ ଥର ମୋବାଇଲ ଫୋନ୍ ଲଗାଇଲେ। କିନ୍ତୁ ତା' ଫୋନ୍ ସୁଇଚ ଅଫ୍।

ଦିନକ ପରେ ହଠାତ୍ ସିଏ ଦେଖିଲେ ତାଙ୍କ ଝରକା ପାଖରେ ମାଧବ ଠିଆ ହୋଇଛି। ମାଧବ ତାଙ୍କ ଗାଆଁର ରଘୁନାଥ ମିଶ୍ରଙ୍କ ପୁଅ। ଭୁବନେଶ୍ୱରରେ ଗୋଟେ ବଡ଼ ହୋଟେଲରେ ରୋଷେଇଆ ଭାବରେ ଚାକିରି କରେ। ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ସିଏ ବିଶେଷ ଦକ୍ଷ। ମହେଶ୍ୱରବାବୁ ତାକୁ ଦେଖି ଖୁସିହୋଇ କହିଲେ-ଆରେ ମାଧବ ! ବାହାରେ କାଇଁକି ଠିଆହେଇଚୁ ଭିତରକୁ ଆସ।

–ଦାଦା ! ନମସ୍କାର।

ମାଧବ ଭିତରକୁ ଆସି ଅତି ସନ୍ତର୍ପଣରେ ଫିସ୍ ଫିସ୍ କରି କହିଲା– ଦାଦା ! ଗୋଟେ କଥା କହିବି, ତମେ ଧୈର୍ଯ୍ୟ ଧରି ଶୁଣିବ। ମୋଟେ ବ୍ୟସ୍ତ ହେବ ନାହିଁ।

ମହେଶବାବୁ ବ୍ୟଗ୍ର ହୋଇ ପଚାରିଲେ–କ'ଣ କହିବୁ କହ। କ'ଣ କିଛି ଗୁପ୍ତ କଥା ?

–ହଁ, ନିହାତି ଗୁପ୍ତ କଥା। ଏଇ ଦୁଇ ଦିନ ତଳେ ତୁମ ପୁଅ ସୁମନ୍ତ ଆମ ହୋଟେଲକୁ ଆସିଥିଲା। ମ୍ୟାନେଜରଙ୍କ ସାଙ୍ଗରେ କଥାବାର୍ତ୍ତା କରିକି ଗଲା। ଆସନ୍ତା ରବିବାର ଦିନ ତା' ବାହାଘର ଫଙ୍କ୍‌ସନ ଆଉ ଭୋଜି। ହୋଟେଲ ବୁକ୍ କରିକି ଗଲା। ମୁଁ ଶୁଣିକି ତାଜୁବ। ମୋ ପାଟିରୁ କିଛି ସମୟ କଥା ବାହାରିଲା ନାହିଁ। ଦାଦା ! କଥା କ'ଣ ? ସୁମନ୍ତ କ'ଣ ଆଉ ଥରେ ବାହାହେଉଛି ?

-ବୁଝିଲୁ ମାଧବ ! ମୁଁ ବି ସେଇଆ ଶୁଣୁଚି । ହେଲେ ବିଶ୍ୱାସ କରିପାରୁ ନାହିଁ । ତୁ ଏ କଥା କାନକୁ ଦିକାନ କରିବୁ ନାହିଁ । ତୁ ତ ଜାଣିଚୁ ଆମ ଗାଆଁ କଥା । ସବୁ ଆଡ଼େ ଡିବ ଡିବି ହୋଇ ବାଜିବ । ମୁଁ କାହାକୁ ମୁହଁ ଦେଖେଇ ପାରିବି ନେଇଁ ।

-ନାଇଁ ଦାଦା ! ମୁଁ କାହାକୁ କିଛି କହିବି ନାହିଁ । ହେଲେ ନେଡ଼ି ଗୁଡ଼ କହୁଣୀକୁ ବହିଯିବା ଆଗରୁ ତମେ କିଛି ଗୋଟେ କର । ଏ ବାହାଘରକୁ କୌଣସି ମତେ ବନ୍ଦକର । ନହେଲେ ତମ ମାନ ସମ୍ମାନ ତଳେ ପଡ଼ିଯିବ । ସୁମନ୍ତଟା ଭାରି ଭଲପିଲା ବୋଲି ମୁଁ ଜାଣି ଥିଲି । ସିଏ ପୁଣି ଏତେ ତଳକୁ ଖସିଯିବ ସେ କଥା ମୁଁ ମୋଟେ କଳ୍ପନା କରି ନଥିଲି ।

-ହଁ, ମାଧବ ! ମୁଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି । ତେଣିକି ଭଗବାନଙ୍କ ଇଚ୍ଛା ।

ମାଧବ ତାଙ୍କ ଘରୁ ବାହାରି ଯିବାବେଳେ ମହେଶ୍ୱରବାବୁ ତାକୁ ସତର୍କ କରାଇଦେଲେ ସିଏ ଯେପରି କାହାରି ଆଗରେ ଏକଥା ନକହେ । ମହେଶ୍ୱରବାବୁ ବାହାରକୁ ଅବିଚଳିତ ଦେଖା ଯାଉଥିଲେ ବି ତାଙ୍କ ମନ ଭିତରେ ବହୁଥିଲା ଅବିଶ୍ରାନ୍ତ ଝଡ଼ । ସେ ଝଡ଼ ଥିଲା ସମୁଦ୍ରର ଗର୍ଜନଠାରୁ ଆହୁରି ପ୍ରଚଣ୍ଡ, ଆହୁରି ଉଦ୍‌ବେଳନମୟ । ଆସ୍ତେ ଆସ୍ତେ ମନର ବିଷାଦ ମୁହଁକୁ ସଂକ୍ରମିତ ହେଲା । ତଥାପି ନିଜକୁ ସାମାନ୍ୟ ହାଲୁକା କରିବା ପାଇଁ ମୁହଁରେ ଧାରେ ହସ ଖେଳାଇବାକୁ ଚେଷ୍ଟା କରି ବିଫଳ ହେଲେ । ତାଙ୍କ ହସ ଭାରି ନିସ୍ତେଜ ଦିଶିଲା, ଝଡ଼ି ପଡୁ ପଡୁ ଡେମ୍ଫରେ ଅଟକି ଯାଇଥିବା ଝାଉଁଳା ଫୁଲଟିଏ ପରି । ଭାରି କାକୁସ୍ଥ ଶୁଭିଲା ତାଙ୍କ ସ୍ୱର, କୌଣସି ଏକ ଜଟିଳ ପ୍ରଶ୍ନର ଉତ୍ତର ଜଣା ନଥିବା ଜଣେ ଦୁର୍ବଳ ଛାତ୍ରର ସ୍ୱର ପରି ।

ସିଏ ଭାଙ୍ଗି ପଡୁ ପଡୁ ଠିଆହେଲେ । ଧୈର୍ଯ୍ୟ ଆଉ ସାହସକୁ ଉଜ୍ଜୀବିତ କରି ପରିସ୍ଥିତିର ମୁକାବିଲା କରିବାକୁ ପ୍ରଚେଷ୍ଟା ଆରମ୍ଭ କଲେ । ମୌସୁମୀର ବାପାଙ୍କ ପାଖକୁ ଫୋନ୍ ଲଗାଇଲେ । ଏ ସମୟରେ ତାଙ୍କ ସାହାଯ୍ୟ, ସହଯୋଗ ଆଉ ପରାମର୍ଶ ନିହାତି ଆବଶ୍ୟକ । କିନ୍ତୁ ବାରମ୍ବାର ଫୋନ୍ ଲଗାଇ ସେ ବିଫଳ ହେଲେ । ପ୍ରତ୍ୟେକ ଥର ଫୋନ୍‌ରୁ ଭାସି ଆସୁଛି ଗୋଟିଏ କଥା-ଆପଣ ଯେଉଁ ଫୋନକୁ କଲ୍ କରୁଛନ୍ତି ତାହା ଅପହଞ୍ଚ ଦୂରତାରେ ଅଛି ।

ମୌସୁମୀର ବାପା,ମାଆ ସୁଦୂର ରାଉରକେଲାରେ ଅଛନ୍ତି । ତାଙ୍କ ପାଖକୁ ଯିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ତାଙ୍କ ଆଣ୍ଠୁ ଯନ୍ତ୍ରଣା ଯୋଗୁ ଏତେବାଟ ବସ୍‌ରେ ଯାଇ ପାରିବେ ନାହିଁ ।

ଅନ୍ୟ ଉପାୟ ନ ପାଇ ମହେଶ୍ୱରବାବୁ ତାଙ୍କ ତିନି ଭଣଜା, ଅଜୁ, ବିଜୁ ଓ ସାନୁକୁ ଫୋନ୍ କଲେ । ସେ ଜାଣନ୍ତି, ଏ ତିନି ଜଣ ଭାରି ପାରିବାର । ସବୁକାମ ନେଇଆଣି ଥୋଇ ପାରନ୍ତି । ଜରୁରୀ କାମ ଥିବାରୁ ଆସନ୍ତା ରବିବାର ସୁମନ୍ତର ନୂଆପଲ୍ଲୀ ସ୍ଥିତ ବାସଭବନରେ ସକାଳ ଦଶଟା ବେଳେ ଏକତ୍ରିତ ହେବାକୁ କହିଲେ । ସମସ୍ତେ ତାଙ୍କୁ କ'ଣ କାମ ଅଛି ବୋଲି ପଚାରିଲେ ।

ମହେଶ୍ୱର ବାବୁଙ୍କର ସେହି ଏକା ଉତ୍ତର-କାନ୍ଥ ବାଡ଼ର ବି କାନ ଅଛି । ଘଟଣାଟି ସଂପୂର୍ଣ୍ଣ ଗୋପନୀୟ । ରବିବାର ଦିନ ଭୁବନେଶ୍ୱର ଆସିଲେ ସବୁ ଜଣାଇବି । ସୌଦାମିନୀ କହିଲେ – ତୁମେ ସୁମନ୍ତକୁ ସିଧା ଫୋନ୍ କରି ରୋକ୍ ଠୋକ୍ କହିଦିଅ, ଏ ବିବାହ ହୋଇ ପାରିବନି ।

– ଆଜି କାଲିକା ପିଲା, ସେ କଣ କଥା ମାନିବ ? ସେତ ସବୁ ଲୁଚାଇ କରୁଛି । କାରଣ ସେ ଜାଣିଛି ଯେ ଆମେ ଏହାର ପ୍ରଚଣ୍ଡ ବିରୋଧ କରିବା । ଯଦି ସେ ଜାଣିବ ଭୁବନେଶ୍ୱରରେ ବାହାଘର କଥା ଆମେ ଜାଣିଲେଣି, ସେ ବାଲେଶ୍ୱର କିମ୍ବା ସମ୍ବଲପୁର ଯାଇ ସେଠାରେ ବାହାହୋଇ ପଡ଼ିବ । ସେଠାରେ ଆମ ହାତ ଗୋଡ଼ ପାଇବ ନାହିଁ । ଭୁବନେଶ୍ୱର ପାଖ ବାଟ, ଜଣାଶୁଣା ଜାଗା । ଆମେ ବାହାଘର ବନ୍ଦ କରିପାରିବା । ସୁମନ୍ତର ସମସ୍ତ ସୁଚିନ୍ତିତ ଯୋଜନା ଫସର ଫାଟିଯିବ ।

ରବିବାର ଦିନ ସକାଳୁ ମହେଶ୍ୱରବାବୁ ଗାଁ ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କଲେ । ସୁମନ୍ତର ନୂଆପଲ୍ଲୀ ସ୍ଥିତ ବାସଭବନରେ ଦଶଟା ବେଳକୁ ପହଞ୍ଚିଗଲେ । ସୁମନ୍ତ ସେଠାରେ ଘରଟିଏ ଭଡ଼ାରେ ନେଇ ରହୁଛି । ସେଠାରେ ଅଜୁ, ବିଜୁ, ସାନୁ ପହଞ୍ଚିଥିବାର ଦେଖି ଆଶ୍ୱସ୍ତ ହେଲେ । ସୁମନ୍ତ କିମ୍ବା ମୌସୁମୀ କେହି ଘରେ ନାହାଁନ୍ତି । ଘରେ ଟୁଲା ଏକୁଟିଆ ।

ବାପା, ମା ଉଭୟ ଚାକିରି କଲେ ପିଲାମାନଙ୍କୁ ଏକଲାପଣ ସହିତ ମିତ ବସିବାକୁ ହୁଏ । ବାସ୍ତବତା ସହିତ ସାଲିସ୍ କରି ଜୀବନର ଏକ ନିଆରା ରଣକ୍ଷେତ୍ରରେ ସମୟ ବରୁଦ୍ଧରେ ସଂଗ୍ରାମ ଜାରି ରଖିବାକୁ ପଡ଼ିବ । ପରିସ୍ଥିତି ଅନୁସାରେ ବିଜନତାର ଅଂଧାର ଭିତରେ ସେମାନଙ୍କ ଭିତରେ ଧୈର୍ଯ୍ୟର ଆଲୋକ ବିଚ୍ଛୁରିତ ହୋଇଯାଏ ।

ମହେଶ୍ୱରବାବୁ ଟୁଲାକୁ ପଚାରିଲେ- ଆରେ ଟୁଲା, ବାପା ବୋଉ କାହାଁନ୍ତି ?

– ବାପା ହୋଟେଲ୍‌କୁ ଫୁଲ ଡେକୋରେସନ୍ ଦେଖିବାକୁ ଯାଇଛନ୍ତି । ବୋଉ ଯାଇଚି ମାଉସୀ ଘରକୁ ।

– କୋଉ ହୋଟେଲ୍‌ରେ ବାହାଘର ?

– କଳ୍ପନା ଛକ ପାଖରେ ଥିବା ପୁଷ୍ପକ ହୋଟେଲ୍‌ରେ ।

ମହେଶ୍ୱରବାବୁ ଗୋଟିଏ କୋଠରିରେ ଅଜୁ, ବିଜୁ ଓ ସାନୁ ସଙ୍ଗରେ ଏକ ରୁଦ୍ଧଦ୍ୱାର ବୈଠକ କଲେ । ଘଟଣାର ବିଶଦ ବିବରଣୀ ସେମାନଙ୍କ ଆଗରେ ଉପସ୍ଥାପନ କଲେ । କଳେ ବଳେ କୌଶଳେ ବାହାଘରଟି ବନ୍ଦ କରିବାକୁ ସେମାନେ ନିଷ୍ପତ୍ତି ନେଲେ ।

ଅଜୁ, ବିଜୁ, ସାନୁ କହିଲେ ଯେ ସେମାନେ ସୁମନ୍ତକୁ ଯଥେଷ୍ଟ ସମ୍ମାନ ଦିଅନ୍ତି । ସେ ବି ସେମାନଙ୍କୁ ବହୁତ ସ୍ନେହ କରନ୍ତି । ତାଙ୍କ ସହିତ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ । ଅଜୁ କହିଲା, ଭୁବନେଶ୍ୱରର ତିନି ଚାରି ଜଣ ସ୍ଥାନୀୟ ଗୁଣ୍ଡା ତାର ପରିଚିତ । ସେମାନଙ୍କୁ ହୋଟେଲ୍ ପାଖକୁ ସନ୍ଧ୍ୟାବେଳେ ଡକାଇ ସେମାନଙ୍କ ଦ୍ୱାରା ସୁମନ୍ତ ଭାଇ ଓ ତାଙ୍କ ଭାବି ପତ୍ନୀଙ୍କୁ ଅଟକାଇ ହେବ । ଦରକାର ପଡିଲେ, ସେମାନେ ବାହାଘରର ସବୁ ଆୟୋଜନକୁ ବିଧ୍ୱସ୍ତ କରିଦେବେ ।

ସନ୍ଧ୍ୟା ୬ଟା ବେଳକୁ ମହେଶ୍ୱର ବାବୁ, ତିନି ଭଣଜା ଓ ଭୁବନେଶ୍ୱରର ଚାରି ଜଣ ସ୍ଥାନୀୟ ଯୁବକ ପୁଷ୍ପକ ହୋଟେଲ୍ ସାମ୍ନାରେ ପହଞ୍ଚି ଗଲେ । କଥା ହେଲା ସୁମନ୍ତ ଆସିଲେ ଦୂରରୁ ଅଜୁ ସେ ଗୁଣ୍ଡାମାନଙ୍କୁ

ସୁମନ୍ତକୁ ଚିହ୍ନାଇ ଦେବ। ସେମାନେ ସୁମନ୍ତ ଓ ତାର ଭାବି ପତ୍ନୀକୁ ହୋଟେଲ୍ ଭିତରକୁ ଛାଡ଼ିବେ ନାହିଁ। ଦରକାର ପଡ଼ିଲେ, ବାହାଘର ସମସ୍ତ ଆରେଞ୍ଜମେଣ୍ଟକୁ ଛିନ୍‌ଛତ୍ର କରିଦେବେ।

ସନ୍ଧ୍ୟା ସାଢ଼େ ୬ଟା ବେଳକୁ ସୁମନ୍ତ ଓ ଜଣେ ଭଦ୍ରମହିଳା ବେଶଭୂଷା ହୋଇ କାର୍‌ରୁ ଓହ୍ଲାଇଲେ। ଦୂରରୁ ସୁମନ୍ତକୁ ଅଜୁ ସ୍ପଷ୍ଟ ଚିହ୍ନି ପାରିଲା ଓ ଗୁଣ୍ଡାମାନଙ୍କୁ ଚିହ୍ନାଇ ଦେଲା। ଭଦ୍ର ମହିଳାଙ୍କ ମୁଖମଣ୍ଡଳ ଅସ୍ପଷ୍ଟ ଦେଖାଯାଉଥିଲା। ଦେହରେ ଘନ ସବୁଜ ରଂଗର କାଞ୍ଜିବରମ୍ ପାଟ। ମଥାକୁ ଘୋଡାଇ ଦେଇଛି ସୁନେଲି ରଂଗରେ ଝଲ୍‌ମଲ୍ ହେଉଥିବା ଓଢ଼ଣୀ। ଗୌରବର୍ଣ୍ଣ ମୁହଁରେ ପ୍ରସାଧନର ପ୍ରଲେପ। ବିଭିନ୍ନ ରଂଗ ରସ ଓ ଛନ୍ଦରେ ଝଲସୁଥାନ୍ତି ଭଦ୍ରମହିଳା।

ଅଜୁ ଠାରୁ ଇସାରା ପାଇ ଯୁବକମାନେ ସୁମନ୍ତ ଓ ଭଦ୍ରମହିଳାଙ୍କୁ ଅଟକାଇଲେ। ହୋଟେଲ୍ ଭିତରକୁ ଛାଡ଼ିବେ ନାହିଁ ବୋଲି ଧମକ୍ ଦେଲେ। ସୁମନ୍ତ ସହିତ ସେମାନଙ୍କ ଯୁକ୍ତିତର୍କ ବଢ଼ି ବଢ଼ି ଚାଲିଲା।

– ଆରେ ଅଜୁ, ବିଜୁ, ସାନୁ ! ତମେ ସବୁ ସେଠି ଠିଆ ହୋଇ କ'ଣ କରୁଛ ? ଏ ଗୁଣ୍ଡାମାନେ ତମ ଭାଇଙ୍କ ସାଙ୍ଗରେ ଗଣ୍ଡଗୋଳ କରୁଛନ୍ତି।

ମୌସୁମୀ ଭାଉଜଙ୍କ କଣ୍ଠସ୍ୱର ଶୁଣି ସେମାନେ ସ୍ତମ୍ଭୀଭୂତ ହେଲେ। ଦୌଡ଼ିଯାଇ ସେଠାରେ ସୁମନ୍ତ ଭାଇଙ୍କ ସହିତ ମୌସୁମୀ ଭାଉଜଙ୍କୁ ନବବଧୂ ବେଶରେ ସୁସଜ୍ଜିତା ହୋଇଥିବାର ଦେଖି ଆନନ୍ଦରେ ଅଭିଭୂତ ହେଲେ।

ଆଶ୍ଚର୍ଯ୍ୟାନ୍ୱିତ ମହେଶ୍ୱରବାବୁ ଧୀର ପଦକ୍ଷେପରେ ସେମାନଙ୍କର ନିକଟତର ହେଲେ। ଅଜୁ ଗୁଣ୍ଡାମାନଙ୍କୁ କହିଲା – ଭାଇମାନେ, ଏ ହେଉଛନ୍ତି ଆମ ମୌସୁମୀ ଭାଉଜ। ଆମ ଭିତରେ କିଛି ଭୁଲ୍ ବୁଝାମଣା ହୋଇଯାଇଛି। ସେମାନଙ୍କୁ ହୋଟେଲ୍‌କୁ ଯିବାକୁ ଦିଅ। ତୁମେ ସବୁ ରୁହ ଭୋଜି ଖାଇକି ଯିବ।

ଗୁଣ୍ଡାମାନେ ଆଡ଼ହୋଇଗଲେ।

ସୁମନ୍ତ କହିଲା – କିରେ, ତୁମେ ସବୁ ଏଠି କେମିତି ? ବାପା ଏଠାକୁ କେତେବେଳେ ଆସିଲେ ? ଏ ଯୁବକମାନେ କ'ଣ ତୁମ ଜଣାଶୁଣା ?

ଅଜୁ କହିଲା – ମାମୁ ଟୁଲା ଠାରୁ ଖବର ପାଇଲେ ଯେ ତମେ ଆଉ ଥରେ ବିବାହ କରୁଛ। ତେଣୁ ଏହି ଯୁବକମାନଙ୍କ ସାହାଯ୍ୟରେ ଏ ବାହାଘରକୁ ବନ୍ଦ୍ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ।

ଘଟଣାର ସବୁ ଚେହେରା ସୁମନ୍ତ ଆଖି ଆଗରେ ଫର୍ଦ୍ଦ ଫର୍ଦ୍ଦ ହୋଇ ଖୋଲି ଯାଉଥିଲା। ସେ କହିଲା – ଆମର ମ୍ୟାରେଜ୍ ଆନିଭର୍ସାରି ପାଇଁ ମାସେ ହେଲା ଆୟୋଜନ ଚାଲିଛି। ଟୁଲା ଆନିଭର୍ସାରି ଶବ୍ଦର ଅର୍ଥ ବୁଝିପାରିନାହିଁ। ତେଣୁ ମୋର ମ୍ୟାରେଜ୍ ହେବ ବୋଲି ଧରି ନେଇଛି।

ମହେଶ୍ୱରବାବୁ କହିଲେ – ଟୁଲା କହୁଥିଲା ଏହା ବନ୍ଦ କରିବାକୁ ମୌସୁମୀ ମାସେ କାଳ ତୋ ସଙ୍ଗେ କଳି ତକରାଳ କରୁଛି । ସବୁବେଳେ ରାଗରେ ପଞ୍ଚମ।

– ହଁ, ମୌସୁମୀ କହୁଥିଲା ମ୍ୟାରେଜ୍ ଆନିଭର୍ସରିରେ କାହିଁକି ଏତେ ପଇସା ଖର୍ଚ୍ଚ କରୁଛ ? ବରଂ ସେ ପଇସା ରଖ। ଆମର ଭୁବନେଶ୍ୱରରେ ଜାଗା ଖଣ୍ଡେ ନାହିଁ। ପଇସା ରଖି ବରଂ ଜାଗା କିଣିବା ପାଇଁ ମନ ଦିଅ। ମୁଁ କହିଲି, ଆମେ ସବୁ ସାଙ୍ଗମାନଙ୍କ ମ୍ୟାରେଜ୍ ଆନିଭର୍ସାରିରେ ଯୋଗ ଦେଇ ଖାଉଛେ। ମୋତେ ଖରାପ୍ ଲାଗୁଛି। ମୁଁ ସେମାନଙ୍କୁ ଖୁଆଇବି। ସେଥିପାଇଁ ଆମ ଭିତରେ ମନାନ୍ତର ଓ ମତାନ୍ତର ଲାଗି ରହିଥିଲା।

ମହେଶ୍ୱରବାବୁ ମୌସୁମୀକୁ ପଚାରିଲେ-ଆଚ୍ଛା ମାଆ ! ତୋ ଫୋନ୍‌ଟା କାହିଁକି ସୁଇଚ୍ ଅଫ୍ ଅଛି।

ମୌସୁମୀ କହିଲା- ମୁଁ ଆପଣଙ୍କୁ ଫୋନ୍ କରି ଏକଥା ଜଣାଇବାକୁ ଗଲାବେଳକୁ ଇଏ ମୋ ଫୋନ୍‌ଟା ମୋ ହାତରୁ ଛଡ଼ାଇ ନେଇ ଫିଙ୍ଗିଦେଲେ। ସେଇ ଦିନଠୁ ମୋ ଫୋନ୍ ଖରାପ ଅଛି।

-ଆଚ୍ଛା, ତୋ ବାପା, ବୋଉଙ୍କ ଫୋନ୍ କ'ଣ ଠିକ୍ ନାହିଁ ? ତାଙ୍କୁ ଫୋନ୍ ଲଗାଇଲି ହେଲାନାହିଁ କାହିଁକି ?

–ମୋ ବାପା ବୋଉ ମାସେ ହେଲା ମୋ ଭାଇଙ୍କ ପାଖକୁ ଆମେରିକା ଯାଉଛନ୍ତି। ଆଉ ପନ୍ଦର ଦିନ ପରେ ଫେରିବେ।

ମହେଶବାବୁ ସବୁ ଶୁଣି ହସ ହସ ମୁହଁରେ ସୁମନ୍ତକୁ କହିଲେ-ତୁ ଆଉ ଥରେ ବାହା ହେଉଛୁ ଶୁଣି ତୋ ବୋଉ ଓ ମୁଁ ବଡ଼ ଚିନ୍ତାରେ ପଡ଼ିଯାଇଥିଲୁ। ଯାହା ହେଉ ଏବେ ବହୁତ ଉଶ୍ୱାସ ଲାଗୁଛି।

ସୁମନ୍ତ କହିଲା – ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଯାହା ହେଉ ପରିସ୍ଥିତି ଆପଣମାନଙ୍କୁ ପୁଷ୍ପକ ହୋଟେଲ୍ ପାଖକୁ ବିନା ନିମନ୍ତ୍ରଣରେ ଟାଣି ଆଣିଲା। ବହୁତ ଭଲ ହେଲା। ତୁମେମାନେ ସମସ୍ତେ ଆସ, ଡିନର କରିବା। ଭଗବାନଙ୍କର ଅସୀମ କରୁଣା। ଆଜିର ଦିନରେ ଆମେ ବାପାଙ୍କର ଆଶୀର୍ବାଦ ଓ ସାନଭାଇମାନଙ୍କର ଶୁଭେଚ୍ଛା ପାଇପାରିବୁ।

ମହେଶ୍ୱର ବାବୁଙ୍କ ମୁଣ୍ଡରେ ଲଦି ହୋଇଯାଇଥିବା ବରଫ ପାହାଡ଼ ତରଳି ଯାଇଥିଲା। ସମସ୍ତଙ୍କ ମନରେ ଖୁସିର ଲହଡ଼ି ଖେଳିଗଲା। ମୌସୁମୀ ଲାଜରେ ଝାଉଁଳି ଯାଇ ମହେଶ୍ୱର ବାବୁଙ୍କୁ ଦଣ୍ଡବତ କଲା।

ଏତିକି ବେଳେ ଟୁଲା ଦୌଡ଼ି ଆସି କହିଲା- ବାପା, ସଜାସଜି ବଢ଼ିଆ ହେଇଛି। ଗୁପ୍‌ଚୁପ୍, ପାନିପୁରି ଆସିଗଲାଣି। ତମ ସାଙ୍ଗମାନେ ଆସିଗଲେଣି। ଶୀଘ୍ର ଆସ। ତମର ବାହାଘର ହେବ।

ସମସ୍ତେ ଠୋ ଠୋ ହୋଇ ହସିଉଠିଲେ।

ମହେଶ୍ୱରବାବୁ ଟୁଲାକୁ ସ୍ନେହରେ ଧରି ପକାଇ କହିଲେ – ଏ ହେଉଛି ନାଟର ଗୋବର୍ଦ୍ଧନ।

*ଘର ନଂ-୧୫୭, ଗୌରୀଗାର୍ଡ଼େନ, ଗୌରୀ ନଗର*
*ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୫୭୪୩୩୧୯୫୭*

# ଆଉଜଣେ ଅବୋଲକରା

ପଦ୍ମନାଭ ସାହୁ

ଝିଙ୍କାଡ଼ି ହୋଇ ମୁହଁ ଫଣଫଣ କରି ଗାରୁଗାରୁ ହେଲା 'ସୁରୁ' । –ସବୁବେଳେ ମୋର ଦୋଷ, ଏ କାମ ମୋ ଦେଇ ହୁଏନି, ଆଗରୁ କହିଛି । ଆଉ କାହାକୁ କରାଅ, ମୋତେ ଛାଡ଼ । ଅତୁଲ ସାମାନ୍ୟ ତଫାତରେ ସଦ୍ୟ ରୋପଣ ହୋଇଥିବା ଚାରା ଗଛଗୁଡ଼ିକ ଉପରେ ଜନମ ପାଣି ସିଞ୍ଚୁଥିଲେ । ସୁରୁର ଅସନ୍ତୁଷ୍ଟିଆ କଥା ଦୁଇପଦ କାନରେ ବାଜିଲା । ସାମାନ୍ୟ ହସିଲା ଭଳି ସେ ହେଲେ । ପଚାରିଲେ ହଇରେ ତୋତେ ମୁଁ କ'ଣ କହିଲି ଯେ, ତୁ' ଗରମ ହେଇ ଯାଉଛୁ ? ତୋତେ ତ ଭଲକଥା କହିଲି । କୁଆଁଗଛ ମୂଳରେ ଥିବା ମାଟିରୁ ପଲିଥିନ ଅଲଗା କଲାବେଳେ ହାଉଲେ ଟଣିବୁ ଯେ ଗଛମୂଳର ମାଟି ଯେମିତି ଖସି ନଯାଏ । ଚେର ଦେହରେ ଜନ୍ମମାଟି ଟିକକ ଲାଗି ନରହିଲେ ବଗିଚାରେ ଗଛ ଶୀଘ୍ର ଉଧାଏ ନାହିଁ, ଝାଉଁଳିପଡ଼େ; ବେଳେବେଳେ ଅକାଳରେ ମରିଯାଏ ମଧ୍ୟ ।

ଅତୁଲ ଦାସଙ୍କ କଥା ସୁରୁ ଶୁଣିଲା । ବୁଝିଗଲା ଭଳି ଜଣାପଡ଼ିଲା । ଉତ୍ତର ଦେଲା, ହଁ ଯେ ଦାସବାବୁ ମୁଁ ତ ବରାଦ ମୁତାବକ ତୁମ କାମ କରି ଦେଉଛି, ହେଲେ ସବୁ କାମରେ ମୋର ଭୁଲ୍‌ଧରୁଛ ! -କ'ଣ କହିଲୁ ...କ'ଣ କହିଲୁ, ମୋ କାମ କରୁଛୁ ! ଆରେ ଏଇ କାମ ଖାଲି କ'ଣ ମୋର, ତୋର ମୋର ଆମ ସମସ୍ତଙ୍କର ପରା ! ସିଏ ହିଁ ଏ ସବୁର ମାଲିକ । ତା' ଆଜ୍ଞାରେ ଏଠାକା ଏସବୁ କାମ ଚାଲିଛି । ସାମାନ୍ୟ ଭାବ ଗମ୍ଭୀର ହୋଇ ତାକୁ ସେ ବୁଝାଇ ଦେଇଥିଲେ । ସୁରୁର ଓଠ ଫାଙ୍କରୁ ମଲ୍ଲିଫୁଲ ମେଞ୍ଚାଏ ଖସିପଡ଼ିଥିଲା ।

ଅତୁଲ ଜାଣନ୍ତି ସୁରୁ, ଟୋକାଟା ସବୁଦିନେ ଅବାଗିଆ । ତା କାମର ଭୁଲ୍‌ଭଟକା ବାଛିଦେଲେ ଘାଇଁକିନା ରାଗିଯିବ, ବୁଝାଇ ଦେଲାପରେ ବର' ପାଣିହେଲା ପରି ପୁଣି ତରଳିଯିବ । ପୂର୍ବାହ୍ନର ସମୟ ଆସି ପ୍ରାୟ ଏଗାରଟାରୁ ଉର୍ଦ୍ଧ ହୋଇ ସାରିଥିଲା । ସ୍ନେହରେ ତାକୁ ସେ କହିଲେ ଘରୁ ବାହାରିଲା ବେଳେ ବୋହୂମା' କ'ଣ ଟିକିଏ ତୋତେ ଖାଇବାକୁ ଦେଇଥିବ ଭୋକ ହେବଣି, ପାଖ ଦୋକାନକୁ ଯାଇ ଜଳଖିଆ ଗଣ୍ଡେ ଖାଇଦେଇ ଆସିବୁ ଯାଆ । ଏହାକହି ଜାମା ପପେଟ୍‌ରୁ କୋଡ଼ିଏ ଟଙ୍କିଆ ନୋଟ୍‌ଗୋଟେ କାଢି ତାକୁ ବଢ଼ାଇ ଦେଲେ । ବଗିଚାରେ ଥିବା କଳପାଣିରେ ହାତଧୋଇ ପଇସା ନେଇ ସେ ଗଲା ଜଳଖିଆ ଦୋକାନକୁ ।

ତାର ଯିବାବାଟକୁ ଚାହିଁ ଅତୁଲ ମନେମନେ ଭାବିଲେ, ଏ ଅବୋଲକରାକୁ ବୋଲ ମନାଇବା କଷ୍ଟହେଲେ ହେଉପଛକେ, ତା' ବିନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରର ଟାଙ୍ଗର ଭୂଇଁରେ ଉପବନ, ଏ ଅମୃତ ଉଦ୍ୟାନ ସୃଷ୍ଟି କ'ଣ ସମ୍ଭବ ହୋଇପାରନ୍ତା ! କଥାଟିକକ ଭାଳି ଚଉଦିଗ ପରିବ୍ୟାପ୍ତ ପୁଷ୍ପ ବାଟିକାର ସପ୍ତରଙ୍ଗ ବିଭୁଷିତ ମୋହନୀୟ ସୌନ୍ଦର୍ଯ୍ୟକୁ ମୁଗ୍ଧ ନୟନରେ କ୍ଷଣେ ସେ ଅନାଇ ରହିଲେ । ଦିବସର ସୂର୍ଯ୍ୟାଲୋକ ବୋଳିହୋଇ ସମଗ୍ର ଫୁଲ ବଗିଚା ଏବଂ ତତ୍‌ସଂଲଗ୍ନ ସାରା ତୁଳସୀ ବଣ ଝଲମଲ କରୁଥିଲା । ପୁଷ୍ପ ବାଟିକାରେ ବିଛାଡ଼ି ପଡ଼ିଥିବା ଜାତିଜାତି ଫୁଲର ରଙ୍ଗ ଓ ଗଛବୃଛର ସବୁଜିମାକୁ ଛୁଇଁବା ଲାଗି ଉପବନରେ ଉଡ଼ି ବୁଲୁଥିଲେ ଅଗଣିତ ପ୍ରଜାପତି । ତାଙ୍କ ଭିତରେ ପ୍ରତିଯୋଗିତା ବୋଧହୁଏ ଆରମ୍ଭ ହୋଇଥିଲା ପରିବେଶ ସହିତ ମିତ ବସିବାକୁ । ଅତୁଲଙ୍କୁ ଲଗିଲା ସତେ ଅବା ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣ ଅସଂଖ୍ୟ କୃଷ୍ଣ ହୋଇ ବୃନ୍ଦାବନର କୁଞ୍ଜବନରେ ଗୋପାଙ୍ଗନାଙ୍କ ସଙ୍ଗେ ରାସ ରଚୁଛନ୍ତି ।

କିଛିବର୍ଷ ତଳର ଘଟଣା ତାଙ୍କୁ ସ୍ମରଣ ହେଲା । ପ୍ରତିରକ୍ଷା ବିଭାଗର ଚାକିରୀରୁ ସେ ଅବସର ନେଲେ । ସହରରେ ବସ୍ତୁବାଦୀ ଭୌତିକ ଜୀବନ ନିର୍ବାହ ନକରି ପ୍ରକୃତି କୋଳରେ ଦିନ କାଟିବେ, ସ୍ଥିର କଲେ । ଏକମାତ୍ର ସମସ୍ୟା ତାଙ୍କୁ ଶଙ୍କିତ କଲା, ଗାଆଁରେ ଆପଣାର ଘରନାହିଁ । ଭିଟାମାଟି ଖଣ୍ଡକ କେବଳ ପଡ଼ି ରହିଛି । ମାତାପିତା କେବେ ଠାରୁ ଆରପାରିକୁ ଚାଲିଗଲେଣି । ଭଉଣୀମାନେ ବିଭାହୋଇ ନିଜନିଜ ଘରେ । ପୈତୃକ ସମ୍ପତ୍ତି ଓ ଜମିଜମାତକ ଭାଗକରି ଭାଇମାନେ ଭିନ୍ନେ ସଂସାର ପାତି ରହୁଛନ୍ତି । ଗ୍ରାମରେ ରିକ୍ତ ପଡ଼ି ରହିଛି କେବଳ ତାଙ୍କ ଅଂଶର ଭିଟାମାଟି । ବାପତି ସମ୍ପତ୍ତିରୁ ତାଙ୍କ ଭାଗର ଦି'ଅଢ଼େଇ ମାଣ ଚାଷଜମିକୁ ଭାଇଜଣେ ବର୍ଷକୁବର୍ଷ ଚାଷକରୁଛି । ତହିଁରୁ ଯାହା ଆମଦାନୀ ହୁଏ ତାହା ସେ ନିଏ । ଚାକିରୀ କାଳରେ କେବେ କେମିତି ଦୁଇ ଚାରିଦିନ ପାଇଁ ଗାଆଁ ଆସିଲେ ସେଇ ଭାଇଘରେ ସେମାନେ ରହୁଥିଲେ, ପୁଣି କର୍ମସ୍ଥଳକୁ ବାହୁଡ଼ି ଯାଉଥିଲେ ।

ସରକାରୀ ଚାକିରରରୁ ସମ୍ପୂର୍ଣ୍ଣ ଛୁଟି ମିଳିଲା ପରେ ଗାଆଁରେ ଚଳିଯିବା ପରିକା ଘରଟେ ତୋଳିବା ଆବଶ୍ୟକ ହେଲା । ସମ୍ପ୍ରତି ସପରିବାର ନୂଆଘରେ ରହି ଆସୁଛନ୍ତି । ଚାଷଜମିର ଅମଳ ବାବଦକୁ ଏବେ ଚାଉଳ ଆକାରରେ ଭାଇ କିଛିକିଛି ଦେଉଛି । ସେଇଥିରେ ତାଙ୍କ ସଂସାରର ଭାତଖର୍ଚ୍ଚ

ମେଣ୍ଟିଯାଉଛି । ବାକି ରହିଲା ତେଲଲୁଣ ପରିବାପତ୍ର ଲୁଗାପଟା । ପିଲାଙ୍କ ପଢ଼ାଖର୍ଚ୍ଚ ଓ ଅସୁଖ ବିସୁଖରେ ଔଷଧକଷା ଇତ୍ୟାଦି । ସେଥିକୁ ପେନ୍‌ସନ୍ ଟଙ୍କାରେ ଭରଣା ହେଉଛି । ଅଧିକ କିଛି ଲୋଡ଼ା ନଥିଲା ତାଙ୍କୁ । ଚିନ୍ତିତ ହେଉଥିଲେ ସୈନ୍ୟ ବିଭାଗରେ ଏତେବର୍ଷ ଚାକିରୀ କଲାପରେ ପରିଶ୍ରମୀ ଲୋକ ଘରେ ବସିବସି ସମୟ କେମିତି କଟାଇବେ ? ତାହା ବି ସମାଧାନ ହୋଇଗଲା ।

ଗାଆଁ ରହଣି କାଳରେ ତାଙ୍କ ଭାବ ଓ ସମ୍ପର୍କ ଗଢ଼ି ଉଠିଥିଲା, ସରକାରଙ୍କ ବ୍ଲକ୍‌ଅଫିସ୍ , ତହସିଲ, ଡ଼ାକ୍ତରଖାନା, ପ୍ରଭୃତି ଥିବା, ଦୋକାନ ବଜାର ଆଦି ଗଢ଼ି ଉଠିଥିବା, ସହରଭଳି ପଡ଼ୋଶୀ ଗ୍ରାମରେ ନିର୍ମାଣ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ଦେଉଳ ସଙ୍ଗେ । ମୁଖ୍ୟ ମନ୍ଦିର ଓ ପୀଠର ପାର୍ଶ୍ୱ ଦେବୀ ଦେବତାଙ୍କ ଦେଉଳଗୁଡ଼ିକ ତାଙ୍କ ମନର ବିଭୁ ଚେତନାକୁ ବହୁଳଭାବେ ଜାଗ୍ରତ କଲା । କ୍ଷେତ୍ରକୁ ପ୍ରତ୍ୟହ ସେ ଆସିଲେ ଦିଅଁଦର୍ଶନ ପାଇଁ । ଏହା ଥିଲା ତାଙ୍କ ଅବସର କାଳିନ ସକାଳଓଳିର ଦୈନନ୍ଦିନ କାର୍ଯ୍ୟ । ମନ୍ଦିରର ପୁରୋହିତ, ସେବକ ତଥା ପରିଚାଳନା କମିଟି ସହ ଆନ୍ତରିକତା ଧୀରେଧୀରେ ବୃଦ୍ଧିହେଲା । ପୀଠର ନିୟମିତ ସେବାପୂଜା ଏବଂ ପର୍ବପର୍ବାଣିର ଆର୍ଥିକ ଖର୍ଚ୍ଚ ତୁଲାଇବା ନିମନ୍ତେ ଦେବସ୍ଥଳିର ଚାରିକଡ଼ ସୀମାକୁ ଲାଗି ଏକ ମାର୍କେଟ୍ କମ୍ପ୍ଲେକ୍ସ୍‌ର ନିର୍ମାଣ ଯୋଜନାରେ ପରିଚାଳନା କମିଟି ଅଗ୍ରସର ହେଲେ । ନିର୍ମାଣ କାମର ଦେଖାଶୁଣା ପାଇଁ ଜଣେ ନିଷ୍ଠାବାନ ସ୍ୱେଚ୍ଛାସେବକଙ୍କ ଆବଶ୍ୟକତା ପଡ଼ିଲା । ପ୍ରତିରକ୍ଷା ବିଭାଗର ସେବାନିବୃତ୍ତ କର୍ମଚାରୀ ଅତୁଲ ହିଁ ସେଥିକୁ ଉପଯୁକ୍ତ ବୋଲି ନିର୍ମାଣ କର୍ତ୍ତୃପକ୍ଷ ବିବେଚନା କଲେ । ଆଧ୍ୟାତ୍ମିକ କ୍ଷେତ୍ରଟି ସହ ସମ୍ପୂର୍ଣ୍ଣ ସେ ଯୋଡି ହୋଇଗଲେ ।

ଅତୁଲ ଗତଦିନର କଥାଗୁଡ଼ିକ ମନେପକାଉ ଥାଆନ୍ତି, ସୁରୁ ଜଳଯୋଗ ସାରି ଲେଉଟିଲା । ତାକୁ ସେ ଜିଜ୍ଞାସା କଲେ, ହଇରେ ଖାଇଲୁ ନା ? ହଁ ଗୁସେଇଁ, ସେ ଉତ୍ତର ଦେଲା । ଅତୁଲ ତାକୁ ଆକଟ କଲେ କେତେଥର କହିଲିଣି ମୋତେ ଗୁସେଇଁ ବୋଲି ଡ଼ାକିବୁନି, ଆରେ କେଉଁ ଗୁଣରେ ମୁଁ ତୋର ଗୁସେଇଁ ! ବତିଶି ଦେଖାଇ ଦେଲା ସୁରୁ । ଜବାବ ଦେଲା, ଅନ୍ୟମାନେ ତୁମକୁ 'ଦାସବାବୁ' କହିଲେ କହନ୍ତୁ, ହେଲେ ତୁମେ ମୋର ଗୁରୁ । କହିଲ, ଗୁସେଇଁ ନକହି ତୁମକୁ ଆଉ କିସ ବୋଲି କହିବି ! ମୁରୁକି ମୁରୁକି ହସିଲେ ଅତୁଲ । କହିଲେ ହେଲା ବାବା ହେଲା, ଯାହା ଡ଼ାକୁଛୁ ଡ଼ା'କେ । ଏଥର କାମରେ ଲାଗିପଡ଼ । ବଗିଚାର କଦମ୍ବ, ଆମ୍ବ, ପିଜୁଳି, ରୁଦ୍ରାକ୍ଷ, ଚମ୍ପା, ଟଗର, ମନ୍ଦାର, ସୁଗନ୍ଧରାଜ ଗଛଗୁଡ଼ିକ ତଳେ ଶୁଖିଲାପତ୍ର ବିଛେଇ ପଡ଼ିଛି । ଭାରି ଅସନା ହେଇଛି । ସେସବୁ ଓଳେଇ ପରିଷ୍କାର କ'ର୍ । ପତ୍ରଯାକ ପାଚେରୀ କଡ଼କୁ ରହିଥିବା କମ୍ପୋଷ୍ଟ୍ ଖତକୁଣ୍ଡରେ ନେଇ ପକାଇ ଦେଇ ଆ' । ବେଢ଼ାର କଣ୍ଟବଟ ମୂଳର ପାଚିଲା ପତ୍ର ମଧ୍ୟ ଗୋଟେଇ ନେବୁରେ ପାଗଳା, ଛାଡ଼ିବୁନାହିଁ । ତାକୁ ସ୍ନେହରେ ଏତକ କହି ବଗିଚାରେ ବୁଲି ମାଟିରେ ସଦ୍ୟ ପୋତା ହୋଇଥିବା ଗୋଟିଗୋଟି କୁଆଁଗଛର ଅବସ୍ଥା ନିରୀକ୍ଷଣ କରିବାକୁ ସେ ଲାଗିଲେ । ବରାଦ ମୁତାବକ ଲମ୍ବାଝାଡୁ ଆଣି ଉଦ୍ୟାନର ଝଡ଼ାପତ୍ର ଓଳାଇବା କାମରେ ଲାଗି ପଡ଼ିଲା ସୁରୁ । କାମରେ ତାର ଏକାଗ୍ରତା ଲକ୍ଷ୍ୟକରି ଅତୁଲ ମନେମନେ ଆମୋଦିତ ହେଲେ ।

ପୂର୍ବକଥା ପୁଣି ତାଙ୍କର ମନେ ପଡ଼ିଥିଲା । ନଅ କିମ୍ବା ଦଶବର୍ଷ ତଳର ଘଟଣା । ମନ୍ଦିରର ମାର୍କେଟ୍ କମ୍ପ୍ଲେକ୍ସକୁ ନିର୍ମାଣ କାର୍ଯ୍ୟ ଚାଲିଥାଏ । ମିସ୍ତ୍ରୀ ଓ ରେଜାକୁଲି ଇଟା ଯୋଡ଼େଇ ଏବଂ ବାଲି ସିମେଣ୍ଟର କଂକ୍ରିଟ୍ କାମରେ ଲାଗି ଥାଆନ୍ତି । ପାଖରେ ରହି ନିର୍ମାଣ କାମ ସେ ତଦାରଖ କରୁଥିଲେ । ବୟସର ଭାରବୋହି ବୁଢ଼ୀଜଣେ ତାଙ୍କ ନିକଟକୁ ଆସିଲା । ନେହୁରା ହେଲା ବାବୁ, ମୋତେ ବି ମଜୁରୀ କାମ ଦେ' । ପରିବାର ଅଭାବ ଅସୁବିଧାରେ ରହିଛୁ । ବୁଢ଼ୀର ଲୋଚାକଚା ଶରୀର, ଶୀରାଳ ଗୋଡ଼ହାତ, ଶୁଖିଲା ମୁହଁକୁ ସେ ଅନାଇଲେ । ପଚାରିଲେ ମାଉସୀ କେଉଁ ଗାଆଁରେ ଘର, ଏ ବଅସରେ ବି କାମ କରିବ କହୁଛ ? ଘରେ ଆଉ କେହି ନାହାନ୍ତି ନା କ'ଣ ? ବୁଢ଼ୀ ଉତ୍ତର ଦେଲା, ଏଇଯେ ଖଣ୍ଡେଦୂରକୁ ଦେଖାଯାଉଛି 'ମାଳକୁଣ୍ଡା' ସେଇ ଗାଆଁରେ ଘର । ପୁଅ ବୋହୂ ସଭେଁ ଅଛନ୍ । ହେଲେ, କରିବି କସ ! ଦୁଇମାସ ହେଲା ବୋହୂଟା ଛୁଆ ଜନମ କରିଛି । ସାନଛୁଆ ଧରି ପଦାକୁ ବାହାରିବାର ଯୁ'ନାଇଁ । ପୁଅକଥା କିସ କହିବି, ଭାର୍ଯ୍ୟାର ପିଲା ଜନ୍ମବେଳେ ଅଙ୍ଗନବାଡ଼ିର ଆଶାଦିଦି ବୋହୂର ବ୍ୟାଙ୍କ୍ ଖାତାରେ ଯେଉଁ ସରକାରୀ ଟଙ୍କା କରାଇ ଦେଇଥିଲେ, ବସିବସି ସବୁ ଖର୍ଚ୍ଚ କରିଦେଲା । ପଇସା ସରିଲା, ଏଇଲେ ବାଇଣ୍ଡ ହେଇ ବଅଁବଅଁ ବୁଲୁଛି । କେଉଁଠି ହେଲେ ଯାଇ କାମଦାମ କ'ର୍, କହିବାରୁ ମୋର କଥା ଜମ୍ମାରୁ ଶୁଣୁନି । ଓଲଟା ତେରିମେରି କରୁଛି । ପୁଆତି ବୋହୂର ଖାଇବା କଟକଣା ହେଲେ, କଅଁଳା ଛୁଆଲାଗି ଥନରୁ କ୍ଷୀର କେଉଁଠୁ ଦେବ ! ତାହାରି ଲାଗି କାମକୁ ଆସିଛି ।

ବୁଢ଼ୀ ମାଉସୀର ଅଭାବୀ ସଂସାରର ଗାଥାଶୁଣି ଅତୁଲଙ୍କ ମନରେ ଭାବାନ୍ତର ଜାଗିଲା । ଅସୁବିଧାରେ ପଡ଼ିଥିବା

ପରିବାର ପାଇଁ କିଛି କରିପାରିଲେ ମହାପ୍ରଭୁ ସନ୍ତୁଷ୍ଟ ହେବେ, ମନେମନେ ଭାବିଲେ । ପର୍ସରୁ ଟଙ୍କା ଦୁଇଶହ କାଢ଼ି ତା ହାତକୁ ବଢ଼ାଇଲେ । କହିଲେ ମାଉସୀ କିଛି ମନେ କରିବୁନି, ଜଣେ ପୁଅ ହିସାବରେ ଦେଉଛି ନେ' । ତୋର କାମ କରିବା ଦରକାର ନାଇଁ । ଅବୁଝା ପୁଅକୁ ତୋର ଡ଼ାକିଆଣି ମୋ ପାଖରେ ପହଞ୍ଚାଇ ଦେ' । ତାକୁ ବୁଝେଇ ସୁଝେଇ କାମରେ ଲଗେଇ ଦେବି । ମୋଟେ ତୁ' ଚିନ୍ତା କ'ର୍‌ନି, ତା'କଥା ମୋତେ ଲାଗିଲା । ବୁଢ଼ୀ ମନରେ ବିଶ୍ୱାସ ଜନ୍ମିଲା, ପ୍ରତ୍ୟୟ ସୃଷ୍ଟିହେଲା ବୋଧହୁଏ । ଦୋ'ଦୋ'ପାଞ୍ଚ ହେଇ ପଇସା ଗ୍ରହଣ କଲା । ତାକୁ ଯେମିତି ହେଲେ ଡ଼ାକିଆଣି ତୋତେ ଜିମାଦେବି, କଥାଦେଲା । ମିନତି କଲାଭଳି କହିଲା ବା'ରେ, ପିଲାଟାକୁ ଯେମିତି ହେଉ ବାଟକୁ ଆ'ଣେ । ଜଗନ୍ନାଥ ମହାପ୍ରଭୁ' ତୋ ପିଲାଛୁଆକୁ କଇଲାଣ କରିବେ, ଆଶୀର୍ବାଦ ଦେବେ । ଏତକ ଅନୁରୋଧ ଜଣାଇ ଘରକୁ ସେ ବାହୁଡ଼ିଗଲା ।

ବୁଢ଼ୀ ମାଉସୀ ସତକୁସତ ଦିନଟେ ଛାଡ଼ି ମନ୍ଦିରର ଦୋକାନ ଘର ତିଆରି ଥାନରେ ଆସି ହାଜର ହେଲା । ମାଆ ସାଙ୍ଗରେ ତା ଭେଣ୍ଡିଆ ପୁଅ । -ଆରେ ଇ'ଆଡ଼େ ଆ', ଅତୁଲ ବୁଢ଼ୀ ପୁଅକୁ ହାତଠାରି ପାଖକୁ ଡ଼ାକିଲେ । ନିକଟକୁ ଆସି ସେ ଜୁହାର ହେଲା । ଅତୁଲ ଜିଜ୍ଞାସା କଲେ, ହଇରେ ମାଉସୀ କହୁଥିଲା କାମଦାମ କରୁନୁ ସାଙ୍ଗମେଳରେ ଖାଲି ବୁଲୁଛୁ, ଘର ସଂସାର ଚଳିବ କେମିତି ! ମାଆ ଓ ତୋ ସ୍ତ୍ରୀ ଦୁହେଁ ହଇରାଣ ହେଉଛନ୍ତି । କାଲିଠାରୁ କାମକୁ ଆ'ସେ । ତୋ ଭଲମନ୍ଦ ବୁଝିବି ।

ଟୋକାଟା ହଁ କି ନା, କିଛି ଉତ୍ତର ଦେଲାନି । ଅତୁଲ ତାକୁ ପୁନର୍ବାର ପଚାରିଲେ ଆରେ କିଛି କହୁନୁ କାହିଁକି ? ହଁ ତ ହଁ ନାଇଁ ତ ନାଇଁ, ତୋତେ କେହି ଜବରଦସ୍ତି କରୁନି । ତୋ ପରିବାରର ମଙ୍ଗଳ ପାଇଁ କହୁଛି । ମାଉସୀର

ଅବୁଝା ସନ୍ତାନଟା ଏଥର ମୁହଁ ଖୋଲିଲା। କହିଲା ବାବୁ, ସିମେଣ୍ଟ୍ ବାଲି କାମ କରିବିନି, ମାଟିହଣା ବିଲକାମର ଡ଼ିଉଟି ଦିଅ, କରିବି। ଅତୁଲ ଚିନ୍ତାରେ ପଡ଼ିଗଲେ, କେଉଁଠି ତାକୁ କାମରେ ଲଗାଇବେ! ଉପାୟ ଖୋଜି ନପାଇ ନିର୍ନିମେଷ ନୟନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଚୂଡ଼ାରେ ଉଡୁଥିବା ନେତକୁ ଅନାଇ ରହିଲେ। କ୍ଷଣକ ଉତ୍ତାରୁ କ'ଣ ଭାବିଲେ କେଜାଣି କହିଲେ ଆଛା ହେଉ, କାଲିକୁ ଆ' ଦେଖିବା। ମାଆ ଓ ପୁଅ ଗାଆଁ ଲେଉଟି ଯାଇଥିଲେ।

ବୁଢ଼ୀ ମାଉସୀ ଓ ତା'ପୁଅ ଚାଲିଯିବା ପରେ ଅତୁଲ ଭାଳିହେଲେ ଟୋକାଟାକୁ ତ କହିଲି କାଲି ଆ'ସେ ଦେଖିବା। ପୀଠ ଚାରିକଡ଼ର ସମସ୍ତ ନିର୍ମାଣାଧୀନ ଦୋକାନ ଘରର ନିଅଁଖୋଳା କାମ ବାକି ନାଇଁ, ସମ୍ପୂର୍ଣ୍ଣ ହୋଇ ଯାଇଛି। ପିଲାଟାକୁ କହିଲି କାମରେ ଲଗାଇବି, ଏବେ କେଉଁ ମାଟିହଣା କାମ ତାକୁ ଦେବି! ଦୁଶ୍ଚିନ୍ତାରେ ସେ ପଡ଼ିଲେ। ମନକୁ ପୁଣି ବୁଝାଇଲେ, ଦେଖାଯାଉ କାଳିଆ ସାଆନ୍ତେ କେଉଁ ସେବାପାଇଁ ତାକୁ ମନୋନୀତ କରୁଛନ୍ତି! ମଧ୍ୟାହ୍ନ ଭୋଜନ ସମୟ ଉପଗତ ହୋଇ ଯାଇଥିଲା, ମିସ୍ତ୍ରୀ ମଜୁରିଆ ଖାଇବା ପାଇଁ କାମରୁ ସ୍ୱଳ୍ପ ବିରତି ନେଲେ। ଅତୁଲ ବାଇକ୍ ଯୋଗେ ଘରକୁ ଆସିଲେ ଭାତଗଣ୍ଡେ ଖାଇ ଟିକିଏ ବିଶ୍ରାମ ନେବାକୁ।

ଜ୍ୟେଷ୍ଠମାସ, ଖରା ନଇଁଲା। ଅପରାହ୍ନ ଚାରିଟା ଲଗାତ ନିର୍ମାଣ ସ୍ଥଳକୁ ସେ ପ୍ରତ୍ୟାବର୍ତ୍ତନ କଲେ। ପୀଠରେ ପହଞ୍ଚି ଦେଖିବାକୁ ପାଇଲେ ମନ୍ଦିର ପରିଚାଳନା କମିଟି ପ୍ରମୁଖ, ଲୋକ ଲଗାଇ ଭୂତଳ କୂଅରୁ ବୈଦ୍ୟୁତିକ ମୋଟର ଯୋଗେ ପାଣିକାଢ଼ି, କ୍ଷେତ୍ର ଭିତରର ପ୍ରାୟ ଅଢ଼େଇତିନି ଏକର ପଡ଼ିଆ ଭୂଇଁକୁ ସେଚନ କରୁଛନ୍ତି। ତାଙ୍କୁ ସେ କାରଣ ପଚାରିଲେ। ମହାଶୟ ଅବଗତ କଲେ ମାଟି ହାଣିବାରେ ସୁବଧା ହେବବୋଲି ପାଣିମଡ଼ାଇ ଭୂଇଁ ସରସା କରିଦେଉଛି। ବେଢ଼ା ଭିତରେ ଫୁଲ ବଗିଚା ଏବଂ ତୁଳସୀ ବାଟିକା ହେବ, କମିଟି ସିଦ୍ଧାନ୍ତ ନେଇଛନ୍ତି। -ଅନୁରୋଧ କଲେ ଅତୁଲବାବୁ ଦେଖନ୍ତୁ, କେହି ଯେବେ ମାଳୀକାମ ପାଇଁ ମିଳିବ, ତାକୁ ଆଣି ବଗିଚା କାମରେ ଲଗାନ୍ତୁ। ତା'ଲାଗି ମାସକୁ ମାସ ପାରିଶ୍ରମିକର ବ୍ୟବସ୍ଥା ହେବ। ଆପଣଙ୍କ ବୋଲହାକ ଶୁଣିବା ଲୋକ ମିଳିଗଲେ ତ କଥା ଆହୁରି ବଢ଼ିଆ।

ପ୍ରସ୍ତାବ ଶୁଣି ଅତୁଲ ଆଶ୍ଚର୍ଯ୍ୟ ହୋଇଗଲେ। ମୁହୂର୍ତ୍ତକ ଲାଗି ବାକ୍‌ରହିତ ହୋଇଗଲେ ଯେମିତି। ମନେମନେ ଭଜିହେଲେ, ହେ ପ୍ରଭୁ ତୁମେ ହିଁ କାରଣ, ତୁମେ ସକଳ କର୍ମର କର୍ତ୍ତା, ତୁମବିନା ଆନକେହି ନୁହେଁ – ଆନକେହି ନାହିଁ ପ୍ରଭୁ। ବୁଢ଼ୀମାଉସୀର ପୁଅକୁ କେଉଁଠି ମାଟିକାମରେ ଲଗାଇବେ ଚିନ୍ତା ଜନିତ, ସେ ଯେଉଁ ହତାଶ ହୋଇ ପଡୁଥିଲେ ସ୍ୱୟଂ ମହାପ୍ରଭୁ ତାହା ସମାଧାନ କରି ଦେଇଥିବାରୁ ଭାବବିହ୍ୱଳ ହୋଇ ଅନ୍ତର୍ମନରେ ଶ୍ରୀଜଗନ୍ନାଥଙ୍କ ପଦ୍ମପଦ ଯୁଗଳକୁ ସେ କେବଳ ଚାହିଁ ରହିଲେ। ତାଙ୍କଠାରେ ଏତାଦୃଶ ହତଚକିତ ଭାବ ଲକ୍ଷ୍ୟକରି କମିଟିମୁଖ୍ୟ ପ୍ରଶ୍ନକଲେ କ'ଣ ହେଲା, କିଛି କହୁ ନାହାନ୍ତି ଯେ? ଅତୁଲ ବାସ୍ତବତାକୁ ବାହୁଡ଼ି ତାଙ୍କୁ ଭରସା ଦେଲେ ଆଜ୍ଞା ବ୍ୟସ୍ତ ହୁଅନ୍ତୁ ନାହିଁ, କାଲିଠାରୁ ବଗିଚା କାମ ଆରମ୍ଭ ହେବ।


ପରଦିନ ବୁଢ଼ୀ ମାଉସୀର ଭେଣ୍ଡାପୁଅ କାମକୁ ଆସିଲା। ତାକୁ ସେ ଜିଜ୍ଞାସା କଲେ ମାଟିହାଣିବୁ ପରା, କୁଡ଼ି ଆଣିଛୁ?

– କାଇଁ ମୋତେ ସେକଥା କହିନ, କହିଥିଲେ ଆଣିଥାଆନ୍ତି। ସେ ଜବାବ ଦେଲା। ଅତୁଲ ମିସ୍ତ୍ରୀ ଜଣେକୁ ଇଶାରା କଲେ, କୁଡିଗୋଟେ ଦେବାଲାଗି । ବୁଢ଼ୀ ମାଉସୀର ହଟାକଟା ଯୁଆଣ ପୁଅ, କୁଡ଼ିକାନ୍ଧେଇ ତାଙ୍କ ପଛେପଛେ ମନ୍ଦିର ବେଢ଼ା ଭିତରେ ଆସି ଦାଖଲ ହେଲା। ଗୋଡ଼ହାତ ଧୋଇ ଆଗଯାଇ କାଳିଆ ଠାକୁର ଜଗନ୍ନାଥଙ୍କୁ ମୁଣ୍ଡିଆମାରି ଆ', ତାକୁ ସେ ପରାମର୍ଶ ଦେଲେ। ଟୋକାଟା କଥାମାନି କୁଡ଼ି ଥୋଇଦେଲା। କଳ ପାଣିରେ ହାତପାଦ ପଖାଳିଲା। ବଡ଼ ଦେଉଳର ନାଟମନ୍ଦିରରୁ ଦିଅଁ ଦର୍ଶନ ସାରି ଆସିଲା। କ୍ଷେତ୍ରର ମନ୍ଦିରଗୁଡ଼ିକ ସମ୍ମୁଖରେ ପଡ଼ିଆ ପଡ଼ିଥିବା ପ୍ରସସ୍ତ ଜାଗା ଦେଖାଇ ଅତୁଲ ତାକୁ କହିଲେ, ଗତକାଲି ଜମିରେ ପାଣିମଡ଼ା ସରିଛି। ମାଟି ନରମ ଅଛି। ତୋର କାମ ହେଲା ଯେତେଦିନ ଲାଗୁ ପଛକେ ମାଟିହାଣି ଜମିକୁ ପୂରାପୂରି ସମତଳ କରିବୁ। ତାକୁ ଜିଜ୍ଞାସା କଲେ ହଇରେ ଲେଖାପଢ଼ା ଜାଣୁ, ପାଠ ପଢ଼ିଛୁ? ସେ ଉତ୍ତର ଦେଲା ବିଶେଷ ପଢ଼ିନି, ଦସ୍ତଖତ ଜାଣିଛି। ହଉ ହେଲା ଏବେ କାମରେ ଲାଗିଯାଆ, ବରାଦ କଲେ।। ପିଲାଟା ପଚାରିଲା ବାବୁ, ଜମିରେ କି ଚାଷ ହେବ, ପରିବାପତ୍ର ନା ଆଉ କିଛି? ବୋକା କେଉଁଠିକାର, ତାକୁ ସେ ପରିହାସ କଲେ। ଆରେ, ମନ୍ଦିର ସାମ୍ନାରେ କେଉଁଠି ପରିବା ଚାଷ ହେବାର ଦେଖିଛୁ! ବେଢ଼ାରେ ଫୁଲଗଛ ଲଗାଯାଇ ବଗିଚା ହେବ। ବଗିଚାକୁ ଲାଗି ତୁଳସୀ ବଣ। ଏସବୁ କାମ କରିପାରିବୁ ତ! ତାର ପାରଦର୍ଶିତା ପରଖିବାକୁ ସେ ଚାହିଁଲେ। ମାଉସୀବୁଢ଼ୀ ପୁଅ କ'ଣ ଭାବିଲା କେଜାଣି, ଦମ୍ଭିଲା କଣ୍ଠରେ କହିଲା ବାବୁ, ମାଟିହାଣି ଜମି ସାଧି ପୂରା ସଜିଲ୍ କରିଦେବି; ହେଲେ ଗଛ ଲଗାଇବା ମୋଦେଇ ହେବନି। ସେକାମ ମୋତେ ଜଣାନାଇଁ। ତାକୁ ସେ ଆଶ୍ୱାସନା ଦେଲେ ଠିକ୍‌ଅଛି, ଯେତେଦିନ ଲାଗୁଛି ଲାଗୁ ମାଟି ସାଧିବା କାମଟା ତୁ' ଆଗ କରିପକା। ଗଛ ଲଗାଇବା ଦାୟିତ୍ୱ ମୋର, ଗଛରେ ଖତସାର ଏବଂ ପାଣିଦେବା କାମ ତୋର।

ଶେଷରେ ତାକୁ ସେ ପଚାରିଲେ, ତୋ ନାଆଁ ତ କହିଲୁ ନାଇଁ, ଏବେ କହ ନାମ କ'ଣ? ମାଉସୀର ଗଜା ଭେଣ୍ଡିଆ ପୁଅ କହିଲା ମୋ ନାଆଁ ସୁରେନ୍ଦ୍ର ସିଂ, ମାଆ ଓ ସାଇ ପଡ଼ିଶା ସମସ୍ତେ 'ସୁରୁ' ବୋଲି ଡ଼ାକନ୍ତି; ତୁମେ ବି ସେଇ ନାଆଁରେ ମୋତେ ଡ଼ାକିବ। ଉକ୍ତଦିନ ଠାରୁ ପିଲାଟା ସହିତ ତାଙ୍କର ନିବିଡ଼ତା, ବର୍ଷବର୍ଷର ସମ୍ପର୍କ। ତାର ନିରଳସ କଠିନ ପରିଶ୍ରମ ଏବଂ ମାର୍ଜିତ ତଥା ରୋକ୍‌ଠକ୍ ବ୍ୟବହାରକୁ ଲକ୍ଷ୍ୟକରି ଅତୁଲ ଜାଣି ଯାଇଛନ୍ତି, ପିଲାଙ୍କ କାହାଣୀର ଚରିତ୍ର ଭଳି 'ସୁରୁ' ମଧ୍ୟ ଜଣେ 'ଅବୋଲକରା'। ଏହା ଏକାନ୍ତ ସତ, ତୀର୍ଥଯାତ୍ରାରେ ବାହାରିଥିବା ଗୋସେଇଁ ସାଜି 'ସୁରୁ'ମାନଙ୍କୁ ମନାଇ ପାରିଲେ; ଯେ କୌଣସି ଅଂଚଳର ଶ୍ରୀଜଗନ୍ନାଥ ପୀଠରେ ସୁଷମା ବିମଣ୍ଡିତ ପୁଷ୍ପଉଦ୍ୟାନ ଓ ସଂଯୁକ୍ତ ତୁଳସୀ ବାଟିକାର ସୁନ୍ଦର ଉପବନ ଗଢ଼ା ହେଇପାରିବ। ସବୁଜ ପରିବେଶ ଘେରା ପୀଠଦର୍ଶନରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ବି ଚାରିଧାମ ଯାତ୍ରାର ପୁଣ୍ୟଫଳ ଲାଭ କରିପାରିବେ।

*ଦାରଗାଡ଼ାହି, ବାରିପଦା*
*ଦୂରଭାଷ: ୯୪୩୭୨୧୮୬୦୮*

ଧାରାବାହିକ
ଉପନ୍ୟାସ




# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ସୁଦୂର ଉତ୍ତରପଥ ରାଜ୍ୟ ବିଜୟ

ହାତୀଗୁମ୍ଫାର ଏକାଦଶ ଧାଡିର ଅନାଲୋଚିତ ପଦଟି ଏବେ ଭୂତିଙ୍କ ସାମନାକୁ ଆସିଲା -

"......... ବାରସମେ ଚ ବସେ (ସେନାହି) (ସତ) ସହସେହି ବିତାସୟତି ଉତରାପଥ ରାଜାନୋ (ତତୋ)"

ଏହି ହାତୀଗୁମ୍ଫା ଶିଳାଲିପି ଏକାଦଶ ପଦଟିର ଅର୍ଥ ହେଉଛି - (ଶାସନର ବାର ବର୍ଷରେ ଏକ ଲକ୍ଷ ସୈନ୍ୟ ପରିଚାଳନା କରି ଉତ୍ତରପଥ ନୃପତିଙ୍କର ଭୟର କାରଣ ସାଜନ୍ତି।)

ଭୂତି ପୂର୍ବାପର ସମ୍ପର୍କ ରକ୍ଷାକରି କହିଲେ, ଏହି ଘଟଣାଟି କଳିଙ୍ଗାଧିପତି ଖାରବେଳଙ୍କର ଦ୍ୱାଦଶ ବର୍ଷ ଶାସନକାଳର। ସେହି ବର୍ଷ ବେଳକୁ ଉତ୍ତରପଥର ବିସ୍ତୃତ ବିବରଣୀ ଏଠାରେ ସ୍ଥାନାଭାବରୁ ପ୍ରକାଶ କରାଯାଇ ପାରିନାହିଁ, ଉତ୍ତର ପଥକୁ ଗତିକରିବାର କାରଣ ବି ସ୍ପଷ୍ଟ କରାଯାଇନି, ବରଂ ଏକ ବର୍ଷ ପୂର୍ବରୁ ଯେଉଁ ପରିସ୍ଥିତି ଆକଳନ କରିବାକୁ କଳିଙ୍ଗ ଚତୁରଙ୍ଗ ଭାରତବର୍ଷର ଉତ୍ତରଦିଗକୁ ଗସ୍ତ କରିଥିଲା, ତାହା ବେଳକାଳ ଏବଂ ଭୌଗୋଳିକ କାରଣରୁ ଉପଯୁକ୍ତ ନଥିଲା। ବର୍ଷାଋତୁର ଅବ୍ୟବହିତ ପରେ ଉତ୍ତରଦିଗକୁ ଅଭିଯାନ କରିବାରେ ସ୍ୱଳ୍ପ ସମୟ ବ୍ୟବଧାନରେ ଶୀତ ଏବଂ ପ୍ରବଳ ବରଫପାତ ଘଟିଥିଲା ଏବଂ ଏହାର ପ୍ରକୋପରେ ଦେଶର ମୁକୁଳା ଉତ୍ତରପଥର ଶେଷ ସୀମା ଭାରତର ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ଗତି କରିବା ଆଶାଜନକ ନଥିଲା। ପ୍ରସ୍ତାବିତ ଅଭିଯାନ ସେତିକିରେ ବନ୍ଦ ରଖି କଳିଙ୍ଗାଭିମୁଖୀ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ।

ପରିବେଶଜନିତ ଏପରି ବିପରୀତ ଘଟଣାରେ ସ୍ୱୟଂ କଳିଙ୍ଗାଧିପରି କିମ୍ବା ମହସେନାନୀ କେହି ଆଦୌ ଖୁସି ନଥିଲେ। ହିମପ୍ରବାହ ସେମାନଙ୍କର ଗତିରୋଧ କରିବାରୁ ତାକୁ ଦୈବଯୋଗ ଭାବରେ ପରିସ୍ଥିତିକୁ ସମ୍ମାନ ଦେଇ ସେମାନେ ଫେରି ଆସିଲେ ସତ, ମାତ୍ର ଆସିବା ବାଟରେ ମନ ଶାନ୍ତି କରିବାକୁ ପ୍ରତିଜ୍ଞା କରି ଆସିଥିଲେ, ଆସନ୍ତା ଶୀତ ଋତୁ ସରି ଆସୁଥିବା ବେଳକୁ ସେମାନେ କଳିଙ୍ଗରୁ ନିର୍ଗତ ହେଲେ ଉତ୍ତରପଥର ଭାରତବର୍ଷର ପଶ୍ଚିମ ସୀମା ସ୍ପର୍ଶ କରି ଫେରିବେ, ଫେରିବା ବାଟରେ ମଗଧ ଉପରେ ଆକ୍ରମଣ କରି କଳିଙ୍ଗଜୀନା ମୂର୍ତ୍ତି ଧରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ।

ଏହା ମଧ୍ୟରେ ଦକ୍ଷିଣ ସୀମାରେ ଦ୍ରାମିଳ ଦଳ ସମସ୍ୟା ସୃଷ୍ଟି କରିବାରୁ, କଳିଙ୍ଗାଧିପତି ସ୍ୱଳ୍ପ ସମୟ ମଧ୍ୟରେ ଚତୁରଙ୍ଗ ବଳରେ ଦ୍ରାମିଳମେଳ ଚୂର୍ଣ୍ଣ କରି ଦାକ୍ଷିଣାତ୍ୟ ଦଖଲ କରିନେଲେ। କିନ୍ତୁ ତଦ୍ୱାରା ତାଙ୍କର ଉତ୍ତରପଥ ଅଭିଯାନ ଆଦୌ ବିଳମ୍ବିତ ହୋଇ ନଥିଲା। ସେ ଉତ୍ତର ଭାରତବର୍ଷ ଏବଂପଶ୍ଚିମ ଦିଗରୁ ଭାରତରେ ନିୟମିତ ସୀମା ଲଙ୍ଘନକରି ପଶୁଥିବା ଯବନମାନଙ୍କର ଗତିବିଧି ଗୁପ୍ତଚର ନିଯୁକ୍ତ କରି ଖବର ରଖୁଥିଲେ। ଅନେକ ଗୁପ୍ତଚର ସ୍ୱୟଂ କଳିଙ୍ଗାଧିପତିଙ୍କୁ ପ୍ରତ୍ୟକ୍ଷ ଭାବରେ ତଥ୍ୟ ପ୍ରଦାନ କରୁଥିଲେ। ଚନ୍ଦ୍ର ଗତିବିଧି ପରି କଳିଙ୍ଗ ଗୁପ୍ତଚରମାନଙ୍କର ବାର୍ତ୍ତା ପ୍ରଦାନ ପାଇଁ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଏହି ତିନି ଦିଗରୁ ଲେହହାରକ ବା ବାର୍ତ୍ତାବାହକ ଓ ଧାବକମାନେ ପୂର୍ଣ୍ଣିମା ବେଳକୁ ଆସନ୍ତି ଏଠାକୁ। କିନ୍ତୁ ନୃପତିଙ୍କର ନିର୍ଦ୍ଦେଶ, ଉତ୍ତରପଥର ତକ୍ଷଶିଳା, ଗାନ୍ଧାର, ମଥୁରା ଓ ମଗଧ, ଅଂଗ ସବୁ ଭାରତବର୍ଷର ଉତ୍ତରଦିଗର ଗୁପ୍ତଚର ମାନେ ସ୍ୱୟଂ ଉପସ୍ଥିତ ରହି ବିବରଣୀ ପ୍ରଦାନ କରିବେ। କଳିଙ୍ଗର ଏତେ ଗୁପ୍ତଚର, ସେମାନେ ଗୋଟିଏ ଅନୁଷ୍ଠାନ ପରି କର୍ତ୍ତବ୍ୟରତ ଥିଲେ। ସେମାନଙ୍କର ବି ସାଙ୍ଗଠନିକ ଶକ୍ତି ବଳରେ ଅନେକ ତଥ୍ୟ କଳିଙ୍ଗାଧିପତିଙ୍କ ଗୋଚରକୁ ଆସୁଥିଲା।

କଳିଙ୍ଗାଧିପତି ଖାରବେଳଙ୍କ ସମସାମୟିକ ଭାରତରେ ମାନ୍ୟଗଣ୍ୟ ସବୁ ମହାରାଜାମାନଙ୍କ ଭିତରେ ବୋଧହୁଏ ପାଣ୍ଡ୍ୟନୃପତି ଆଉ ନାଗନୃପତି ଅନ୍ୟତମ। ମଗଧର ସୁଙ୍ଗ ତ ସୁଡ଼ଙ୍ଗରେ ଆଶ୍ରୟନେଇ ଲୁଚିଛପି ରହିଛନ୍ତି। ଆଉ ସାତବାହନ ରାଜ୍ୟ ତ କଳିଙ୍ଗର କରଦ ରାଜ୍ୟ। ଆଉ ଉତ୍ତରରେ ଭାରତବର୍ଷରେ ମହାରାଜା କାହାନ୍ତି ? ସବୁଠି ଯବନ ଆକ୍ରାନ୍ତ, ଯବନ ଅଧ୍ୟୁସିତ, ଲୁଣ୍ଠିତ ବା ଶାସିତ। କଳିଙ୍ଗର ଏହି ଦିଗ୍‌ବିଜୟ ଅଭିଯାନକୁ ଅନେକ ସମର୍ଥନ କରୁଥିଲେ। ପାଣ୍ଡ୍ୟ ନୃପତି ଦାକ୍ଷିଣାତ୍ୟର ବହୁ ମର୍ଯ୍ୟାଦାର ଅଧିକାରୀ ଥିଲେ। ଦକ୍ଷିଣ ଅଭିଯାନ ପରେ ସେ ହୋଇଗଲେ କଳିଙ୍ଗ ଅନୁରକ୍ତ। କଳିଙ୍ଗନଗରୀ ଓ କୁମାରୀଗିରି ଆସି କଳିଙ୍ଗାଧିପତିଙ୍କ ମନ ପରିବର୍ତ୍ତନ କରିଛନ୍ତି। ଖୁସି କରାଇବାକୁ କେତେ ଶତ ପ୍ରଶିକ୍ଷିତ ଗଜ, ଅଶ୍ୱ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି କଳିଙ୍ଗକୁ।

ଏହି ସମୟରେ ମଧ୍ୟଦେଶରୁ କଳିଙ୍ଗାଧିପତିଙ୍କ ଦର୍ଶନଲାଭ କରିବାକୁ

ଆସନ୍ତି ନାଗନୃପତି । ନାଗବଂଶୀ ରାଜା, କଳିଙ୍ଗର ପଶ୍ଚିମରେ ମତ୍ସ୍ୟରାଜ୍ୟ ସନ୍ନିକଟ ନାଗରାଜା । ବହୁ ବର୍ଷତଳେ କଳିଙ୍ଗ ରାଜବଂଶ ସହିତ ତାଙ୍କ ନାଗବଂଶର ରକ୍ତସମ୍ପର୍କ ରହିଥିଲା । ପରୋକ୍ଷରେ ବଶ୍ୟତା ସ୍ୱୀକାର କରିବାକୁ ଆସିଛନ୍ତି । ବହୁ ସହାନୁଭୂତି ପ୍ରକଟ କରନ୍ତି ଖାରବେଳଙ୍କ ପାଖରେ । ବହୁ ମୂଲ୍ୟବାନ ଉପଢ଼ୌକନ ଆଣି ପ୍ରଦାନ କରନ୍ତି । ଆହୁରି ବି ସମସ୍କନ୍ଧ ରାଜ୍ୟଶାସକ ଭାବରେ କଳିଙ୍ଗ ନିଜ ଅଭିଯାନରୁ ବିରତ ନ ହୋଇ ପ୍ରସ୍ତାବିତ ଧର୍ମଯୁଦ୍ଧରେ ଅଗ୍ରସର ହେଉ ବୋଲି ଆଶା ପୋଷଣ କରନ୍ତି ।

ମନଦୁଃଖରେ କଳିଙ୍ଗାଧିପତି । କଳିଙ୍ଗାଧିପତିଙ୍କୁ ନିଜର ମନକୁ ବୁଝାଇବାକୁ କିଛି ସମୟ ଲାଗିଲା । ନିଜ ମୁଖ୍ୟସେନାନୀ ଓ ସେନାପତିଙ୍କ ମୁଖଦର୍ଶନରେ ନିଜର ପ୍ରତିଶ୍ରୁତି ମନେ ପଡ଼ିଗଲା । ଆସନ୍ତା ବର୍ଷକୁ ଉତ୍ତରପଥ ଅଭିଯାନ ଓ ମଗଧ ଆକ୍ରମଣ । ବାସ୍ । ଏହା ମନର ଜୈନ ପ୍ରତିଜ୍ଞା – ଅଗ୍ରଜୀନଙ୍କର ଉଦ୍ଧାର ତଥା କଳିଙ୍ଗର ମଗଧ ଉପରେ ପ୍ରତିଶୋଧ । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଏକ ଶତ ସହସ୍ର ସେନା ପ୍ରସ୍ତୁତ । ମହାସେନାନୀ ଆଉ ସେନାପତି ବି ଆଦେଶ ଅପେକ୍ଷାରେ । କେବଳ କୂଟନୈତିକ ଦୃଷ୍ଟିକୋଣରୁ ଅପେକ୍ଷା କରାଯାଉଛି ସଦ୍ୟ ପରିସ୍ଥିତି ଜାଣିବାକୁ ଭାରତବର୍ଷ ଆଉ ପଶ୍ଚିମ ସୀମାନ୍ତର ।

ସେମାନଙ୍କ କଥାବାର୍ତ୍ତା ମଧ୍ୟରେ କେତେବେଳେ ଅନେକ କଳା ଘୋଡା ଆସି ରହିଗଲେଣି । ଅଶ୍ୱାରୋହୀ କେହି ଦିଶୁ ନାହାନ୍ତି । କଳିଙ୍ଗ ଗୁପ୍ତଚରମାନେ ବୋଧହୁଏ ଦୃଷ୍ଟିର ଅନ୍ତରାଳରେ ଗୁମ୍ଫା ଭିତରକୁ ଯାଇ କିଛି ନିଭୃତ ଆଲୋଚନା କରୁଛନ୍ତି । ଗୁମ୍ଫା ଭିତରୁ ଜଣେ ମଶାଲଧାରୀ ଦିଶିଧାରକ ସହାୟତାରେ ଗୁପ୍ତ ଆଲୋଚନା ଚାଲିଥିଲା । ଏହି ସମୟରେ ବାହାରକୁ ବାହାରି ଆସିଛନ୍ତି କଳିଙ୍ଗାଧିପତି ଓ ତାଙ୍କ ସହିତ ମହାସେନାନୀ ବୀରପ୍ରଶସ୍ତ ଓ ସେନାପତି ରଣପ୍ରବର । ଦିଶିଧାରକ ଜଣକ ସେମାନଙ୍କର ପଛେ ପଛେ ଆସୁଥିବାରୁ ଯାହା ଚନ୍ଦ୍ରାଲୋକରେ ସ୍ୱଷ୍ଟ ଜଣାଯାଉ ନଥିଲା, ଏବେ ସେମାନଙ୍କୁ ଅନୁମାନ କରିହେଉଛି ।

ଗୁପ୍ତଚରମାନଙ୍କଠାରୁ ଆମୂଳଚୂଳ ସବୁ ତଥ୍ୟ ସଂଗ୍ରହକରି ମହାସେନାନୀ ଗୋଟିଏ ଉତ୍ତରପଥ ଅଭିଯାନ ପରିକଳ୍ପନାକୁ ଚୂଡାନ୍ତ ରୂପ ଦେଇ କଳିଙ୍ଗାଧିପତିଙ୍କର ଅନୁମୋଦନ ପାଇଁ ଅପେକ୍ଷା କରୁଛନ୍ତି ।

ଗୋଟିଏ ସ୍ଲେଟ୍ ପରି ସରୁ ପଥର ଉପରେ ଖଡିରେ ଚିତ୍ରିତ ନକ୍ସାକୁ ଦେଖୁଛନ୍ତି କଳିଙ୍ଗାଧିପତି । ଗମନ ପଥ ଓ ବାହୁଡା ପଥ । ମହାସେନାନୀ କହିଲେ, "ମଣିମା, ଆମର ଦୁଇଟି ଅଭିଯାନକୁ ମିଶାଇ ଆମେ ଗୋଟିଏ କରିଦେଇଛୁ । ଉତ୍ତରପଥ ଅଭିଯାନ ଆପଣଙ୍କର ନିଶ୍ଚିତ ବୋଲି ଗତବର୍ଷଠାରୁ ସ୍ଥିର ହୋଇଛି । ଦ୍ୱିତୀୟତଃ କଳିଙ୍ଗର ଅଗ୍ରଜୀନ୍‌ଙ୍କୁ ମଗଧରୁ କଳିଙ୍ଗ ଆଣି ଦେବସ୍ଥାନ କୁମାରୀଗିରିରେ ସ୍ଥାପନ କରିବାକୁ ଦେବସ୍ଥାନ ସଜହୋଇ ବସିଛି । ଆଉ ଥରେ ସଜବାଜ ହୋଇ ମଗଧ ଆକ୍ରମଣ କରିବା ଅପେକ୍ଷା, ଯାହା ଖବର ମିଳିଲା କଳିଙ୍ଗ ଲେଉଟାଣି ବେଳକୁ ମଗଧର ଦୁର୍ବଳ ନୃପତି ସନ୍ନିକଟ ରାସ୍ତା ଦେଇ ପ୍ରତ୍ୟାବର୍ତ୍ତନ କଲେ, ବିନା ଅସ୍ତ୍ରେ ବିଜୟ ଆଶା କରାଯାଇ ପାରେ । ଏହାଦ୍ୱାରା ଆମକୁ ଯିବା ବେଳକୁ ଉଜ୍ଜୟିନୀ ଆଉ ଅବନ୍ତୀ ପଥ ଦେଇ ମଥୁରାରେ ଉତ୍ତରପଥ ସ୍ୱର୍ଶ କରିବା, ତା ପରେ ତକ୍ଷଶିଳା ଓ ଗାନ୍ଧାର ପର୍ଯ୍ୟନ୍ତ ନିର୍ଦ୍ୱନ୍ଦ୍ୱରେ ଅଗ୍ରସର ହେବାରେ କିଛି ପ୍ରତିବନ୍ଧକ ଦୃଷ୍ଟିଗୋଚର ହେଉନି । ସମସ୍ତ ମହାଜନପଦର ରାଜା ଆଉ ସାମନ୍ତରାଜାମାନେ ଯବନ ଆକ୍ରମଣ ଭୟରେ ଚୋରାଛୁପା ଶାସନ କରୁଛନ୍ତି । ଆବଶ୍ୟକ ବେଳେ ପଳାତକ, ସମୟ ବଦଳିଲେ ପ୍ରତ୍ୟାବର୍ତ୍ତନ । ପୁଣି ଯବନମାନେ ଲୁଣ୍ଠନ କରି ନିଜର ଥଳିଭରି ନିଜଦେଶକୁ ବାହୁଡି ଯାଉଛନ୍ତି । କାଁ ଭାଁ କେହି କେହି ଯବନ ଏଠାରେ ଶାସନଗାଦି ଦଖଲ କରୁଛନ୍ତି । ଏମିତି ଭାରତବର୍ଷରେ ଆଜି କୌଣସି ବିରାଟ ଶକ୍ତି ସଂଗଠିତ ହୋଇନାହିଁ ଯିଏ କି ଆମର ଏକ ଚତୁର୍ଥାଂଶକୁ ମୁକାବିଲା କରିବ !"

କଳିଙ୍ଗାଧିପତି ସନ୍ତୋଷ ବ୍ୟକ୍ତ କଲେ । କହିଲେ, "ତୁମେ ସମୟ ସଞ୍ଚୟ ପାଇଁ ବହୁ ପୂର୍ବରୁ ଅର୍ଦ୍ଧେକ ଚତୁରଙ୍ଗ ମଥୁରା ପର୍ଯ୍ୟନ୍ତ ମଡ଼ାଇଦେଇଛ ତ ?

କଳିଙ୍ଗର ସେନାପତି କହିଲେ, "ସେ ସମସ୍ତ ବନ୍ଦୋବସ୍ତ ସରିଛି ମଣିମା । ଆମର ଥାଟ ସେଠାରେ ପହଞ୍ଚିବା ମାତ୍ରେ ଅବିଳମ୍ବେ ଆମେ ଉତ୍ତରପଥ ଧରିବା । ସେତେବେଳକୁ ବସନ୍ତ ଋତୁ ଆସିଯାଇଥିବ । ଉତ୍ତରପଥର ଶୀତ ଲହରି ନଥିବ । ମଣିମାଙ୍କର ତକ୍ଷଶୀଳା ପରିଦର୍ଶନ ପାଇଁ କୌଣସି ଅନ୍ତରାୟ ନଥିବ ।"

ମହାମେଘବାହନ ଖାରବେଳଙ୍କର କଳାପ୍ରେମ, କାରୁକାର୍ଯ୍ୟପ୍ରେମ ଅବା ନୃତ୍ୟନାଟିକା ସଂଯୋଜନା କାହାକୁ ବା ଅଜଣା ? ବାସ୍ତବିକ ତାଙ୍କର ଅନେକ ସ୍ୱପ୍ନ ରହିଛି । ସେ ଉତ୍ତରପଥର ତକ୍ଷଶିଳା ବିଶ୍ୱବିଦ୍ୟାଳୟ ପରି ଅନୁଷ୍ଠାନରୁ ଲବ୍ଧ ନୂତନ କଳା, ଭାସ୍କର୍ଯ୍ୟ ଏବଂ ଶିଳାଶିଳ୍ପର ନିଦର୍ଶନକୁ ଅନ୍ତରର ସହିତ ସମର୍ଥନ କରନ୍ତି । ମନରେ ଅଶେଷ ଆଗ୍ରହ ବାନ୍ଧିଛନ୍ତି, ସେମିତି କିଛି କାରିଗରୀ, କଳାଭାସ୍କର୍ଯ୍ୟ ଓ ଧର୍ମନୀତି ସେଠାରୁ ନିଜର ରାଜ୍ୟପାଇଁ ଆମଦାନୀ କରିବେ । ଏହି ଅନ୍ତରର କଥା କାହାକୁ ନକହିଲେ ବି ତାହା ପ୍ରତି ଖାରବେଳପ୍ରେମୀ ଜାଣି ସାରିଲେଣି ।

ମୁଖମଣ୍ଡଳରେ କଳିଙ୍ଗାଧିପତିଙ୍କର ସନ୍ତୋଷ ପ୍ରକଟିତ ହେଲା । ତକ୍ଷଶିଳା ତାଙ୍କ ସ୍ୱପ୍ନର ବିଦ୍ୟାଭଣ୍ଡାର । ତାଙ୍କର ବାଲ୍ୟକାଳର ଅନେକ ଶିକ୍ଷାଦାତା ଓ ଗୁରୁଦେବମାନେ ତକ୍ଷଶୀଳା ଆଉ କାଶୀ ବିଷୟରେ ଅନେକ ଉଦାହରଣ ଦେଇ କହିଛନ୍ତି । କିନ୍ତୁ ତକ୍ଷଶିଳାର ପ୍ରଶାସନ ଅର୍ଥନୀତି ତାଙ୍କ ବିଦ୍ୟାଚାର୍ଯ୍ୟ ବିଶଦ ଭାବରେ ଶିକ୍ଷାଦାନ କରି ପ୍ରତି ଅଧ୍ୟାୟରେ ବିଷ୍ଣୁଗୁପ୍ତଙ୍କ ଉଦାହରଣ ଦିଅନ୍ତି । ବିଦ୍ୟାଚାର୍ଯ୍ୟ ନିଜେ ବହୁବର୍ଷ ତକ୍ଷଶିଳାରୁ ଅଧ୍ୟୟନ ସମାପ୍ତ କରି କଳିଙ୍ଗ ଆସିଥିଲେ ରାଜପରିବାର ଆଚାର୍ଯ୍ୟ ଭାବରେ ।

ତାଙ୍କ ଭାବନାରେ ବାଧାଦେଇ ସେନାପତି କହିଲେ, "ମଣିମା, ଆମେ ଫେରିବା ବେଳେ ମଥୁରାଠାରୁ ଦକ୍ଷିଣମୁଖା ହୋଇ କଳିଙ୍ଗ ନଫେରି ଉତ୍ତରପଥରେ ପୂର୍ବଦିଗକୁ ସିଧା ସଳଖ ଗତିକରି ମଗଧ ସନ୍ନିକଟ ଗଙ୍ଗାକୂଳରେ ପହଞ୍ଚିବାର ବିକଳ୍ପ ରାସ୍ତା ବାଛିଛୁ । ତଦ୍ୱାରା ଆମକୁ ବହୁ ମହାଜନପଦ ଓ ରାଜ୍ୟ ଜୟ କରିବାରେ ସୁବିଧା ହେବ । ଫେରିବା ବେଳେ ମଗଧ ଓ ଅଂଗ ଦେଇ ବଂଗ ସୀମା ସ୍ୱର୍ଶକରି ତାମ୍ରଲିପ୍ତ ପାଖଦେଇ କଳିଙ୍ଗରେ ପ୍ରବେଶ କରିବା । ଏହି ଅଭିଯାନ ୫ ମାସରୁ ୬ ମାସ ଅବଧି ମଧ୍ୟରେ ସମ୍ପନ୍ନ ହେବ ।"

ବଡ ଉତ୍ସୁକତାର ସହିତ କଳିଙ୍ଗ ସମ୍ରାଟ ପଚାରିଲେ, "ଆମ ରାସ୍ତାରେ ଯେଉଁ ସବୁ ରାଜ୍ୟ ରହିଛି କେଉଁଠି ବିରାଟ ସମର ସୃଷ୍ଟି ହେବାଭଳି ରଣଶକ୍ତିର କିଛି ଆଭାସ ପାଉଛ କି ?"

ସେନାପତି ରଣପ୍ରବର କହିଲେ, "ଆମର ଏକ ଲକ୍ଷ ଚତୁରଙ୍ଗ ଶକ୍ତିର

ଏକ ଚତୁର୍ଥାଂଶ ବି କାହାର ଥିବାଭଳି ପ୍ରତୀୟମାନ ହୁଏନି । ଏମିତି ଆମକୁ ଅଗ୍ରସର ହେବାରେ କୌଣସି ପ୍ରତିବନ୍ଧକ ଦୃଷ୍ଟିଗୋଚର ହେଉନି । କେବଳ କଳିଙ୍ଗ ଚତୁରଙ୍ଗର ନିର୍ଦ୍ୱନ୍ଦ୍ୱ ପଦଚାଳନା ହିଁ ଘଟିବ !"

ପୁଣି ସମ୍ରାଟ ପଚାରିଲେ, "ତୁମେ କହିପାରିବ କି ଏବେ ତକ୍ଷଶିଳାର ପରିଚାଳନା କାହା ହାତରେ ? ଭାରତୀୟ ନା ଯବନ ? ଶୁଣାଯାଏ ସେହି ଶିକ୍ଷାନୁଷ୍ଠାନରେ ଜାତିଧର୍ମ ଦେଶ ନିର୍ବିଶେଷରେ ଶିକ୍ଷାଦାନକୁ ମହତ୍ ଭାବରେ ଗ୍ରହଣ କରନ୍ତି । ଅନୁଦାନ ବି ଦିଅନ୍ତି । ତେବେ ଏବେ ସେଠିକାର ପରିସ୍ଥିତି ବିଷୟରେ କିଛି ଜଣା ପଡୁଛି କି ?"

ମହାସେନାନୀ ଉତ୍ତର ଦେଲେ, "ଆମର ଗୁପ୍ତଚର କହନ୍ତି ସେ ସ୍ୱନାମଧନ୍ୟ ଅନୁଷ୍ଠାନଟି ସୁପରିଚାଳିତ । ଚତୁଷ୍ପାର୍ଶ୍ୱସ୍ଥ ସମସ୍ତ ଭାରତୀୟ ଶାସକମାନେ ଯଥାଶକ୍ତି ସାହାଯ୍ୟ କରନ୍ତି । ଧର୍ମ, ରାଜନୀତି, ଅର୍ଥନୀତି ସହିତ ଭେଷଜ ଆୟୁର୍ବେଦ ବିଦ୍ୟାର ପ୍ରୟୋଗମୂଳକ ଉଦ୍ଭାବନ ପାଇଁ ସବୁ ରାଜାମାନେ ସାହାଯ୍ୟ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଏମିତି କି ଯବନମାନେ ବି ନିଜଦେଶର ଶିଳାଶିଳ୍ପ, କାଷ୍ଠଶିଳ୍ପ, ଧାତବ ବିଦ୍ୟା ଆଦିର ଶିକ୍ଷା ସେଠାରେ ପ୍ରଚଳନ କରିଛନ୍ତି । ପୁଣି ସେଇ ଶିକ୍ଷାନୁଷ୍ଠାନଟି ଧର୍ମ ନିରପେକ୍ଷ । କେତେଦିନ ଧରି ଅନେକ ବୌଦ୍ଧ ସଂଘିଯାନ ସେଠାରେ ନିଜ ଧର୍ମର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ସେହିପରି ଜୈନଗୁରୁ ମାନଙ୍କର ବି ସେଠାରେ ନିଜର ଉତ୍କର୍ଷ ପ୍ରତିପାଦନ କରିବାର ସମୟ ଥିଲା । ହିନ୍ଦୁଧର୍ମର ଶୈବ ଓ ଅନ୍ୟ ମତବାଦର ଆଚାର୍ଯ୍ୟ ଓ ଗୁରୁମାନେ ବି ଅଛନ୍ତି । ଏବେ କିନ୍ତୁ ଏବେ ତକ୍ଷଶିଳା ଯବନ ଶାସିତ ।"

ଉଚ୍ଚତମ ସାମରିକ ଅଗ୍ରାଧିକାରୀ ମାନଙ୍କ ଆଲୋଚନା ମଧ୍ୟରୁ କଳିଙ୍ଗାଧିପତି ଘୋଷଣା କଲେ, "ଆସନ୍ତା କୃଷ୍ଣପକ୍ଷ ଶେଷାନ୍ତେ, ଶୁଭବେଳାରେ ଆମର ଉତ୍ତରପଥ ଗମନ ନିର୍ଧାର୍ଯ୍ୟ । ଏଥର ଆଉ ପୂର୍ବ ଭଳି ଦାକ୍ଷିଣାତ୍ୟ ଦିଗରୁ କୌଣସି ବିପଦ ଆଶଙ୍କା ନାହିଁ କି ସାଗରଗାମୀ କଳିଙ୍ଗ ବୋଇତର କୌଣସି ଅଭିଯୋଗ ଆସିବ ନାହିଁ । ଆମେ ସ୍ଥିର ମନରେ କଳ୍ପିତ ପଥରେ ଗମନ କରି ଆମର ଅଭିଯାନ ସମ୍ପନ୍ନ କରିପାରିବା । ମଗଧରୁ ଯଦି ଅଗ୍ରଜୀନ୍‌ଙ୍କୁ କଳିଙ୍ଗ ସଗର୍ବେ ଫେରାଇ ଆଣିବାରେ ସକ୍ଷମ ହେବା, ଆମର ଭବିଷ୍ୟତରେ ଆଉ କୌଣସି ଲକ୍ଷ୍ୟସ୍ଥଳ ଅଭିଯାନ କରିବାକୁ ବାକି ନଥିବ !!"

ମହାସେନାନୀ ଓ ସେନାପତି ବିଷଣ୍ଣ ବଦନରେ ଚିନ୍ତିତ ହେବାର ଦେଖାଗଲା । କଳିଙ୍ଗସେନାର ଭବିଷ୍ୟତ ନିର୍ଦ୍ଧାରଣ ସେମାନଙ୍କୁ ଭୟପ୍ରଦ ହେଲା । ସମ୍ରାଟ କଅଣ ସତରେ ସେମାନଙ୍କୁ ସେବାନିବୃତ କରିଦବେ କି ? ସମ୍ପୂର୍ଣ୍ଣ ଭାରତ  ବିଜୟ ସମାପ୍ତ କରି ନିଜର ସେନାବାହିନୀକୁ ଗୌଣ କରିଦେବେ କି ?

ଏହାପରେ ଆରମ୍ଭ ହୋଇଗଲା ଉତ୍ତରପଥ ଅଭିଯାନ । କଳିଙ୍ଗ ଚତୁରଙ୍ଗ ସୈନ୍ୟଦଳ ବହୁ ଆଗରୁ ରାଜ୍ୟ ପାରିହୋଇ ମଥୁରାଠାରେ ଅପେକ୍ଷମାଣ । କଳିଙ୍ଗାଧିପତି ନିଜର ପଦସ୍ଥ ସେନାବାହିନୀ ମୁଖ୍ୟ ଦ୍ୱୟଙ୍କୁ ନେଇ କଳିଙ୍ଗନଗରୀରୁ ବାହାରି ମଥୁରାରେ ପହଞ୍ଚିଲେ । ପୂର୍ବଦିଗକୁ ମଗଧର ସ୍ଥାନ ଏବଂ ପଶ୍ଚିମ ଦିଗକୁ ଗଲେ ଉତ୍ତରପଥର ପଶ୍ଚିମ ସୀମା ପୁଷ୍କଳାବତୀ (ପେଶୱାର) ପର୍ଯ୍ୟନ୍ତ ଯାଇହେବ ।

ସେମାନେ ମଗଧ ଆଡ଼କୁ ଚାହିଁ ପରସ୍ତେ ଭାବିଲେ, ଏଥର ଉତ୍ତରପଥର ପଶ୍ଚିମପ୍ରାନ୍ତରୁ ଫେରିବା ବେଳେ, ମଗଧ ସହିତ ମୁକାବିଲା ।

ମଥୁରାରୁ ପଶ୍ଚିମଦିଗକୁ ଗତି କରି ସୁରସେନ ଅଞ୍ଚଳ ଦେଇ ତକ୍ଷଶିଳା ରାସ୍ତା ଧରିଲେ । କଳିଙ୍ଗର କୃଷ୍ଣକାୟ ଗଜବାହିନୀର ଧୀର ପଶ୍ଚିମମୁହାଁ ଗତି କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହୋଇ ନଥିଲା । ବରଂ ଅନେକ ଛଦ୍ମବେଶୀ ଯବନମାନେ ନିଜ ନିଜର ଜୀବନ ରକ୍ଷା କରିବା ପାଇଁ ଇତଃସ୍ତତଃ ଭ୍ରାମ୍ୟମାଣ ଅବସ୍ଥାରେ ଥିଲେ, ଅନେକ ବି ପୁଷ୍କଳାବତୀ ପାରି ହୋଇ ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।

ସେମାନେ ତକ୍ଷଶିଳା ସହର ଉପକଣ୍ଠରେ ପହଞ୍ଚିଗଲେ । ସେଠାରେ କଳିଙ୍ଗାଧିପତି ଖାରବେଳଙ୍କର ଆନନ୍ଦ କହିଲେ ନସରେ । ଅବଶ୍ୟ କଥାଭାଷା ବୁଝିବାରେ ଏବଂ କହିବାରେ ସମସ୍ୟା ରହିଥିଲା । ଏହି ଅଞ୍ଚଳରେ ପ୍ରାକୃତ ଭାଷା ଏବଂ ଓଡ୍ର ପ୍ରାକୃତ ବୁଝିବା ସହଜ ନଥିଲା । କିନ୍ତୁ ଏହି କଳିଙ୍ଗସେନାଙ୍କୁ ସ୍ଥାନୀୟ ଭାରତବର୍ଷର ଜନସାଧାରଣ ନିମନ୍ତ୍ରଣ କରି ନେଇଥିଲେ ଏବଂ ତକ୍ଷଶିଳା ବିଶ୍ୱବିଦ୍ୟାଳୟର ଜୈନ୍ୟ ଅଧ୍ୟାପକମାନଙ୍କୁ ମହାମହିମ ଖାରବେଳଙ୍କ ସହିତ ବାର୍ତ୍ତାଳାପ କରିବାକୁ ସୁଯୋଗ ସୃଷ୍ଟି କରିଥିଲେ ।

କଳିଙ୍ଗର ସୈନ୍ୟଚାଳନାର ଫଳ ଫଳିଲା । ଭାରତବର୍ଷ ପଶ୍ଚିମାଞ୍ଚଳରେ କଳିଙ୍ଗର ଦୁର୍ଦ୍ଧାନ୍ତ ସଂଖ୍ୟାଧିକ ସେନା ସମସ୍ତ ସାମରିକ ଶକ୍ତିକୁ ଭୀତତ୍ରସ୍ତ କରି ଭାରତବର୍ଷର ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳରେ ଉପନୀତ । ଉତ୍ତରପଥରେ ସୈନ୍ୟଚାଳନା ଖବରରେ ଦେଶର ସୀମାନ୍ତ ଅଞ୍ଚଳରୁ ଯବନ ଶକ୍ ସାମନ୍ତ ରାଜା ଆଉ ସତ୍ରାପମାନେ ଛତ୍ରଭଙ୍ଗଦେଇ ପାରସ୍ୟ କି ବ୍ୟାକ୍ଟ୍ରିଆରେ ଆତ୍ମଗୋପନ କରିବାକୁ ଚାଲିଗଲେଣି । ଏମିତିକି ପଶ୍ଚିମରେ ଗାନ୍ଧାର ରାଜ୍ୟ ବି ଅରାଜକ ହୋଇପଡିଛି । ପଶ୍ଚିମ ଭାରତ ଆଜି ଯବନମୁକ୍ତ ।

ତକ୍ଷଶିଳା ଜୈନବିଶାରଦ ଆଚାର୍ଯ୍ୟ ଭାଷାବିତ୍ ଭାବରେ କଳିଙ୍ଗବାହିନୀ ଏବଂ କଳିଙ୍ଗାଧିପତିଙ୍କୁ ବୁଝାଇବାକୁ ଉଦ୍ୟତ ହେଲେ । ଏହି ପରିସ୍ଥିତିରେ କଳିଙ୍ଗବାହିନୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ତକ୍ଷଶିଳାରେ ଶିବିର ସ୍ଥାପନ କରି ବିଶ୍ରାମନେଲେ ।

ମାତ୍ର କଳିଙ୍ଗର ଅଧିପତି ଆସି ତକ୍ଷଶିଳା ଶିକ୍ଷାୟତନ ନିକଟରେ ପହଞ୍ଚିଯାଇଛନ୍ତି । ତାଙ୍କୁ ସମ୍ବର୍ଦ୍ଧନା ଦେବାକୁ ଜନସମ୍ପ୍ରଦାୟ ଏବଂ ଛାତ୍ର ସମାଜ ଆଗେଇ ଆସିଛି । ଜୈନ ଆଚାର୍ଯ୍ୟ ପୂର୍ବରୁ କଳିଙ୍ଗ ଜୈନ ସମ୍ପ୍ରଦାୟ ସହିତ ଦୀର୍ଘକାଳ ପାଇଁ ସମ୍ପର୍କରେ ଥିବାରୁ ଓଡ୍ରମାଗଧି ଭାଷା ସହିତ ପରିଚିତ । ଏହା ଖାରବେଳଙ୍କୁ ସ୍ଥାନୀୟ ଏବଂ ଶିକ୍ଷାୟତନର ଗତିବିଧି ଏବଂ ଶିକ୍ଷାଦାନ ବିଷୟରେ ଅନେକ କଥା ଜାଣିବାର ସୁଯୋଗ ଦେଲା ।

ସେ ଶୁଣିବାକୁ ପାଇଲେ ସେଠାରେ ଦେଶର ବହୁ ଜ୍ଞାନୀ ଓ କଳାକାର ସାଧନ କରିବା ପରେ ବିଦ୍ୟାର ସ୍ରୋତ ନେଇ ନିଜ ନିଜ ଅଞ୍ଚଳରେ ବିତରଣ କରନ୍ତି । ବହୁ ରାଜକୁମାର ସମର ଶିକ୍ଷା, ଧନୁର୍ବିଦ୍ୟା ଆଉ ଅଶ୍ୱାରୋହଣ, ଗଜାରୋହଣ ଅଧ୍ୟୟନ କରନ୍ତି ।

ମୁହଁ ଖୋଲିଛନ୍ତି ବିଶାରଦ ଜୈନ ମୁନି । ପ୍ରଣିପାତ କରିଛନ୍ତି ଜୈନଧର୍ମର ଉଦ୍ଧାରକ କଳିଙ୍ଗାଧିପତି ଖାରବେଳଙ୍କୁ । 'ନମୋ ଅର୍ହିତାନାଂ ନମୋ ସର୍ବସିଦ୍ଧାନାଂ' ଜୈନ ନମସ୍କାର ଜଣାଇ ପାଲିଭାଷାରେ ବୁଝାଇ କହନ୍ତି । ସେ ସମଗ୍ର ଭାରତର ଜୈନାୟତନ ପରିଦର୍ଶନ କରିସାରିଛନ୍ତି । ଧର୍ମଚକ୍ର ପ୍ରବର୍ତ୍ତିତ କୁମାରୀଗିରିରେ ପରିଭ୍ରମଣ କାଳରେ କିଛି କାଳ ଅତିବାହିତ କରିଥିବାର ତଥ୍ୟ ପ୍ରକାଶ କରନ୍ତି । ଭାଷାକଳ୍ପେ ମୂଳ ପାଲି ଓ

ଏହାର ଓଡ୍ରମାଗଧି ପରିବର୍ତ୍ତିତ ଭାଷ୍ୟ ସେ ବୁଝିବାରେ ଏବଂ କହିବାରେ ସମ୍ପୂର୍ଣ୍ଣ ସକ୍ଷମ।

କଳିଙ୍ଗାଧିପତି ତକ୍ଷଶିଳା ପ୍ରତି ଅତି ଅନୁରକ୍ତ ଏବଂ ଉତ୍ସାହୀ ଏହା ବୁଝିବାକୁ ଅଧ୍ୟାପକଙ୍କୁ କ୍ଷଣଟିଏ ସମୟ ଲାଗିଲାନି। ବହୁ ଜୈନ ସମ୍ରାଟ ଧର୍ମ କାରଣରୁ ଏଠାକୁ ଆସନ୍ତି। କିମ୍ବଦନ୍ତୀ ରହିଛି ତକ୍ଷଶିଳାରେ ଏକ ନିୟୁତ ବର୍ଷ ପୂର୍ବେ ପ୍ରଥମ ତୀର୍ଥଙ୍କର ଋଷଭନାଥ ଏଠାକୁ ଆସିଥିଲେ। ଏବେ ବି ତାଙ୍କ ପାଦଚିହ୍ନ ରହିଛି, ସେହି ପାଦଚିହ୍ନ ଦେଖିବାକୁ ଆଗ୍ରହୀ ନୃପତିମାନେ ଆଶାବାନ୍ଧି ଆସନ୍ତି। କିନ୍ତୁ ଖାରବେଳ ଏତେ ଧର୍ମାନ୍ଧ ନୁହଁନ୍ତି। ଏତେ ପଥଶ୍ରାନ୍ତ ହୋଇ ସେ କଳିଙ୍ଗନଗରୀରୁ ତକ୍ଷଶିଳା ଆସିବେ, ଏହା ବିଶ୍ୱାସ ଯୋଗ୍ୟ ନୁହେଁ। ତାଙ୍କର ଉଦ୍ଦେଶ୍ୟ ବି ରାଜ୍ୟଜୟ ଆଉ ଧନ ସଂଗ୍ରହ ହୋଇ ନପାରେ। ଆଉ କଅଣ ହୋଇପାରେ ଅକ୍ଳାନ୍ତ ଉତ୍ତରପଥ ଦେଇ ତକ୍ଷଶିଳା ଗସ୍ତର ?

ଭାବନା ସେତିକିରେ ରଖି କଳିଙ୍ଗ ନୃପତିଙ୍କୁ ଜଣାଇ ଦିଅନ୍ତି, "ମହାରାଜ, ଏଠାରେ ଯେତିକି ଶିକ୍ଷାନବିସ ଅଛନ୍ତି, ସମସ୍ତେ କେବଳ ରାଜପରିବାରର ନୁହନ୍ତି। ଅନେକ ବି ଗରିବ ପରିବାରର ଅଛନ୍ତି। ଏମାନେ କାଶୀ, କୋଶଳ ଆଉ ମଗଧର ଛାତ୍ର। ବିଗତ ପାଞ୍ଚ ସାତ ବର୍ଷ ଧରି ନିଜ ଗୁରୁମାନଙ୍କଠାରୁ ଶିକ୍ଷାଲାଭ କରି ସମସ୍ତ ଆତ୍ମବିଶ୍ୱାସ ଲାଭ କରିଛନ୍ତି। ଅନ୍ତିମ ସ୍ତରରେ ନିଜର ଗୁରୁଙ୍କର ହୃଦ୍‌ବୋଧ ହୋଇଛି, ତାଙ୍କ ଛାତ୍ର କେବଳ ତାଙ୍କର କ୍ଷୁଦ୍ର ଶିକ୍ଷାନବିସ ନୁହଁନ୍ତି, ଗୁରୁଙ୍କୁ ଅନେକ ଗୁଣରେ ବଳିଯିବେ। ସେଥିପାଇଁ ସେମାନଙ୍କୁ ନିଜ ରାଜ୍ୟକୁ ଫେରି ଯାଇ ବୃତ୍ତି ଆଦରିବାକୁ ସୁପାରିଶ କରିଛନ୍ତି।"

ଅନେକ ଶିକ୍ଷାନବିସ କଳିଙ୍ଗାଧିପତିଙ୍କୁ ସ୍ୱାଗତ କରିଛନ୍ତି। ଆଜି ଦିନରେ କଳିଙ୍ଗାଧିପତି ମହାମେଘବାହନ ଖାରବେଳଙ୍କୁ ଭାରତବର୍ଷରେ ନ ଚିହ୍ନେ କିଏ ? ଇତିହାସରେ କୌଣସି ରାଜା ଏମିତି ବର୍ଷକୁ ବର୍ଷ ଚତୁର୍ଦ୍ଦିଗକୁ ବିଶାଳ ସେନାବାହିନୀ ନେଇ ଦିଗ୍‌ବିଜୟ ଅଭିଯାନ କରିବା ଶୁଣା ନଥିଲା। ଏଇ ତକ୍ଷଶିଳାରେ କଳିଙ୍ଗ ବିଷୟରେ ବୌଦ୍ଧ ଓ ଜୈନ ଧର୍ମ ଗୁରୁ ମାନଙ୍କ ପାଖରୁ ଅନେକ ତଥ୍ୟ ଛାତ୍ରମାନେ ଜାଣିବାକୁ ପାଆନ୍ତି। ପୁଣି କଳିଙ୍ଗର ତିନୋଟି ବିଶେଷତ୍ୱ ସେମାନଙ୍କ ମନରେ ଗଭୀର ରେଖାପାତ କରିଛି। ନୌବାଣିଜ୍ୟ ନୌବହର ତକ୍ଷଶିଳାରେ ସାତ ସପନ। କଳିଙ୍ଗର କୃଷ୍ଣକାୟ ବିଶାଳ ହାତୀ ଭୟ ନିଦ ହଜାଇ ଦେବ। ପୁଣି କଳିଙ୍ଗ ଏକ ଜାତି ବିବର୍ଜିତ କର୍ମ ଅନୁସାରେ ସ୍ତରବିଶିଷ୍ଟ ଏକ ସର୍ବଧର୍ମସମ୍ପନ୍ନ ବାଣିଜ୍ୟିକ ରାଜ୍ୟ। ସେଇ ବିଶାଳ ରାଜ୍ୟର ସୁପରିଚାଳକ, ସର୍ବଧର୍ମ ରକ୍ଷକ, ସ୍ୱାଭିମାନୀ ସୁସନ୍ତାନ ଭାବରେ ସେମାନେ କଳିଙ୍ଗାଧିପତିଙ୍କୁ ଚିର ନମସ୍ୟ ଭାବରେ ଆଖ୍ୟାୟିତ କରିଛନ୍ତି।

ଜୈନ ଆଚାର୍ଯ୍ୟ କହିବାକୁ ଲାଗିଲେ, "ରାଜନ୍, ଆପଣ ଏହି ଶିକ୍ଷାୟତନ ବିଷୟରେ ଅନେକ କିଛି ଶୁଣିଥିବେ, କିନ୍ତୁ ଏହା ଯେବେଠାରୁ ମୌର୍ଯ୍ୟଶାସନକୁ ଆସିଲା, ଭାରତର ମୂଳ ସଭ୍ୟତା ପାଶ୍ଚାତ୍ୟ ଶିଳ୍ପକଳା, ଭାଷା ଓ ଧାତୁ ବିଜ୍ଞାନ ଦ୍ୱାରା ପ୍ରଭାବିତ ହେଲା। ଏହି ତକ୍ଷଶିଳା ସୃଷ୍ଟି ଆରମ୍ଭରୁ ଭାରତବର୍ଷର ଜୈନ, ବୌଦ୍ଧ, ରାମାୟଣ ଆଉ ମହାଭାରତର ଭୂଗୋଳରେ କିମ୍ବଦନ୍ତୀ ବହନ କରେ। ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କ ପୁତ୍ର କୁନାଳ ଥିଲେ ଏହି ଭୂଖଣ୍ଡର ପ୍ରଶାସକ, ତାଙ୍କ ସ୍ମୃତିରେ ଏଠାରେ ରହିଛି କୁନାଳ ସ୍ତୂପ। ମୌର୍ଯ୍ୟ ଶାସନ ପରଠାରୁ ଏଠାରେ ଏମିତି ଏକ ଗୁଣର ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି, ଏହା ରାଜନୀତି ଆଉ ଶାସକଙ୍କ ଆଢୁଆଳରେ ଉଚ୍ଚତର ଶିକ୍ଷା ଓ ପ୍ରୟୋଗାତ୍ମକ ବିଦ୍ୟାର ପ୍ରସାର କରୁଥିବା ସ୍ୱପରିଚାଳିତ ଅନୁଷ୍ଠାନ। ଏହା ଶାସକ ତଥା ଆଗ୍ରହୀ ରାଜା ଆଉ ପାଠ ପଢୁଥିବା ରାଜକୁମାର ମାନଙ୍କ ପିତୃପ୍ରଦତ୍ତ ଦାନରେ ଗଢ଼ି ଉଠିଛି। ବହୁ ଅତୀତର ମୌର୍ଯ୍ୟ ଶାସନ ପୂର୍ବରୁ କୋଶଳର ରାଜା ପ୍ରଶେନ୍‌ଜିତ୍ ଥିଲେ ଏଠିକାର ଛାତ୍ର। ଉଦାଲକ ଆରୁଣି ଆଉ ତାଙ୍କର ପୁତ୍ର ଶ୍ୱେତକେତୁ ବି ଏଠିକାର ପ୍ରଶିକ୍ଷିତ ଉଦାହରଣ। ଗୁରୁ ଭାବରେ ଚିକିତ୍ସାଶାସ୍ତ୍ରର ଚରକ, ସଂସ୍କୃତରେ ପାଣିନି, ଅର୍ଥଶାସ୍ତ୍ରର ବିଷ୍ଣୁଗୁପ୍ତ ବା ଚାଣକ୍ୟ ତକ୍ଷଶିଳାର ଧ୍ରୁବତାରା ଅଟନ୍ତି। ଗୋଟିଏ ଘଟଣାର ଉଦାହରଣ ଦେଉଛି, ଜଣେ ସଫଳ ଚିକିତ୍ସକ ଭାବରେ ଜୀବକ ଥିଲେ ମଗଧ ସମ୍ରାଟ ବିମ୍ବିସାରଙ୍କ ରାଜବୈଦ୍ୟ। ବୁଦ୍ଧଦେବଙ୍କର ଏକଦା ମାରାତ୍ମକ ନିଦାନର ଉପଚାର କରି ଇତିହାସ ପୃଷ୍ଠାରେ ସୁନାମ ଅର୍ଜନ କରିଛନ୍ତି।"

ସେ କହିଚାଲିଲେ, "ଏହି ଗୁରୁ ମାନଙ୍କ ପାଖରେ କୌଣସି ଧର୍ମ, ରାଜନୀତି ବା ଅର୍ଥ ମୂଲ୍ୟହୀନ। ବିଦ୍ୟା ଓ ପ୍ରୟୋଗାତ୍ମକ କୌଶଳ ହିଁ ଶିକ୍ଷାର ସୂତ୍ର। ଏମାନେ କୌଣସି ରୁଦ୍ଧ କୋଠରୀରେ ଶିକ୍ଷାଦାନ କରନ୍ତିନି। ଏଠି ପ୍ରତି ପାଠକ ବା ଛାତ୍ର ନିଜ ସ୍ଥାନରେ ଷୋଡ଼ଶ ବର୍ଷ ପର୍ଯ୍ୟନ୍ତ ବିଦ୍ୟା ସମାପ୍ତ କରି ଏଠାକୁ ଉଚ୍ଚ ଶିକ୍ଷା ପାଇଁ ଆସନ୍ତି।ଠ

କଳିଙ୍ଗାଧିପତିଙ୍କ ଟିକିଏ ଇତସ୍ତତଃ ଚିନ୍ତା କରିବାର ଜଣାଗଲା। କେବଳକଷ୍ଟଙ୍କ କହିବା ଭିତରେ ତାଙ୍କୁ ପଚାରିଦେଲେ, "ଏଠାରେ ତ ତାହେଲେ କେହି କୌଣସି ଧର୍ମ ପଢୁ ନଥିବେ, କେବଳ ରାଜପୁତ୍ରମାନେ ହିଁ ଅର୍ଥଦାନ କରି ସମର ଶାସ୍ତ୍ର କି ଧନୁର୍ବିଦ୍ୟା ପଢୁଥିବେ ! କ୍ଷମା କରିବେ ରାଜନ୍, ମୁଁ ସେହି ବିଷୟ ଆଡ଼କୁ ଆସୁଛି," କହି ଚାଲିଲେ ଆଚାର୍ଯ୍ୟ।

"ଏଇଠି ସବୁଧର୍ମାବଲମ୍ବୀ ନିଜର କିମ୍ବଦନ୍ତୀ ଉଦ୍ଧାର କରନ୍ତି। ଆମ ଜୈନମାନେ କହନ୍ତି ଏକ ନିୟୁତ ବର୍ଷ ପୂର୍ବର ଋଷଭନାଥଙ୍କ ପାଦଚିହ୍ନ କଥା। କୁଆଡ଼େ ଏଠାରେ ତାଙ୍କ ପୁତ୍ର ମହାବଳୀ ବିରାଟ ସିଂହାସନ ଓ ଧର୍ମଚକ୍ର ସ୍ଥାପନ କରିଥିଲେ। ପୁଣି ବୌଦ୍ଧଙ୍କର ଆହୁରି ଆଶ୍ଚର୍ଯ୍ୟଜନକ କିମ୍ବଦନ୍ତୀ। ବୁଦ୍ଧ ତାଙ୍କର ବୋଧିସତ୍ତ୍ୱ ଉପାଖ୍ୟାନରେ ପୂର୍ବ ଜନ୍ମରେ ପୁଷ୍ପ ବା ଚନ୍ଦ୍ରପ୍ରଭା ଥିବା ସମୟରେ ନିଜର ମୁଣ୍ଡ କାଟି କ୍ଷୁଧାର୍ତ୍ତ ସିଂହକୁ ଖାଇବାକୁ ଦେଇଥିଲେ। ତକ୍ଷ ଓ ଶିର ଉଚ୍ଚାରଣରୁ ତକ୍ଷଶିଳା ହୋଇଛି। ରାମାୟଣରେ ରାମଚନ୍ଦ୍ରଙ୍କ ଭ୍ରାତା ଭରତଙ୍କ ପୁତ୍ର ତକ୍ଷ ଏହି ରାଜ୍ୟ ଶାସନ କରୁଥିବାରୁ ଏହା ତକ୍ଷଶିଳା ହୋଇଛି। ମହାଭାରତର ଶେଷ ପାଣ୍ଡବ ପରୀକ୍ଷିତ ଏଇଠି ତକ୍ଷକ ନାମକ ସାପଦ୍ୱାରା ଦଂଶିତ ହୋଇଥିଲେ।

"ମୌର୍ଯ୍ୟଶାସନରେ କଅଣ ନଦେଖିଛି ଏହି ତକ୍ଷଶିଳା ! ଦେଖିଛି ଚଣ୍ଡାଶୋକଙ୍କ ରାଜୁତି ଆଉ ତାଙ୍କ କୋମଳମତି କୁନାଳଙ୍କ ପ୍ରଶାସନ। କିପରି ସିଏ ବରଣ କରିନେଲେ ଖଳ ସାବତମାଆର ପିତାଙ୍କ ଜାଲ୍ ଦସ୍ତଖତରେ ଚକ୍ଷୁ ଉତ୍ପାଟନ। ଦାଣ୍ଡର ଭିକାରି ହୋଇ ଗୀତ ଗାଇଲେ ମଗଧର ରାଜରାସ୍ତାରେ, ସ୍ୱୟଂ ଅଶୋକ ଚିହ୍ନିପାରିଲେ ନିଜ ପୁତ୍ରକୁ ଆଉ କୋଳେଇ ନେଇ ଚିକିତ୍ସା କରାଇଲେ ବୋଧଗୟାରେ।"

କହିଚାଲିଛନ୍ତି କେବଳକଷ୍ଟ, "ଏଠି କେବଳ ରାଜପୁତ୍ର ମାନେ ଅଧ୍ୟୟନ କରନ୍ତି ନାହିଁ। ବହୁ ମେଧାବୀ ଛାତ୍ର ଭାରତର ମୁଖ୍ୟତଃ ମଗଧ, କୋଶଳ, କାଶୀରୁ ଆସନ୍ତି। କାଁ ଭାଁ ଅନ୍ୟାନ୍ୟ ଉତ୍ତର କି ଦକ୍ଷିଣ ରାଜ୍ୟମାନଙ୍କରୁ ଆସିଥାଆନ୍ତି। ରାଜପୁତ୍ରମାନେ ବେଶି ଯୁଦ୍ଧବିଦ୍ୟା, ସମର କୌଶଳ ଓ

ଧନୁର୍ବିଦ୍ୟାରେ ତାଲିମ୍ ନିଅନ୍ତି । କିନ୍ତୁ ମେଧାବୀ ଗରିବ ଛାତ୍ର ମାନେ ସଂସ୍କୃତ ଭାଷା, ଚିକିତ୍ସା ବିଦ୍ୟା, ଗଣିତ, ଦର୍ଶନ, ଭାଷା, ରାଜକାର୍ଯ୍ୟ ନିମନ୍ତେ ରାଜନୀତି, କୂଟନୀତି, ଅର୍ଥନୀତି ଶିକ୍ଷା ନିଅନ୍ତି । ପାଠ ପାଇଁ ଗରିବ ଛାତ୍ରମାନେ କିଛି ଅର୍ଥ ଦେବାକୁ ପଡ଼େନାହିଁ । କେବଳ ତଫାତ୍ ସେମାନେ ଗୁରୁମାନଙ୍କର ବଳକା ସମୟ ଦିନ ଅବା ଅନେକାଂଶ ରାତିରେ ପଢ଼ନ୍ତି । ରାଜପୁତ୍ରମାନଙ୍କ ସହିତ ସେମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ହୁଏନି । ଉପଲବ୍ଧ ଧନରୁ ସେମାନଙ୍କର ଖାଇବା ପିଇବା ମାଗଣାରେ ହୋଇଯାଏ ।

"ପ୍ରଥମେ ଏଠାରେ ଗାନ୍ଧାର ଚାରୁକଳାର ଶିକ୍ଷାଦାନ କରାଯାଉଥିଲା, କ୍ରମେ ଏହା ଅଷ୍ଟାଦଶ ଶିଳ୍ପକୁ ପରିବର୍ଦ୍ଧିତ ହୋଇ ସମସ୍ତ ବ୍ୟବହାରିକ ଓ ବ୍ୟବସାୟିକ ଶିଳ୍ପରେ ପରିଣତ ହୋଇଛି । ଏଠାରେ ଶିଳାଶିଳ୍ପର ବିକାଶ ହେଉଛି । ଭାରତବର୍ଷର ବହୁ ଶିଳ୍ପୀ ଏଠାରୁ ପ୍ରଶିକ୍ଷଣ ପାଇ କେତେ ସୀମିତ ସ୍ଥାନରେ କଳାଭାସ୍କର୍ଯ୍ୟର ନମୁନା ପ୍ରଦର୍ଶନ କଲେଣି । ଦେଖିବାରେ ମଗଧର ସାଞ୍ଚି ସ୍ତୂପ ଆଉ ବାରହୁତ୍‌ର ଶିଳାଭାସ୍କର୍ଯ୍ୟ । ସେମିତି ଧାତବ ଶିଳ୍ପ । ତମ୍ବା, କାଂସ୍ୟ, ରୌପ୍ୟ ତଥା ସ୍ୱର୍ଣ୍ଣକୁ ସେମାନେ ଅଳଙ୍କାର, ବାସନକୁସନ ଆଦି ତିଆରି କରିବାରେ ସକ୍ଷମ ହେଲେଣି । ଉନ୍ନତ ମୃତ୍ତିକା ଓ କାଷ୍ଠଶିଳ୍ପର ଆକର୍ଷଣୀୟ ଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି ।"

ବିସ୍ମୟ ବିସ୍ଫାରିତ ନୟନରେ ଚାହିଁଛନ୍ତି କଳିଙ୍ଗାଧିପତି । କଅଣ କିଛି ଚାହାନ୍ତି କଳିଙ୍ଗ ପାଇଁ । ତାଙ୍କର କୋମଳାଙ୍ଗୀ ପ୍ରସ୍ତରମୟୀ କୁମାରୀଗିରି କି ରୂପ ପାଇବ ବିକଶିତ ଶିଳାଶିଳ୍ପରେ ! ସୁନ୍ଦରୀ କଳିଙ୍ଗ କନ୍ୟା ଅପରୂପା ହୋଇପାରିବ ଧାତୁ ଅଳଙ୍କାର ଶୋଭିତ ମୁଖମଣ୍ଡଳରେ ! ଧନ୍ୟ ତୁମେ ତକ୍ଷଶିଳା ! ଜ୍ଞାନ ଓ ବିଜ୍ଞାନର ଗନ୍ତାଘର । ମନରେ ଖାରବେଳଙ୍କର ଅନେକ ସ୍ୱପ୍ନର ଧାରା ଛୁଟିଥିଲା । ସେ କୁମାରୀଗିରି ଓ କୁମାରଗିରିର ବିଶାଳ ସମତଳ ପ୍ରସ୍ତର ବକ୍ଷକୁ କିପରି ଶିଳାଶିଳ୍ପରେ ଦର୍ଶନୀୟ କରାଯାଇ ପାରିବ, ସେ ବିଷୟରେ ଆଶାୟୀ ଥିଲେ ।

ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣି କେବଳକଳ୍ପ କହିଲେ, "ଗରିବ ମେଧାବୀ ଛାତ୍ରମାନେ ଶିକ୍ଷା ସରିଗଲେ ବିନା ଗୁରୁ ଦକ୍ଷିଣାରେ ତକ୍ଷଶିଳା ଛାଡିପାରନ୍ତିନି । ଗୁରୁଙ୍କର ସମ୍ମାନାର୍ଥେ ରାଜକୁମାରଙ୍କ ପରି ମନବୋଧକରି ଗୁରୁଦକ୍ଷିଣାଟିଏ ଦେବା ତ ଦୂରର କଥା, କିନ୍ତୁ ବୁଦ୍ଧିମାନ ଛାତ୍ରମାନେ ଏମିତି ନିତ୍ୟ ବ୍ୟବହାର୍ଯ୍ୟ କଠଉ, ଛତା କି ପଗଡିଟିଏ ଦିଅନ୍ତି, ଯାହା ଗୁରୁ ମନେରଖି ଥାଆନ୍ତି । ମହାରାଜ, ଆଉ ଗୋଟିଏ ସିଦ୍ଧାନ୍ତ ରହିଛି ଏଠାରେ । କେଉଁଠୁ କିଛି ନପାଇଲେ, ରାଜଦ୍ୱାରରେ ଏମାନଙ୍କୁ ଗୁରୁଦକ୍ଷିଣା ପାଇଁ ହାତ ପତାଇବାକୁ ପଡେ ।

ଏଇଟା ତକ୍ଷଶିଳା ରାଜାଙ୍କର ମାନ ଆଉ ସମ୍ମାନର କଥା । ନିଜର ଶିକ୍ଷିତ ବର୍ଗର ସମ୍ମାନ ସହିତ ଗୁରୁକଲ୍ୟାଣ । ଏହା ପୂରଣ ନକଲେ, ତକ୍ଷଶିଳା ରାଜସମ୍ମାନରେ ଆଞ୍ଚ ଆସିବ । ଏବେ ତ କଳିଙ୍ଗର ଏକ ଶତ ସହସ୍ର ଚତୁରଙ୍ଗ ସେନାର ଉତ୍ତରପଥ ରାଜରାସ୍ତାରେ ପଦଚାଳନାରେ ତକ୍ଷଶିଳାର ଶକ ଶାସକ ପାରସ୍ୟମୁଖେ ପଳାୟନ କରିଛନ୍ତି । ତେଣୁ ସମସ୍ତ ରାଜଦାୟିତ୍ୱ କଳିଙ୍ଗାଧିପତିଙ୍କର ।"

ବହୁ ପ୍ରସନ୍ନ ହେଲେ ଖାରବେଳ । ଆସାୟୀ ଅନେକ ଶିକ୍ଷାନବିସଙ୍କୁ ହସି କହିଲେ, ତୁମ ତକ୍ଷଶିଳା ବିଧିବିଧାନ ମୋ ଜ୍ଞାତସାରରେ ନଥିଲା । କିନ୍ତୁ ଶିକ୍ଷା ପାଇଁ ଏହି ରାଜକୀୟ ଉତ୍ତରଦାୟିତ୍ୱକୁ ସମର୍ଥନ କରିବା ସହିତ ମୁଁ ସମ୍ମାନ ଦେଉଛି ।

ନିଜର ସେନାପତିଙ୍କୁ ନିର୍ଦ୍ଦେଶ ଦେଲେ, ମହାସେନାନୀଙ୍କୁ ତୁରନ୍ତ ଶିକ୍ଷାନବିସମାନଙ୍କୁ ଛିଦ୍ରିତ ରୌପ୍ୟମୁଦ୍ରା ଦାନ କରିବା ସହିତ ତକ୍ଷଶିଳା ଶିକ୍ଷାୟତନକୁ ଦାନାର୍ଥେ ଅର୍ଥ ପ୍ରଦାନ କରାଯାଉ । ଏହାପରେ ଆଚାର୍ଯ୍ୟ କଳିଙ୍ଗାଧିପତିଙ୍କୁ ସ୍ୱାଗତ କରି ତକ୍ଷଶିଳା ଶିକ୍ଷାୟତନ ଭିତରକୁ ସ୍ୱାଗତ ଜଣାଇଲେ ।

କଳିଙ୍ଗ ଚତୁରଙ୍ଗ ସେନାନୀ ବାହାରେ ଅପେକ୍ଷମାଣ, ଭିତରେ କଳିଙ୍ଗାଧିପତି ଯେପରି ବିଦେଶରୁ କୌଣସି ନା କୌଣସି ଦୁର୍ଲଭ ବସ୍ତୁ ମାତୃଭୂମି କଳିଙ୍ଗ ପାଇଁ ନନେଇ ତକ୍ଷଶିଳା ଶିକ୍ଷାୟତନ ଛାଡିବେ ନାହିଁ, ଏହି ମନୋଭାବରେ ଅଛନ୍ତି । ତାଙ୍କ ଆଗରେ ଅନେକ ପ୍ରସ୍ତାବ ରହିଛି, କିପରି ତାହା ସମ୍ଭବ ହେବ, ସେ ବିଷୟ ସେ ପରୀକ୍ଷା କରି ଦେଖୁଛନ୍ତି ।

ପ୍ରଥମତଃ ସେ ଦେଖନ୍ତି, ଶିଳାଶିଳ୍ପର ଚାତୁରୀ । ଭାରତରେ ସବୁ ରାଜପ୍ରାସାଦ କାଠରେ ତିଆରି ହେଉଥିଲା । କାଠରେ କାମ କରିବାର କାରିଗର ଯଥେଷ୍ଟ ଅଛନ୍ତି ଏବଂ କାଠକୁ ଘରର ଗଢ଼ଣ ଏବଂ ଆସବାବପତ୍ର ନିର୍ମାଣରେ ବ୍ୟବହାର କରାଯାଏ, ମାତ୍ର ଏହାର ସ୍ଥାୟିତ୍ୱ ନାହିଁ, ଏବା ନାଶ୍ୟ; ଖୁବ୍ କମ୍ ସମୟରେ ନାଶ ହୋଇଯାଏ । ମାତ୍ର ପଥର ଖୋଦନ କରି ଖଣ୍ଡ ପଥରରେ ଘରକାନ୍ଥ କରିବା ଦ୍ୱାରା ଅପେକ୍ଷାକୃତ ଅଧିକ ମଜବୁତ ଏବଂ ସ୍ଥାୟୀ ବାସ ନିର୍ମାଣ କରିବା ସମ୍ଭବ ।

ରାଜପ୍ରାସାଦର ନିର୍ମାଣ ପଥର ନିର୍ମିତ ଗୃହ ସହିତ କମନୀୟ ରାଜକୀୟ ତୋରଣ ହିଁ ରାଜବଂଶର ବଂଶମର୍ଯ୍ୟାଦା ପ୍ରଦାନ କରେ । ଏବେ ଅଳ୍ପ କେତେ ଶତାବ୍ଦୀ ମଧ୍ୟରେ ପଥର ଗାତ୍ରରେ ଅକ୍ଷର ଖୋଦନ ଗୋଟିଏ ରାଜକୀୟ ଅବଲମ୍ବନ ହୋଇଛି । ପ୍ରତିପତ୍ତିଶୀଳ ସମ୍ରାଟ ନିଜ ବଂଶ ମର୍ଯ୍ୟାଦା ସହିତ ଶାସନ, ଅନୁଶାସନ ଲିପିବଦ୍ଧ କରିବାର କୌଶଳ ପଶ୍ଚିମ ସଭ୍ୟତାରୁ ଭାରତବର୍ଷକୁ ବ୍ୟାପିଛି । ମୌର୍ଯ୍ୟଶାସନ କାଳରୁ ଏହି ଗାନ୍ଧାର ଦେଇ ମାସିଡୋନିଆ (ଗ୍ରୀସ୍) ପାରସ୍ୟ ଏବଂ ବ୍ୟାକ୍ଟ୍ରିୟାର ଶିଳାଶିଳ୍ପ ଭାରତର ଅଭ୍ୟନ୍ତରକୁ ଗତି କରିବାର ଦେଖାଯାଉଛି ।

ମଗଧ ଏହି କଳାର ପ୍ରଥମ ସଦୁପଯୋଗ କରି ମୌର୍ଯ୍ୟଶାସନାଧୀନ ଭାରତବର୍ଷରେ ଅନେକ ଶିଳାଲିପି, ସ୍ତମ୍ଭ ଏବଂ ଆକର୍ଷଣୀୟ ସ୍ତମ୍ଭ, ସ୍ତୂପ ନିର୍ମାଣ କରିଛନ୍ତି ଏବଂ ବୌଦ୍ଧ ଧର୍ମକୁ ଧର୍ମାନୁଷ୍ଠାନର ଶିଳାଶିଳ୍ପରେ ପରିପୂର୍ଣ୍ଣ କରି ଅକ୍ଷୟ ସ୍ମୃତି ସଞ୍ଚୟ କରିଛନ୍ତି ।

ଏଗଡ଼ିକ ଦେଖିବା ଶୁଣିବା ପରେ ସେ କଳିଙ୍ଗବକ୍ଷରେ ନିଜ ରାଜଧାନୀ କଳିଙ୍ଗନଗରୀ ଏବଂ ଧର୍ମକ୍ଷେତ୍ର ପ୍ରସ୍ତରମୟୀ କୁମାରୀଗିରି ଓ କୁମାରଗିରିରେ ଅନେକ ସ୍ମୃତିଜଡ଼ିତ କାରୁକାର୍ଯ୍ୟ ଖୋଦନ କରିପାରିବେ । ନାଟ୍ୟଶାସ୍ତ୍ର ବିଶାରଦ ଖାରବେଳଙ୍କ ମନରେ ପ୍ରବଳ ଆଗ୍ରହ ଜନ୍ମ ନେଉଛି, ଯଦି ସେ ସେମିତି କଳାକାର ପାଇବେ, ନାଟକ ଏବଂ ତାଙ୍କରି ଜୀବନି ବି ପଥର କାନ୍ଥରେ ଫୁଟାଇଦେବେ, ଯାହା ଅନନ୍ତକାଳ ପାଇଁ ତିଷ୍ଠି ରହି ପାରିବ ।

ତାଙ୍କର କଳ୍ପନା ସାର୍ଥକ ହୋଇଛି । ସେ ଜୈନ ଆଚାର୍ଯ୍ୟଙ୍କ ସହିତ ତକ୍ଷଶିଳା ଅନୁଷ୍ଠାନର ଅନେକ କୀର୍ତ୍ତି ଏବଂ ନିର୍ମାଣ ଶୈଳୀ ଦେଖି ତୃପ୍ତିଲାଭ କରିଛନ୍ତି । ଆହୁରି ଆନନ୍ଦିତ ହୋଇଛନ୍ତି ଯେତେବେଳେ ଶୁଣୁଛନ୍ତି, ବିଦେଶୀ ଶିଳାଶିଳ୍ପୀ ଦଳ ବି ଭାରତବର୍ଷ ମଧ୍ୟରେ ମଗଧର ବାରହୁତ, ସାତବାହନ ରାଜ୍ୟର ନାସିକ ଏବଂ ପଇଥାନ ଯାଇ ଦେଶୀ କାରିଗର ମାନଙ୍କୁ ପ୍ରଶିକ୍ଷଣ

ଦେଉଛନ୍ତି ତଥା ଆବଶ୍ୟକସ୍ଥଳେ ଅନେକ ବରାଦୀ ଶିଳାଶିଳ୍ପ ବି ନିର୍ମାଣ କରୁଛନ୍ତି ।

ମନ ସନ୍ତୁଷ୍ଟ ହେଲା ଖାରବେଳଙ୍କର । ତାଙ୍କର ବର୍ତ୍ତମାନ ସାମର୍ଥ୍ୟ ଆସିଲା କିପରି କଳିଙ୍ଗବକ୍ଷରେ ଅକ୍ଷୟ କୀର୍ତ୍ତି ଖୋଦନ କରିପାରିବେ, ଯାହାକି ଅନନ୍ତକାଳ ପାଇଁ ସଂରକ୍ଷିତ ହୋଇ ରହିପାରିବ । ଆଉ କଅଣ ଗ୍ରହଣ କରିବେ କଳିଙ୍ଗାଧିପତି ! ଏବେ ସେ ସ୍ଥାପତ୍ୟ କେନ୍ଦ୍ରରେ ଶକ୍ତି ସମ୍ମୁଖରେ ଅବତୀର୍ଣ୍ଣ । ତାଙ୍କୁ ସମସ୍ତ ସୁଯୋଗ ମିଳିଛି ଯେ କୌଣସି ନୂତନ କୌଶଳ ଏଠାରୁ ସ୍ୱରାଜ୍ୟକୁ ବୋହି ନେଇପାରିବେ ।

ନାଟ୍ୟ ବିଶାରଦ ଗନ୍ଧର୍ବବେଦ ବୁଦ୍ଧ ଖାରବେଳ । ନୃତ୍ୟନାଟିକାରେ ମନୋରମ ପରିବେଶ ପ୍ରସ୍ତୁତି ତାଙ୍କର ଅଦମ୍ୟ ଇଚ୍ଛା । ଦର୍ଶକ ମୂକ ହୋଇ ସୌନ୍ଦର୍ଯ୍ୟ ଅବଲୋକନ କରିବେ କଳିଙ୍ଗ ରଙ୍ଗମଞ୍ଚରେ । କଳିଙ୍ଗକନ୍ୟା ଶାନ୍ତ ଶୋଭନୀୟା ପୁଣି ପ୍ରଗଳ୍‌ଭା । ତାହାର କାନ କୁଣ୍ଡଳ ଯଦି କଳିଙ୍ଗ ଦୃଷ୍ଟିରେ ସୂକ୍ଷ୍ମ ଏବଂ ଶୋଭାବର୍ଦ୍ଧକ ହୋଇପାରିବ, ତାହା କଳିଙ୍ଗ କଳାକାରମାନଙ୍କର ଉପଯୋଗୀ ହୁଅନ୍ତା । ଜଣେ ଦିଗବିଜୟୀ ଶକ୍ତିଶାଳୀ ସମ୍ରାଟ ବା କିପରି ଏହି କ୍ଷୁଦ୍ର ସମୀଚୀନ ବିଷୟ ଆଲୋଚନା କରିବେ, ତାହା ତାଙ୍କ ବିବେକ ଦଂଶନ କଲା ।

କୌତୂହଳମୟ ନାଟ୍ୟକାର ଖାରବେଳ ଜୈନ ଆଚାର୍ଯ୍ୟଙ୍କୁ କହିଲେ, ଆପଣଙ୍କ ଅନୁଷ୍ଠାନର ବୈଷୟିକ ଶିକ୍ଷାବିଭାଗ ସହିତ ମୋତେ ଟିକିଏ ପରିଚିତ କରାଇ ଦିଅନ୍ତେ ନି ? କଥା ହେଲା, ମୁଁ କଳିଙ୍ଗର ମହାରାଣୀଙ୍କୁ ବଚନ ଦେଇ ଆସିଛି ତାଙ୍କ ନିମନ୍ତେ ଗୋଟିଏ ଉପହାର ଦୂର ଉତ୍ତରପଥରୁ ଆଣିବି । ସେହି ଦୃଷ୍ଟିରୁ ମୋତେ ଟିକିଏ ବୈଷୟିକ ବିଭାଗ ସହିତ ପରାମର୍ଶ କରିବାକୁ ପଡ଼ିବ ।

ସତକୁ ସତ ସେ ଅନେକ ଗୁଡିଏ କଳିଙ୍ଗୋପଯୋଗୀ ନାଟ୍ୟଶାସ୍ତ୍ର ସମ୍ମତ ପଦାର୍ଥର ନିର୍ମାଣ କୌଶଳ ଅବଗତ କଲେ । କଳିଙ୍ଗ ତାଙ୍କର ଏକାଦଶ ବର୍ଷ ଶାସନ ବେଳକୁ ଭାରତବର୍ଷର ଉତ୍କୃଷ୍ଟ ରାଜ୍ୟଭାବରେ ବିଦିତ ହୋଇଛି, ସେଠାରେ ଅର୍ଥର ଅଭାବ ନାହିଁ । ତେଣୁ ବୈଷୟିକ କ୍ଷେତ୍ରରେ ସୂକ୍ଷ୍ମକଳାର ପ୍ରବେଶ ଗ୍ରହଣୀୟ ଏବଂ ସ୍ୱାଗତଯୋଗ୍ୟ ।

କଳିଙ୍ଗାଧିପତି ମନପୂରାଇ ତକ୍ଷଶିଳା ଶିକ୍ଷାୟତନ ଦେଖିବା ପରେ ଅନୁଭବ କଲେ, ସାରା ଦେଶର ସବୁ ଜ୍ଞାନଗାରିମା ଯେମିତି ସେଇଠି ଠୁଳ ହୋଇ ରହିଛି । ଗୁରୁ ଓ ଶିଷ୍ୟ ଜ୍ଞାନ ପରି ଅଦୃଶ୍ୟ ସାଧନାପାଇଁ ଯେମିତି ବ୍ୟବହାରିକ ମୂଲ୍ୟ ପ୍ରଦାନ କରନ୍ତି, ସେଥିରେ ସେ ଅଭିଭୂତ ହୋଇ ପଡିଥିଲେ । ସବୁଠାରୁ ବେଶି ଆକୃଷ୍ଟ ହୋଇଥିଲେ ବିଦେଶୀ ଶିଳାଶିଳ୍ପରେ । ଶିଳାଲିପିକାର ମାନଙ୍କର ଭାଷାଶିକ୍ଷା ଓ ପ୍ରସ୍ତର ଗାତ୍ରରେ ଖୋଦନବିଦ୍ୟା ତାଙ୍କ ମନରେ ଆଣିଲା ଅନେକ ଆଶା । ନୃପତିଙ୍କର ଆଗ୍ରହ ଓ ନିଜ ରାଜବଂଶର ସମ୍ମାନର ସୂଚକ ବୋଲି ଧାରଣା ଆସୁଥିଲା । ଭାରତବର୍ଷର ସମ୍ଭ୍ରାନ୍ତ ରାଜକୁଳ ମଧ୍ୟରୁ ଅଶୋକ ବର୍ଦ୍ଧନ ମୌର୍ଯ୍ୟ ସବୁଠାରୁ ବେଶି ନିଜବ୍ୟକ୍ତିଗତ ପ୍ରଶାସନିକ ଓ ଧର୍ମଗତ ମତାମତ ନିଜର ଶାସିତ ରାଜ୍ୟମାନଙ୍କରେ ଖୋଦନ କରିଥିଲେ । ମୌର୍ଯ୍ୟ ପରବର୍ତ୍ତୀ ମଗଧର ଶୁଙ୍ଗ ଓ ଦକ୍ଷିଣର ସାତବାହନ ନୃପତିମାନେ ନିଜ ସମ୍ମାନ ବୃଦ୍ଧିପାଇଁ ଶିଳାଶିଳ୍ପର ପ୍ରୟୋଗ କରିବାକୁ ଯଥେଷ୍ଟ ଆଗ୍ରହ ପ୍ରକାଶ କରି ବହୁ ଉଦାହରଣ ସୃଷ୍ଟି କରିଛନ୍ତି ମଗଧର ସାଞ୍ଚି, ବାରହୁତ୍ , ନାନାଘାଟ ଓ ନାସିକ ପର୍ବତରେ । ଏ ସବୁର ବିଶେଷ ଜ୍ଞାନ ହିଁ ତକ୍ଷଶିଳାର ପ୍ରୟୋଗଶାଳାରୁ ନିର୍ଗତ ହେଉଥିଲା । ପଶ୍ଚିମ ମାସିଡୋନିୟ ଗ୍ରୀସ୍ ସଭ୍ୟତା ଯେ ଗାନ୍ଧାର ଦେଇ ଭାରତବର୍ଷକୁ ପ୍ରସାରିତ ହୋଇଥିଲା, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଦିନ କେତେଟା ଅବସ୍ଥାନ କରି କଳିଙ୍ଗଭାସ୍କର୍ଯ୍ୟର ପରିପୂର୍ତ୍ତି ପାଇଁ ସାନବଡ଼ ଅନେକ ବିଷୟ ପ୍ରତି ତୀକ୍ଷ୍ଣ ନଜର ରଖିଛନ୍ତି । ନଗର ଉପାନ୍ତରେ ସେନାଧ୍ୟକ୍ଷ ଅନେକ ବାର ମହାମହିମଙ୍କୁ ବାର୍ତ୍ତା ପଠାଇଲେଣି ତକ୍ଷଶିଳା ପ୍ରସ୍ଥାନ କରିବାକୁ ।

କଳିଙ୍ଗ ଲେହହାରକ ହାତରେ ପତ୍ର ପ୍ରେରଣ କଲେ ଖାରବେଳ । ଆଉ ଗୋଟିଏ ଦିନ । ହାତୀ ଘୋଡା, ଗଛବୃଚ୍ଛ ସିନା ଗଢ଼ିପାରିବି, ଲେଖନୀଶିଳ୍ପି କାଲି ଆସିବ, ତା ସହିତ କଥା ହେବାପରେ ପ୍ରସ୍ଥାନ । ମୋର କଳିଙ୍ଗ ପାଇଁ ଗୋଟିଏ ଅକ୍ଷୟ କୀର୍ତ୍ତି କାମ୍ୟ । ସେଇଟା ମହାମେଘବାହନ କଳିଙ୍ଗର ମୁଖବନ୍ଧ ହୋଇ ରହିବ । ଅପେକ୍ଷାକର ।

ମହାସେନାନୀ ବୁଝିପାରିଲେ । ସବୁରାଜ୍ୟ ଜୟ ସରିଲା । ଏବେ ମଗଧ ବିଜୟ ପରେ ମହାମେଘବାହନ କେଉଁ ଦିଗକୁ, ତାହା ସ୍ପଷ୍ଟ ହୋଇଯିବ ।

*ସମାରୋହ, ୧୨୮, ଡୁମୁଡୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

ooo

*କ୍ରମଶଃ...*




## ଅବ୍ୟକ୍ତ

**ଚିନ୍ମୟ ବିବେକ**

କିନ୍ତୁ ନଥିଲା ସର୍ତ୍ତ କି ସନ୍ଧିଧାନ
ଗତକାଲି ଆଜି ବି

ଯେତେ କାଠିକୁଟା ଗୋଟେଇ ଗୋଟେଇ
ତିଆରି କର ବସା
ସେଥିରେ ମୋର ସାବାସି
ଆହୁରି ଉଡ଼ିବୁଲ
ସାଉଁଟ ସୁଖ ଓ ରୋମାଞ୍ଚ
ଭିନ୍ନ ଭିନ୍ନ କୋଷରୁ
ସେଥିରେ ବା କିଏ ବାଧକ ?

ସମୟ ଆସେ
ଯେତେବେଳେ ଅବଶ ହେଇଯାଏ ଡେଣା
ରଙ୍ଗ ସବୁ ଲାଗେ ଫିକା ଫିକା
ଅନନ୍ତ ଆକାଶ ସେପଟୁ
ଲିଭିଆସେ ତାରକା
ଆଉ କିଛି ଆଶା କି ଉନ୍ମେଷ ନଥାଏ
ପ୍ରାପ୍ତିର
ସେତିକିବେଳେ ହୁଏତ ଭାସିଯାଉଥିବ
କେବେକେବେ ଛାୟାଚିତ୍ର
ଅମଳିତ ଅତୀତର
ଆମ ନିଃଶ୍ୱାସ ଭିତରେ ଥିବା ଦୂରତା
ଆମର ।

ଜଳିଯାଉଥିବା ବେଳେ
ଜଳସିଞ୍ଚନ କରୁଥିବା
ମାଳିଟିର ଚିହ୍ନ ବର୍ଣ୍ଣ ନଥାଏ
ବଗିଚାରେ ରଙ୍ଗ ଭର୍ତ୍ତି ହେଉଥାଏ
ତା' ବାଟରେ-
ଏତିକି ଯା' ଏପର୍ଯ୍ୟନ୍ତ ଖବର ।

*ଦଇତାପଡ଼ା ସାହି, ପୁରୀ-୭୫୨୦୦୧*
*ଦୂରଭାଷ: ୯୪୩୭୨୮୫୬୨୩*

## ହେ ! ଜୀବନ ନାବିକ

**ଡାଃ ମନୋରଞ୍ଜନ ଦାଶ**

ଏଇ ଦୁନିଆରୁ ନେଇଯାଅ ପ୍ରଭୁ
ଛଳନା ଗୁଣକୁ ଯେତେ
ସବୁରି ହୃଦୟେ କରିଦିଅ ପ୍ରଭୁ
ପ୍ରୀତିର ଆବେଗ ଯେତେ ॥

ବିଚିତ୍ର ଇଏ ତୁମ ଜଗତରେ
ନିର୍ମଳ ମନ ଯେ କାହିଁ
ମଣିଷ ପରଷେ ନିଜର ଅହଂକୁ
ଖିଆଲିର ଖୁସି ପାଇଁ
ସବୁରିକୁ ପ୍ରଭୁ ବଦଳେଇ ଦିଅ
ସହିବାର ଶକ୍ତି ଯେତେ ॥

ଦୁଃଖର ନଉକା ଭାସିଭାସି ଯାଏ
ଲାଗେ ସେ ସୁଖର କୂଳେ
ଜୀବନ ନାବିକ ନାଆ ତ ଚଳାଅ
ରହସ୍ୟ ଦୁନିଆ ଜଳେ
ଖୁସିରେ ରଖ ହେ ! ପ୍ରଭୁ ସବୁରିକୁ
ଘଣ୍ଟ ଘୋଡ଼େଇ ଯେତେ ॥

*ପ୍ରଭାବତି ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*

## କେହି ଯିବେନି ଦାଦନ ଖଟି

**ଘନଶ୍ୟାମ ବୋଇତେଇ**

ମାଆ କହୁଥିଲେ ଆଗେ ଗାଆଁଟି
ଗାଆଁଟିଏ ପରିଲାଗୁଥିଲା,
ଘର ଭଲମନ୍ଦ ଘରେ ତୁଟୁଥିଲା,
ହେଉ ନଥିଲାତ ଠିଆପାଲା ।
ପାଞ୍ଚଜଣ ପାଞ୍ଚ ପରମଈଶ୍ୱର
ଗାଆଁ ମଣ୍ଡପରେ ବସି ବସି,

କିଏ ସେ କାହାର ପକ୍ଷ ନନେଇକି,
ଅଡୁଆ ତୁଟାନ୍ତି ହସିହସି।
ପଞ୍ଚନିଷ୍ପତ୍ତିକି ମାନନ୍ତି ସମସ୍ତେ,
ଅମାନିଆ କେହି ହୁଏ ନାହିଁ,
ଯାନିଯାତ୍ରା ମେଳା ମହୋତ୍ସବ କରି,
ଚଳୁଥିଲେ ମିଶି ସାଇ ଭାଇ।
ସମୟ ସାଙ୍ଗକୁ ସବୁ ବଦଳିଛି
ଗାଆଁ ଆଜି ଆଗ ପରି ନାହିଁ,
ସ୍ୱାର୍ଥପର ନୋହି ଗାଆଁ କଥା ଆମେ,
ଭାବିବାକୁ ଆସି ଅଛି ବେଳ,
ପୁରୁବ ପୁରୁଷ ଭିଟାମାଟି ଇଏ,
ରଖିବାକୁ ହେବା ଏକ ମେଳ।
ଗାଆଁ ଅଛି ବୋଲି ଆମେତ ଅଛନ୍ତି,
ଆମପାଇଁ ରହିଅଛି ଗାଆଁ,
ଗାଆଁର ସୁନାମ ଅତୁଟ ରଖିବା
ସିଏ ପରା ଅଟେ ଆମ ମାଆ।
ଗାଆଁ ପାଇଁ ଆମ ପିଲା ଛୁଆ ପାଇଁ,
ଆଗେଇବା ଆମେ ଅଣ୍ଟାଭିଡ଼ି,
ସରକାରୀ ସୁବିଧା ଆଣିବା ଗାଆଁକୁ
ହସିବରେ ଗାଆଁ ବିଲବାଡ଼ି।
ସହର ସୁବିଧା ମିଳିଲେ ଗାଆଁରେ
ରହିବନି ଘର ଝାଟିମାଟି,
ସହରୀ ମଣିଷ ଗାଆଁ ମୁହାଁ ହେବେ
କେହି ଯିବେନି ଦାଦନ ଖଟି।

*ଜନାର୍ଦ୍ଦନପୁର ପାଟଣା, ରାମଚନ୍ଦ୍ରପୁର, କେନ୍ଦୁଝର-୭୫୮୦୪୩*
*ଦୂରଭାଷ: ୯୯୩୭୫୨୩୩୭୪*

# ଶେଷ ପାହାଚର ଖୁସି

**ମନୋରଂଜନ ଶରଣ**

ଥିଲା ଇଚ୍ଛା ସାଉଁଟିବା ପାଇଁ
ମୁଠା ମୁଠା ଜହ୍ନର ଗହଣା
ଝଲଘରୁ ହାତକୁ ବଢ଼େଇ
ଆଣିବାକୁ ତାରା ନାକ-ଚଣା,
ଦବା ପାଇଁ ସୁନା ନାକି ପାଶେ
ଟୋପା ଟୋପା ପୀରତି ତାଆର
ସମୁଦ୍ରର ସୁଆଗ ରତନ।

ଏକା କରି ଦିନ ରାତି ସବୁ
ବହି ଖାତା ନିର୍ଜୀବ ପୃଷ୍ଠାରେ
ଅତିକ୍ରମି ବର୍ଷର ଅର୍ଗଳି
ସୁଖପାଇଁ ଦୁରଂତ ଛାଇରେ,
ଅଯୋଗ୍ୟ ମୁଁ ଯୋଗ୍ୟ ଇଲାକାରେ
ସ୍ୱାଦ ହୀନ ବାସି ଖାଦ୍ୟ ପରି
ଜାଣୁନି ମୁଁ ତୁମ ଆଖି ଠାର
ଆକାଶକୁ ଅରଣ୍ୟରେ ଧରି।

ଅଛି ଫୁଲ ସଂଚୟ ଖାତାରେ
ହସୁଥିଲା ନିଶବ୍ଦେ ନିୟତି
ନାଲିଗୋଡ଼ି ଗାଆଁ ଦାଣ୍ଡ ପରେ
ସୀମଂତରେ ସିଂଦୁରର ଗତି,
ପାହାଚ ବା ଯାଇଛି କେତେଟା
ଫିକା ସିନ୍ଥି କଣ୍ଢେଇ ଧରିଛି
ହେଇଯାଏ ନିଆଁ ତା' ଆଲୁଅ
ଆଖି ଆଉ ଜିଭରେ ନାଚୁଛି।

ଛଂଦା ଛଂଦି ବେଣୀର ପାହାଚ
ଗଣିବାକୁ ରାତି ଆଉ କାହିଁ
ସ୍ୱର୍ଣ୍ଣ ଶୂନ୍ୟ ଗଭାର ଗଜରା
ବାସ ଶୂନ୍ୟ କଥା କହେ ନାହିଁ,
ଅପରାହ୍ନ ନିର୍ଜୀବ ମେଘଟା
ଲୁହ ଟୋପେ ଗଛକୁ ଦେଇନି
ସାରେ ଗାମା ଆସିବ କୁଆଡୁ
ନିଶାଧାରା ଗଜଲ ପିଇନି।
କିଏ ଅବା ମୁଣ୍ଡକୁ ଆଉଁସି
ଆଂକି ଦେବ ଲୋରିର ପାହାଡ଼
ଚୁମା ଦେଇ କଫିନ ମୋଅର
ସାଉଁଟିବ ଅଧା ପୋଡ଼ା ହାଡ଼,
ଚଢ଼ିବାକୁ ସମୟର ଶିଡ଼ି
ଆଣ୍ଠୁପାଦେ ବଳର ଅଭାବ
ଦିଅ ମୋତେ ମୁକୁଳା ଆକାଶ
ମିଛ ସ୍ୱପ୍ନ ମଧୁର ପ୍ରଭାବ।
ତୁମ ଆଖି ତରଳ ନିଆଁରେ
ଯାଏ ଜଳି ସୋରିଷ କିଆରୀ
ମଲା ହସ ହୁଏ ମିଠା ସ୍ମୃତି
ଅଭିଶାପ ବିଷର ଲହରୀ,
ଝରକାରୁ ଦେଖୁଛି ବଗିଚ୍ଚ
ଦଲକାଏ ବର୍ଷା ଛିଟା ପାଇଁ
ଚିହ୍ନା ଫୁଲ ଚିହ୍ନା ପକ୍ଷୀ ସବୁ
ସତେ ଅବା ଗଲେଣି ଉଡେଇ।

ନାହିଁ ଦୁଃଖ ସାପ ଶିଡ଼ି ଖେଳି
ହାରି ହାରି ପ୍ରତି ପାହାଚରେ
କଙ୍କି ପଛେ ନିଷ୍ଫଳ ଦଉଡ଼ି
ବାଂଧି ହେଇ ବିଷ ବଳୟରେ,
ସ୍ମୃତି ସବୁ ଯାଆଂତୁ ମିଳେଇ
ଅଛି ଖୁସି ସୁତା କଟା ଗୁଡ଼ି
ଭଲ ଏଇ କାଗଜ ନଉକା
ଅଛି ଶାଂତି ଅଂଧର ଲଉଡ଼ି।

ପୀରତିର କଅଁଳ ପତର
ଖୋଜୁଥାଉ କାକର ମଣିକୁ
ମିଟି ମିଟି ତାରାଂକ ଇସାରା
ପିଇ ଯାଉ ରାତିର ଲୁହକୁ,
ପୁରି ଗଲେ ସେର ଆଉ ମାଣ
ଆସିଯିବ ଉଷୁମ ସୁଷୁପ୍ତି
ତଳେ ରହିଁ, ଶେଷ ପାହାଚରୁ
ହସୁଥିବ ଚିରଂତନ ମୁକ୍ତି।

*୬୨, ଗୌତମ ନଗର, ଭୁବନେଶ୍ୱର-୧୪*

# ଆମ ସ୍କୁଲ

**ରମେଶ ଚନ୍ଦ୍ର ସାହୁ**

ଏଇଠି ତିଆରି ହୁଅନ୍ତି ମଣିଷ
ପରମ୍ପରା ଓ ସଂସ୍କାରର ଐତିହ୍ୟ
ଥାକ ଥାକ ବିଦ୍ରୋହ ଭିତରେ ହସଖେଳ
ଏଇଠି ଚିହ୍ନେଇ ଦିଆଯାଏ
ଅଖ ଚକ ନଳଙ୍କ ଦରୋଟି
ଅରଣା ମଇଁଷି, ବିଲେଇର ମ୍ୟାଉଁ, ବାଘର ଆଁ
ଏଇଠି ଶିଶୁ ମନରେ ଭରିଦିଆଯାଏ
ସ୍ୱପ୍ନ, ସଂଭାବନା ଏବଂ ଉଚ୍ଚାଭିଳାଷର ଜଡ଼ିବୁଟି
ଭାଙ୍ଗିଦିଆଯାଏ ଅଲୋଡ଼ା ଅହଙ୍କାରର ପ୍ରାଚୀର
ଏଇ ଆମ ସ୍କୁଲ, ଯିଏ ଗଢ଼ିଛି ମୋ ଇହକାଳ, ପରକାଳ।
ଏଇଠି ଗଢ଼ା ହୁଅନ୍ତି ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ବୋଷ
ଶିଖେଇ ଦିଆଯାଏ ଡେଣା ନଥାଇ
ଆକାଶରେ ଉଡ଼ିବାର ତରିକା
ଅଭାବକୁ ଅନୁଶାସନ ଓ ଉପଦେଶରେ
ବଢୁଥାଏ ଦିବ୍ୟଶୋଷର ଆୟୁଷ।

ବୋହୂଚୋରୀ, ପୁଚି, କବାଡ଼ି, ଗିଲିଦଣ୍ଡା
କଟି ମିଟି ପାଇଁ ସ୍କୁଲ ହତା ଥାଏ ସାକ୍ଷୀ
କେତେବେଳେ ମିଳେ ଆଶ୍ୱାସନାର ଅଖିମୁଠି
ଗୁରୁହିଁ ଜାଳିପାରନ୍ତି ଜ୍ଞାନଦୀପ
ଆମ୍ଭାରେ ଭରିପାରନ୍ତି ଓଁକାରର ଭାସ୍କର୍ଯ୍ୟ
ସାଧନା ଆରାଧନାର ବୀଜମନ୍ତ୍ର
ଭାଙ୍ଗି ଦେଇ ପାରନ୍ତି ମାନ ଅଭିମାନର ବୈଦୁର୍ଯ୍ୟ
ସବୁ ଘଟଣା ଓ ଅଘଟଣର ସ୍କୁଲ ହିଁ ସାକ୍ଷୀ।

ସ୍କୁଲ ଛୁଟି ହେଲେ ନୀରବ ଯାଏ କୋଳାହଳ
ପିଲାମାନଙ୍କୁ ଝୁରି ଝୁରି
ସ୍ୱାସ୍ଥ୍ୟ ହରାଏ ଦଣ୍ଡମୁକ୍ତ କାନ୍ଥ, ଫୁଲଗଛ, ଆମ୍ବଡାଳ
ଶୋକ ପାଳୁଥାଏ କଳାପଟା ଓ
ଚକ୍ ଖଡ଼ିଙ୍କ କଙ୍କାଳ
ନିଷ୍ପ୍ରାଣ ଦିଶୁଥାଏ ଡଷ୍ଟର
ମଧ୍ୟାହ୍ନ ଭୋଜନର ଷ୍ଟିଲ୍ ଥାଳ।

*ଅବସରପ୍ରାପ୍ତ ପ୍ରାଧାପକ, ରାସୋଳ, ଢେଙ୍କାନାଳ-୨୧*
*ଦୂରଭାଷ: ୯୪୩୮୪୧୮୪୯୨*

# ନିଦାଘ ସନେଟ୍

**ବାସନ୍ତୀ ଦାସ**

ନିର୍ମେଘ ଆକାଶେ ନିଶାଚର ଭଳି ହଟଚମଟ ଯେ କରେ
ଶାନ୍ତି ପ୍ରିୟ ଏଇ ଜୀବଜଗତକୁ ଜଳେଇ ଜଳେଇ ମାରେ
ଶୁଖିଯାଏ ତଣ୍ଟି ଫିଟିଯାଏ ଗଣ୍ଠି ଦ୍ୱାର ଯାଏ ଖୋଲି
ଟିକେ ଅସତର୍କ ହୋଇଲେ ମଣିଷ ଜୀବନଟା ଯିବ ଚାଲି।

ଝଲମଲ କରେ ମରିଚୀକା ଯେତେ ସାରା ଜଗତଟା ଦେଖ
ସତେକି ଗିଳିବ ଜୀବ ଜଗତକୁ ମେଲାଇ ବସିଛି ମୁଖ
କିଏ କହେ ତାକୁ ବଇଶାଖି ପୁଣି କିଏ ଡହଡହ ତାତି
ଗୃହାଙ୍ଗନେ ବନ୍ଦୀ ମଣିଷ ସରବେ ସହିବାକୁ ନାହିଁ ଛାତି !

ଲହଲହ ଜିହ୍ୱା ଦ୍ୱିପହରେ ବାହାରକୁ ଗଲେ ଡର
ଶୀତଳତା ପାଇଁ ସଜାଡ଼ି ରଖିଛି ଚାରିଆଡ଼େ ତାର ଜଳ
ଛାଇ ଦେଖି ଟିକେ ରାହାଖୋଜେ ପାଟିରୁ ଗଳୁଛି ଲାଳ
ଶୁଖିଗଲେ ଜଳ ଶରୀର ମଧରୁ ଡାକିନେବ ପାଶେ କାଳ।

ଛକାପଞ୍ଝା ଖେଳେ ମାନବ ସମାଜ ଯାହାକୁ ଏବେତ ଡରି
"ନିଦାଘ" କହନ୍ତି ଆମରି ଭାଷାରେ ତାର ସୃଷ୍ଟିକାରୀ।

*ଭୀମଟାଙ୍ଗୀ, ଭୁବନେଶ୍ୱର-୨*

# ଝିଅ

**ସନ୍ତୋଷିନୀ ଦାଶ (ଗିରି)**

କାଲିଯାଏ ମୋ ହାତ ଧରି
ଅଗଣାରେ ଠୁକ୍ ଠୁକ୍
ଚାଲୁଥିବା କୁନିଝିଅ
ଆଜି ମୋ ଉଚ୍ଚତାରୁ
ଆଉ ଟିକେ ବଡ଼
ହେଇଗଲାଣି
ସଞ୍ଜହେଲେ ଅନ୍ଧାରକୁ ଡରି
ମୋ କୋଳରେ ମୁହଁ ଗୁଞ୍ଜୁଥିବା
କୁନିଝିଅ ଆଜିକାଲି
ଅନ୍ଧାର ସହିତ ଯୁଦ୍ଧ
କରିବାକୁ ପ୍ରସ୍ତୁତ ହେଲାଣି
ରାଗ ରୁଷା ଅଭିମାନ କରି
କଇଁ କଇଁ କାନ୍ଦୁଥିବା
ଝିଅଟି, କେଜାଣି କେମିତି
ଆଜିକାଲି ମୋତେ
ରାତି ଅଧ ଯାଏ
ବୁଝେଇପାରେ
ତା ଆଖିରେ ଗୋଟେ
କୁହୁକ ଅଛି
ହଁ ଝିଅଟିଏ ବୋଲି ବୋଧେ
ସିଏ ଥିଲେ ଅଗଣାସାରା
ବାସ୍ନାମୟ ଲାଗେ
ଝିଅ ନୁହେଁ ମହକଟେ ସିଏ
ନା' ନା'ରେ ହଁ
ଖୋଜି ପାଉଥିବା
ଝିଅଟିଏ ସିଏ
ବେଳେବେଳେ ମୋତେ ଲାଗେ
ମୋର ସବୁଠାରୁ ଭଲ ସାଙ୍ଗଟିଏ ସିଏ
ସିଏ ଯେବେ ସାଥିରେ ଥାଏ
ମୁଁ ଜମା ମୁଁ ହେଇ
ନ ଥାଏ
ତା ଆଖିରେ ତା ହସରେ
ତା ସବୁ ଅଳି ଅଝଟରେ
ତା ସେହି ମିଠା ହସଟିରେ
ଲାଗେ ମୋ ପିଲାଦିନ
ପୁଣି ଥରେ କଡ଼ ଲେଉଟାଏ
ତା ମୋ ଭିତରେ
ଏଇ ଜନ୍ମ ନୁହେଁ
ଜନ୍ମଜନ୍ମାନ୍ତରର ସୁଦୃଢ଼
ବନ୍ଧନଟିଏ...

*ଗୋପାଳପୁର, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*

# ମତଦାନ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ଗଣତନ୍ତ୍ରର ମୂଳମନ୍ତ୍ର ନିର୍ବାଚନ
ପାଞ୍ଚ ପାଞ୍ଚ ବର୍ଷ ବ୍ୟବଧାନରେ
ମତଦାତାମାନେ ପାଲଟି ଯାଆନ୍ତି ଈଶ୍ୱର
ଭାଗ୍ୟ ଭବିଷ୍ୟ ନିର୍ଦ୍ଧାରିତ କରନ୍ତି
ରାଜନୀତିର ପଶା ପାଲିରେ
ଗୋଟି ଫିଙ୍ଗୁଥିବା ପ୍ରତ୍ୟାଶୀମାନଙ୍କର।

ନିତି ଦିନ ଦେଖୁଥିବା ପରଖୁଥିବା ନେତାମାନଙ୍କୁ
ଆଉ କ'ଣ ଅଧିକ ଦେଖିବାର ଥାଏ ନା ଶୁଣିବାକୁ ଥାଏ
ନିର୍ବାଚନୀ ସଭା ଶୋଭାଯାତ୍ରା ଭାଷଣ ମାଧ୍ୟମରେ
ତଥାପି ଶହ ଶହ ଲୋକ ରୁଣ୍ଡ ହୁଅନ୍ତି
ଚାଲୁଥାନ୍ତି ଆଗ ପଛ ଜୟ ଜୟ ଧ୍ୱନି କରି।

ସାଧାରଣ ପ୍ରଜାଙ୍କ ସମସ୍ୟା ଯେମିତି ଅଛି ସେମିତି ରହିବ
ନା ତାର ଆଶୁ ସମାଧାନ ହେବ
ସେ ତ ଆସନ୍ତା କାଲିର ଅନାଗତ ହିଁ କହିବ
ଯାହା ପୂର୍ବରୁ ଦେଖା ଶୁଣା ଅଙ୍ଗେ ନିଭାଇବା
ଆଜି ଯିଏ ବୁଲୁଛନ୍ତି ଦୁଆରେ ଦୁଆରେ
କାଲିକୁ ଚିହ୍ନିବେ ନାହିଁ ଗଲେ ତାଙ୍କ ଦରବାରେ
ଅନୀତି ଦୁର୍ନୀତି ତାଙ୍କ ବାମ ହାତ ଖେଳ
ଉତ୍ପୀଡ଼ନ ଅତ୍ୟାଚାର ଦୁର୍ବଳ ଉପରେ ସବଳର
ଚାଲୁଥିଲା ଚାଲୁଥିବ ଲୁଟ ପାଟ ଅହଂକାର
କେଉଁଠି ରୂପ ବଦଳାଇ ନେବ ତ କେଉଁଠି
ପୁନରାବୃତ୍ତି ହେବ।

ଅର୍ଥବଳ ବାହୁବଳ ମଦ ମାଂସର ପ୍ରଲୋଭନ
ମତଦାତାଙ୍କୁ କେତେ ମାତ୍ରାରେ କରିବ ପ୍ରଭାବିତ
କିଏ କରିବ ତାର ଆକଳନ
ଗଣମାଧ୍ୟମ ନା ନିର୍ବାଚନ କମିଶନ?

ଧ୍ୱଜା ଧାରୀ ଦୁଇ ଚକିଆ ଅଶ୍ୱାରୋହୀ
ଚାଟୁକାରମାନେ ତଥା କଥିତ ସମର୍ଥକ
ତିନିଶହ କି ପାଞ୍ଚ ଶହରେ କିଣା କାଳେ
କହୁଥିଲା କେହିଜଣେ ।

ସଭାରେ ଯୋଗ ଦେବାକୁ ଗାଆଁ ଗାଆଁ
ସହରୀ ବସ୍ତିରୁ ବୁହା ହୁଅନ୍ତି ଲୋକେ
ଜୟ ଜୟକାର କରି ଖୁବ୍ ମାତନ୍ତି ନାଚନ୍ତି ଦଳେ
ନିଜ ନିଜ ସ୍ୱାର୍ଥକୁ ଚାହିଁ ଭୋଟ ଦିଅନ୍ତି ଦେବାକୁ କହନ୍ତି
ଲୁଚା ଛପାରେ ଚାଲେ ମତଦାତାଙ୍କ କିଣା ବିକା
ଅର୍ଥର ନେଣ ଦେଣ ଏ ଦେଶରେ ।

ସତେ କ'ଣ ଆମେ ଜନଗଣ ଗଣତନ୍ତ୍ରର ଭାଜନ ?

ଆଉ କେବେ ସ୍ୱଚ୍ଛ ନିରପେକ୍ଷ କରି ପାରିବା ନାହିଁ
ଆମ ମହାର୍ଘ ମତଦାନ ।

*ଫ୍ଲାଟ୍ ନଂ.- ୧୦୧, ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର,*
*ଭୁବନେଶ୍ୱର-୭୫୧୦୦୬*
*ଦୂରଭାଷ: ୯୯୬୮୨୮୦୮୯୬*

# (ସନେଟ୍) - 'କୃଷ୍ଣ ଚୁଡ଼ା'

**ରତ୍ନପ୍ରଭା ବାଇ**

ଖଇଫୁଟା ଖରା ଧାସରେ ଏ ଧରା ବୁକୁ ଯାଏ ଫାଟି ଫାଟି
ଏ ଖରାରେ ଭିଜି କୃଷ୍ଣଚୂଡ଼ା ହସେ ଶାଖାରେ ଶାଖାରେ ଫୁଟି ।
ନିରିମାଖି ଭାବି ନିରିମମ ହୋଇ ନିଦାଘ ଛାଟୁଚି ନିଆଁ
ଆନମନା ହୋଇ ନୀରବେ ଲେଖୁଚି, ସେ ପ୍ରୀତିର ପଣିକିଆ ।

ଡହକ ଖରାକୁ ଖାତିରି ନକରି ପତ୍ର ଝଡ଼ା ଗଛେ ବସି
ଦଗ୍ଧ ହୋଇ ବି ମୁଗ୍ଧ କରୁଛି ନାଲି ନାଲି ଓଠେ ହସି ।
ଜାଣିଛି ଏ ଋତୁ ଅପସରି ଯିବ ମଉସୁମୀ ଆଗମନେ
ନିଦାଘ ଶୋଇବ ନିଘୋଡ଼ ନିଦରେ ଭସା ବଉଦ ଚୁମ୍ବନେ ।

କୁଆଁରୀ ମେଘର ଚପଳ ଛନ୍ଦରେ ଚପଳା ଚମକି ଯିବ
ପାଗଳ ପବନ କୁଆଁରୀ ମେଘର ଓଢ଼ଣୀ ଉଡ଼େଇ ନେବ ।
ଆକାଶ ମାଟିରେ ସଜଳ ପ୍ରେମରେ ରଚିବ ଶତ ଶୃଙ୍ଗାର
ମିଳନ ବିଭୋରେ ମନ୍ଦ୍ର ମଧୁରେ ଗାଇ ସେ, ମେଘ ମହ୍ଲାର ।

ଆଦ୍ୟ ଆଷାଢ଼ର ଅଗଣାରେ ବସି ପ୍ରକୃତି ଆଙ୍କିବ ଛବି
ଶ୍ୟାମଳ ଶାଖାରେ ଶିହରଣ ଖେଳି ଫଟା ଦାଗ ଯିବ ଲିଭି ॥

*ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ, ତାଳଚେର ଟାଉନ, ଅନୁଗୁଳ*
*ଦୂରଭାଷ: ୯୩୩୭୯୭୨୭୪୯*

# ଯୁଦ୍ଧ-୩

**ଡାଃ. ବିଜୟଲକ୍ଷ୍ମୀ ତାରେଣିଆ**

ଶବ ପରେ ଶବ
ତା ଉପରେ ଡେଇଁ
ଚାଲୁ ଚାଲୁ ଥକିଗଲାଣି ପାଦ
ଦିଶୁନି ଆକାଶ ବାରୁଦ ଧୂଆଁରେ
ତଳେ ଅଗଣିତ ନରନାରୀ
ବାଳୁତ ଶିଶୁ ବୃଦ୍ଧ ଓ କିଶୋର
ପାଦ କା'ର କଟିଛି ତ
ଛିଣ୍ଡିଛି ହାତ କେଉଁ ଝିଅର
ଜଣା ପଡୁନି
କିଏ ମୃତ ବା ଜୀବିତ
ଛୁଆଟି କାନ୍ଦି ପାରୁନି
ଚାହିଁଛି ଡବ ଡବ ଖାଲି
ଚାରିଆଡ଼େ ଶୁଭିଯାଏ
ଗୁଳିଗୋଳା କମାଣର ଶବ୍ଦ ।

ଯୁଦ୍ଧ ତ ଚାଲିଛି
ବିରାମର ପ୍ରଶ୍ନ ନାହିଁ
ଏତ ଖାଲି ଦେଶ ଦେଶ
ରଜା ମନ୍ତ୍ରୀଙ୍କ ଷଡ଼ଯନ୍ତ୍ର
ଆଉ ଅହଂର ହୋରି ଖେଳ
ଏକାକାର ହୋଇଯାଏ
ମନୁଷ୍ୟର ଲହୁ ଲୁହ
ଚିନ୍ତା ନଥାଏ କିନ୍ତୁ
ସେଇ ରାଜ୍ୟ ନାୟକର
ପ୍ରଜା ଭାଗ୍ୟଡୋରୀ ହାତେ ଧରି
ତଥାପି ଶାୟିତ ସେ
ନିଶ୍ଚିନ୍ତରେ ନିରୋଳାରେ
ବାଲିଗୋଡ଼ି ଧୂଳି ଠାରୁ
ହୀନ ଏଇ ମଣିଷ ଜୀବନ
ବିସ୍ମୃତ ଆକାଶ କେବଳ
ଦେଖିପାରେ କେତେ ନ୍ୟୁନ
ସତେ ତା'ର ଜୀବନର ମାନ ।

*ବଳରାମ ପ୍ରସାଦ, ଅନୁଗୁଳ-୭୫୯୧୨୮*
*ଦୂରଭାଷ: ୯୪୩୭୪୨୭୨୩୫*

ଭୁବନେଶ୍ୱର
ଦୂରଭାଷ: ୯୩୩୮୨୯୪୬୫୭

# ରାତ୍ରିର ବିଳାପ

**ପୁଷ୍ପଲତା ମିଶ୍ର**

ଦିବସ ଶେଷରେ ନିଶି ର ପ୍ରବେଶ
ଅନ୍ଧାର ଆସଇ ମାଡ଼ି,
ଗାଆଁ ଝିଅ ବୋହୁ ଚଉଁରା ମୂଳରେ
ଆଳତୀ ଦିଅନ୍ତି ବାଡ଼ି ॥

ରଜନୀ ରାଣୀ ତ ଟାଣି ତା ଓଢ଼ଣୀ
ଅନ୍ଧାରକୁ ନେଇ ଧୀରେ,
ଶୁଭ ସଙ୍କେତ ତ ରାତ୍ରି ଆଗମନ
ଶଙ୍ଖ ଆରତୀର ସ୍ୱରେ ॥

ବିରହିଣୀ ନିଶି ଅନ୍ଧାରରେ ମିଶି
କରଇ ରାତ୍ରି ବିଳାପ,
ଘନ ଅନ୍ଧକାର କରେ ନିରାକାର
ଲେଖଇ କବିତା ଗଳ୍ପ ॥

ପକ୍ଷୀ ଜଗତ ତ ବାସଗୃହେ ବନ୍ଦୀ
ତାରା ଦିଶେ ଝଲ୍ ମଲ,
ଚନ୍ଦ୍ରମା ଝଟକେ ହୀରା ଖଣ୍ଡ ପରି
ରୂପବତୀ ବାସ ଫୁଲ ॥

ଗହଳ ଚହଳ ନାହିଁ ତ ରାତ୍ରିରେ
ନିଶୁନ ଲାଗଇ ନିଶି,
ପୁନେଇଁ ଜହ୍ନର କ୍ଷୀଣ ଆଲୋକରେ
ଖୁସିରେ ଯାଆନ୍ତି ମିଶି ॥

ରାତ୍ରିକ ମଧ୍ୟରେ ପ୍ରଭୁ ରାମଚନ୍ଦ୍ର
କରିଲେ ତ ବନବାସ,
ସଙ୍ଗେ ନେଲେ ଭାଇ ଜନକ ଦୁହିତି
ପାଳିଲେ ଚଉଦ ବର୍ଷ ॥

ରାବଣ ମାରିଲା ଶକ୍ତି ଭେଦ ବାଣ
ଲକ୍ଷ୍ମଣ ପଡ଼ିଲେ ଟଳି,
ରାତ୍ରି ନ ପାହୁଣୁ ବିଶଲ୍ୟ କରଣୀ
ଆଣିଲେ ବଜ୍ରଙ୍ଗ ବାଳୀ ॥

ଏକ ରାତ୍ରି ନୁହେଁ ହେଲା ସାତ ରାତି
ଅନୁସୂୟା ଅଭିଶାପ,
ବିଧିର ବିଧାନ କେ କରିବ ଆନ
ଏହାତ ରାତ୍ରି ବିଳାପ ॥

# ମୋକ୍ଷ

**ପୀୟୂଷ ପଟ୍ଟନାୟକ**

ଏ ପଟର ମାୟା ଆଉ ସେପଟର ଅର୍ବୁଦ ଭରସା
ମଝିରେ ମୋ କ୍ଷୁଦ୍ର ତରୀ ଓଦା ସମୟ ଅବଧି
କଳି ତ ପାରେନି କିନ୍ତୁ ଏ ମନର ବିକଳାଙ୍ଗ ଇଚ୍ଛା
ଅସନ୍ତୁଳିତ ହୃଦୟ ବିମର୍ଷିତ ଜୀବନ ପରିଧି ।

କଦାଚିତ ଜୀବନରେ ଏମିତିବି ଆସେ ଗୋଟେ ଦିନ
ଆକାଶରେ ଜହ୍ନ ଲାଗେ ଅର୍ଥହୀନ ନୀରବ ଶୂନ୍ୟତା
ମନର ନଈର ପାଣି ସ୍ଥିର ହୁଏ ଉଦ୍‌ବେଳନ ହୀନ
ମୁହଁ ମାଡ଼ି ଶୋଇପଡ଼େ ବଞ୍ଚିବାର ସବୁ ବାସ୍ତବତା ।

ସେ ସମୟେ କିଏ ଡାକେ ଭରସାର ହାତଟି ବଢ଼ାଇ
ତରୀର ମଙ୍ଗକୁ ଧରେ ବୁଲାଇତ ଦିଏ ନୂଆ ଦିଗେ
ସେ ଦିଗର ସବୁଜିମା ଆକର୍ଷଣ ଦିଏ ଗୋ ଭୁଲାଇ
ଏପଟର ଦ୍ୱିପ୍ରହର ଶୋଇଯାଏ ଅନ୍ଧକାର ନିଦେ ।

ସେ ହାତର ଚମକରେ ଏ ଦେହରେ କେତେ ଶିହରଣ
ଲାଗେ ଅବା ଏ ଜୀବନେ ମୋକ୍ଷର ସେ ସର୍ବାନ୍ତକରଣ ।

ଦୂରଭାଷ: ୭୫୦୬୧୮୯୦୩୦



ତନ୍ମାତ୍ର

# ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ







**ଦର୍ପଣ:-** ସାୟନ ପ୍ରଡକ୍ସନ ବ୍ୟାନରରେ ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି ଥ୍ରିଲର ଚିତ୍ର 'ଦର୍ପଣ'। ଏକ ଭିନ୍ନ ଧରଣର ଭୟାନକ କାହାଣୀକୁ ନେଇ ଏହା ଆଧାରିତ। କାହାଣୀ ଓ ପ୍ରଯୋଜନ - ଦିଲ୍ଲୀପ କୁମାର ସାହୁ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ଭାରତ ପୁଷ୍ପରାଗ, ସଙ୍ଗୀତ- ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ। ବିଭିନ୍ନ ଭୂମିକାରେ ରଞ୍ଜିତ ଚୌଧୁରୀ ଓ ବନସ୍ମିତା ରାଉତରାୟ, ଅଙ୍କିତ୍ କୁମାର, ଭାରତ ପୁଷ୍ପରାଗ (ନବାଗତ), ତୃପ୍ତି ମୀରାମ୍ବିକା, ହିରଣ୍ମୟୀ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, ଲଲାଟ, ପ୍ରଜ୍ଞା, ରୋଜା, କାଳୀଚରଣ, ଜାନୁ, ସୁନିତା, ଦିଲ୍ଲୀପ, ରିନା, ଦୀପକ, ମଳୟ ପ୍ରମୁଖ।

**ତେଜସ୍ୱିନୀ:-** ରାଷ୍ଟ୍ରପତିଙ୍କ ଦ୍ୱାରା ଫ୍ଲୋରେନ୍ସ ନାଇଟିଙ୍ଗେଲ ବିଜୟିନୀ କେ. କ୍ରିଷ୍ଣା କୁମାରୀଙ୍କ ଜୀବନ କାହାଣୀକୁ ନେଇ ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଓ ଏ.ଭି. ସଲ୍ୟୁସନ ବ୍ୟାନରରେ ନିର୍ମିତ 'ତେଜସ୍ୱିନୀ' ଶୀଘ୍ର ମୁକ୍ତିଲାଭ କରିବ। ତେଜସ୍ୱିନୀ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶକୁ ପାଥେୟ କରି ଜୀବନରେ ସଂଘର୍ଷ କରି ଚାଲିଛନ୍ତି। ଶେଷରେ ସଫଳତାକୁ ସେ ଛୁଇଁ ଅନ୍ୟ ପାଇଁ ଉଦାହରଣ ପାଲଟୁଛନ୍ତି। ପ୍ରଯୋଜକ - ଜୟାଲକ୍ଷ୍ମୀ ମିଶ୍ର, ନିର୍ଦ୍ଦେଶନା- କୁନାଲ ପଟ୍ଟନାୟକ, ସଙ୍ଗୀତ- ଟୁନା ଭାଇ ଓ ଉନା ଭାଇ। ବିଭିନ୍ନ ଭୂମିକାରେ- ସୁଶ୍ରୀ ରଥ, ପଲ୍ଲବୀ, ଜୀବନ ପଣ୍ଡା, କୁନା ତ୍ରିପାଠୀ, ଜୟାଲକ୍ଷ୍ମୀ, ରବି ମିଶ୍ର, କୁନାଲ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି। ଚିତ୍ରଟି ମୁକ୍ତିଲାଭ କରିବା ପୂର୍ବରୁ ପ୍ୟାରିସ୍, ନ୍ୟୁୟର୍କ ଓ ହଲିଉଡ୍‌ର ବିଭିନ୍ନ ଉତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ମଧ୍ୟ ହୋଇସାରିଛି।

**ବାବୁ ଭାଇଜାନ-୨:-** ପ୍ରଯୋଜକ ସନ୍ତୋଷ ନାରାୟଣ ଦାସ ଓ ସଂଳାପକାର, ଗୀତିକାର ଦେବୀଦତ୍ତ ମହାନ୍ତିଙ୍କ ପରିକଳ୍ପନାରେ 'ବାବୁ ଭାଇଜାନ-୨'ର ସଙ୍ଗୀତ କାର୍ଯ୍ୟ ଚାଲିଛି। ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ପ୍ରେମାନନ୍ଦ। ଆସନ୍ତା ଦୁର୍ଗାପୂଜା ପରେ ଏହାର ସୁଟିଂ ଆରମ୍ଭ ହେବ। ବିଭିନ୍ନ ଭୂମିକାରେ- ଅରିନ୍ଦମ, ଶିବାନୀ, ଭୂମିକା, ବବି ମିଶ୍ର, ବିଦୁସ୍ମିତା ପ୍ରମୁଖ ଅଭିନୟ କରିବେ।



**ଚନ୍ଦ୍ରବଂଶୀ:-** ଅନାସମିସ୍ ପ୍ରଡ଼କ୍ସନ୍ ବ୍ୟାନରରେ ନିର୍ମାଣ ହେଉଛି 'ଚନ୍ଦ୍ରବଂଶୀ'। କାହାଣୀ ଓ ପ୍ରଯୋଜନା- ପ୍ରୀତମ ସାହୁ, ନିର୍ଦ୍ଦେଶନା- ଯଶ୍ ଓ ସୁନିଲ। ଭୂମିକାରେ- ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ଶ୍ରୀତମ ଦାସ, ଦୈତାରୀ ପଣ୍ଡା, ରାଜ ରାଜେଶ, ପୁନମ ମିଶ୍ର, ଜସ୍ମିନ୍ ରଥ, ଲିପ୍‌ସା ମିଶ୍ର, ଉଷସୀ ମିଶ୍ର, ରିଷି, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଶକ୍ତି ବରାଳ।

**ସିଂହାସନ:-** ହିନ୍ଦୀ ଚିତ୍ରରେ ବ୍ୟାଡ଼ବୟ ଭାବେ ପରିଚିତ ସୁକୁମାର ସିଦ୍ଧାର୍ଥ ମ୍ୟୁଜିକର ନୂଆ ଚିତ୍ର 'ସିଂହାସନ'ରେ ଅଭିନୟ କରୁଛନ୍ତି। ସୁକୁମାର ପୂର୍ବରୁ ଓଡ଼ିଆ ଚିତ୍ର 'ମାଲ୍ୟଗିରି', 'କୁହୁଡ଼ି', ୱେବ୍ ସିରିଜ୍ 'ବାରଙ୍ଗ-୧୯୯୯' ରେ ଅଭିନୟ କରିଛନ୍ତି। ଏହି ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ଅନ୍ୟ କଳାକାର ଚୟନ ଚାଲିଛି।

**ଭଗିଆ ଭାରିଯା:-** ହରିବୋଲ ମିଡ଼ିଆ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମାଣ ହେଉଛି 'ଭଗିଆ ଭାରିଯା'। ପ୍ରଯୋଜକ- ଡ. ଭୀଷ୍ମ ରଥ ଓ ହରିହର ମହାପାତ୍ର, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ-



ହରିହର ମହାପାତ୍ର, ନିର୍ଦ୍ଦେଶକ- ମୃତ୍ୟୁଞ୍ଜୟ ସାହୁ, ସଙ୍ଗୀତ- ମଳୟ ମିଶ୍ର। ଭୂମିକାରେ- ହରିହର ମହାପାତ୍ର, ଦେବଯାନୀ, ବବି ମିଶ୍ର, ପୁପିନ୍ଦର, କାଳିଆ, ଭକ୍ତି, ଦେବୁ ବ୍ରହ୍ମା, ବ୍ରଜ ସିଂ, ତୃପ୍ତି ସିହ୍ନା ପ୍ରମୁଖ।

**ପାବାର:-** ବାବୁଶାନ ଫିଲ୍ମସ୍ ବ୍ୟାନରରେ ଆଗାମୀ ରଜ ପାଇଁ ନିର୍ମାଣ ହେଉଛି 'ପାବାର'। ପ୍ରଯୋଜକ- ତ୍ରିପତି ଶତପଥୀ, କାର୍ଯ୍ୟକାରୀ ପ୍ରଯୋଜକ- ରତୁରାଜ ଖଟୁଆ, ସଙ୍ଗୀତ- ଗୌରବ ଆନନ୍ଦ, ଭୂମିକାରେ- ବାବୁଶାନ୍, ଏଲିନା, ରବି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଓମ୍, ଭକ୍ତି, ବାପି, ଧରିତ୍ରୀ ଖଣ୍ଡୁଆଳ, ଆଦ୍ୟାଶା, ମିଲନ, ମହେଶ୍ୱର ପ୍ରମୁଖ।

**ଭିଲେନ୍:-** ଆଦିଲକ୍ଷ୍ମୀ ବ୍ୟାନରରେ ନିର୍ମାଣ ହେଉଛି ଓଡ଼ିଆ ଚିତ୍ର 'ଭିଲେନ୍'। ପ୍ରଯୋଜକ- ଆଦିକନ୍ଦ ସାହୁ, କାର୍ଯ୍ୟକାରୀ ପ୍ରଯୋଜକ- ଅଶ୍ୱିନୀ ତ୍ରିପାଠୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- କେ. ମୂରଲୀକ୍ରିଷ୍ଣା, ସଙ୍ଗୀତ- ଜାପାନୀ। ଭୂମିକାରେ- ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା ପ୍ରମୁଖ।




**କୁହୁଡ଼ି:-** କ୍ୟାମେରା କୁଇନ୍ ପ୍ରଡ଼କସନ୍ ବ୍ୟାନରରେ ନିର୍ମାଣ ହେଉଛି 'କୁହୁଡ଼ି'। ପ୍ରଯୋଜକ- ହିମାଦ୍ରୀ ତନୟ ଦାସ, ନିର୍ଦ୍ଦେଶନା- ଅଜୟ ପାଢ଼ୀ। ବିଭିନ୍ନ ଭୂମିକାରେ- ଅନୁଭବ ମହାନ୍ତି, ସୁପ୍ରିୟା ନାୟକ, କୁନା ତ୍ରିପାଠୀ, ପ୍ରକୃତି ମିଶ୍ର, ଦୀପନ୍ୱିତ ଦାସ ମହାପାତ୍ର, ସୁକୁମାର ଟୁଡୁ, ସୁଶୀଲ, ଶକ୍ତି ବରାଳ ପ୍ରମୁଖ।

**ଆଇ ଲଭ୍ ୟୁ-୨:-** ୨୦୦୪ ରେ ବ୍ରଜରାଜ ମୁଭିଜ୍‌ରେ ମୁକ୍ତିଲାଭ କରିଥିଲା ସୁପର ଡୁପର ହିଟ୍ ଚିତ୍ର 'ଆଇ ଲଭ୍ ୟୁ'। ଏହାର ଦୀର୍ଘ ୨୦ ବର୍ଷ ପରେ ପ୍ରଯୋଜକ ସଞ୍ଜୟ ନାୟକ (ଟୁଟୁ) ନିର୍ମାଣ କରୁଛନ୍ତି 'ଆଇ ଲଭ୍ ୟୁ-୨'। ନିର୍ଦ୍ଦେଶକ- ସୁଧାଂଶୁ ମୋହନ ସାହୁ, ସଙ୍ଗୀତ- ପ୍ରେମାନନ୍ଦ, ମୁଖ୍ୟ ଭୂମିକାରେ ନବାଗତ ନାୟକ ଆଦିତ୍ୟ ଓ ଜଣେ ନବାଗତ ନାୟିକା, ବବି ମିଶ୍ର, ସନ୍ତୁ, ମିତାଲି ସରଘରିଆ ପ୍ରମୁଖ। ମାର୍ଚ୍ଚ ୨୫ ରୁ କାଶ୍ମୀରରେ ସୁଟିଂ ହେବ।




**ସିନ୍ଦୂରା:-** କାହାଣୀ, ପ୍ରଯୋଜନା ଓ ନିର୍ଦ୍ଦେଶନା- ବିରଞ୍ଚି ନାରାୟଣ ପଣ୍ଡା। ସଙ୍ଗୀତ- ପ୍ରେମାନନ୍ଦ। ଅଭିନୟରେ ଅଭିଷେକ ଗିରି, ସୁପ୍ରିୟା ନାୟକ, ପୃଥ୍ୱୀରାଜ ନାୟକ, ଉଷସୀ ମିଶ୍ର, ଜୀବନ ପଣ୍ଡା, ପ୍ରଜ୍ଞା ଖଟୁଆ, ଶଙ୍କର ପ୍ରଧାନ, ପ୍ରମୋଦ ରଥ ପ୍ରମୁଖ।

ଆକାଶ ଜଣେ ଗାମ୍ୟ ଯୁବକ, ଯାହାର ସ୍ୱପ୍ନ ଜଣେ ସଫଳ ୟୁଟ୍ୟୁବର ହେବ। ଭୂମି ଜଣେ ଉଚ୍ଚଶିକ୍ଷିତା ତଥା ସମ୍ଭ୍ରାନ୍ତ ପରିବାରର କନ୍ୟା। ସେ 'କୃଷକ ବନ୍ଧୁ' ନାମକ ଏକ ଏନ୍‌ଜିଓର ପଦସ୍ଥ କର୍ମଚାରୀ, ଯିଏକି ଜୈବିକ କୃଷିର ପ୍ରଚାର ଓ ପ୍ରସାର କାର୍ଯ୍ୟ କରନ୍ତି। ଘଟଣାକ୍ରମେ ଆକାଶ ଓ ଭୂମିଙ୍କର ସାକ୍ଷାତ ହୁଏ ଏବଂ ଦୁହେଁ ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି। ଆକାଶଙ୍କ ଘନିଷ୍ଠ ବନ୍ଧୁ ଗୋଲୁ, ଯିଏକି ଚାଷକାର୍ଯ୍ୟ କରନ୍ତି ଓ କୀଟନାଶକର ମଧ୍ୟ ବ୍ୟବହାର କରନ୍ତି। ଏକ ଦୁର୍ଭାଗ୍ୟଜନକ ସ୍ଥିତିରେ ଗୋଲୁ ଫୁସ୍‌ଫୁସ୍ କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରେ। ଆକାଶ ଗୋଲୁ ମୃତ୍ୟୁ ପଛର କାରଣ ଜାଣିବାକୁ ଚେଷ୍ଟା କରେ। ଆକାଶର ଧାରଣା ହୁଏ କୀଟନାଶକର ପାର୍ଶ୍ୱପ୍ରତିକ୍ରିୟାସ୍ୱରୂପ ଗୋଲୁ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇଥିଲା। ତେଣୁ ସେ ଏକ ବିଷମୁକ୍ତ ଚାଷ, ରୋଗମୁକ୍ତ ସମାଜ ପାଇଁ ସଚେତନତାମୂଳକ ଆନ୍ଦୋଳନ କରେ। ଘଟଣାକ୍ରମେ ଆକାଶ କୀଟନାଶକ ବ୍ୟବସାୟୀଙ୍କର ଆକ୍ରୋଶର ଶିକାର ହୁଏ। ତେବେ ଏଥିରେ ଗାଁର ମହିଳାମାନେ ଆକାଶଙ୍କୁ ସମର୍ଥନ ଜଣାଇବା ସହ କୀଟନାଶକ ବ୍ୟବସାୟୀଙ୍କୁ ବିରୋଧ କରନ୍ତି। ପରେ ଆକାଶ ଆରମ୍ଭ କରିଥିବା ଆନ୍ଦୋଳନରେ ସଫଳ ହୁଏ। ଭୂମି ଆକାଶଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ଦୁହେଁ ଘନିଷ୍ଠ ହୋଇଉଠନ୍ତି।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

## ଖେଳ ଓ ଖେଳାଳୀ




# ଟି-୨୦ ବିଶ୍ୱକପ୍

୨୦୨୨ ପରେ ପୁନରାୟ ଅନୁଷ୍ଠିତ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍। ଗତଥର ଷୋହଳଟି ଦଳ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲା ବେଳେ ଏଥର ଭାଗନେବେ ଆଉ ଚାରିଟି ଦଳ ଏବଂ ସମୁଦାୟ ୨୦ଟି ଦଳ। ସବୁ ଦଳଗୁଡ଼ିକୁ ଚାରିଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତ୍ୟେକ ଗ୍ରୁପ୍‌ରେ ପାଞ୍ଚଟି ଲେଖାଏଁ ଦଳ ପରସ୍ପର ମଧ୍ୟରେ ଥରେ ଲେଖାଏଁ ଖେଳିବେ। ଗୋଟିଏ ଗ୍ରୁପ୍‌ର ସର୍ବଶ୍ରେଷ୍ଠ ଦୁଇଟି ଦଳ ପଏଣ୍ଟ ଭିତ୍ତିରେ ସୁପର ଲିଗ୍ ପର୍ଯ୍ୟାୟକୁ ଉନ୍ନୀତ ହେବ। ପୁନରାୟ ସୁପର ଏଇଟ୍‌ସକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତ୍ୟେକ ଚାରୋଟି ଦଳ ନିଜ ନିଜ ମଧ୍ୟରେ ତିନୋଟି ଲେଖାଏଁ ମ୍ୟାଚ୍ ଖେଳିବେ। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ନକ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇ ସେମିଫାଇନାଲ ମ୍ୟାଚ୍ ଖେଳିବା ପରେ ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ହେବ ଫାଇନାଲ ମ୍ୟାଚ୍।

ପ୍ରାୟ ଏକମାସ ଧରି ଅନୁଷ୍ଠିତ ଏଇ ପ୍ରତିଯୋଗିତାରେ ନିଜ ନିଜର ଫର୍ମ ବଜାୟ ରଖି ଶେଷ ପର୍ଯ୍ୟାୟକୁ ଉନ୍ନୀତ ହେବା କଷ୍ଟ ସାପେକ୍ଷ ମନେ ହେଉଥିଲେ ମଧ୍ୟ ବର୍ତ୍ତମାନ ଖେଳୁଥିବା ଆଗଧାଡ଼ିର ଦଳମାନଙ୍କ ପକ୍ଷରେ ସେମିଫାଇନାଲ ପର୍ଯ୍ୟନ୍ତ ଯିବା ପ୍ରାୟତଃ ବିଶେଷ ଅସୁବିଧାଜନକ ହେବନାହିଁ। କିନ୍ତୁ ଏଭଳି ସ୍ଥାନକୁ ଯିବା ନିମନ୍ତେ ଦଶଟି ନୂଆ ଦଳମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ବେଶ ତୀକ୍ତ ହେବ। ଅଲିଂପିକରେ ଆସନ୍ତା ଚାରିବର୍ଷ ପରେ କ୍ରୀକେଟ୍ ଅନ୍ତର୍ଭୁକ୍ତ ହେବାକୁ ଥିବାରୁ ଏଥର ଆମେରିକା ଓ କାନାଡ଼ାରେ ଖେଳାଯାଉଥିବା ଟି-୨୦ ବିଶ୍ୱକପ୍ ବେଶ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିବ।

| (ଗ୍ରୁପ୍ - ଏ) | (ଗ୍ରୁପ୍ - ବି) | (ଗ୍ରୁପ୍ - ସି) | (ଗ୍ରୁପ୍ - ଡି) |
|---|---|---|---|
| ୧. ଭାରତ | ୧. ଇଂଲଣ୍ଡ | ୧. ନ୍ୟୁଜିଲାଣ୍ଡ | ୧. ଦକ୍ଷିଣ ଆଫ୍ରିକା |
| ୨. ପାକିସ୍ତାନ | ୨. ଅଷ୍ଟ୍ରେଲିଆ | ୨. ଇଣ୍ଡିଜ | ୨. ନେଦରଲାଣ୍ଡସ |
| ୩. କାନାଡ଼ା | ୩. ନାମ୍ବିଆ | ୩. ଆଫଗାନିସ୍ତାନ | ୩. ବାଂଲାଦେଶ |
| ୪. ଆୟର୍ଲାଣ୍ଡ | ୪. ସ୍କଟଲାଣ୍ଡ | ୪. ପାପୁଆ ନିଉଗିନି | ୪. ଶ୍ରୀଲଙ୍କା |
| ୫. ଆମେରିକା | ୫. ଓମାନ୍ | ୫. ଉଗାଣ୍ଡା | ୫. ନେପାଳ |

# ଖେଳସୂଚୀ

**(ଗ୍ରୁପ୍ - ଏ) ର ମ୍ୟାଚ୍ ତାଲିକା:-**

| | | | |
|---|---|---|---|
| ୧ ଜୁନ୍ - | ଆମେରିକା | ବନାମ | କାନାଡ଼ା |
| ୫ ଜୁନ୍ - | ଭାରତ | ବନାମ | ଆୟର୍ଲାଣ୍ଡ |
| ୬ ଜୁନ୍ - | ଆମେରିକା | ବନାମ | ପାକିସ୍ତାନ |
| ୭ ଜୁନ୍ - | ଆୟର୍ଲାଣ୍ଡ | ବନାମ | କାନାଡ଼ା |
| ୯ ଜୁନ୍ - | ଭାରତ | ବନାମ | ପାକିସ୍ତାନ |
| ୧୧ ଜୁନ୍- | ପାକିସ୍ତାନ | ବନାମ | କାନାଡ଼ା |
| ୧୨ ଜୁନ୍- | ଆମେରିକା | ବନାମ | ଭାରତ |
| ୧୪ ଜୁନ୍- | ଆମେରିକା | ବନାମ | ଆୟର୍ଲାଣ୍ଡ |
| ୧୫ ଜୁନ୍- | ଭାରତ | ବନାମ | କାନାଡ଼ା |
| ୧୬ ଜୁନ୍- | ପାକିସ୍ତାନ | ବନାମ | ଆୟର୍ଲାଣ୍ଡ |

**(ଗ୍ରୁପ୍ - ବି) ର ମ୍ୟାଚ୍ ତାଲିକା:-**

| | | | |
|---|---|---|---|
| ୨ ଜୁନ୍ - | ଓମାନ୍ | ବନାମ | ନାମ୍ବିଆ |
| ୪ ଜୁନ୍ - | ଇଂଲଣ୍ଡ | ବନାମ | ସ୍କଟଲାଣ୍ଡ |
| ୫ ଜୁନ୍ - | ଓମାନ୍ | ବନାମ | ଅଷ୍ଟ୍ରେଲିଆ |
| ୬ ଜୁନ୍ - | ନାମ୍ବିଆ | ବନାମ | ସ୍କଟଲାଣ୍ଡ |
| ୮ ଜୁନ୍ - | ଅଷ୍ଟ୍ରେଲିଆ | ବନାମ | ଇଂଲଣ୍ଡ |
| ୯ ଜୁନ୍ - | ଓମାନ୍ | ବନାମ | ସ୍କଟଲାଣ୍ଡ |
| ୧୧ ଜୁନ୍- | ନାମ୍ବିଆ | ବନାମ | ଅଷ୍ଟ୍ରେଲିଆ |
| ୧୩ ଜୁନ୍- | ଓମାନ୍ | ବନାମ | ଇଂଲଣ୍ଡ |
| ୧୫ ଜୁନ୍- | ନାମ୍ବିଆ | ବନାମ | ଇଂଲଣ୍ଡ |
| ୧୫ ଜୁନ୍- | ସ୍କଟଲାଣ୍ଡ | ବନାମ | ଅଷ୍ଟ୍ରେଲିଆ |

**(ଗ୍ରୁପ୍ - ସି) ର ମ୍ୟାଚ୍ ତାଲିକା:-**

| | | | |
|---|---|---|---|
| ୨ ଜୁନ୍ - | ଇଣ୍ଡିଜ | ବନାମ | ପାପୁଆ ନିଉଗିନି |
| ୩ ଜୁନ୍ - | ଆଫଗାନିସ୍ତାନ | ବନାମ | ଉଗାଣ୍ଡା |
| ୫ ଜୁନ୍ - | ଉଗାଣ୍ଡା | ବନାମ | ପାପୁଆ ନିଉଗିନି |
| ୭ ଜୁନ୍ - | ଆଫଗାନିସ୍ତାନ | ବନାମ | ନ୍ୟୁଜିଲାଣ୍ଡ |
| ୮ ଜୁନ୍ - | ଇଣ୍ଡିଜ | ବନାମ | ଉଗାଣ୍ଡା |
| ୧୨ ଜୁନ୍- | ଇଣ୍ଡିଜ | ବନାମ | ନ୍ୟୁଜିଲାଣ୍ଡ |
| ୧୩ ଜୁନ୍- | ଆଫଗାନିସ୍ତାନ | ବନାମ | ପାପୁଆ ନିଉଗିନି |
| ୧୪ ଜୁନ୍- | ଉଗାଣ୍ଡା | ବନାମ | ନ୍ୟୁଜିଲାଣ୍ଡ |
| ୧୭ ଜୁନ୍- | ପାପୁଆ ନିଉଗିନି | ବନାମ | ନ୍ୟୁଜିଲାଣ୍ଡ |
| ୧୭ ଜୁନ୍- | ଇଣ୍ଡିଜ | ବନାମ | ଆଫଗାନିସ୍ତାନ |

**(ଗ୍ରୁପ୍ - ଡି) ର ମ୍ୟାଚ୍ ତାଲିକା:-**

| | | | |
|---|---|---|---|
| ୩ ଜୁନ୍ - | ଶ୍ରୀଲଙ୍କା | ବନାମ | ଦକ୍ଷିଣ ଆଫ୍ରିକା |
| ୪ ଜୁନ୍ - | ନେପାଳ | ବନାମ | ନେଦରଲାଣ୍ଡସ |
| ୭ ଜୁନ୍ - | ଶ୍ରୀଲଙ୍କା | ବନାମ | ବାଂଲାଦେଶ |
| ୮ ଜୁନ୍ - | ନେଦରଲାଣ୍ଡସ | ବନାମ | ଦକ୍ଷିଣ ଆଫ୍ରିକା |
| ୧୦ ଜୁନ୍- | ଦକ୍ଷିଣ ଆଫ୍ରିକା | ବନାମ | ବାଂଲାଦେଶ |
| ୧୧ ଜୁନ୍- | ନେପାଳ | ବନାମ | ଶ୍ରୀଲଙ୍କା |
| ୧୩ ଜୁନ୍- | ନେଦରଲାଣ୍ଡସ | ବନାମ | ବାଂଲାଦେଶ |
| ୧୪ ଜୁନ୍- | ନେପାଳ | ବନାମ | ଦକ୍ଷିଣ ଆଫ୍ରିକା |
| ୧୬ ଜୁନ୍- | ନେପାଳ | ବନାମ | ବାଂଲାଦେଶ |
| ୧୬ ଜୁନ୍- | ନେଦରଲାଣ୍ଡସ | ବନାମ | ଶ୍ରୀଲଙ୍କା |

**ସୁପର୍ ଏଇଟ୍ସ (ଗ୍ରୁପ୍ -୧) ର ମ୍ୟାଚ୍ ତାଲିକା:-**

| | | | |
|---|---|---|---|
| ୨୦ ଜୁନ୍- | ସି-୧ | ବନାମ | ଏ-୧ |
| ୨୦ ଜୁନ୍- | ବି-୨ | ବନାମ | ଡି-୨ |
| ୨୨ ଜୁନ୍- | ଏ-୧ | ବନାମ | ଡି-୨ |
| ୨୨ ଜୁନ୍- | ସି-୧ | ବନାମ | ବି-୨ |
| ୨୪ ଜୁନ୍- | ବି-୨ | ବନାମ | ଏ-୧ |
| ୨୪ ଜୁନ୍- | ସି-୧ | ବନାମ | ଡି-୨ |

**ସୁପର୍ ଏଇଟ୍ସ (ଗ୍ରୁପ୍ -୨) ର ମ୍ୟାଚ୍ ତାଲିକା:-**

| | | | |
|---|---|---|---|
| ୧୯ ଜୁନ୍- | ଏ-୨ | ବନାମ | ଡି-୧ |
| ୧୯ ଜୁନ୍- | ବି-୧ | ବନାମ | ସି-୨ |
| ୨୧ ଜୁନ୍- | ବି-୧ | ବନାମ | ଡି-୧ |
| ୨୧ ଜୁନ୍- | ଏ-୨ | ବନାମ | ସି-୨ |
| ୨୩ ଜୁନ୍- | ଏ-୨ | ବନାମ | ବି-୧ |
| ୨୩ ଜୁନ୍- | ସି-୨ | ବନାମ | ଡି-୧ |

**ସେମି ଫାଇନାଲ୍:-**

| | | | |
|---|---|---|---|
| ୨୬ ଜୁନ୍- | ଗ୍ରୁପ୍ - ୧ ର ବିଜେତା | ବନାମ | ଗ୍ରୁପ୍ - ୨ ର ରନର୍ସ ଅପ୍ |
| ୨୭ ଜୁନ୍- | ଗ୍ରୁପ୍ - ୨ ର ବିଜେତା | ବନାମ | ଗ୍ରୁପ୍ - ୧ ର ରନର୍ସ ଅପ୍ |

**-:ଫାଇନାଲ୍:-**

**୨୯ ଜୁନ୍- ପ୍ରଥମ ସେମି ଫାଇନାଲ ର ବିଜେତା ବନାମ ଦ୍ୱିତୀୟ ସେମି ଫାଇନାଲ ର ର ବିଜେତା**

ଜ୍ୟୋତିଷ ବିଚାର




# ମାସିକ ରାଶିଫଳ

## (ତା: ୧୫/୫/୨୦୨୪ ରୁ ତା: ୧୪/୬/୨୦୨୪)

### ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




**ମେଷ:-** ମାସଟିରେ ସୁଖଦୁଃଖ ବାଣ୍ଟି ଚଳିବେ। କର୍ମକ୍ଷେତ୍ର ସାମାନ୍ୟ ବିଳମ୍ବିତ ହେଲେବି ଅଟକିଯିବାର ଆଶଙ୍କା ନାହିଁ। ଉନ୍ନୟନ ମୂଳକ କାର୍ଯ୍ୟପନ୍ଥାରୁ ସାମାନ୍ୟ ପଛେଇଯିବେ। ମାସର ପ୍ରଥମାର୍ଦ୍ଧ ଅପେକ୍ଷା ଦ୍ୱିତୀୟାର୍ଦ୍ଧରେ ବିଚଳିତ ହେବାର ସୂଚନା ଅଛି। ଅନ୍ୟମାନଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ଜାତହୋଇପାରେ। ଉପରିସ୍ଥ ମାନଙ୍କର କୃପା ଭାଜନ ହେବା ଯୋଗେ କଠିନ ପରିବେଶକୁ ସହଜ ସରଳ କରିହେବ। ସ୍ୱାର୍ଥ ତ୍ୟାଗ ସାଙ୍ଗକୁ ସେବା ମନୋବୃତ୍ତି ଦ୍ୱାରା ଆତ୍ମସନ୍ତୋଷ ଓ ଅନ୍ୟମାନଙ୍କର ଶୁଭେଚ୍ଛା ଲାଭ କରିବେ। ଅଯଥା ଆଲୋଚନାରେ କିଛି ସମୟ ବ୍ୟର୍ଥ ଯାଇପାରେ। ସାମାଜିକ ସ୍ତରରେ ହୀନମନ୍ୟତାର ଶିକାର ହେବାର ନାହିଁ। ଭବିଷ୍ୟତର ଉନ୍ନତିରେ ଚେଷ୍ଟିତ ହେବେ। ବେପାର ବାଣିଜ୍ୟର ଧାରା ପୂର୍ବବତ୍ ଚାଲୁରହିବ। ଆର୍ଥୀକ ଦିଗ ଗୁଜୁରାଣ ମେଣ୍ଟାଇବା ନିମିତ୍ତ ଦୁର୍ବଳ ହେବାର ନାହିଁ। ବିବାଦୀୟ କ୍ଷେତ୍ରରେ ଚତୁରତା ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ। ବନ୍ଧୁମିଳନର ଯୋଗ ଅଛି। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଅଣ୍ଟାଦୋଷ ଓ ପିତ୍ତଦୋଷ ଆକ୍ରାନ୍ତ କରିବ। ପରିବାର ସ୍ତରରେ ବିଚଳିତ ହେବାର ନାହିଁ। ମହିଳାମାନେ ପରିବାରର ମୁଖ୍ୟ ଭୂମିକା ନିର୍ବାହ କରି ସମ୍ମାନ ଓ ଆଦରର ପାତ୍ର ବନିବେ। ବିଦ୍ୟାର୍ଥୀମାନେ ଉତ୍ତମଫଳର ଉପଭୋକ୍ତା ହେବେ। ଅଶୁଭ ଦିବସ:- ୧୫, ୨୬, ୨୭, ୫, ୬, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୩, ୨୪, ୨୫ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।



**ବୃଷ:-** ଆପଣଙ୍କ ନିମିତ୍ତ ମାସଟି ଶୁଭଦାୟକ ହେବାର ଆଶା ଅଧିକ। ବହୁ କନ୍ଦଳ ଓ ସମସ୍ୟାର ସମାଧାନ ଯୋଗେ ଶାନ୍ତି ମିଳିବ। କର୍ମକ୍ଷେତ୍ରର ଗତି ଯଥା ସମ୍ଭବ ସରଳ ହେବ। କର୍ତ୍ତବ୍ୟ ସଂପାଦନରେ ଅଗ୍ରଣୀ ଭୂମିକା ନିର୍ବାହ କରିବେ। ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ଯୋଗେ ଆନନ୍ଦ ଅନୁଭବ କରିବେ। ମନରେ ଉତ୍ସାହ ଓ ସାହାସ ଭରିଯିବା କାରଣରୁ କର୍ମ ନିମିତ୍ତ ଉତ୍ସାହ ପରିଲକ୍ଷିତ ହେବ। ପୁରୁଣା କାମର ପୂର୍ଣ୍ଣତା ପ୍ରଦାନ କରି ଆତ୍ମ ସନ୍ତୋଷ ଅନୁଭବ କରିବେ। ଧାର କରଜ ଶୁଝିବା ନିମିତ୍ତ ସୁଯୋଗ ମିଳିବ। ଉପାର୍ଜନ ତୁଳନାରେ ଖର୍ଚ୍ଚର ପରିମାଣ ଅଧିକ ହେବ। ବନ୍ଧୁ ସମାଗମର ଯୋଗ ଅଛି। ସାମାଜିକ ସ୍ତରରେ ଲୋକାଦୃତିରେ ବୃଦ୍ଧି ଘଟିବ। ବଡ଼ ଲୋକଙ୍କ ସଂପର୍କରୁ ଲାଭବାନ ହେବେ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ଉନ୍ନତି ଘଟିବ। ଗୁରୁଜନ ଓ ଆତ୍ମୀୟମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିପାରେ। ଶତ୍ରୁମାନେ ହଇରାଣ କରିବାକୁ ଚେଷ୍ଟା କରି ଅସଫଳ ହେବେ। ଆର୍ଥୀକ ଦିଗ ମଧ୍ୟମ ଧରଣର ରହିବ। ଚିନ୍ତା ଯୋଗେ ପେଟ ଓ ମୁଣ୍ଡଦୋଷ ଦେଖାଦେଇପାରେ। ପାରିବାରିକ ସ୍ତର ଶାନ୍ତିପ୍ରଦ ହେବ। ଦାୟିତ୍ୱର ଚାପ ବଢ଼ିପାରେ। ମହିଳାମାନେ ଧର୍ମ କାର୍ଯ୍ୟରେ ମତି ବଳାଇବେ। ପରିବାରର ଉନ୍ନତିରେ ଚେଷ୍ଟିତ ହେବେ। ବିଦ୍ୟାର୍ଥୀମାନେ ସମୟର ସୁବିନିଯୋଗ କରିବେ।

ଅଶୁଭ ଦିବସ:- ୧୬, ୧୭, ୨୮, ୨୯, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୬, ୨୭ ଘାତଚନ୍ଦ୍ର:- ୧୮, ୧୯, ୨୦ ବାକିଦିନ ଶୁଭ।



**ମିଥୁନ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ହେବ। ମାସର ଶେଷାର୍ଦ୍ଧରେ ଶୁଭର ପରିମାଣ ଅଧିକ ହେବ। ବହୁ କଠିନ ସମସ୍ୟାର ସମାଧାନ କରି ଆଶ୍ୱସ୍ତି ହେବେ। କର୍ମକ୍ଷେତ୍ର ସାମାନ୍ୟ ମାନ୍ଦାଗତି ଧାରଣ କରିବ। ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନଙ୍କ ସହାୟତା ଯୋଗେ କାର୍ଯ୍ୟ ସାଧନ ସହଜହେବ। ଉପରିସ୍ଥ ମାନଙ୍କଠାରୁ ଆବଶ୍ୟକ ସ୍ଥଳେ ସହାନୁଭୂତି ପ୍ରାପ୍ତ ହେବାରେ ଅଭାବ ଘଟିବ ନାହିଁ। ଠକାମି ଓ ପ୍ରତାରଣା ପ୍ରତି ସଚେତନତାର ଆବଶ୍ୟକତା ଅଛି। ବେପାର ବାଣିଜ୍ୟରେ ନୂତନ କୌଶଳ ଅବଲମ୍ବନ କରି ନୂଆ ରୂପ ଦେବେ। ଆର୍ଥୀକ ଦିଗ ଦୁର୍ବଳ ହେବାର ନାହିଁ। ସାମାଜିକ ସ୍ତରରେ ଲୋକଙ୍କ ସହିତ ରହି ଆଦର ସାଉଁଟିବାର ସମୟ। ବିବାଦୀୟ କ୍ଷେତ୍ର ପ୍ରତି ତୀକ୍ଷ୍ଣ ନଜର ଦେଲେ ଖାଲରେ ପଡ଼ିବେ ନାହିଁ। ବନ୍ଧୁ ମେଳରେ ସମୟ ବିତାଇବେ। ମାଙ୍ଗଳିକ କାର୍ଯ୍ୟ ସାଧନ ନିମିତ୍ତ ଉପଯୁକ୍ତ ସମୟ।

ଭ୍ରମଣ ଯୋଗ ଅଛି । ଦେହ ଓ ମନ ପ୍ରାୟ ଠିକ୍‌ଠାକ୍ ରହିଲେବି ଥଣ୍ଡାଦୋଷ ଓ ଝାଡ଼ାରୋଗ ଦେଖାଦେଇପାରେ । ପାରିବାରିକ ଅବସ୍ଥା ବୁଝାମଣା ଉପରେ ନିର୍ଭର କରେ । ମହିଳାମାନେ ଆନୁଷ୍ଠାନିକ କର୍ମରେ ସଫଳତା ପାଇବେ । ମନୋ କାମନା ପୂରଣ କରିବେ । ପରିବାରରେ ପ୍ରାଧାନ୍ୟ ବୃଦ୍ଧି ପାଇବ । ବିଦ୍ୟାର୍ଥୀମାନେ ନିଜକୁ ଗଢ଼ିବାର ଯୋଜନା ପ୍ରସ୍ତୁତ କରିବେ ।

ଅଶୁଭ ଦିବସ:- ୧୮, ୧୯, ୨୦ ଅଷ୍ଟମଚନ୍ଦ୍ର:- ୨୮, ୨୯ ଘାତଚନ୍ଦ୍ର:- ୩୦, ୩୧ ବାକିଦିନ ଶୁଭ ।



**କର୍କଟ:-** ସୁଖ ଦୁଃଖକୁ ଆପଣାର କରି କର୍ତ୍ତବ୍ୟ ପଥରେ ଆଗେଇବେ । ଈଶ୍ୱରାଭିମୁଖୀ ହୋଇ କର୍ମକୁ ପ୍ରାଧାନ୍ୟ ଦେବା ଯୋଗେ ଅନେକ ନକାରାତ୍ମକ ପରିବେଶ ଅଚିରେ ଉଭେଇଯିବ । କର୍ମକ୍ଷେତ୍ରରେ ପ୍ରତିରୋଧ ଦେଖାଦେଲେବି ତାହାକୁ ଏଡ଼ାଇ ଆଗକୁ ମାଡ଼ିଚାଲିବାରେ ଅସୁବିଧା ଉପୁଜିବ ନାହିଁ । ଶତୃମାନେ ଚଲାପଥରେ କଣ୍ଟା ବିଛାଇପାରନ୍ତି । ମାସର ଦ୍ୱିତୀୟାର୍ଦ୍ଧରେ ପରିବର୍ତ୍ତନର ପଦଧ୍ୱନି ଅନୁଭବ କରିହେବ । ସ୍ତ୍ରୀ ଲୋକଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ସମ୍ଭବ ହେବ । ସାମାଜିକ ସ୍ତରରେ ମାନ ସମ୍ମାନ ପ୍ରତି ବିପଦ ଆସିବାର ନାହିଁ । ବେପାର ବାଣିଜ୍ୟରେ ମନୋନିବେଶ କରି ଲାଭବାନ ହେବେ । ସ୍ୱଭାବ ଓ ଚରିତ୍ରର ସଂଶୋଧନ ଯୋଗେ ଶାନ୍ତି ପାଇବେ । ଆର୍ଥୀକ ଦିଗ ସବଳ ହେବା ଯୋଗେ ଧାର ଉଧାର ପରିଶୋଧରେ ସମର୍ଥ ହେବେ । ନିର୍ମାଣ କାର୍ଯ୍ୟ ଚାଲୁରହିବ । ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ଘଟିବ । ଦେବଦର୍ଶନ ଯୋଗେ ଶାନ୍ତି ପାଇବେ । ଥଣ୍ଡା ଓ ପେଟରୋଗ ସାଙ୍ଗକୁ ଚକ୍ଷୁରୋଗ ଦେଖାଦେବ । ପାରିବାରିକ ପରିସ୍ଥିତି ଉତ୍ସାହପ୍ରଦ ହେବ । ମହିଳାମାନେ ଧନ ସଞ୍ଚୟ ପ୍ରତି ଧ୍ୟାନଦେବେ । ବ୍ୟକ୍ତିତ୍ୱ ବୃଦ୍ଧିପାଇବ । ଉପଯୁକ୍ତ ବିଚାର ଯୋଗେ ପ୍ରାଧାନ୍ୟ ବୃଦ୍ଧିପାଇବ । ବିଦ୍ୟାର୍ଥୀମାନେ କର୍ମ ସଫଳତା ଯୋଗେ ଆନନ୍ଦ ପାଇବେ ।

ଅଶୁଭ ଦିବସ:- ୨୧, ୨୨, ୨୩, ୨୪, ୨୫, ୧, ୨, ୮, ୯ ଅଷ୍ଟମଚନ୍ଦ୍ର:- ୩୦, ୩୧ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ବାକିଦିନ ଶୁଭ ।



**ସିଂହ:-** ମାସଟିରେ ଶୁଭାଶୁଭ ମିଶ୍ରିତଫଳ ଭୋଗ କରିବେ । ପ୍ରଥମାର୍ଦ୍ଧ ଅପେକ୍ଷା ଦ୍ୱିତୀୟାର୍ଦ୍ଧଟି ବିଶେଷ ଶୁଭଦାୟକ ହେବା ଅନୁମିତ । କର୍ମକ୍ଷେତ୍ରର ଗତି ଜଟିଳ ହେବନାହିଁ । ସରକାରୀ କଳରୁ ତଥା ଉପରିସ୍ଥ ମାନଙ୍କ ସ୍ନେହଭାଜନ ହେବା ଯୋଗେ ଉତ୍ସାହର ସହିତ କର୍ମପଥରେ ଆଗେଇବେ । ଚଉଆଖିଆ ହୋଇ ସ୍ଥିରଚିତ୍ତରେ କର୍ମ ସଞ୍ଚାଳନ କରିବେ । ଦୈବୀକୃପା ଯୋଗେ ଜଟିଳ କାର୍ଯ୍ୟକୁ ଅକ୍ଳେଶରେ ସାଧନ କରିପାରନ୍ତି । ପରୋପକାରରେ କିଛି ସମୟ ବିନିଯୋଗ କରି ତୃପ୍ତି ଅନୁଭବ କରିବେ । ସାମାଜିକ ସ୍ତରରେ ବ୍ୟକ୍ତିତ୍ୱ ପରିବର୍ତ୍ତନ ହେବ । ଲୋକ ସଂପର୍କରେ ସୁଧାର ଆସିବ । ବେପାର ବାଣିଜ୍ୟରେ ମନଊଣା ହେବାର ନାହିଁ । ନିଜ ଇଚ୍ଛାମତେ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ଆର୍ଥୀକ ଦିଗ ଦୃଢ଼ ରହିବ । ବନ୍ଧୁ ଓ ଆତ୍ମୀୟମାନଙ୍କ ଯୋଗେ ଅର୍ଥ ଖର୍ଚ୍ଚ ହେବାର ସୂଚନା ମିଳୁଛି । ଖାଦ୍ୟପେୟ ଓ ବିଶ୍ରାମରେ ନିୟମିତତା ହେବା ଆବଶ୍ୟକ । ମୂଲ୍ୟବାନ ଦ୍ରବ୍ୟ କ୍ରୟର ସୂଚନା ଅଛି । ମାଙ୍ଗଳିକ କାର୍ଯ୍ୟରେ ପ୍ରମୁଖତା ବୃଦ୍ଧିପାଇବ । ବାୟୁଦୋଷ ସାଙ୍ଗକୁ ଉଚ୍ଚ ରକ୍ତଚାପ ସନ୍ତୁଳିତ କରିପାରେ । ପାରିବାରିକ ସମସ୍ୟା ସରଳୀକୃତ ହେବ । ମହିଳାମାନେ ଆତ୍ମ ନିର୍ଭରଶୀଳ ହେବେ । ସାମାଜିକ ସ୍ତରରେ ଆଗୁଆ ହେବେ । ଉପଢୌକନ ପ୍ରାପ୍ତିଯୋଗ ଅଛି । ବିଦ୍ୟାର୍ଥୀମାନେ ଶିକ୍ଷା ଅର୍ଜନ ଅପେକ୍ଷା ବିତ୍ତ ଅର୍ଜନରେ ଅଭିଳାଷୀ ହେବେ ।

ଅଶୁଭ ଦିବସ:- ୧୫, ୨୬, ୨୭, ୩, ୪, ୧୦, ୧୧ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ ।



**କନ୍ୟା:-** ଆପଣଙ୍କ ନିମିତ୍ତ ମାସଟି ମିଶ୍ରିତ ଫଳ ଦାୟକ ହେଲେବି ଶୁଭତ୍ୱର ପରିମାଣ ଅଧିକ ହେବ । ଚେଷ୍ଟା ଚରିତ୍ର ଯୋଗେ କର୍ମକ୍ଷେତ୍ରରେ ଅଗ୍ରଗତି କରିବାର ସୁଅବସର ମିଳିବ । ଗଠନମୂଳକ କାର୍ଯ୍ୟରେ ଉତ୍ତମ ମନୋନିବେଶ କରି ଆତ୍ମ ସନ୍ତୋଷ ପ୍ରାପ୍ତ ହେବେ । ସରକାରୀ କଳରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ମିଳିବା ଯୋଗେ ସାହାସ ଓ ଆଗ୍ରହ ବୃଦ୍ଧି ପାଇବ । ଯାନବାହାନରେ ସତର୍କତା ଅବଲମ୍ବନ କରିବା ଜରୁରୀ । ପଡ଼ୋଶୀମାନଙ୍କ ସହିତ ବୁଝାମଣାରେ ତାଳମେଳ ରହିନପାରେ । ଆପଣଙ୍କର ଉନ୍ନତିରେ କେତେକ ଅସହିଷ୍ଣୁ ହୋଇପାରନ୍ତି । । ବେଳେବେଳେ ମନର କଥା ମନରେ ମାରିବାକୁ ପଡ଼ିବ । ସାମାଜିକ ସ୍ତରରେ ସ୍ୱତନ୍ତ୍ର ମାନ୍ୟତା ବଜାୟ ରଖିବେ । ବେପାର ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱୀମାନେ ରହିଲେବି କାରବାରରେ ବାଧା ଉପୁଜିବ ନାହିଁ । ପରିଶ୍ରମ ଅଧିକ ହେଲେବି ଫଳ ପ୍ରାପ୍ତିରେ ନ୍ୟୁନତା ଘଟିବ ନାହିଁ । ଆର୍ଥୀକ ଦିଗ ଅସହାୟତା ଆଣିବ ନାହିଁ, ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଆତଙ୍କିତ ହେବାର ନାହିଁ । ପାରିବାରିକ ଆନନ୍ଦ ଅନୁଭବ କରିବେ । ମହିଳାମାନେ ଚିନ୍ତାକୁ ନିୟନ୍ତ୍ରଣରେ ରଖି ପାରିବାରିକ ଓ ସାମାଜିକ ସ୍ତରରେ ଉନ୍ନତି ବିଧାନ କରିବେ । ବିଦ୍ୟାର୍ଥୀମାନେ ଆଶାଠାରୁ ସାମାନ୍ୟ ପଛେଇଯାଇପାରନ୍ତି ।

ଅଶୁଭ ଦିବସ:- ୧୬, ୧୭, ୨୮, ୨୯, ୫, ୬, ୭, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୮, ୯ ବାକିଦିନ ଶୁଭ ।



**ତୁଳା:-** ମାସଟି ଆପଣଙ୍କ ନିମିତ୍ତ ମଧ୍ୟମ ଶୁଭଦାୟକ ହେବ । ଜଗିରଖି କାର୍ଯ୍ୟକଲେ ଦୁର୍ଶ୍ଚିନ୍ତାର ଶିକାର ହେବେନାହିଁ । ବିବାଦୀୟ ପରିସ୍ଥିତି ସହିତ ସଂଘର୍ଷ ଜାରିରଖି ପ୍ରତ୍ୟେକ କ୍ଷେତ୍ରରେ ନିଜର ନିଜତ୍ୱ ବଜାୟ ରଖିପାରିବେ । ଶତୃମାନଙ୍କ ଚକ୍ରାନ୍ତ କାର୍ଯ୍ୟକାରୀ ହେବନାହିଁ । ଉପରିସ୍ଥ ମାନଙ୍କଠାରୁ ପ୍ରଶଂସା ଲାଭକରି କର୍ମପଥରେ ଉତ୍ସାହର ସହିତ ଅଗ୍ରଗତି କରିବେ । ବଚନ ସଂଯମତା ଓ କୁଶଳତା କାର୍ଯ୍ୟ ସାଧନରେ ସହାୟକ ହେବ । ପୁରୁଣା କାର୍ଯ୍ୟର ପୂର୍ଣ୍ଣତା ଦେବେ । ସାମାଜିକ ସ୍ତରରେ ଭାବମୂର୍ତ୍ତି ଅମଳିନ ରହିବ । ଆର୍ଥୀକ ଦିଗପ୍ରତି ବିଶେଷ ଚିନ୍ତିତ ହେବାର ନାହିଁ । ବେପାର ବାଣିଜ୍ୟର ଧାରା ପୂର୍ବବତ


ଚାଲୁରହିବ। ବନ୍ଧୁ ଓ ଆତ୍ମୀୟମାନେ ସହଯୋଗର ହାତ ବଢ଼ାଇବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦିତ ହେବେ। ଭ୍ରମଣ ଓ ଦେବଦର୍ଶନର ସୁଯୋଗ ମିଳିବ। ବେଳେବେଳେ ମନରେ ଅଜଣା ଭୟ ସଞ୍ଚାରିତ ହୋଇପାରେ। ଦୈବୀକୃପା ଲାଭକରି କଷ୍ଟକର ପରିବେଶରୁ ସହଜ ଉଦ୍ଧାର ପାଇବେ। ବାତପିତ୍ତ ଦୋଷ ସାଙ୍ଗକୁ ଚକ୍ଷୁପୀଡ଼ା ଆକ୍ରାନ୍ତ କରିପାରେ। ଛୁଆପିଲା ମାନଙ୍କ ନିମିତ୍ତ ଚିନ୍ତା ବଢ଼ିବ। ପାରିବାରିକ ବିଶୃଙ୍ଖଳା ଘଟିବାର ନାହିଁ। ମହିଳାମାନେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସଂପାଦନ କରିବେ। ଲୋଭର ବଶବର୍ତ୍ତୀ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ମନ ସନ୍ତୋଷ କରିବାର ଖୋରାକ ପାଇବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୨୩, ୨୪, ୨୫, ୩୦, ୩୧ ଅଷ୍ଟମଚନ୍ଦ୍ର:- ୫, ୬, ୭ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।



**ବିଛା:-** ପୂର୍ବବର୍ତ୍ତୀ ମାସ ଅପେକ୍ଷା ଚଳିତ ମାସରେ ଆପଣଙ୍କ ନିମିତ୍ତ ଶୁଭଫଳ ମିଳିବାର ଆଶା ଅଧିକ। ଶୁଭଫଳର ଉପଭୋକ୍ତା ହେବା କାରଣରୁ ମନରେ ଉତ୍ସାହ ଓ ପ୍ରଫୁଲ୍ଲତା ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ନିଳରସ ଭାବ ପୋଷଣ କରି ଆଗୁଆ ରହିବେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟକର ହେବନାହିଁ। ଗତିପଥରେ କିଛି ସମସ୍ୟା ଘେରିବାଯୋଗେ ସାମୟିକ ବିବ୍ରତ ଅନୁଭବ କଲେବି ଐଶ୍ୱରୀକୃପା ଯୋଗେ ତାହାର ଆଶୁ ସମାଧାନ ହେବ। ଉପରିସ୍ଥ ମାନଙ୍କର ଶ୍ରଦ୍ଧାଭାଜନ ହେବେ। ବକେୟା ଅର୍ଥ ହାତକୁ ଆସିବା ସହିତ ଆକସ୍ମିକ ଧନଲାଭର ଯୋଗ ଅଛି। ସାମାଜିକ ସ୍ତରରେ ଲୋକାଦୃତିର ବୃଦ୍ଧି ଘଟିବ। ବିବାଦୀୟ କ୍ଷେତ୍ର ଆପଣଙ୍କ ସପକ୍ଷରେ ଯିବ। ବେପାର ବାଣିଜ୍ୟରେ ଉନ୍ନତି ପ୍ରାୟ ନିଶ୍ଚିତ। ଉତ୍ତମ ପୋଷାକ ଓ ଖାଦ୍ୟପେୟ ମିଳିବ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ବହୁଦିନର ଅବଶୋଷ ମେଣ୍ଟିଯିବ। ଉତ୍ସବାଦି କର୍ମରେ ସାମିଲ ହେବେ। ପୁରାତନ ରୋଗ ବ୍ୟାଧିରୁ ଉଦ୍ଧାର ପାଇପାରନ୍ତି। ବିଶ୍ରାମର ଆବଶ୍ୟକତା ଅଛି। ଗଣ୍ଠିବାତ ଓ ସ୍ନାୟବିକ ଯନ୍ତ୍ରଣା ବ୍ୟଥିତ କରିପାରେ। ପାରିବାରିକ ପରିସ୍ଥିତି ବହୁ ସୁଧାର ହେବ। ମହିଳାମାନେ ଚଉଆଖିଆ ହୋଇ ନିଜର ତଥା ପରିବାରର ଉନ୍ନତିରେ ଯଥା ସାଧ୍ୟ ଉଦ୍ୟମଶୀଳ ହେବେ। ଖୁସି ବାଣ୍ଟିବାର ସମୟ। ବିଦ୍ୟାର୍ଥୀମାନେ ନିଜ ବାଟରେ ପ୍ରାଧାନ୍ୟତା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୨୧, ୨୨, ୨୬, ୨୭, ୧, ୨ ଅଷ୍ଟମଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୫, ୬, ୭ ବାକିଦିନ ଶୁଭ।




**ଧନୁ:-** ଗତାନୁଗତିକ ଭାବେ କାର୍ଯ୍ୟଧାରା ଚାଲୁ ରହିଲେବି ମାସର ଦ୍ୱିତୀୟାର୍ଦ୍ଧରେ ପରିବର୍ତ୍ତନ ଘଟିବ। ଆଭା, ପ୍ରଭା ଓ ପ୍ରତିଭା ବିକଶିତ ହେବାର ମଉକା ମିଳିବ। ଅନୁକୂଳ ବାତାବରଣର ଉଦ୍ରେକ ହେବା ଯୋଗେ ଆଶ୍ୱସ୍ତି ଓ ଆତ୍ମତୃପ୍ତି ଲାଭ କରିବେ। କର୍ମ ଅଟକିବ ନାହିଁ। ବାଧା, ପ୍ରତିରୋଧ, ବିଘ୍ନ ଓ ଶତ୍ରୁମାନଙ୍କର ଚକ୍ରାନ୍ତକୁ ଏଡ଼ାଇ ଆଗେଇବାରେ କର୍ମର ଧାରା ସାମାନ୍ୟ ବିଳମ୍ବିତ ହୋଇପାରେ। ଧୈର୍ଯ୍ୟ ଓ ଦୈବୀକୃପା ଯୋଗେ ସମସ୍ତ ପ୍ରକାରର ନକାରାତ୍ମକ ପରିବେଶ ଅପସାରିତ ହେବ। ନୂତନ ଦ୍ରବ୍ୟ କ୍ରୟ କରିବାରେ ଆଗଭର ହେବେ। ମନର ସ୍ଥିତିକୁ ଆୟତ୍ତରେ ରଖିହେବ। ସାମାଜିକ ସ୍ତରରେ ପ୍ରଶଂସିତ ହେବାର ଆଶା ଉଜ୍ଜ୍ୱଳ। ବେପାର ବାଣିଜ୍ୟରେ ନିଶ୍ଚିତ ଭାବେ କିଛିବାଟ ଆଗେଇଯିବେ। ଦୂର ସଂପର୍କୀୟମାନେ ସାହାଯ୍ୟର ହାତ ବଢ଼ାଇବେ। ଆର୍ଥୀକ ଦିଗ ଚିନ୍ତିତ କରାଇବ ନାହିଁ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ। ଭ୍ରମଣ ଯୋଗେ ଶାନ୍ତି ମିଳିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢ଼ାଇପାରେ। ଉଚ୍ଚ ରକ୍ତଚାପ ସାଙ୍ଗକୁ ଆଳସ୍ୟ ବୋଧ ପରିଲକ୍ଷିତ ହେବ। ବ୍ୟୟର ପରିମାଣ ବୃଦ୍ଧିପାଇବ। ପାରିବାରିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ମହିଳାମାନେ ମନରେ ଏଣୁତେଣୁ ଚିନ୍ତାକୁ ସ୍ଥାନଦେବେ। ପତିଆରା ଊଣାହେବନାହିଁ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେବେ।

ଅଶୁଭ ଦିବସ:- ୨୮, ୨୯, ୩, ୪ ଅଷ୍ଟମଚନ୍ଦ୍ର:- ୧୫, ୧୦, ୧୧ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ।



**ମକର:-** ଆପଣଙ୍କ ନିମିତ୍ତ ମାସଟି ପୂର୍ବାପେକ୍ଷା ଶୁଭଦାୟକ ହେବ। ସମସ୍ୟାମାନ ଅପସରି ଯିବା କାରଣରୁ ମନରେ ଦମ୍ଭ ଓ ସାହାସ ବୃଦ୍ଧିପାଇବ। ଉନ୍ନତି ଦିଗକୁ ଅଗ୍ରସର ହେବା ନିମିତ୍ତ ପଥ ପରିଷ୍କାର ହେବ। ବିବଦମାନ ସ୍ଥିତି ପଛରେ ଲାଗିରହିବା ଯୋଜନା ବିଶୃଙ୍ଖଳା ଯୋଗେ ଘଟିବା ସହିତ କର୍ମର ଗତି ସାମାନ୍ୟ ମନ୍ଥର ହୋଇପାରେ। ଆପଣା କ୍ଷେତ୍ରରେ ପ୍ରଭୁତ୍ୱପଣ ପ୍ରତିଷ୍ଠା ଅର୍ଜନରେ ଭଟ୍ଟା ପଡ଼ିବାର ନାହିଁ। କେତେକ କ୍ଷେତ୍ରରେ ଶାନ୍ତ ରହି ନୀରବତାର ସହିତ କାର୍ଯ୍ୟ ସାଧନ କରିଚାଲିବେ। ଉପରିସ୍ଥ ମାନଙ୍କଠାରୁ ସାହାଯ୍ୟ ସହଯୋଗ ଆଶା କରିହେବ। ଭୋଗ ବିଳାସର ସାଧନ ପ୍ରାଚୁର୍ଯ୍ୟ ହାତପାହାନ୍ତାରେ ଉପଲବ୍ଧ ହେବ। ବେପାର ବାଣିଜ୍ୟରୁ ଦୁଇପଇସା ହାତରେ ରଖିପାରିବେ। ସାମାଜିକ ସ୍ତରରେ କାହାରି ଅଙ୍ଗୁଳି ନିର୍ଦ୍ଦେଶର ଆଶଙ୍କା ନାହିଁ। ଶତ୍ରୁମାନେ ଅପଦସ୍ତ ହେବେ। ସୌଖୀନ ଓ ବିଳାସପୂର୍ଣ୍ଣ ଦ୍ରବ୍ୟର ଅଧିକାର ମିଳିବ। ଆନୁଷ୍ଠାନିକ କର୍ମକୁଶଳତା ବୃଦ୍ଧିପାଇବା ଯୋଗେ ଉତ୍ସାହିତ ହେବେ। ଦୂର ଭ୍ରମଣ କରିପାରନ୍ତି। ଚିଡ଼ିଚିଡ଼ା ସ୍ୱଭାବକୁ ପରିହାର କଲେ ଆଦର ମିଳିବ। ଚକ୍ଷୁପୀଡ଼ା ଓ ପିତ୍ତ ସମସ୍ୟା ଦେଖାଦେବ। ପାରିବାରିକ ସୁଖରେ ବାଧା ଉପୁଜିବ ନାହିଁ। ମହିଳାମାନେ ଈଶ୍ୱର ବିଶ୍ୱାସ ଆଡ଼କୁ ଢଳିବେ। ସନ୍ତାନ ମାନଙ୍କ ନିମିତ୍ତ ଚିନ୍ତା ବଢ଼ିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ।

ଅଶୁଭ ଦିବସ:- ୩୦, ୩୧, ୫, ୬, ୭ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କୁ ଶୁଭଫଳ ଦେବାରେ ସହାୟକ ହେବ। ଶତ୍ରୁମାନଙ୍କୁ କଳେବଳେ କୌଶଳେ ଆୟତ୍ତ କରି କର୍ମପଥରେ ଅଗ୍ରସର ହେବେ। ପୁରୁଣା କାର୍ଯ୍ୟର ସମାଧାନ କରି ନୂତନଭାବେ କର୍ମ ସଂପାଦନ କରିବାର ପ୍ରଚେଷ୍ଟା ଜାରି ରଖିବେ।

ଆର୍ଥୀକ ଅବସ୍ଥା ପୂର୍ବ ତୁଳନାରେ ସୁଧାର ହେବ। ସରକାରୀ ସ୍ତରରୁ ଆବଶ୍ୟକୀୟ ସୁବିଧା ସୁଯୋଗ ହାତକୁ ଆସିପାରେ। ମନର ସ୍ଥିରତା ଯୋଗେ କର୍ମ କରିବାର ଆଗ୍ରହ ପରିଲକ୍ଷିତ ହେବ। ଖଳ ଲୋକଙ୍କ ପୀଡ଼ାରୁ ଉଦ୍ଧାରପାଇ ସରଳ ଜୀବନଚର୍ଯ୍ୟାକୁ ଆପଣେଇନେବେ। ଯାନବାହାନ ସୁଖ ସହିତ ଭୋଗ ବିଳାସର ପ୍ରାଚୁର୍ଯ୍ୟ ଉପଲବ୍ଧ ହେବ। କୌଶଳ ଅବଲମ୍ବନ କରି ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ। ଅପବ୍ୟୟ ଯୋଗେ ଚିନ୍ତା ବୃଦ୍ଧିପାଇବ। ସାମାଜିକ ସ୍ତରରେ ହୀନମନ୍ୟତାର ଶିକାର ହେବେ ନାହିଁ। ବେପାର ବାଣିଜ୍ୟ ଯଥା ସମ୍ଭବ ଉନ୍ନତି ଆଡ଼କୁ ଅଗ୍ରସର ହେବ। ଘର ଅପେକ୍ଷା ବାହାରେ ଅଧିକ ସମୟ ବିତାଇବେ। ଭୋଗ ବିଳାସ ପାଇଁ ସାଧନ ଥିଲେବି ଅଏସ କରିବା ନିମିତ୍ତ ସମୟର ଅଭାବ ଘଟିବ। ଭବିଷ୍ୟତ ଯୋଜନାରେ ନିଜକୁ ସାମିଲ କରିବେ। ମୋଟା ଅଙ୍କର ଅର୍ଥ ହାତକୁ ଆସିବ। ଶର୍ଦ୍ଦିଶ୍ଳେଷ୍ମା ସହିତ ଅମ୍ଳଦୋଷ ଦେଖାଦେବ। ପାରିବାରିକ ଜୀବନ ସୁରୁଖୁରୁରେ ଚାଲିବ। ମହିଳାମାନେ ଅନୁକୂଳ ସମୟର ଆଭାସ ପାଇବେ। ଭୋଗପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ସ୍ୱାତନ୍ତ୍ରତା ହାସଲ କରିବେ।

ଅଶୁଭ ଦିବସ:- ୧, ୨ ଅଷ୍ଟମଚନ୍ଦ୍ର:- ୧୮, ୧୯, ୨୦ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।

**ମୀନ:-** ଆପଣଙ୍କ ନିମିତ୍ତ ମାସଟି ଶୁଭାଶୁଭ ମିଶ୍ରିତ ଫଳ ବହନ କରିବ। ମଝିରେ ମଝିରେ ଦୁଶ୍ଚିନ୍ତାର ଶିକାର ହେଲେ ଆଶ୍ଚର୍ଯ୍ୟ ଚକିତ ହେବାରନାହିଁ। କ୍ଲାନ୍ତି ଓ ଅବସନ୍ନତାର ଦାପଟରେ ପଡ଼ି ଶାନ୍ତି ହରାଇ ପାରନ୍ତି। କର୍ତ୍ତବ୍ୟ ନିର୍ବାହରେ ଯଥେଷ୍ଟ ଧୈର୍ଯ୍ୟର ଆବଶ୍ୟକତା ଅଛି। କର୍ମର ଗତି ଶିଥିଳ ହୋଇପାରେ ମାତ୍ର ଅଟକିବାର ଆଶଙ୍କା ନାହିଁ। ବୈଷୟିକ ଦିଗରୁ ଶାନ୍ତି ସନ୍ତୋଷ ପ୍ରାପ୍ତି ଆଶା କରାଯାଇପାରିବ। ଉପରିସ୍ଥ ମାନଙ୍କୁ ସନ୍ତୁଷ୍ଟ କରାଇପାରିଲେ କର୍ମର ଗତି ସରଳହେବ। ଆଶାର ପ୍ରାବଲ୍ୟତା ବୃଦ୍ଧିପାଇବ। କର୍ମ ସଂପାଦନରେ ସମର୍ଥ ହେବେ। ଦୂର ସଂପର୍କୀୟ ମାନେ ସାହାଯ୍ୟର ହାତ ବଢ଼ାଇବେ। ବିବାଦୀୟ କ୍ଷେତ୍ରରେ ସଫଳତାର ଆଶା ଅଧିକ। ସାମାଜିକ କ୍ଷେତ୍ରରେ ପ୍ରଶଂସା ପାଇବା ଊଣାହେବ ନାହିଁ। ପଡ଼ୋଶୀମାନେ ନିର୍ଭରଶୀଳ ହେବେ। ବେପାର ବାଣିଜ୍ୟରେ ଅନ୍ୟମାନଙ୍କୁ ପଛରେ ପକାଇପାରନ୍ତି। ଆୟ ତୁଳନାରେ ବ୍ୟୟ ଅଧିକ ହେଲେବି ସତ୍‌ବାଟରେ ଖର୍ଚ୍ଚ ହେବ। ସୌଖୀନ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ। ପତିତ ଅର୍ଥ ହାତକୁ ଆସିବାର ସମୟ। ଦେବଦର୍ଶନ ଓ ବନ୍ଧୁ ସମାଗମ ଯୋଗ ଅଛି। ପେଟ ଗୋଳମାଳ ସାଙ୍ଗକୁ ଗଳାରୋଗ ଦେଖାଦେବ। ପାରିବାରିକ ଜୀବନ ଶ୍ରଦ୍ଧାଯୁକ୍ତ ହେବ। ମହିଳାମାନଙ୍କ ଖର୍ଚ୍ଚ ହେବେ। କ୍ରୋଧକୁ ନିୟନ୍ତ୍ରଣ କଲେ ଶାନ୍ତି ପାଇବେ। ଭବିଷ୍ୟତ ଯୋଜନାରେ ସାମିଲ ହେବେ। ବିଦ୍ୟାର୍ଥୀମାନେ ଉଚ୍ଚତର ସୋପାନକୁ ଆୟତ୍ତ କରିବେ।

ଅଶୁଭ ଦିବସ:- ୨୩, ୨୪, ୨୫, ୩, ୪, ୮, ୯ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୩୦, ୩୧ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

Postal Regd. No. CK (C)/91/2024-2026
The Samaroha May - 2024, Vol. - 33, Issue - 8
RNI Regd. No. : 034056/1981

KALINGA COMMERCIAL CORPORATION LTD

A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 16.05.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in